ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨ /୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 2/ 2019 (Career & Appointment) ★★★★★★

୪୫ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ସଞ୍ଜୁଙ୍କ ହ୍ୟାଟ୍ରିକ୍ ଗୋଲ**

ସଞ୍ଜୁଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ତୁର୍କୀଶ୍ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି।

୧୯

୧୧

**ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ**

ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।






■ ଘର ବାହୁଡ଼ିଲେ ବାୟୁସେନା ଯୋଦ୍ଧା

# ଭାରତରେ ଅଭିନନ୍ଦନ

**୬୦ ଘଣ୍ଟା ପରେ ମୁକ୍ତ**

- ପାକିସ୍ତାନୀ ଯୁଦ୍ଧବିମାନକୁ ଜବାବ ଦେବାବେଳେ ପିଓକେ ଚାଲିଯାଇଥିଲେ
- ସେଠାକାର ସୁରକ୍ଷା ବଳ ଗିରଫ କରିନେଇଥିଲା
- ଛାଡ଼ିବା ପାଇଁ ଇସ୍‌ଲାମାବାଦର ସର୍ତ୍ତକୁ ଅଗ୍ରାହ୍ୟ କରିଥିଲା ନୂଆଦିଲ୍ଲୀ
- ଅନ୍ତର୍ଜାତୀୟ ଚାପ ଓ ଭାରତର କୂଟନୀତି କାମ ଦେଲା
- ଇସ୍‌ଲାମାବାଦରୁ ଲାହୋର ଅଣାଯାଇ ୱାଘା ସୀମାରେ ରଖାଯାଇଥିଲା
- ପାଇଲଟ ଅଭିନନ୍ଦନଙ୍କୁ ଫେରିପାଇଥିବାରୁ ଖୁସି: ଆଇଏଏଫ୍

ନୂଆଦିଲ୍ଲୀ,୧।୩(ପି.ଟି.)

ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି। ପାକିସ୍ତାନ କବ୍‌ଜାରେ ୬୦ ଘଣ୍ଟା ରହିବା ପରେ ଘରକୁ ବାହୁଡ଼ିଛନ୍ତି ଭାରତର ସୁଯୋଗ୍ୟ ସନ୍ତାନ ଅଭିନନ୍ଦନ ବର୍ଥମାନ। ଭାରତୀୟ ବାୟୁସେନା(ଆଇଏଏଫ୍) ୱିଙ୍ଗ୍ କମାଣ୍ଡର କ୍ୟାପ୍‌ଟେନ୍ ଅଭିନନ୍ଦନଙ୍କୁ ମୁକ୍ତ କରିଛି ପାକିସ୍ତାନ। ପାକିସ୍ତାନ କର୍ତ୍ତୃପକ୍ଷ ଅଭିନନ୍ଦନଙ୍କୁ ଅଟ୍ଟାରି-ୱାଘା ସୀମାରେ ଭାରତୀୟ ପ୍ରତିପକ୍ଷଙ୍କୁ ଶୁକ୍ରବାର ରାତି ୯ଟା ୧୦ରେ ହସ୍ତାନ୍ତର କରିଛନ୍ତି। ନିଜ ଦେଶକୁ ଫେରିଆସିଥିବାରୁ ଖୁସିବ୍ୟକ୍ତ କରିଛନ୍ତି ବୀର ଯୋଦ୍ଧା ଅଭିନନ୍ଦନ। ସେ ମୁକୁଳିବା ପରେ ତାଙ୍କୁ ସେଠାରେ ଅପେକ୍ଷା କରିଥିବା ହଜାର ହଜାର ଲୋକ, ସେନା ଅଧିକାରୀ ଓ ଗଣମାଧ୍ୟମ କର୍ମୀ ସ୍ୱାଗତ କରିଛନ୍ତି। ଆତଙ୍କବାଦୀଙ୍କୁ ପାକିସ୍ତାନର ସମର୍ଥନ ଓ ବାଲାକୋଟରେ ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ଦୁଇଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ପ୍ରଶମିତ ହେବ ବୋଲି ଆଶା କରାଯାଉଛି।



ୱିଙ୍ଗ୍ କମାଣ୍ଡର ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ରାତିରେ ମୁକ୍ତ ହେବା ପରେ ୱାଘା ସୀମାରେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀ ଫାରେହା ବୁଗ୍ଟୀଙ୍କ ସହ।

ଭାରତୀୟ ବାୟୁସେନା ପୁଲୱାମା ଆକ୍ରମଣର ପ୍ରତିଶୋଧ ନେବାର ଦିନକ ପରେ ଅର୍ଥାତ୍ ୨୭ ତାରିଖରେ ପାକିସ୍ତାନୀ ଯୁଦ୍ଧବିମାନ ଏଫ୍-୧୬ ଜମ୍ମୁ-କଶ୍ମୀର ପଟକୁ ପଶିଆସିଥିଲା। ଶତ୍ରୁପକ୍ଷ ଭାରତୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ କ୍ୟାପଟେନ ଅଭିନନ୍ଦନ ଲଢୁଆ ବିମାନକୁ ଘଉଡ଼ାଇବା ପାଇଁ ପରାକ୍ରମ ଦେଖାଇଥିଲେ। ସେ ଏଫ୍-୧୬ର ପିଛା କରି ଜବାବ ଦେବାକୁ ଯାଇ ପୂର୍ବାହ୍ଣ ୮ଟା ୪୫ରେ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ବାୟୁସେନାର ଗୁଳିମାଡ଼ରେ ଅଭିନନ୍ଦନଙ୍କ ମିଗ୍-୨୧ ବିମାନ ତଳକୁ ଖସିବା ପୂର୍ବରୁ ସେ ପାରାଚ୍ୟୁଟ୍‌ରେ ଓହ୍ଲାଇପଡ଼ିଥିଲେ। ଅଭିନନ୍ଦନ ଭିମ୍ବର ଜିଲା ହୋରାନ ଗ୍ରାମରେ ଅବତରଣ କରିବା ପରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲେ। ଅଭିନନ୍ଦନଙ୍କ କ୍ଷତବିକ୍ଷତ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତାଙ୍କୁ ମୁକ୍ତକରିବା ପାଇଁ ଦେଶର ବିଭିନ୍ନ ଭାଗରେ ଲୋକେ ପୂଜାର୍ଚ୍ଚନା ଓ ସାମୂହିକ ପ୍ରାର୍ଥନା କରିଥିଲେ। ସେନା ଓ ସରକାର ମଧ୍ୟ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ। ଶେଷରେ ଅନ୍ତର୍ଜାତୀୟ ଚାପରେ ଇସ୍‌ଲାମାବାଦ ତାଙ୍କୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ପାଇଲଟଙ୍କୁ ମୁକ୍ତ କରିବା ବଦଳରେ ଉତ୍ତେଜନା ହ୍ରାସ ☞ପୃଷ୍ଠା-୪



ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ଅଟ୍ଟାରି-ୱାଘା ସୀମାରେ ପହଞ୍ଚିବା ପରେ ଉଲ୍ଲସିତ ଜନତା।

■ ଶେଷରେ ସତ ମାନିଲା ଇସ୍‌ଲାମାବାଦ

# ପାକିସ୍ତାନରେ ଆଜ୍ହାର

ଇସ୍‌ଲାମାବାଦ, ୧।୩(ଆଇଏଏନ୍‌ଏସ୍)

ଶେଷରେ ସତ ସ୍ୱୀକାର କରିଛି ପାକିସ୍ତାନ। ପୁଲୱାମା ସମେତ ଭାରତରେ ଅନେକ ଆକ୍ରମଣର ଷଡ଼ଯନ୍ତ୍ରକାରୀ ମୌଲନା ମାସୁଦ୍ ଆଜ୍ହାର ପାକିସ୍ତାନରେ ଅଛନ୍ତି ବୋଲି ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଶୁକ୍ରବାର ମାନିଛନ୍ତି।

ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କୁରେଶୀ କହିଛନ୍ତି, ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ଆଜ୍ହାର ପାକିସ୍ତାନରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ବହୁତ ଖରାପ ଅଛି। ଏପରି କି ସେ ନିଜ ଘର ଛାଡ଼ି ଅନ୍ୟତ୍ର ଯିବା ଅବସ୍ଥାରେ ମଧ୍ୟ ନାହାନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଲାଗି କୌଣସି ପ୍ରକାର ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପ୍ରସ୍ତୁତ। ତେବେ ଆଜ୍ହାରଙ୍କ ଯୋଗୁ ଦୁଇଦେଶର ସଶସ୍ତ୍ର ବଳ ମଧ୍ୟରେ ଅବିଶ୍ୱସନୀୟ ଉତ୍ତେଜନା ବୃଦ୍ଧିପାଇଛି। ଜେଇଏମ୍‌କୁ ଆତଙ୍କବାଦୀ ସଙ୍ଗଠନ ବୋଲି ଆଖ୍ୟା ଦିଆଯାଇଥିଲେ ☞ପୃଷ୍ଠା-୪



ମାସୁଦ୍ ଆଜ୍ହାର

## ଲୋକ ସଭା ନିର୍ବାଚନ ଠିକ୍ ସମୟରେ ହେବ: ସିଇସି

ଲକ୍ଷ୍ନୌ,୧।୩(ପି.ଟି.)

ସୀମାନ୍ତରେ ଉତ୍ତେଜନା ସତ୍ତ୍ୱେ ସାଧାରଣ ନିର୍ବାଚନ ଠିକ୍ ସମୟରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶୁକ୍ରବାର କହିଛନ୍ତି। ଏଥିପାଇଁ ନିର୍ବାଚନ କମିଶନ ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ ସୂଚନା ଦେଇଛନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ନେଇ ନିର୍ବାଚନୀ କାର୍ଯ୍ୟସୂଚୀରେ ପରିବର୍ତ୍ତନ ସମ୍ଭାବନା ଅଛି କି ବୋଲି ଉତ୍ତରପ୍ରଦେଶରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା ଅବସରରେ ଖବରଦାତାଙ୍କ ପ୍ରଶ୍ନରେ ସେ ଉପରୋକ୍ତ ଉତ୍ତର ଦେଇଛନ୍ତି। ନୂଆ ବିଜ୍ଞପ୍ତି ଅନୁଯାୟୀ ପ୍ରାର୍ଥୀଙ୍କୁ ଦେଶ ଭିତରେ ଥିବା ସେମାନଙ୍କ ସମ୍ପତ୍ତି ସମେତ ବିଦେଶରେ ଥିବା ସମ୍ପତ୍ତିର ସବିଶେଷ ବିବରଣୀ ଦେବାକୁ ହେବ। ଆୟକର ବିଭାଗ ଏହାକୁ ଅନୁଧ୍ୟାନ କରିବ। ଯଦି ତାଳମେଳ ନ ମିଳେ ତେବେ ☞ପୃଷ୍ଠା-୪



ସୁନୀଲ ଆରୋରା

# ପୋଲିସ ଅଫିସରଙ୍କ ନିଯୁକ୍ତି, ବଦଳିରେ ରାଜନୈତିକ ହସ୍ତକ୍ଷେପ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ରାଜ୍ୟରେ ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ କର୍ମକର୍ତ୍ତାଙ୍କ ସୁପାରିସ କ୍ରମେ ପୋଲିସ ଅଧିକାରୀଙ୍କ ନିଯୁକ୍ତି ଓ ବଦଳି ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ସଦସ୍ୟ ତଥା ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି ଏବଂ ପ୍ରଦୀପ ପ୍ରଧାନ ପୋଲିସ ଅଫିସରମାନଙ୍କ ନିଯୁକ୍ତି ଏବଂ ବଦଳି ସମ୍ପର୍କରେ ୨୦୧୫ରେ ଗୃହ ବିଭାଗକୁ ତଥ୍ୟ ମାଗି ବିଫଳ ହେବା ପରେ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ତୁରନ୍ତ ତଥ୍ୟ ଦେବାକୁ ସୂଚନା କମିଶନ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅଧିକାର ଆଇନ ବଳରେ ପୋଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫ରୁ ୨୦୧୬ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନା ଅଧିକାରୀ, ଡିଏସପି, ଅତିରିକ୍ତ ଏସ୍‌ପି ଏବଂ ଓଏସଏପି ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡରଙ୍କର ବଦଳି ପାଇଁ ରାଜନେତାଙ୍କ ଠାରୁ ୮୧ଟି ସୁପାରିସ କରାଯାଇଥିଲା। ୩୨ ଜଣ ମନ୍ତ୍ରୀ ଯଥା ବିଜୟଶ୍ରୀ ରାଉତରାୟ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଡିଜିଙ୍କ ନିକଟକୁ ଚିଠି ଲେଖିଥିବା ଜଣାପଡ଼ିଛି। ଏହା ମଧ୍ୟରୁ ଅନ୍ୟାନ୍ୟ ରାଜନୈତିକ ଦଳର ୫ ନେତା ପୋଲିସ ଅଫିସରଙ୍କର ବଦଳି ପାଇଁ ଚିଠି ଲେଖିଥିଲେ। ଉପବାଚସ୍ପତି ସାନନ୍ଦ ମାରାଣ୍ଡି କେବଳ ୭ଟି ଚିଠି ଲେଖିଥିଲେ। ୨୦୧୭ରୁ



**ସୂଚନା ଅଧିକାର ଆଇନ ତଥ୍ୟ**

୨୦୧୮ ମଧ୍ୟରେ ପୋଲିସ ଅଫିସରଙ୍କ ବଦଳି ପାଇଁ ସମୁଦାୟ ୮୨ଟି ଚିଠି ପୋଲିସ ଡିଜିଙ୍କୁ ଦିଆଯାଇଥିଲା। ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ପାରାଦ୍ୱୀପରେ ଏସ୍‌ଡିପିଓ ଭାବେ ଜଣେ ପୋଲିସ ଅଫିସରଙ୍କ ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ ବାଟାଲିୟନର ବିଭିନ୍ନ ଅଧିକାରୀମାନଙ୍କୁ ବଦଳି ଏବଂ ନିଯୁକ୍ତି ପାଇଁ ୧୧ଟି ଚିଠି ଲେଖିଛନ୍ତି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ସଂହିତା ନିୟମାବଳୀ ୧୯୫୯ର ୨୩ ରୁଲ୍ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ବଦଳି, ନିଯୁକ୍ତି ଏବଂ ପଦୋନ୍ନତି ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଅନନ୍ତ ପ୍ରତୀକ୍ଷା

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ବିରୋଧରେ ଲଢ଼େଇ କୌଣସି ଧର୍ମ ବିପକ୍ଷରେ ନୁହେଁ।"
-ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଫେବୃଆରୀ ସୁଦ୍ଧା ସରକାର ୧୦.୭୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।
-ଅର୍ଥ ମନ୍ତ୍ରଣାଳୟ

ରବିଶଙ୍କର ପାଇଲେ ଜୟଦେବ ପୁରସ୍କାର
........୧୨........

NECC NATIONAL EGG CO-ORDINATION COMMITTEE 01.03.2019 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers



DADLS-290

ଓଡ଼ିଶା ସରକାର

# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

୨ ମାର୍ଚ୍ଚ ୨୦୧୯ | ଶନିବାର



### ବଡ଼ଚଣା - ପୂର୍ବାହ୍ଣ - ୧୧.୩୦




#### ୧୦୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ବଡ଼ଚଣା - ବାଲିଚନ୍ଦ୍ରପୁର ରାସ୍ତାରେ ବଡ଼ଗେଙ୍ଗୁଟି ନଦୀ ଉପରେ ହାଇଲେଭ୍‌ଲ ସେତୁ
- ସୁକଦେଇପୁର - ତିହକରଣ୍ଡା ରାସ୍ତାରେ ସାନଗେଙ୍ଗୁଟି ନଦୀ ହାଇଲେଭ୍‌ଲ ସେତୁ
- ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠ ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜନଜାତି ଓ ଜାତି ହଷ୍ଟେଲ୍
- ବଡ଼ଚଣା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିସ୍ତମ୍ଭ
- ଚଣ୍ଡିଖୋଲ ଠାରେ ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ

#### ୪୩ କୋଟି ୪୯ ଲକ୍ଷ ଟଙ୍କାର ୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବନ୍ଧାଳୋ - ଏଣ୍ଡରପଡ଼ା ରାସ୍ତା ଉନ୍ନତିକରଣ
- ଲଳିତଗିରି - ଉଦୟଗିରି - ରତ୍ନଗିରି ରାସ୍ତା ଉନ୍ନତିକରଣ
- ସାନଗେଙ୍ଗୁଟି ନଦୀ ବନ୍ଧ ସୁରକ୍ଷା ପ୍ରକଳ୍ପ
- ବାଲିଚନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ
- ଭୁବନପୁର - ଜଗନ୍ନାଥପୁର ରାସ୍ତା ସାନଗେଙ୍ଗୁଟି ନଦୀ ହାଇଲେଭ୍‌ଲ ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ





### ଚାନ୍ଦବାଲି - ମଧ୍ୟାହ୍ନ - ୧୨.୩୦

#### ୩୯୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୬ଟି ପ୍ରକଳ୍ପ ଉଦ୍‌ଘାଟନ

- ଭଦ୍ରକ - ଚାନ୍ଦବାଲି ଉନ୍ନତିକୃତ ରାସ୍ତା
- ପାଇକରାପୁର ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ଗଦି ଏବଂ ମତୋ ୩୩/୧୧ କେ.ଭି ସବ୍‌ଷ୍ଟେସନ
- ଚାନ୍ଦବାଲି ପାୱାରଗ୍ରୀଡ୍
- ଧାମରା ମତ୍ସ୍ୟ ପ୍ରାକ୍ - ପ୍ରକ୍ରିୟାକରଣ କେନ୍ଦ୍ର
- ଧାମରା ଦକ୍ଷତା ବିକାଶ କେନ୍ଦ୍ର
- ଚାନ୍ଦବାଲି ମିନିଷ୍ଟାଡିୟମ୍
- ନବନିର୍ମିତ ଭଦ୍ରକ ପାନ୍ଥନିବାସ ଓ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ
- ନବନିର୍ମିତ ଭଦ୍ରକ ସରକାରୀ ପଲିଟେକ୍‌ନିକ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

#### ୧୧୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚାନ୍ଦବାଲି, ବାସୁଦେବପୁର, ତିହିଡ଼ି ଏବଂ ଧାମନଗର ବ୍ଲକ୍‌ର ଲୁଣିପାଣି ପ୍ରଭାବିତ ଅଞ୍ଚଳପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ
- ଜାମୁଝାଡି - ବାସୁଦେବପୁର - ଧାମରା ରାସ୍ତା
- ଗୋବିନ୍ଦପୁର - ନନ୍ଦପୁର ରାସ୍ତାରେ ଗେଙ୍ଗୁଟି ନଦୀ ସେତୁ
- ବାରସର - ହେଙ୍ଗୁପତି ରାସ୍ତାରେ ସାଳନ୍ଦୀସେତୁ
- ୮ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ରାଇପୁର ଏବଂ ମହୁଲିଆ ପାନୀୟ ଜଳଯୋଗାଣ ପ୍ରକଳ୍ପ
- ନବନିର୍ମିତ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ, ଭଦ୍ରକ ସର୍କିଟ ହାଉସ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

15001/13/0602/1819





ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨ ମାର୍ଚ୍ଚ, ୨୦୧୯



ଭଦ୍ରକରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ପ୍ରେମ ପୃଥିବୀ'ର ମର୍ଯ୍ୟାଦାସମ୍ପନ୍ନ ୬ଷ୍ଠ ବାର୍ଷିକ ସାରସ୍ୱତ ସମ୍ମାନ ପାଇବେ ବିଶିଷ୍ଟ କବି ଡ. ରମାକାନ୍ତ ରଥ। ଆସନ୍ତା ୩ ତାରିଖରେ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କୁ ସମ୍ମାନିତ କରାଯିବ।



ଯୁବ ବାହିନୀଙ୍କୁ ମାଗଣା ମୋବାଇଲ




# ୩ରୁ ୫ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧।୩(ବ୍ୟୁରୋ):** ଗତ ଦୁଇ ତିନିଦିନ ହେବ ରାଜ୍ୟରେ ପାଗ କୋହଲା ରହିବା ସହ କେତେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ମଧ୍ୟ ହେଉଛି। ଦିନର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀରୁ ଖସି ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବା ବେଳେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୮ରୁ ୧୫ ଡିଗ୍ରୀକୁ ଖସି ଆସିଛି। ତେବେ ଆସନ୍ତା ୫ ତାରିଖ ଯାଏ ରାଜ୍ୟରେ ପାଗ ଥଣ୍ଡା ରହିବା ସହ କେତେକ ସ୍ଥାନରେ ଝଡବର୍ଷା ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶନିବାର ରାଜ୍ୟରେ ପାଗ ଶୁଖିଲା ରହିବ। ୩ ତାରିଖରୁ ୫ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ବରଗଡ, ଝାରସୁଗୁଡା, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ନୟାଗଡ ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଉପକୂଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ମାର୍ଚ୍ଚ ୪ରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ମାର୍ଚ୍ଚ ୪ ଓ ୫ରେ ଉତ୍ତର ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।




■ ଓପିଜିସିର ୩ୟ, ୪ର୍ଥ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବିଦ୍ୟୁତ୍ କ୍ଷେତ୍ରରେ ଇତିହାସ ସୃଷ୍ଟି କଲା ଓଡ଼ିଶା

ଲଖନପୁର,୧।୩(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ୬୬୦ମେଗାୱାଟ୍ ବିଶିଷ୍ଟ ୩ୟ, ୪ର୍ଥ ୟୁନିଟ୍‌କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ରାଜ୍ୟ ସରକାରଙ୍କ ନିଜସ୍ୱ ବିଦ୍ୟୁତ୍ ନିଗମ ଓପିଜିସି ରହିଛି। ଏହାର ୩ୟ, ୪ର୍ଥ ୟୁନିଟ୍ ଆଜି କାର୍ଯ୍ୟକ୍ଷମ ହୋଇଛି। ଏଥିରୁ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ। ଏହା ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣ କରିବ। ଏହି ୨ ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ଏକ ନୂଆ ଇତିହାସ ସୃଷ୍ଟି କରିଛି। ଆସନ୍ତା ୨୫ବର୍ଷ ପାଇଁ କ୍ୱାଲିଟି ପାୱାର ଯୋଗାଇବାରେ ଏହି ୨ ୟୁନିଟ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ବିକାଶ ହୋଇଛି। ରାଜ୍ୟର ସବୁଗ୍ରାମକୁ ବିଦ୍ୟୁତ୍ ପହଞ୍ଚି ପାରିଛି। ୧ କୋଟି ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ରାଜ୍ୟ ପାଇଁ ଆଜିର ଦିବସ ଏକ ଐତିହାସିକ ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ, ଓପିଜିସିରୁ ୧୩୨୦ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପରେ ରାଜ୍ୟରେ ଦେଖାଦେଉଥିବା ବିଦ୍ୟୁତ୍ ସମସ୍ୟା ଦୂରହେବା ସାଙ୍ଗକୁ ଓଡ଼ିଶା ବଳକା ବିଦ୍ୟୁତ୍ ରାଜ୍ୟ ଭାବେ ପରିଗଣିତ ହେବ। ଏହା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶକ୍ତିମନ୍ତ୍ରୀ ସିଂ କହିଥିଲେ। ଏହି ଅବସରରେ ସ୍ଥାନୀୟ ରାଜୀବ ଗାନ୍ଧୀ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ମନୋହରପୁର କୋଲ୍‌ବ୍ଲକ୍‌କୁ ସୁଇଚ୍ ଟିପି ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଶକ୍ତିମନ୍ତ୍ରୀ ସିଂ, ଏମ୍‌ପି ପ୍ରଭାସ ସିଂ, ଶକ୍ତିସଚିବ ହେମନ୍ତ ଶର୍ମା, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଓପିଜିସି ମୁଖ୍ୟପରିଚାଳକ ଇନ୍ଦ୍ରନୀଳ ଦତ୍ତ, ଏଇଏସ୍ ଅଧିକାରୀ ମାର୍କ ଗ୍ରୀନ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ କମ୍ପାନୀ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ୫ହଜାର ଲୋକଙ୍କ ସମାଗମ ହୋଇଥିଲେ।

ସୂଚନାଯୋଗ୍ୟ, ୧୧ହଜାର ୫୪୭କୋଟି ଟଙ୍କା ବ୍ୟୟରେ ୩ୟ, ୪ର୍ଥ ୟୁନିଟ୍ ନିର୍ମାଣ ହୋଇଛି। ସେହିପରି ୧୩ ଶହ ୮୨କୋଟି ଟଙ୍କା ବ୍ୟୟରେ ମନୋହରପୁରରେ ଆରମ୍ଭ ହୋଇଛି କମ୍ପାନୀର ନିଜସ୍ୱ କୋଲ୍‌ବ୍ଲକ।

# ବେଆଇନ ମଦ କାରବାର ରୋକିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧।୩(ବ୍ୟୁରୋ)

ଆଗକୁ ସାଧାରଣ ନିର୍ବାଚନ। ରାଜ୍ୟରେ ବେଆଇନ ମଦ କାରବାର ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ଗୋଇନ୍ଦା ସଂସ୍ଥା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଛି। ହଠାତ ଚାହିଦା ବୃଦ୍ଧି ଘଟିବା ସମ୍ଭାବନା ଥିବାରୁ ବେଆଇନ ମଦ ବ୍ୟବସାୟୀ ଏହାର ଫାଇଦା ଉଠାଇବେ। ଆବଶ୍ୟକତାକୁ ମେଣ୍ଟାଇବାକୁ ବେଆଇନ ବିଷାକ୍ତ ମଦ ଓ ଔଷଧ ପାଇଁ ଉଦ୍ଦିଷ୍ଟ ବିଷାକ୍ତ ସାମଗ୍ରୀ ବିକ୍ରି ପରିମାଣ ବୃଦ୍ଧି ପାଇବ। ଏହାକୁ କଡାକଡି ଭାବେ ଯାଞ୍ଚ କରିବା ସହ ବେଆଇନ ମଦ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଅବକାରୀ ବିଭାଗ ସଚିବ ନିକୁଞ୍ଜ କିଶୋର ଧଳ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଓଡିଶା ଗସ୍ତରେ ଆସିଥିବା ଭାରତର ନିର୍ବାଚନ କମିଶନଙ୍କ ଏକ ଟିମ୍‌ନିର୍ବାଚନ ପ୍ରସ୍ତୁତି ନେଇ ବିଭିନ୍ନ ରାଜନୈତିକ ଦଳ ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବେଆଇନ ମଦ କାରବାର ରୋକିବା ନେଇ ସରକାର ନେଇଥିବା ପଦକ୍ଷେପକୁ ଟିମ୍ ଉଦବେଗ ପ୍ରକାଶ କରିଥିଲେ।



ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ମଲ୍ଲିକେଶ୍ୱରୀ ମନ୍ଦିର ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ନିଆଁ ଲାଗିଯିବା ଆଶଙ୍କାରେ ଅଗ୍ନିଶମ ବିଭାଗ କର୍ମଚାରୀ ପାଣି ସିଞ୍ଚନ କରୁଛନ୍ତି।

■ ରାଜ୍ୟ ସରକାରଙ୍କୁ ପିଏମ୍‌ଓରୁ ଚିଠି

# 'ପିସି ବ୍ୟବସ୍ଥା ବନ୍ଦ କର'

ଭୁବନେଶ୍ୱର,୧।୩(ବ୍ୟୁରୋ)

**ଭଦ୍ରକରୁ ସଞ୍ଜୟ କରିଥିଲେ ଅଭିଯୋଗ**

ପର୍ସେଣ୍ଟେଜ ବା ହାତଗୁଞ୍ଜା(ପିସି) ବ୍ୟବସ୍ଥା ବନ୍ଦ କର। ପୂର୍ତ୍ତ ବିଭାଗରେ ପିସିର ମାତ୍ରା ବଢିଯାଇଛି। ଏହାକୁ ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଚିଠି ଲେଖିଥିଲେ ଭଦ୍ରକର ସଞ୍ଜୟ ରାଉତ। ତାଙ୍କ ଅଭିଯୋଗ ଆଧାରରେ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଛି ପିଏମ୍‌ଓ। ପିଏମ୍‌ଓରୁ ଏ ନେଇ ଚିଠି ପାଇବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭାଗ ପକ୍ଷରୁ ଗୁରୁବାର ବିଭାଗୀୟ ଆଇନ ୧ ଏବଂ ୨ ଏସ୍‌ଓଙ୍କୁ ଚିଠି ଲେଖି ପିସି ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଞ୍ଜୟଙ୍କ ପକ୍ଷରୁ ୧୪ ନଭେମ୍ବର, ୨୦୧୭ରେ ପୂର୍ତ୍ତ ଏବଂ ଜଳସମ୍ପଦ ବିଭାଗରେ ଅର୍ଥ କାରବାର ହେଉଥିବା ନେଇ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ପଞ୍ଜୀକୃତ ଅଭିଯୋଗ ନଂ ପିଏମ୍‌ଓପିଜି/ଇ/ ୨୦୧୭/୦୫୯୩୯୨୭ ଆଧାରରେ ପିସି ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସଞ୍ଜୟ କହିଛନ୍ତି ଯେ, ନିର୍ମାଣ ଏବଂ ଜଳସମ୍ପଦ ବିଭାଗର ବହୁ ଅର୍ଥ ବ୍ୟୟ କରି କାର୍ଯ୍ୟ ହୋଇଥାଏ। ହେଲେ ଛୋଟରୁ ବଡ ସବୁ କାର୍ଯ୍ୟରେ ବ୍ୟାପକ ମାତ୍ରାରେ ପର୍ସେଣ୍ଟେଜ୍ ବା ହାତଗୁଞ୍ଜା କାରବାର ହେଉଛି। ତେଣୁ ଏହାକୁ ଯଦି ବନ୍ଦ କରାଯାଇ ପାରିବ, ତେବେ କାର୍ଯ୍ୟରେ ଗୁଣାତ୍ମକମାନ ବୃଦ୍ଧି ପାଇବ। ବିଳମ୍ବରେ ହେଉ ପଛେ ପିଏମ୍‌ଓ ଅଭିଯୋଗ ପ୍ରାପ୍ତି ସ୍ୱୀକାର କରି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବାରୁ ସେ ଧନ୍ୟବାଦ ଦେଇଛନ୍ତି।

# ପ୍ରଶାସନିକସ୍ତରରେ ଅଦଳବଦଳ ଚର୍ଚ୍ଚା

■ ସଂଗ୍ରାମଜିତ୍‌ଙ୍କୁ ବିଏମ୍‌ସି ଦାୟିତ୍ୱ
■ ୩ ଓଏଏସ୍‌ଙ୍କୁ ପଦୋନ୍ନତି

ଭୁବନେଶ୍ୱର,୧।୩(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନରେ ନିୟମିତ ବ୍ୟବଧାନରେ ଅଦଳବଦଳ ଜାରି ରହିଛି। ନିକଟରେ ଆଇଏଏସ୍, ଆଇପିଏସ୍, ଓଏଏସ୍ ଏବଂ ପୋଲିସ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶୁକ୍ରବାର ଆଇଏଏସ୍ ସ୍ତରରେ କେତେକ ଅଦଳବଦଳ କରାଯାଇଥିବା ବେଳେ ଓଏଏସ୍‌ସ୍ତରରେ ପଦୋନ୍ନତି ଦିଆଯାଇଛି। ହେଲେ ଆଇଏଏସ୍ ସ୍ତରରେ ବଦଳି ନେଇ କୌଣସି ବିଧିବଦ୍ଧ ସୂଚନା ମିଳିନାହିଁ। ତେଣୁ ଅସମର୍ଥିତ ସୂତ୍ର ଏବଂ ସଚିବାଳୟର ଚର୍ଚ୍ଚା ଅନୁଯାୟୀ ବିଏମ୍‌ସି ଏବଂ ବିଡିଏର ଅତିରିକ୍ତ ପ୍ରଶାସନିକ ଦାୟିତ୍ୱରେ ଥିବା ଡ. କ୍ରିଷନ୍ କୁମାରଙ୍କୁ ସେହି ପଦରୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ପୌର ପ୍ରଶାସନ ନିର୍ଦ୍ଦେଶକ ଥିବା ସଂଗ୍ରାମଜିତ୍ ନାୟକଙ୍କୁ ବିଏମ୍‌ସିର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜଣେ ଆଇଏଫ୍‌ଏସ୍ ଅଫିସରଙ୍କୁ ବିଡିଏର ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ସେହିପରି ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ କମର୍ସିଆଲ ଟ୍ୟାକ୍ସ ଅଫିସର ଏବଂ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷା ସଚିବ ଭାବେ ଦାୟିତ୍ୱ ନେବେ ବୋଲି ଜଣାପଡିଛି। ସେହିପରି ୩ ଜଣ ଓଏଏସ୍ ଅଫିସର –ରାଧାଶ୍ୟାମ ପାଢୀ, ଜୟନ୍ତୀ ସିଂ ଏବଂ ଶରତ କୁମାର ମହାନ୍ତିଙ୍କୁ ସୁପରଟାଇମ୍ ସ୍କେଲରୁ ସୁପରିୟର ପ୍ରଶାସନିକ ଗ୍ରେଡ୍‌କୁ ଆଡହକ୍ ଜରିଆରେ ପଦୋନ୍ନତି ପ୍ରଦାନ କରାଯାଇଛି।

# ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧।୩(ବ୍ୟୁରୋ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେଉଛି। ସାରା ଦେଶରେ ପ୍ରାୟ ୨୮ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଥମ ଦିନ ଦଶମର ଇନ୍‌ଫର୍ମେଶନ ଟେକ୍ନୋଲୋଜି(ଆଇଟି) ବିଷୟରେ ପରୀକ୍ଷା ଥିବାବେଳେ ଦ୍ୱାଦଶର ଇଂଲିଶ ପରୀକ୍ଷା ରହିଛି। ଦୁଇଟି ଯାକ ପରୀକ୍ଷା ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ଟାରେ ଶେଷ ହେବ। ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ସୁଦ୍ଧା ସ୍କୁଲରେ ପହଞ୍ଚିବାକୁ କୁହାଯାଇଥିବା ବେଳେ ୯ଟା ୪୫ ମିନିଟ୍‌ରେ ସମସ୍ତେ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ପୂର୍ବାହ୍ନ ୧୦ଟା ପରେ କୌଣସି ଛାତ୍ରୀଛାତ୍ର ଆସିଲେ, ସେମାନଙ୍କୁ ପରୀକ୍ଷା ହଲ୍‌କୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ। ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନ ପଢ଼ିବା ପାଇଁ ୧୫ ମିନିଟ୍ ସମୟ ମିଳିବ। ଛାତ୍ରୀଛାତ୍ର ପରୀକ୍ଷାକୁ ଗଲାବେଳେ ସାଙ୍ଗରେ ପେନ୍, ସିବିଏସ୍‌ଇ ଆଡ୍‌ମିଟ୍ କାର୍ଡ ଓ ସ୍କୁଲ ଆଇକାର୍ଡ ନେଇକି ଯିବେ। କୌଣସି ଆବଶ୍ୟକ ଜିନିଷ ନେବାର ଥିଲେ ତାହା ଟ୍ରାନ୍ସପରେଣ୍ଟ ବ୍ୟାଗ୍‌ରେ ନେଇପାରିବେ। ଯେଉଁ ଛାତ୍ରୀଛାତ୍ରଙ୍କ ଡାଇବେଟିସ୍ ଥିବ, ସେମାନେ ସାଙ୍ଗରେ ଖାଦ୍ୟ ନେଇ ଯାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ମୋବାଇଲ ଫୋନ୍, ସ୍ମାର୍ଟ ୱାଚ୍, ପର୍ସ ଆଦି କେହି ସାଙ୍ଗରେ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସିବିଏସ୍‌ଇ ଦଶମ ପରୀକ୍ଷା ମାର୍ଚ୍ଚ ୨୯ରେ ଶେଷ ହେବାକୁ ଥିବାବେଳେ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୩ରେ ଶେଷ ହେବ।



TJM/TTL/19/ORI





ପାକିସ୍ତାନ କବଳରେ ଥିବା ଭାରତୀୟ ପାଇଲଟ୍ ଅଭିନନ୍ଦନ ବର୍ଥମାନଙ୍କ ମୁକ୍ତି ଖବର ପ୍ରଚାରିତ ହେବାପରେ ଢେଙ୍କାନାଳ ସହରରେ ଖୁସିର ମାହୋଲ ଖେଳିଯାଇଥିଲା। ବିଭିନ୍ନ ଚା ଦୋକାନୀ ଲୋକଙ୍କୁ ବିନାମୂଲ୍ୟରେ ଚା ପ୍ରଦାନ କରିଥିଲେ।

# ୨ ଯବାନ ମୃତ, ୩୧ ଆହତ

## ପୋଲିସ ଭ୍ୟାନ୍-ଟ୍ରକ୍ ମୁହାଁମୁହିଁ ଧକ୍କା

ବେଲପାହାଡ଼ ୧।୩ (ଡି.ଏନ୍.ଏ.)

୪୯ ନମ୍ବର ଜାତୀୟ ରାଜପଥ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଶନିମନ୍ଦିର ନିକଟ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବାହିନୀ(ଓଏସ୍ଏପି)ର ୨ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଚାଳକଙ୍କ ସମେତ ୩୧ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୨୬ ଯବାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍ସାରକୁ ପଠାଯାଇଛି। ଅନ୍ୟ ୩ ଯବାନ ଓ ଟ୍ରକ୍ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ବେଲପାହାଡ଼ ଟିଆର୍ଏଲ୍ ହସ୍ପିଟାଲରେ ଏବଂ ଜଣେ ଯବାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ମୃତ ୨ ଯବାନ ହେଲେ ଓଏସ୍ଏପି ହାବିଲଦାର ଶଙ୍କର ପ୍ରସାଦ ପଣ୍ଡା(୩୫) ଏବଂ ତୃତୀୟ ବାଟାଲିୟନ ଗଜପତିର ପ୍ରଶାନ୍ତ ବେହେରା (୨୬)।

ଶୁକ୍ରବାର ପୂର୍ବାହ୍ନରେ ବନହରପାଲି ଠାରେ ଇବ୍ଥର୍ମାଲର ତୃତୀୟ ଓ ଚତୁର୍ଥ ୟୁନିଟ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ ମୁତୟନ ହେବା ପାଇଁ ଝାରସୁଗୁଡ଼ାରୁ ଓଏସ୍ଏପିର ୩୨ ଯବାନ ଏକ ଭ୍ୟାନରେ ବନହରପାଲିକୁ ଯାଉଥିଲେ। ସକାଳ ପ୍ରାୟ ସାଢେ ୬ଟା ବେଳେ ବେଲପାହାଡ଼ ଶନି ମନ୍ଦିର ନିକଟ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଓଭରବ୍ରିଜ ବାଇପାସ୍ ରାସ୍ତା ନିକଟରେ ଛତିଶଗଡ଼ରୁ ଆସୁଥିବା ଏକ ମାଲବାହି ଟ୍ରକ୍ (ନଂ. ସିଜି୦୪ଏଚ୍‌ଡବ୍ଲ୍ୟୁ-୪୧୧୭ )ଓ ଭ୍ୟାନ(ନଂ. ଓଆର୍ଏସଟି-୯୫୩୬ )ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଓ ସ୍ଥାନୀୟ ଲୋକେ ଆହତ ଯବାନଙ୍କୁ ୧୦୮ ଆମ୍ବୁଲାନ୍ସ ଓ ବସ୍ ଯୋଗେ ଟିଆର୍ଏଲ ହସ୍ପିଟାଲ ଏବଂ ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ଓଏସ୍ଏପିର ଏସ୍.ଏନ୍. ପରିଡ଼ା, ଅର୍ଜୁନ ନେଓର, ସନ୍ତୋଷ ସୁବେଦି, ମିଥୁନ ବାଘ, ତାପସ ରଞ୍ଜନ ପଟେଲ, ନଳିନ ଠାକୁର, ଅଜୟ ଏକ୍କା, ଜୟସିଂ ସାଣ୍ଟା, ଯଦୁମଣି ମହନ୍ତ , ରାଜେଶ ଜେନା, ଏ.କେ. ମୁଦୁଲି, ଆଶୁତୋଷ ଦଳେଇ, ତପନ କୁମାର ରାଏ, ସୁବ୍ରତ ସାହୁ, ଏନୁଷ ରଇତା, ନରେନ୍ଦ୍ର ବେହେରା, ରାଜୁ ବିଶ୍ୱାଳ, ଜିତେନ୍ଦ୍ର ବରାଳ, ରାଜେଶ ସାବର, ବିପ୍ରବର ସାହୁ, ରକି ସାହୁ, ସୁରେନ ଓରାମ, ରାକେଶ ପ୍ରଧାନ, ଶିଶିର ଭୋଇ, ମିନକେତନ ଜେନା, ମହେଶ ମଲ୍ଲିକ, ଅବିନାଶ କେର୍କେଟା, ଲେନିନ ପ୍ରଧାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଦୁର୍ଘଟଣା ଖବର ପାଇ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇବା ପାଇଁ ସାହାଯ୍ୟ କରିଥିଲେ। ପରେ ଝାରସୁଗୁଡ଼ା ଜିଲାପାଳ ବିଭୁତିଭୂଷଣ ଦାସ, ଆରକ୍ଷୀ ଅଧୀକ୍ଷକ ଅସ୍ୱିନୀ କୁମାର ମହାନ୍ତି, ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଟିଆର୍ଏଲ ହସ୍ପିଟାଲକୁ ଯାଇ ଆହତଙ୍କ ଭେଟି ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ଡ଼ାକ୍ତରଙ୍କ ସହ ଆଲୋଚନା କରିଥିଲେ।



ଦୁର୍ଘଟଣାଗ୍ରସ୍ତ ପୋଲିସ ଭ୍ୟାନ୍।

## ଭିମ୍ସାରରେ ଆହତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

### ୨ ମୃତ ଯବାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା

ସମ୍ବଲପୁର/ଚିପିଲିମା, ୧।୩(ବ୍ୟୁରୋ/ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍ସାରରେ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆରୋଗ୍ୟ କାମନା କରିଛନ୍ତି। ଏହାସହ ସେମାନଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁମ୍ପାମୂଳକ ସହାୟତା ଦିଆଯିବ। ଏମାନଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମେଡିକାଲ ପରିସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ ମିନିଟ ରହିବା ସହ ସମସ୍ତଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଭିମସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ଶୁଭମ ସକସେନା, ଡିଆଇଜି ସତ୍ୟବ୍ରତ ଭୋଇ ଓ ଏସପି ସଞ୍ଜୀବ ଆରୋରା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବିମାନ ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚି ପରେ ସେଠାରୁ ହେଲିକପ୍ଟର ଯୋଗେ ଏମ୍‌ସିଏଲରେ ଓହ୍ଲାଇଥିଲେ। ଏମ୍‌ସିଏଲରୁ କାର ଯୋଗ ଭିମ୍ସାର ପହଞ୍ଚି ଥିଲେ।

# ‘ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅସମ୍ଭବ ସମ୍ଭବ ହୋଇପାରିଛି’

## ଏଲ୍‌ଓଆଇ ବିତରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧।୩ (ବ୍ୟୁରୋ):** ଭାରତବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାର ଆବଶ୍ୟକତା ଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି ହେଲେ ସମସ୍ତେ ମିଶି ଏହାକୁ କରିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବର୍ତ୍ତମାନ ସବୁ ଅସମ୍ଭବକୁ ସମ୍ଭବ କରାଯାଇପାରିଛି ବୋଲି ନୂଆଦିଲ୍ଲୀଠାରେ ଆୟୋଜିତ ୧୦ତମ ସିଜିଡି ବିଡିଂ ରାଉଣ୍ଡ ଅନ୍ତର୍ଗତ ୧୨୪ ଜିଲାର ୫୦ ଭୌଗୋଳିକ କ୍ଷେତ୍ର ପାଇଁ ଲେଟର ଅଫ୍ ଇନ୍‌ଟେଣ୍ଟ (ଏଲ୍‌ଓଆଇ) ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଧର୍ମେନ୍ଦ୍ର କହିଛନ୍ତି ଯେ, ପୂର୍ବରୁ ୨୦ପ୍ରତିଶତ ଲୋକଙ୍କ ପାଖରେ ସିଜିଡି ନେଟ୍‌ୱର୍କ ଥିଲା, ଯାହା ବର୍ତ୍ତମାନ ୭୦ପ୍ରତିଶତରେ ପହଞ୍ଚିଛି । ଭାରତର ପାଇପ ନ୍ୟାଚୁରାଲ ଗ୍ୟାସ ନେଟୱର୍କ ତଥା ଦେଶର ଗ୍ୟାସ ଉତ୍ପାଦନ ନୀତିରେ ନୂଆ ସଂସ୍କାର ଆସିପାରିଛି । ଦୁନିଆର ସବୁଠୁ ବଡ ପଲିସି ମୋଦିଙ୍କ ସରକାର ସମୟରେ ଆସିପାରିଛି । ୭ରୁ ୮ଲକ୍ଷ କୋଟି ଟଙ୍କାର ଇନ୍ଧନ ଆମେ ବିଦେଶରୁ ଆମଦାନୀ କରୁଛୁ । ଏଥିରୁ ରକ୍ଷା ପାଇବାକୁ ହେଲେ ଦେଶରେ ଇନ୍ଧନ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଦେଶରେ ଉତ୍ପାଦନ ବଢିଲେ ଲୋକେ ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ । ଗୁଜରାଟ, ପଞ୍ଜାବ ଏବଂ ହରିୟାଣା ଶତ ପ୍ରତିଶତ ସିଜିଡି ନେଟୱର୍କରେ ଆସି ସାରିଲାଣି। ସିଜିଡି ନେଟ୍‌ୱର୍କ ଭାରତର ନୂଆପିଢିକୁ ରୋଗରୁ ବଞ୍ଚାଇପାରିବ । ଭାରତର ଗରିବଙ୍କୁ ରୋଗରୁ ବଞ୍ଚାଇବା ମାଧ୍ୟମର ଚାବିକାଠି ସରକାରଙ୍କ ପାଖରେ ଅଛି । ଏହା ଭାରତ ସରକାରଙ୍କ ଉଚ୍ଚାକାଂକ୍ଷା ବୋଲି ଧର୍ମେନ୍ଦ୍ର କହିଛନ୍ତି ।ସାଧାରଣ ବ୍ୟକ୍ତି ମଧ୍ୟ ୫ଗୁଣା ରୋଜଗାର କରିପାରୁଛି । ସିଜିଡି ନେଟ୍‌ୱର୍କ ଭାରତର ନୂଆପିଢିକୁ ରୋଗରୁ ବଞ୍ଚାଇପାରିବ । ଭାରତର ଗରିବଙ୍କୁ ରୋଗରୁ ବଞ୍ଚାଇବା ମାଧ୍ୟମର ଚାବିକାଠି ସରକାରଙ୍କ ପାଖରେ ଅଛି । ଏହା ଭାରତ ସରକାରଙ୍କ ଉଚ୍ଚାକାଂକ୍ଷା ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ଅର୍ଥ ଥାଇ ଆରଆଇ ସର୍କଲ ନୋହିଲା

ଭୁବନେଶ୍ୱର, ୧।୩(ବ୍ୟୁରୋ)

ରାଜସ୍ୱ ବିଭାଗ ସୁବିଧା ପାଇଁ ଅଧିକ ଆରଆଇ ସର୍କଲ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ୯୨୯.୯୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ହେଲେ ଆଶ୍ଚର୍ଯ୍ୟର କଥା ରାଜସ୍ୱ ସଂସ୍କାର ପ୍ରକ୍ରିୟାରେ ପୁନର୍ଗଠନ କରାଯାଇ ନୂତନ ସର୍କଲ ନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ସୂଚନା ଅଧିକାର ଦ୍ୱାରା ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଇନଜୀବୀ ବି.ଶଙ୍କର ପାତ୍ରଙ୍କ ଦ୍ୱାରା ଏନେଇ ସୂଚନା ଅଧିକାର ଆବେଦନ କରାଯାଇଥିଲା। ସେହିପରି ରାଜ୍ୟରେ ବର୍ତ୍ତମାନ ୨୨୭୨ ରାଜସ୍ୱ ସର୍କଲ ରହିଛି। ପୁନର୍ଗଠନ କରାଯାଇ ନୂତନ ସର୍କଲ କରାଯିବାର କୌଣସି ପ୍ରସ୍ତାବ ନ ଥିବା ମଧ୍ୟ ଉତ୍ତରରେ ଉଲ୍ଲେଖ କରାଯାଇଛି। କିଛିମାସ ତଳେ ଏନେଇ ଅର୍ଥ ବିଭାଗକୁ ଦିଆଯାଇଥିବା ପ୍ରସ୍ତାବ ନାମଞ୍ଜୁର ମଧ୍ୟ ହୋଇଛି। ନୂଆ ରାଜସ୍ୱ ସବ୍‌ଡିଭିଜନ୍ ନେଇ ମଧ୍ୟ କୌଣସି ପ୍ରସ୍ତାବ ନାହିଁ। ବର୍ତ୍ତମାନ ଥିବା ରାଜସ୍ୱ ସର୍କଲକୁ ଛାଡ଼ି ଆଉ ୪୧୩୩ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରାଜସ୍ୱ ବିଭାଗ ପାଖରେ ରହିଛି। ତନ୍ମଧ୍ୟରୁ ଗଞ୍ଜାମ ଜିଲାରା ସର୍ବାଧିକ ୨୩ ତହସିଲରେ ୩୦୪ ଆରଆଇ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ଜଣାପଡିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SDCM/KUR/Cloak Room/BBS/19, ତା: 27.02.2019

**କାର୍ଯ୍ୟର ନାମ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ କ୍ଲୋକ୍ ରୁମ୍ (Cloak Room) ( କ୍ଲୋକ୍ ରୁମ୍ ର କ୍ଷେତ୍ର = 28.28 ବର୍ଗମିଟର) ।

03 (ତିନି) ବର୍ଷ ନିମନ୍ତେ ଟେଣ୍ଡରର ଆନୁମାନିକ ମୂଲ୍ୟ : ₹ 64,26,151/-, EMD ମୂଲ୍ୟ : ₹ 3,21,308/- ଟେଣ୍ଡର କାଗଜପତ୍ରର ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ) : ₹ 5,900/- ।

ଟେଣ୍ଡର ଜାରି କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 24.04.2019 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 24.04.2019 ରିଖ ତା 1500 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ : ତା 24.04.2019 ରିଖ 1530 ଘଟିକା ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ସିନିୟର ଡ଼ିଭିଜନାଲ୍ କମର୍ସିଆଲ ମ୍ୟାନେଜର, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼୍, ଜଟଣୀ - 752050, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟଦିବସରେ ମିଳିପାରିବ । ଟେଣ୍ଡର ନଥିପତ୍ର ମଧ୍ୟ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ରେ ତା 28.02.2019 ରିଖ ଠାରୁ ତା 24.04.2019 ରିଖ ମଧ୍ୟରେ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡ଼ାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଡିଭିଜନାଲ କମର୍ସିଆଲ ମ୍ୟାନେଜର(ସମନ୍ୱୟ), ଖୋର୍ଦ୍ଧା ରୋଡ଼

PR-512/J/18-19



**ପୂର୍ବ ତଟ ରେଳପଥ**

**ଦୁଲାଖାପାଟଣା ଏବଂ ବଡ଼ପଦାଗାଁ ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ ନିଯୁକ୍ତି ପାଇଁ ଅଧିସୂଚନା**

ସଂ. G.51/P.H/DLPT& BDPG ତା. 27.02.2019 ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବଡ଼ପଦାଗାଁ ପାସେଞ୍ଜର ହଲ୍ଟ (ଚାରବାଟିଆ ଓ ଗୁରୁଡ଼ିଝାଟିଆ ମଧ୍ୟରେ) ଏବଂ ଦୁଲାଖାପାଟଣା ପାସେଞ୍ଜର ହଲ୍ଟ (ମଞ୍ଜୁରି ରୋଡ଼-ବୈତରଣୀ ରୋଡ଼ ମଧ୍ୟରେ) ଷ୍ଟେସନଗୁଡ଼ିକଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି ।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :

ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : ଟ. 1-15,000/-: 15%, ଟ. 15,001-50,000/-: 12%, ଟ.50,001 – 1,00,000/-:9%, ଟ.1,00,001 – 2,00,000/- : 6%, ଟ.2,00,001 ଏବଂ ତଦୁର୍ଦ୍ଧ୍ୱ : 3%

ସୁରକ୍ଷା ଜମା ରାଶି: ଟ. 2,500/- (ସୁରକ୍ଷା ଜମା ବାବଦକୁ ଟ. 2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ. 500/-)।

କିପରି ଆବେଦନ କରିବେ: ଆବାସ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ସାଦା କାଗଜରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050** ଙ୍କ ଠିକଣାରେ ଆବେଦନ କରିବେ ଏବଂ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ। ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା.28.03.2019 ରିଖ (ଗୁରୁବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା. 28.03.2019 ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ)/ ଖୋର୍ଦ୍ଧା ରୋଡ଼

PR-510/J/18-19



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-REFURBISH-18-19-21

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 290 ଗୋଟି କୋଚ୍‌ଗୁଡ଼ିକର ନବୀକରଣ (Refurbishment) ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 6,59,16,522/-, EMD (ଟଙ୍କାରେ) : 4,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର/କାରଖାନା/ ମଞ୍ଚେଶ୍ୱର

PR-508/J/18-19




ଯାହାସବୁ ତୁମଙ୍କୁ ଭଗବାନଙ୍କ ଆଡକୁ ଯିବାକୁ ସାହାଯ୍ୟ କରେ– ସେଗୁଡିକ ଗ୍ରହଣ କର। ଏବଂ ଯାହା କିଛି ତୁମଙ୍କୁ ଭଗବାନଙ୍କଠାରୁ ଦୂରେଇ ନିଏ– ସେଗୁଡିକୁ ତୁରନ୍ତ ବର୍ଜନ କର।
–ଶ୍ରୀମା

# ଅନନ୍ତ ପ୍ରତୀକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତ ସରକାରଙ୍କର ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସର ଏବଂ ୟୁଟି କ୍ୟାଡରର ଜଣେ ଅଫିସରଙ୍କୁ ତାଙ୍କର ବର୍ତ୍ତମାନର ପଦରୁ ଅପସାରିତ କରାଯାଇଥିବା ବେଳେ ପରବର୍ତ୍ତୀ ପୋଷ୍ଟିଂ ପାଇଁ ସେମାନେ ଏବେ ବି ଅପେକ୍ଷାରେ ଅଛନ୍ତି। ଅଥଚ ତାଙ୍କର ଉତ୍ତରାଧିକାରୀମାନଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ମିଳିସାରିଲାଣି। ପ୍ରାପ୍ତ ସୂଚନା ଅନୁସାରେ, ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ (ୟୁଏସ୍‌ଓଏଫ୍)ରେ ମଧ୍ୟପ୍ରଦେଶ କ୍ୟାଡରର ୧୯୮୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂଙ୍କ ସ୍ଥାନରେ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଂଶୁଲି ଆର୍ଯ୍ୟା ନିଯୁକ୍ତି ପାଇସାରିଛନ୍ତି। କିନ୍ତୁ ସିଂଙ୍କୁ ପରବର୍ତ୍ତୀ ନିଯୁକ୍ତି କେଉଁଠି ଦିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ। ସେହିପରି ମହାରାଷ୍ଟ୍ର କ୍ୟାଡରର ୧୯୮୬ ବ୍ୟାଚ୍ ଅଫିସର ଜୟଶ୍ରୀ ମୁଖାର୍ଜୀଙ୍କୁ ଗତ ଡିସେମ୍ବର ମାସରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟରୁ ହଟାଇ ଏବଂ ଉକ୍ତ ପଦବୀକୁ ଆସିଷ୍ଟାଣ୍ଟ ସେକ୍ରେଟାରୀରୁ ଜଏଣ୍ଟ ସେକ୍ରେଟାରୀ ପାହ୍ୟାକୁ ଅବନତ କରାଇ ସେହି ସ୍ଥାନରେ ଅତୁଲ କୁମାର ତିୱାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଅଥଚ ଶ୍ରୀମତୀ ମୁଖାର୍ଜୀ ଏପର୍ଯ୍ୟନ୍ତ ନିଜର ନୂତନ ନିଯୁକ୍ତି ପାଇଁ ଅପେକ୍ଷାରେ ଅଛନ୍ତି। ପୁନଶ୍ଚ ଗତ ଡିସେମ୍ବର ମାସରେ ଗୋଆ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର ଶର୍ମାଙ୍କ ସ୍ଥାନରେ ତାଙ୍କର ଉତ୍ତରାଧିକାରୀ ଭାବେ ପରିମଳ ରାୟଙ୍କୁ ନିଯୁକ୍ତି ଦିଆଯିବା ପରେ ଶର୍ମା ଛୁଟିରେ ରହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୟୁଟି କ୍ୟାଡରର ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ହୋଇଥିବାରୁ ଏବଂ ଏଭଳି ନିଯୁକ୍ତି ପାଇଁ ଲ୍ୟୁଟନାଣ୍ଟ ଗଭର୍ନରଙ୍କର ମଧ୍ୟ ମୁଖ୍ୟ ଭୂମିକା ରହିଥିବାରୁ ଶର୍ମାଙ୍କ ପରବର୍ତ୍ତୀ ନିଯୁକ୍ତି ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ଉପରେ ନିର୍ଭର କରେ। ତେବେ ବରିଷ୍ଠ ଅଧିକାରୀମାନଙ୍କୁ ଅସ୍ୱାଭାବିକ ଭାବେ ଏତେ ଦୀର୍ଘକାଳ ଅପେକ୍ଷା କରେଇବା ଏକ ବିରଳ ଘଟଣା। ଏହି ବାବୁମାନେ ଏବେ କେବଳ ତାଙ୍କର କ୍ୟାରିୟର ନେଇ ଚିନ୍ତିତ ନୁହନ୍ତି, ତାଙ୍କ ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି, ପୁରୁଣା ପଦରୁ ଅବ୍ୟାହତି ପାଇବା ପରେ ନୂତନ ନିଯୁକ୍ତି ହୋଇ ନ ଥିବାରୁ ସେମାନେ ଏବେ କେଉଁଠୁ ଓ କେଉଁ ବିଭାଗ ବା ମନ୍ତ୍ରଣାଳୟରୁ ଦରମା ପାଇବେ।

### ରେଳ ବିଭାଗ ପଦବୀ ପାଇଁ ବହୁ ଆଶାୟୀ

ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଏଷ୍ଟାବ୍ଲିଶ୍‌ମେଣ୍ଟ (ସ୍ପୋର୍ଟସ) ପଦବୀଟି ଏକ ବହୁ ଆକାଙ୍କ୍ଷିତ ପଦବୀ। ଭାରତୀୟ ରେଳପଥ ସାରା ଦେଶରେ ପ୍ରତିଭାଶାଳୀ କ୍ରୀଡ଼ାବିତ୍‌ମାନଙ୍କର ଏକ ବଡ଼ ନିଯୁକ୍ତିଦାତା ହୋଇଥିବାରୁ ଏହି ପଦର ଗୁରୁତ୍ୱ ରହିଛି। ସେଥିପାଇଁ ଏକ ଡଜନରୁ ଅଧିକ ଆଶାୟୀ ଉକ୍ତ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧୯୯୫ କ୍ୟାଡରର ଆଇଆର୍‌ପିଏସ୍ ରେଖା ଯାଦବ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଅତିରିକ୍ତ କମିଶନର, ସିପିଏଫ୍‌ଓ ଭାବେ ବଦଳି ହୋଇଯିବା ପରଠାରୁ ଉକ୍ତ ପଦବୀଟି ଖାଲି ପଡ଼ିଛି। ବିଭିନ୍ନ କାରଣରୁ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିପାଇଛି। ଆଶାୟୀମାନଙ୍କ ମଧ୍ୟରେ ଅଛନ୍ତି– ଅଶ୍ୱିନୀକୁମାର ଯାଦବ (ଆଇଆର୍‌ଏସ୍‌ଇ), ରବିନ୍ଦର ଭାଖାର (ସିପିଆର୍‌ଓ, ସିଆର୍), ଅଜିତ ସିଂ ଯାଦବ (ଆଇଆର୍‌ଏସ୍‌ଏସ୍), ଏମ୍.ଏସ୍. ସୁନୀଲ (ଆର୍‌ପିଏଫ୍), ପ୍ରେମା କେ. ଲୋଚନ (ଆଇଆର୍‌ଏସ୍‌ଇଇ), ବିନମର ମିଶର (ଡିଜିଏମ୍, ଏନ୍‌ଆର୍), ବିଜେନ୍ଦ୍ର ସିଂ (ଜିଏମ୍ ଏନ୍‌ଆର୍‌ଙ୍କ ସଚିବ) ଓ ସତ୍ୟନାରାୟଣ ମୀନା (ଆଇଆର୍‌ଏସ୍‌ଏସ୍‌ଇ) ପ୍ରମୁଖ। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତାରେ କିଏ ବିଜେତା ସାବ୍ୟସ୍ତ ହେବେ, ତାହା ଦେଖିବାକୁ ବାକି ରହିଲା।

### ଫମ୍ପା ଧମକ

କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ପାଞ୍ଚଜଣ ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଯେଉଁ ଧମକ ଦେଇଛନ୍ତି, ତାହା ଫମ୍ପା ଧମକ ବୋଲି ମନେହୁଏ। କାରଣ ସେପରି ଧମକ ଦେବା ସହଜ, ତାକୁ କାର୍ଯ୍ୟକାରୀ କରିବା କଠିନ। କେତେକ ରିପୋର୍ଟ ଅନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉକ୍ତ ପାଞ୍ଚଜଣ ଅଫିସରଙ୍କ ବିରୋଧରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସେମାନଙ୍କ ପଦୋନ୍ନତି ଓ କେନ୍ଦ୍ରୀୟ ଡେପୁଟେଶନ ବନ୍ଦ କରିବାକୁ ଚାହିଁଥିଲା। ଏହି ଅଫିସରମାନଙ୍କ ମଧ୍ୟରେ ଅଛନ୍ତି କୋଲକାତା ଅତିରିକ୍ତ ପୋଲିସ କମିଶନର ସୁପ୍ରତିମ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳର ମୁଖ୍ୟ ବିନୀତ ଗୋୟଲ। ତେବେ ସୂଚନା ଅନୁସାରେ ବିନା ତଦନ୍ତରେ ସରକାର ଏପରି ଆଦେଶ ଦେଇପାରିବେ ନାହିଁ। ପୁଣି ନିୟମାନୁସାରେ କୌଣସି ଅଫିସରଙ୍କ ବିରୋଧରେ ଯେକୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରଥମେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ ହୋଇଥାଏ ଏବଂ ରାଜ୍ୟ ସରକାର ସେ ବିଷୟରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥାନ୍ତି। ଯେହେତୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ବିକ୍ଷୋଭ, ପ୍ରତିବାଦ ଓ ଧାରଣା ଆରମ୍ଭ କରିଥିଲେ, ତେଣୁ ସେ କେବେହେଲେ ଉକ୍ତ ବରିଷ୍ଠ ପୋଲିସ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ। ଫଳତଃ କେନ୍ଦ୍ର ସରକାର ଧମକ ଦେଲେ ହେଁ ତାହା କେବେହେଲେ କାର୍ଯ୍ୟକାରୀ କରିପାରିବେ ନାହିଁ।

Email: dilipcherian@gmail.com

### ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।'' (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | 2 | 3 | | | D | | | C | | | | | |
| 7 | 0 | | | 5 | | | | | E | | | 3 | 8 | B |
| | | | | | E | 7 | | | | | 4 | 0 | | |
| | | E | | | | 4 | | 5 | 0 | B | 1 | | 6 | |
| 5 | | | | | | | 2 | 9 | | | 8 | 7 | | 1 |
| B | | C | 0 | | | | 9 | | | 6 | 2 | | | |
| | 6 | A | | | | | | D | B | | | 2 | 3 | |
| | D | | | | 2 | | C | | | | | | B | 5 |
| | 5 | | 8 | | 7 | | | | | 4 | 3 | | 9 | |
| | 2 | | | C | | | | | 1 | | | | 0 | |
| | C | | | 1 | | | 4 | | | 0 | B | 6 | | |
| D | | | | 3 | | 0 | E | | | | 5 | | 2 | |
| | | | 6 | B | A | 1 | 7 | | | | | | | |
| 6 | B | | 7 | | | A | 8 | | | 3 | | | | |
| | | | | | | | | 6 | 9 | 8 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | C | E | 1 | 7 | 4 | 5 | A | B | 8 | D | 2 | 3 | 0 |
| 2 | B | 5 | 9 | A | 3 | 7 | C | 6 | E | 1 | 0 | 4 | 8 | D |
| E | 0 | 3 | 4 | 5 | 2 | B | D | 8 | A | 6 | 9 | 7 | C | 1 |
| D | A | 1 | 6 | 0 | 8 | E | 3 | 2 | 4 | C | 7 | 9 | B | 5 |
| 7 | 8 | 4 | D | B | C | 0 | 1 | 9 | 5 | 2 | 3 | E | 6 | A |
| B | 1 | D | C | 4 | 9 | 8 | 7 | 5 | 0 | E | 6 | A | 2 | 3 |
| 9 | E | A | 5 | 8 | B | 2 | 4 | D | 7 | 3 | 1 | 6 | 0 | C |
| C | 3 | 7 | 2 | E | D | 6 | 0 | 1 | 8 | 9 | A | 5 | 4 | B |
| 8 | 4 | 2 | 0 | 7 | 6 | A | B | 3 | C | D | 5 | 1 | 9 | E |
| 0 | 5 | 6 | 1 | 3 | A | 9 | E | C | 2 | B | 4 | D | 7 | 8 |
| 5 | 2 | 0 | A | D | 4 | 3 | 8 | B | 6 | 7 | E | C | 1 | 9 |
| 4 | D | B | 3 | C | 5 | 1 | 6 | E | 9 | 0 | 2 | 8 | A | 7 |
| A | C | 8 | 7 | 2 | 1 | D | 9 | 4 | 3 | 5 | B | 0 | E | 6 |
| 3 | 6 | E | 8 | 9 | 0 | 5 | A | 7 | 1 | 4 | C | B | D | 2 |
| 1 | 7 | 9 | B | 6 | E | C | 2 | 0 | D | A | 8 | 3 | 5 | 4 |

ଗତକାଲିର ଉତ୍ତର

# ବିଭାଜନର ବିଡ଼ମ୍ବନା



ଶମ୍‌ସୁଲହକ୍ ଶମ୍‌ସ

ଭାରତ ଏବଂ ପାକିସ୍ତାନ ଅତୀତରେ ଗୋଟିଏ ଦେଶ ଥିଲେ। ଏହାର ଇତିହାସ ଏକ, ସଂସ୍କୃତି ଏକ, ପରମ୍ପରା ଏକ ଏବଂ ଅଭିନ୍ନ ଥିଲା। ଦେଶ ବିଭାଜନରେ କେବଳ ଭୂମିର ବିଭାଜନ ହୋଇ ନ ଥିଲା, ବରଂ ମିଳିତ ସମ୍ପତ୍ତି ଓ ଇତିହାସର ମଧ୍ୟ ବିଭାଜନ ହୋଇଥିଲା। ଦୁଇ ଦେଶର ନାଗରିକ ବିଭାଜନ ସମୟରେ ଛୁଞ୍ଚି, ପେନ୍‌ସିଲ, କଲମକାଗଜ, ଚୌକି ଟେବୁଲ ଏବଂ ପାଳିତ ପଶୁପକ୍ଷୀର ମାଲିକାନା ନିମନ୍ତେ ଟଣାଓଟରା ହୋଇଥିଲେ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। ସିନ୍ଧୁ ସଭ୍ୟତାର ଭିତ୍ତିଭୂମି କୁହାଯାଉଥିବା ସହର ମହେଞ୍ଜୋଦାରୋର ଖନନ ସମୟରେ ଏକ ହାର ମିଳିଥିଲା, ଯାହାର ମାଲିକାନା ନିମନ୍ତେ ଭାରତ ଓ ପାକିସ୍ତାନ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଥିଲା।

୧୯୨୦ରେ ଅବିଭକ୍ତ ଭାରତର ସିନ୍ଧୁପ୍ରଦେଶର ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ମହେଞ୍ଜୋଦାରୋ ସହରର ପ୍ରାଚୀନ ଭଗ୍ନାବଶେଷକୁ ଖୋଳି ବାହାର କରାଯାଉଥିବା ସମୟରେ ପ୍ରାୟ ପାଞ୍ଚହଜାର ବର୍ଷ ପୁରାତନ ସହରର ସନ୍ଧାନ ମିଳିଥିଲା। ଏହା ସିନ୍ଧୁ ସଭ୍ୟତା ନାମରେ ପରିଚିତ। ଏହା ଆଧୁନିକ ସିନ୍ଧୁପ୍ରଦେଶ (ପାକିସ୍ତାନ ଅନ୍ତର୍ଗତ)ର ଲାରକାନା ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋ ସହିତ ହରପ୍ପାର ନାମ ମଧ୍ୟ ସଂଯୁକ୍ତ। ଏଠାରେ ମଧ୍ୟ ଖନନ କାର୍ଯ୍ୟ ହୋଇଛି। ଏହା ମଧ୍ୟ ପାକିସ୍ତାନ ଅନ୍ତର୍ଗତ ପଞ୍ଚମ ପଞ୍ଜାବର ମଣ୍ଟଗୋମେରୀ ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋରେ ଖନନ ସମୟରେ ଯେଉଁ ସହରର ସନ୍ଧାନ ମିଳିଲା ତାହା ମାନବ ସଭ୍ୟତାର ଉତ୍କର୍ଷର ପ୍ରମାଣ ଥିଲା। ବର୍ତ୍ତମାନ ଭାରତୀୟମାନେ ଏହା କହିପାରୁଛନ୍ତି କି ତାଙ୍କର ଇତିହାସ ମଧ୍ୟ ମିଶର, ଗ୍ରୀସ୍, ବେବିଲୋନ ଏବଂ ଚାଇନାର ସଭ୍ୟତା ପରି ହଜାର ହଜାର ବର୍ଷର ପୁରୁଣା।

ମହେଞ୍ଜୋଦାରୋର ଖନନ ସମୟରେ ନୃତ୍ୟଭଙ୍ଗୀରେ ଥିବା ଏକ ନାରୀ ପ୍ରତିମା, ଏକ ପୂଜାରୀ ପ୍ରତିମା ଏବଂ ଶହ ଶହ ଅନ୍ୟ ପୁରାତନ ବସ୍ତୁ ମିଳିଲା। କିନ୍ତୁ କୌଣସି ବସ୍ତୁ ଅକ୍ଷୁଣ୍ଣ ଅବସ୍ଥାରେ ନ ଥିଲା। ଖନନ ସମୟରେ ଗୋଟିଏ ସୁନାର ହାର ମଧ୍ୟ ମିଳିଥିଲା, ଯହିଁରେ ବହୁ ମୂଲ୍ୟ ହୀରା, ନୀଳା, ମାଣିକ୍ୟ ସୁନାର ଝାଲରରେ ଖଞ୍ଜା ଯାଇଥିଲା। ମହେଞ୍ଜୋଦାରୋରୁ ମିଳିଥିବା ବସ୍ତୁଗୁଡ଼ିକ ମଧ୍ୟରେ କେବଳ ଏହି ହାରଟି ହିଁ ଅକ୍ଷୁଣ୍ଣ ଥିଲା। ହାରଟି ତମ୍ବା ତିଆରି ଏକ ଫରୁଆ ମଧ୍ୟରୁ ମିଳିଥିଲା।

ସୁଦେଷ୍ଣା ଗୁହଙ୍କ କହିବା ଅନୁଯାୟୀ, ସିନ୍ଧୁ ସଭ୍ୟତାର ଆବିଷ୍କାର ଭାରତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ତାମ୍ରଯୁଗର ଏହି ସଭ୍ୟତାର ଆବିଷ୍କାର ଦ୍ୱାରା ଭାରତ ସେହି ଦେଶଗୁଡ଼ିକ ଶ୍ରେଣୀରେ ସାମିଲ ହୋଇଗଲା, ଯେଉଁମାନେ ଅତି ଗୌରବମୟ ଏବଂ ପୁରାତନ ଇତିହାସର ଅଧିକାରୀ। ଆମେରିକା ବ୍ରାଉନ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଐତିହାସିକ ଓଜିର ଫାଜଲି କହନ୍ତି, ସିନ୍ଧୁ ସଭ୍ୟତା ଭାରତ ଇତିହାସର ସବୁଠାରୁ ବଡ଼ ଆବିଷ୍କାର। ଏହା ଭାରତ ପାକିସ୍ତାନର ସମ୍ମିଳିତ ସ୍ୱତ୍ୱ ବା ମାଲିକାନା। କାରଣ ୧୯୪୭ ପୂର୍ବରୁ ଉଭୟ ଗୋଟିଏ ଦେଶ ଥିଲା। କିନ୍ତୁ ଯେତେବେଳେ ୧୯୪୭ରେ ଦେଶ ବିଭାଜନର ଘୋଷଣା କରାଗଲା, ସେତେବେଳେ ଶହ ଶହ ବର୍ଷରୁ ଏକତ୍ର ବସବାସ କରୁଥିବା ଲୋକେ ଛୋଟବଡ଼ ବସ୍ତୁ ନିମନ୍ତେ ନିଜ ମଧ୍ୟରେ ଝଗଡା କରିବାକୁ ଲାଗିଲେ।

ସ୍ୱାଧୀନତା ପ୍ରାପ୍ତିର କିଛି ମାସ ପୂର୍ବରୁ ଇଂଲଣ୍ଡରୁ ଅଣାଯାଇଥିବା ୬୦ଟି ବତକଙ୍କୁ ଭାଇସ୍‌ରୟଙ୍କ ଭବନର ମୋଗଲ ଗାର୍ଡେନ (ବର୍ତ୍ତମାନର ରାଷ୍ଟ୍ରପତି ଭବନ)ରେ ରଖାଯାଇଥିଲା। ସେମାନଙ୍କୁ ମଧ୍ୟ ଦୁଇ ଦେଶ ମଧ୍ୟରେ ବଣ୍ଟା ଯାଇଥିଲା। ଭାଇସ୍‌ରୟଙ୍କ ବ୍ୟବହାର ନିମନ୍ତେ ଭବନରେ ଦୁଇଟି ବହୁମୂଲ୍ୟ ଘୋଡ଼ାଗାଡ଼ି ଥିଲା। ଗୋଟିଏ ସୁନା ଛାଉଣି ଏବଂ ଅନ୍ୟଟି ରୁପା ଛାଉଣିବାଲା। ରୁପା ଛାଉଣିବାଲା ଘୋଡାଗାଡି ପାକିସ୍ତାନକୁ ଏବଂ ସୁନା ଛାଉଣିବାଲା ଗାଡି ଭାରତକୁ ଦିଆଗଲା। ସେହିପରି ଅବିଭକ୍ତ ବଙ୍ଗ ପ୍ରଦେଶର ଜଙ୍ଗଲ ବିଭାଗର ମାଲିକାନାରେ ଥିବା ଜାଏମନୀ ନାମକ ଗୋଟିଏ ଦନ୍ତାହାତୀକୁ ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ)କୁ ଦେଇଦେବା ହେତୁ ଭାରତର ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହାତୀର ମାହୁନ୍ତ ଅବଶ୍ୟ ଭାରତରେ ହିଁ ରହିବାର ନିଷ୍ପତ୍ତି ନେଇଥିଲେ। ଦେଶ ବିଭାଜନ ସଙ୍ଗେ ସଙ୍ଗେ ଛୋଟ ଛୋଟ ବସ୍ତୁଗୁଡ଼ିକୁ ମଧ୍ୟ ଦୁଇଭାଗ କରାଗଲା। ଉଦାହରଣ ସ୍ୱରୂପ ବୈଦେଶିକ ବିଭାଗରୁ ୨୧ଟି ଟାଇପ ରାଇଟର, ୩୧ଟି ପେନ୍‌ଷ୍ଟାଣ୍ଡ ଏବଂ ଅଫିସରମାନଙ୍କ ବସିବା ନିମନ୍ତେ ୧୬ଟି ଆର୍ମଚୌକି, ୧୨୫ଟି କାଗଜ ରଖିବା ଷ୍ଟାଣ୍ଡ, ୩୧ଟି ବସିବା ଚୌକି ପାକିସ୍ତାନ ପଠେଇ ଦିଆଗଲା।

ବଙ୍ଗ ଏବଂ ପଞ୍ଜାବ ପ୍ରଦେଶର ବିଭାଜନ ବେଳେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିଥିଲା। ପଞ୍ଜାବ ପୋଲିସ ବିଭାଗର ବିଭାଜନ ହେଲା। ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭକରି ବ୍ୟାଣ୍ଡବାଜା ପର୍ଯ୍ୟନ୍ତ ଭାଗ ଭାଗ କରାଗଲା। ଶେଷରେ ଗୋଟିଏ ବିଗୁଲ୍ ରହିଗଲା। ତା'ର ଭାଗବଣ୍ଟା ହୋଇପାରିଲା ନାହିଁ। ପାକିସ୍ତାନୀ ପଞ୍ଜାବ ଓ ଭାରତୀୟ ପଞ୍ଜାବର ପୋଲିସ ବାହିନୀ ଉଭୟେ ସେ ବିଗୁଲ୍‌କୁ ନେବା ପାଇଁ ଦାବି କଲେ। ଶେଷରେ ଅନ୍ୟ ଉପାୟ ନ ପାଇ ଅବିଭକ୍ତ ପଞ୍ଜାବ ପ୍ରଦେଶର ପୋଲିସ ବାହିନୀର ଇନ୍ସପେକ୍ଟର ଜେନେରାଲ (ବର୍ତ୍ତମାନ ଡିଜି) ମିଷ୍ଟର ଜାକ୍ ହାମିଲଟନ୍ ବିଗୁଲ୍‌ଟିକୁ ନିଜେ ରଖିନେଇ ନିଜ ସାଙ୍ଗରେ ଇଂଲଣ୍ଡ ନେଇଯାଇଥିଲେ। ଶୁଣାଯାଏ ସେ ପ୍ରତି ରବିବାର ସନ୍ଧ୍ୟାରେ ଲଣ୍ଡନର ହାଇଡ ପାର୍କରେ ପହଞ୍ଚି ସେ ବିଗୁଲ୍‌କୁ ବଜାଇ ଲୋକମାନଙ୍କୁ ଭାରତର ଦୁର୍ଭାଗ୍ୟ ବିଷୟରେ ଅବଗତ କରାଉଥିଲେ।

ଦେଶ ବିଭାଜନ ପରେ ଦିଲ୍ଲୀ ଭାରତର ରାଜଧାନୀ ହୋଇ ରହିଲା ଏବଂ ପାକିସ୍ତାନ ନିଜର ରାଜଧାନୀ କରାଚୀ ସହରକୁ ବାଛିଲା। କରାଚୀ ସିନ୍ଧୁପ୍ରଦେଶର ପ୍ରାଦେଶିକ ରାଜଧାନୀ ଥିଲା। ସେଠାରେ ଏତେ ପରିମାଣରେ ସରକାରୀ କାର୍ଯ୍ୟାଳୟ ଏବଂ ବାସଗୃହ ନ ଥିଲା, ଯାହା ଗୋଟିଏ ସାର୍ବଭୌମ ଦେଶର ରାଜଧାନୀ ନିମନ୍ତେ ଆବଶ୍ୟକ। ସ୍ଥାନର ଅଭାବ ଏବଂ ଦେଶକୁ ସୁଚାରୁ ରୂପେ ଚଳାଇବା ନିମନ୍ତେ ଆନୁଷଙ୍ଗିକ ସଂସ୍ଥାନ ଓ ଶକ୍ତିକେନ୍ଦ୍ରର ଅଭାବ ହେତୁ ୧୯୬୭ ଅଗଷ୍ଟ ୧୪ରେ ପାକିସ୍ତାନ କରାଚୀରୁ ନିଜର ରାଜଧାନୀ ଇସଲାମାବାଦକୁ ଉଠାଇନେଲା।

କେହି କେହି ଭାବୁଥିବେ ଯେବେ ଦୁଇଦେଶ କଲମ, ପେନ୍‌ସିଲ ଏବଂ କାଗଜ ପରି ଛୋଟ ଛୋଟ ବସ୍ତୁର ଭାଗ ବଣ୍ଟା କରୁଥିବାବେଳେ ଅତି ମୂଲ୍ୟବାନ ଓ ଐତିହାସିକ ବସ୍ତୁଗୁଡିକର ଭାଗବଣ୍ଟା କିପରି କରିଥିବେ। ପ୍ରତ୍ୟେକ ଦେଶ ପାଇଁ ତାହାର ନିଜର ଇତିହାସ ରହିବା ନିତାନ୍ତ ଜରୁରୀ। କିନ୍ତୁ ଭାରତ ଓ ପାକିସ୍ତାନର ଇତିହାସ ଅଲଗା ଅଲଗା ନୁହେଁ। ଉଭୟ ଦେଶର ଇତିହାସ ଏକ ଏବଂ ଅଭିନ୍ନ। ଏହାର ବିଭାଜନ ବା କିପରି ହୋଇପାରିବ ? ଦେଶ ବିଭାଜନ ହେତୁ ସିନ୍ଧୁ ସଭ୍ୟତା ଓ ସଂସ୍କୃତିର ସବୁଠାରୁ ବଡ଼ କେନ୍ଦ୍ର ଏବଂ ସ୍ମାରକ ମହେଞ୍ଜୋଦାରୋ ପାକିସ୍ତାନରେ ରହିଗଲା। ପାକିସ୍ତାନର ଅଲଗା କୌଣସି ଇତିହାସ ନାହିଁ। ପାକିସ୍ତାନ ଚାହିଁଲା ସିନ୍ଧୁ ଉପତ୍ୟକାକୁ ନୂତନ ପ୍ରକାରରେ ବ୍ୟାଖ୍ୟା କରି ଏହାକୁ ଭାରତଠାରୁ ଭିନ୍ନ ନିଜର ଇତିହାସ ରୂପେ ଦର୍ଶାଇବା ପାଇଁ। ପାକିସ୍ତାନୀ ଐତିହାସିକ ଓ୍ବାଜିରା ଜମିଦାରଙ୍କ ଅନୁଯାୟୀ ଦେଶ ବିଭାଜନ ପରେ ସିନ୍ଧୁ ସଭ୍ୟତାର ପୁନର୍ବ୍ୟାଖ୍ୟାର ଆବଶ୍ୟକତା ଅନୁଭବ କରାଗଲା ଏବଂ ଏହାକୁ ପାକିସ୍ତାନର ଜାତୀୟ ଗରିମା ସହ ଯୋଡ଼ିବାର ଚେଷ୍ଟା ଆରମ୍ଭ ହେଲା। ସେମାନେ ଏହା ପ୍ରମାଣ କରିବାକୁ ଚାହୁଁଥିଲେ କି ଭାରତଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ପାକିସ୍ତାନର ଏକ ଗୌରବମୟ ଇତିହାସ ରହିଛି, ଯାହା ହିନ୍ଦୁ ଭାରତର ନୁହେଁ ବରଂ ମୁସ୍‌ଲିମ ପାକିସ୍ତାନର ଇତିହାସ। ଏଥିନିମନ୍ତେ ଦେଶ ବିଭାଜନ ପରେ ପାକିସ୍ତାନର ପାଞ୍ଚ ହଜାର ବର୍ଷର ପ୍ରାଚୀନ ଇତିହାସ ସମ୍ବନ୍ଧୀୟ ପୁସ୍ତକ ସବୁ ସଙ୍କଳନ କରିବାର ପ୍ରୟାସ କରାଗଲା। ଏପରି ଏକ ଇତିହାସ ଲେଖିବାର ପ୍ରଚେଷ୍ଟା କରାଗଲା, ଯାହା କେବେ ବି ନ ଥିଲା।

ଐତିହାସିକ ସୁଦେଷ୍ଣା ଗୁହାଙ୍କ କହିବା ଅନୁଯାୟୀ ଦେଶ ବିଭାଜନ ସମୟରେ ଭାରତ ମଧ୍ୟ ମହେଞ୍ଜୋଦାରୋରୁ ପ୍ରାପ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ବସ୍ତୁ ଉପରେ ନିଜର ଦାବି ଉପସ୍ଥାପନ କଲା। ବସ୍ତୁଗୁଡ଼ିକର ଭାଗବଣ୍ଟା ନିମନ୍ତେ ଯେଉଁ ପଦ୍ଧତି ଅନୁସରଣ କରାଗଲା, ସେହି ଅନୁଯାୟୀ ୬୦% ବସ୍ତୁ ଭାରତକୁ ଏବଂ ୪୦% ପାକିସ୍ତାନକୁ ମିଳିଥିଲା। ଏଥିରେ ନୃତ୍ୟାଙ୍ଗନାର ପ୍ରତିମା ଏବଂ ଧ୍ୟାନରତ ଯୋଗୀଙ୍କ ପ୍ରତିମା ମଧ୍ୟ ସାମିଲ ଥିଲା। ଏହା ସହିତ ସେହି ବହୁମୂଲ୍ୟ ସୁନା ଏବଂ ହୀରାର ହାର ମଧ୍ୟ ଏଥିରେ ରହିଥିଲା। ନୃତ୍ୟରତା ବାଳିକାର ପ୍ରତିମା ଭାରତ ଭାଗରେ ପଡ଼ିବା ସହ ଯୋଗୀଙ୍କର ପ୍ରତିମା ପାକିସ୍ତାନ ଭାଗକୁ ଆସିଲା। ବର୍ତ୍ତମାନ କଥା ସେହି ବହୁମୂଲ୍ୟ ହାର ଉପରେ ଅଟକିଲା। ଏହା ହିଁ ଏକକ ବସ୍ତୁ ଥିଲା, ଯାହା ଖୋଳିବା ସମୟରେ ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ପ୍ରାପ୍ତ ହୋଇଥିଲା। ଯେତେବେଳେ ଏହି ହାରର ମାଲିକାନା ବିଷୟରେ କୌଣସି ରାଜିନାମା ଦୁଇ ଦେଶ ମଧ୍ୟରେ ହୋଇପାରିଲା ନାହିଁ, ସେତେବେଳେ ଏହି ହାରଟିକୁ ମଧ୍ୟ ଉଭୟ ଦେଶର ଅଫିସରମାନେ ଦୁଇଖଣ୍ଡ କରିଦେଲେ। ହାରର ଗୋଟିଏ ଖଣ୍ଡ ପାକିସ୍ତାନକୁ ଏବଂ ଅନ୍ୟ ଖଣ୍ଡଟି ଭାରତକୁ ମିଳିଲା। ଭାରତକୁ ମିଳିଥିବା ଖଣ୍ଡିତ ହାର ଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମ୍‌ରେ ରଖାଯାଇଛି।

ଐତିହାସିକ ସୁଦେଷ୍ଣା ଗୁହ ଏହି ବିଭାଜନକୁ ଇତିହାସର ବିଡ଼ମ୍ବନାର ବ୍ୟାଖ୍ୟା ଦେଇଛନ୍ତି। ସେ କହନ୍ତି, ଇତିହାସକୁ ଚିରି ଫାଳ ଫାଳ କରି ଏହାକୁ ଦୁଇ ଭାଗରେ ବିଭକ୍ତ କରିଦିଆଗଲା। ଥରେ ୧୯୬୧ ମସିହାରେ ଆମେରିକାର ନ୍ୟୁୟର୍କ ସହରରେ ଗୋଟିଏ ପ୍ରଦର୍ଶନୀରେ ଏହି ଦୁଇଖଣ୍ଡ ହାରକୁ ଏକତ୍ର କରିବାର ଇଚ୍ଛା ପ୍ରକାଶ କରାଯାଇଥିଲା। କିନ୍ତୁ ଭାରତ ନିଜ ଭାଗର ଖଣ୍ଡିତ ହାରକୁ ଦେବାକୁ ମନା କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲା। ମହେଞ୍ଜୋଦାରୋର ପ୍ରତ୍ନତତ୍ତ୍ୱ ଖନନରୁ ମିଳିଥିବା ଏହି ହାର ଏବଂ ଏହାର ଦୁଇଖଣ୍ଡ ହିନ୍ଦୁସ୍ଥାନ ଏବଂ ପାକିସ୍ତାନର ଦୁର୍ଭାଗ୍ୟଜନକ ବିଭାଜନର ସବୁଠାରୁ ବଡ଼ ମୂକସାକ୍ଷୀ। ହାୟ ବିଭାଜନର କି ବିଡ଼ମ୍ବନା!

ଆଡ୍‌ଭୋକେଟ, ଓଡ଼ିଶା ହାଇକୋର୍ଟ, ଦେଓପୁର, କଟକ, ମୋ–୯୩୩୮୧୫୮୬୯

# ମେଣ୍ଟ ରାଜନୀତି



ହୃଦୟବଲ୍ଲଭ ଦାସ

ଦେଶରେ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଯଦି କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରନ୍ତି ନାହିଁ, ସେମାନେ ଅନ୍ୟ ଛୋଟ ଦଳଗୁଡ଼ିକ ସହିତ ମେଣ୍ଟକରି ଶାସନ କରିବା ଦେଖାଯାଏ। ଛୋଟ ଛୋଟ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ସହିତ ମେଣ୍ଟ ବାନ୍ଧିଥାଆନ୍ତି। କିନ୍ତୁ ନୀତିଗତ ପାର୍ଥକ୍ୟ ଦୃଷ୍ଟିରୁ ହେଉ କିମ୍ବା ଅନ୍ୟ କୌଣସି କାରଣବଶତଃ କିଛି ବିରୋଧୀ ଦଳ ଶାସନ କ୍ଷମତାରେ ଥିବା ଦଳ ସହିତ ମେଣ୍ଟ କରିପାରନ୍ତି ନାହିଁ। ସେ ଯାହା ହେଉ, ଏଭଳି ଛୋଟ ଛୋଟ ବିରୋଧୀ ରାଜନୈତିକ ଦଳଗୁଡ଼ିକ ବଡ଼ ଦଳ ସହ ମେଣ୍ଟ ମାଧ୍ୟମରେ ଶାସନ କ୍ଷମତାକୁ ଆସି ମନ୍ତ୍ରିମଣ୍ଡଳରେ ଭାଗନିଅନ୍ତି। ସଂଖ୍ୟାଗରିଷ୍ଠତା ନ ଥାଇ କିଛି ରାଜନୈତିକ ଦଳ ସରକାରୀ ଦଳ ସହିତ ମିଶି ସମୀକରଣ କରି କ୍ଷମତା ଗାଦିରେ ରହିବାକୁ ଚାହିଁଥାନ୍ତି। ବିଭିନ୍ନ ଅଂଶୀଦାର ରାଜନୈତିକ ଦଳର ଦୃଷ୍ଟିକୋଣ, ନୀତିନିୟମରେ ପାର୍ଥକ୍ୟ ଥିବାରୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥାଏ ଓ ରାଜନୀତି କ୍ଷେତ୍ରରେ ମୀମାଂସା ସମ୍ଭବପର ହୋଇ ନ ଥାଏ। ଫଳରେ ମେଣ୍ଟ କରି ଶାସନ କ୍ଷମତାକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ମେଣ୍ଟ ସରକାରରୁ ବାଧହୋଇ ଓହରି ଯାଆନ୍ତି ଓ ସେମାନଙ୍କ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ। ଏହା ନିଶ୍ଚିତ କଥା, ମେଣ୍ଟ ରାଜନୀତି ଆମ ଦେଶରେ କେବେ ବହୁ ଦିନଯାଏ ତିଷ୍ଠି ରହିପାରି ନାହିଁ। ଏଭଳି ମିଳିତ ମନ୍ତ୍ରିମଣ୍ଡଳର ପରମାୟୁ ସ୍ୱଳ୍ପକାଳସ୍ଥାୟୀ।

ଯେହେତୁ ମେଣ୍ଟକୁ ଆସିଥିବା ରାଜନୈତିକ ଦଳଗୁଡ଼ିକର କୌଣସି ନୀତିଗତ ସାମଞ୍ଜସ୍ୟ ରହେନାହିଁ, ତେଣୁ କୋଆଲିସନ ପଲିଟିକ୍ସ ଆମ ଦେଶରେ ଯଦିବା ଅନେକବାର ଦେଖାଯାଇଛି ତଥାପି ଏହା କୌଣସି ରାଜ୍ୟ ବା ଦେଶର ରାଜନୀତିରେ ଦୀର୍ଘସ୍ଥାୟୀ ହୋଇ ରହିନାହିଁ। ମେଣ୍ଟ କରି ମନ୍ତ୍ରିମଣ୍ଡଳକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳାଇବା ନିତାନ୍ତ ଜରୁରୀ। ସେମାନେ ଶାସକ ଦଳର ନୀତିନିୟମକୁ ପୂର୍ଣ୍ଣମାତ୍ରାରେ ମାନିବା ଆବଶ୍ୟକ, ଯାହାଫଳରେ ଉଭୟଙ୍କ ମଧ୍ୟରେ ବିରୋଧ ଉପୁଜିବ ନାହିଁ ଓ ମେଣ୍ଟ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ବହୁଦିନ ଧରି ଦେଶ ତଥା ରାଜ୍ୟ ଶାସନରେ ତିଷ୍ଠି ରହିପାରିବ। ତେଣୁ ମଣ୍ଟ ସରକାରକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ଖାଲି ଭାଗୀଦାରି ଶାସନକର୍ତ୍ତା ହୋଇଗଲେ ଚଳିବ ନାହିଁ। ମେଣ୍ଟ ସରକାରରେ ରହିବା ପାଇଁ ଶାସକ ଦଳର ନୀତିନିୟମକୁ ମାନିବା ନିତାନ୍ତ ଜରୁରୀ। ତା'ହେଲେ ଯାଇ କୋଆଲିସନ ପଲିଟିକ୍ସ ଦେଶର ରାଜନୀତିରେ ବା ରାଜ୍ୟମାନଙ୍କ ମନ୍ତ୍ରିମଣ୍ଡଳ ଗଠନ ଦିଗରେ ସଫଳ ହୋଇପାରିବ।

ରାଜନୈତିକ ଦଳଗୁଡ଼ିକ ନିର୍ବାଚିତ ହୋଇ ମିଳିତ ସରକାର ଗଠନ କଲା ପରେ ପରସ୍ପର ମଧ୍ୟରେ ନୀତିଗତ ପାର୍ଥକ୍ୟ, ରାଜନୈତିକ ଅଭିସନ୍ଧିରେ ସଫଳ ନ ହେବା ଯୋଗୁ କିଛିଦିନ ପରେ ମେଣ୍ଟ ରାଜନୀତି ତିଷ୍ଠି ନ ପାରି ନିର୍ଦ୍ଧାରିତ ସମୟ ପୂର୍ବରୁ ସରକାର ଭାଙ୍ଗିଯାଏ। ଫଳରେ ସାନି ନିର୍ବାଚନ ହୁଏ, ଯାହା ଦେଶର ସ୍ୱାର୍ଥଦୃଷ୍ଟିରୁ ହିତକର ନୁହେଁ। ଏଭଳି ପୁନଃନିର୍ବାଚନ ଦେଶ ତଥା ରାଜ୍ୟ ପ୍ରତି ବ୍ୟୟବହୁଳ ହୋଇଥାଏ। ରାଜନୈତିକ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ କିଛି ଦଳୀୟ ନେତା କୌଣସିମତେ ଶାସନ ଗାଦିକୁ ଆସିବା ପାଇଁ ଅନ୍ୟ ଉପାୟ ନ ପାଇ କୋଆଲିସନ ପଲିଟିକ୍ସକୁ ଆଦରି ନିଅନ୍ତି, ଯାହା ଦେଶ ବା ରାଜ୍ୟ ପାଇଁ ହିତକର ନୁହେଁ। ରାଜନେତାମାନେ ସର୍ବଦା ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଦେଶର ସର୍ବବିଧ ଉନ୍ନତି ପାଇଁ ପ୍ରୟାସ କରିବା ଉଚିତ। ଆମ ଦେଶ ତଥା ରାଜ୍ୟଗୁଡ଼ିକରେ ସାଧାରଣ ନିର୍ବାଚନ ପରେ ଅନେକଥର ଶାସନ କ୍ଷମତାରେ ଥିବା ଦଳ ଓ ବିରୋଧୀ ଦଳ ନେତାମାନଙ୍କୁ ନେଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି। କିନ୍ତୁ ବାସ୍ତବତା ହେଉଛି ଦେଶ ବା କୌଣସି ରାଜ୍ୟରେ ବହୁଦିନ ଧରି ମିଳିତ ମନ୍ତ୍ରିମଣ୍ଡଳ ଉଧେଇ ନାହିଁ। ଭାଗୀଦାରି ଶାସନରେ କୌଣସି ରାଜନୈତିକ ଦଳ ସମର୍ଥନ ପ୍ରତ୍ୟାହାର କରିବା ଯୋଗୁ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇଛି। ମିଳିତ ମନ୍ତ୍ରିମଣ୍ଡଳ ବା କୋଆଲିସନ ପଲିଟିକ୍ସ ଦେଶ ଶାସନ ପାଇଁ ଦରକାର ପଡ଼ିପାରେ। କିନ୍ତୁ ଏଭଳି ମନ୍ତ୍ରିମଣ୍ଡଳ ବହୁ ସମୟ ଧରି ତିଷ୍ଠି ରହିପାରେ ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକର ମେଣ୍ଟ ମଧ୍ୟରେ ନାନା କାରଣରୁ ଫାଟ ଦେଖାଯାଇଥାଏ।

ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି, ସିବିଆଇ, ୨୦୫, ଶହୀଦ ନଗର, ଭୁବନେଶ୍ୱର

### ଏଇ ଭାରତରେ

ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁ ଠାକୁରଙ୍କ ଉଦ୍ଦେଶ୍ୟରେ ହାତକଡ଼ି ଚଢ଼ାଉଥିବା ଘଟଣା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ରାଜସ୍ଥାନ ପ୍ରତାପଗଡ଼ର ଜୋଲର ଗ୍ରାମପଞ୍ଚାୟତରେ ରହିଛି ଦିବାକ୍ ମାତାଙ୍କ ପୁରାତନ ମନ୍ଦିର। ମନ୍ଦିରଟି ୫ଶହରୁ ଅଧିକ ବର୍ଷର ପୁରୁଣା। ଏଠାରେ ଥିବା ମାତାଙ୍କ ତ୍ରିଶୂଳରେ ଶ୍ରଦ୍ଧାଳୁ ହାତକଡି ଭେଟି ଦେଇଥାନ୍ତି। ବିଚାରାଧୀନ ବନ୍ଦୀ ଜାମିନରେ ଅଥବା ନିର୍ଦ୍ଦୋଷରେ ଖଲାସ ହେଲେ ରାତିରେ ଏଠାକୁ ପୂଜା କରିବାକୁ ଆସିଥାଆନ୍ତି। ଅନେକ ବର୍ଷ ଧରି ଏଠାରେ ଏହି ପରମ୍ପରା ବଜାୟ ରହିଛି। ମନ୍ଦିର ବାହାରେ ଅନେକ ହାତକଡି ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ମାତାଙ୍କ ମହିମା ଅପାର ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ପୂର୍ବରୁ ଏଠାରେ ଥିବା ଡାକୁମାନେ ଜେଲ୍‌ରୁ ମୁକୁଳିଲେ କିମ୍ବା ପୋଲିସ ହାତରୁ ଖସିଗଲେ ମାତାଙ୍କୁ ହାତକଡି ଭେଟି ଦେଉଥିଲେ। ଥରେ ପୃଥ୍ୱୀରାଣା ନାମରେ ଜଣେ ଡକାୟତ ଜେଲ୍‌ରୁ ଫେରାର ହେବା ପାଇଁ ମାତାଙ୍କ ମନ୍ଦିରରେ ମାନସିକ କରିଥିଲେ। ହଠାତ୍ ଜେଲ୍‌ରେ ତାଙ୍କର ହାତକଡ଼ି ଭାଙ୍ଗି ଯାଇଥିଲା। ଏହାପରେ ସେ ଫେରାର୍ ହୋଇଯାଇଥିଲେ। ଏହା ମାତାଙ୍କ କୃପାରୁ ହୋଇଥିଲା ବୋଲି ବିଶ୍ୱାସ କରି ପୃଥ୍ୱୀରାଣା ମାତାଙ୍କ ମହିମା ପ୍ରଚାର କରିଥିଲେ।

### ୨୫ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୯୪

- ବାଂଲାଦେଶର ୨୩ଜଣ ନାଗରିକଙ୍କୁ ମ୍ୟାନ୍‌ମାର ସୀମା ଗାର୍ଡମାନେ ଅପହରଣ କରି ହତ୍ୟା କରିଥିବା ନେଇ ସୂଚନା।
- ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଯୋଜକ ମନମୋହନ ଦେଶାଇଙ୍କର ପରଲୋକ।
- ଓଡ଼ିଶାର ଅନୁନ୍ନତ ଅବସ୍ଥାକୁ ଦୃଷ୍ଟି ଦେଇ କେନ୍ଦ୍ର ସରକାର ଓଡ଼ିଶାର ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ସ୍ଥାନୀୟ ଆଞ୍ଚଳିକ ଉନ୍ନୟନ ଯୋଜନାରେ ଅଧିକ ୧ କୋଟି ଟଙ୍କା ଲେଖାଏଁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦାବି।

## ପାଠକ ଶ୍ରେଷ୍ଠ ବିଚାରକ

### ଆପଣା ହସ୍ତେ ଜିହ୍ୱା ଛେଦି

ମହାଶୟ,

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ଆପ୍ରାଣ ଉଦ୍ୟମ ବିଭିନ୍ନ ଯୋଜନା ମାଧ୍ୟମରେ ଜାରି ରଖିଛନ୍ତି। ଉଜ୍ଜ୍ୱଳା ଯୋଜନା, ସ୍ୱାସ୍ଥ୍ୟ ଯୋଜନା, କାଳିଆ ଯୋଜନା, ବୃଦ୍ଧାବୃଦ୍ଧଙ୍କର ଭତ୍ତା ବୃଦ୍ଧି ଆଦି ଘୋଷଣା କରୁଛନ୍ତି। ପୂର୍ବରୁ ଟଙ୍କିକିଆ ଚାଉଳ, ଗହମ ଯୋଗାଇ ଆସୁଛନ୍ତି। ଏଥିପାଇଁ ଏତେ ଅର୍ଥ ଆସିବ କେଉଁଠୁ ସେଥିପ୍ରତି କାହାର ନଜର ନାହିଁ। ଆଗରୁ ତ କେନ୍ଦ୍ର ଓ ରାଜ୍ୟ ସରକାର ଋଣରେ ବୁଡି ରହିଛନ୍ତି। ଏବେ ଋଣଭାର ଆହୁରି ବଢିଯିବ। ରିଜର୍ଭ ବ୍ୟାଙ୍କ ଓ ଅର୍ଥନୀତିଜ୍ଞମାନେ ଦେଶ ଓ ରାଜ୍ୟର ଅର୍ଥନୀତି ପ୍ରଭାବିତ ହେବ ବୋଲି ସତର୍କ କରିଦେଲେଣି। ଲୋକେ ଏତେ ସୁବିଧା ପାଇଲେ ଆଉ ପରିଶ୍ରମ କରିବାକୁ ଇଚ୍ଛା ନ କରି ନିକମା ହୋଇ ବସିରହିବେ। ଫଳରେ କୃଷିକାର୍ଯ୍ୟ ନିଶ୍ଚିତ ବ୍ୟାହତ ହେବ। ଜମିବାଡି ପଡିଆ ରହିଲେ ଲୋକେ ଖାଇବେ କ'ଣ ? ଚାଉଳ କେଉଁଠୁ ଆଣି ସରକାର ଦେବେ ? ଏକଥା କାହାକୁ କହିବା, ଆମେତ ନିଜ ହାତରେ ଆମର ସର୍ବନାଶ କରୁଛୁ। ସେଥିପାଇଁ କୁହାଯାଇଛି , 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ'।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଶାଗୁଣା ଓ ଭୋକିଲା ମଣିଷ

ଧରିତ୍ରୀ (୧୦।୨)ରେ ପ୍ରକାଶିତ ପ୍ରକାଶ ବାବୁଙ୍କ ପ୍ରବନ୍ଧ 'ଶାଗୁଣା ଓ ଭୋକିଲା ମଣିଷ' ପଢିଲା ବେଳେ ମନେପଡିଲା ଏକ ଓଡିଆ ଅପେରା ପାର୍ଟିର ନାଟକ 'ଶାଗୁଣା ବସିଛି ଡେଣା ମେଲାଇ'। ବାସ୍ତବରେ କ୍ଷୁଧା ରାକ୍ଷସ କବଳରେ ଆଜି ବିଶ୍ୱର ୮୦ ଭାଗ ଲୋକ। ଫଟୋଗ୍ରାଫର କେଭିନ୍‌ଙ୍କ ବଳିଦାନରୁ ମଣିଷ ଶିକ୍ଷା କରିବା କଥା। ଜଣେ ସନ୍ଥ ଗୋଟିଏ ଗିନାରେ ପାଣି ଓ ଛୁଞ୍ଚିଟିଏ ରଖି ଖାଇବସୁଥିଲେ। ପଡି ଯାଉଥିବା ଅନ୍ନକଣାକୁ ଛୁଞ୍ଚିରେ ଉଠାଇ ଧୋଇ ପୁଣି ଖାଉଥିଲେ। ସେ କହୁଥିଲେ– ଅନ୍ନ ହିଁ ବ୍ରହ୍ମ। ଭାଗବତରେ ଅଛି 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବି କାହା ଘେନି'। ବହୁଦିନ ତଳେ ଖବରକାଗଜରେ ବାହାରିଥିଲା– ନୋଏଡାରେ ଭୋଜି ଚାଲିଥିବା ବେଳେ ଗୋଟିଏ ଭିକାରି ପିଲା ପଶି ଖାଉଥିବା ବେଳେ ଧରା ପଡିଲା। ଆୟୋଜକମାନେ ପିଟିପିଟି ମାରିଦେଲେ ପିଲାଟିକୁ। ତେଣୁ ଖାଦ୍ୟର ମହତ୍ତ୍ୱ କେତେ ତାହା ଖାଦ୍ୟ ନଷ୍ଟ କରୁଥିବା ମଣିଷ ବୁଝିବା ଦରକାର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ୨ଥର ଯାକ ପ୍ରାର୍ଥୀ ବଦଳାଇଛି ବିଜେଡି

# ଆଶାରେ ଅନେକ ଆଶାୟୀ


ପ୍ରିୟଦର୍ଶୀ ମିଶ୍ର


ଦିଲୀପ ମହାନ୍ତି


ମନୋରଞ୍ଜନ ଦାଶ

ଚିଦାନନ୍ଦ ଜେନା

ଭୁବନେଶ୍ୱର, ୧।୩(ବ୍ୟୁରୋ)

୨୦୦୯ରେ ରାଜଧାନୀ ଭୁବନେଶ୍ୱର ଓ ଆଖାପାଖ କେତେକ ଅଞ୍ଚଳକୁ ନେଇ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ସେଥିମଧ୍ୟରୁ ଭୁବନେଶ୍ୱର(ଉତ୍ତର) ଅନ୍ୟତମ। ଏହା ଅଧୀନରେ ରହିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୨୫ଟି ୱାର୍ଡ ଏବଂ ଭୁବନେଶ୍ୱର ବ୍ଲକର ୫ଟି ପଞ୍ଚାୟତ। ୨୦୦୯ଠାରୁ ହିଁ ଏହି ନିର୍ବାଚନମଣ୍ଡଳୀ ଲଗାତର ୨ ଥର ବିଜେଡି ହାତରେ ରହିଛି। କିନ୍ତୁ ଦଳ ୨ଟି ଯାକ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ୨୦୦୯ରେ ଭାଜପା ପ୍ରାର୍ଥୀ ଗୋଲକ ମହାପାତ୍ରଙ୍କୁ ୫୧,୪୬୨ ଭୋଟରେ ପରାସ୍ତ କରିଥିଲେ ବିଜେଡି ପ୍ରାର୍ଥୀ ଭାଗୀରଥି ବଡଜେନା। କିନ୍ତୁ ୨୦୧୪ରେ ଭାଗୀରଥିଙ୍କୁ ଦଳ ଆଉ ଏଠାରେ ପ୍ରାର୍ଥୀ ନ କରି ଜଟଣୀରୁ ପ୍ରାର୍ଥୀ କରିଥିଲା। ଭାଗୀରଥିଙ୍କ ସ୍ଥାନରେ ବିଜେଡିର ପ୍ରାର୍ଥୀ ହୋଇଥିଲେ ପ୍ରିୟଦର୍ଶୀ ମିଶ୍ର। ଛାତ୍ର ରାଜନୀତିରେ ଦକ୍ଷତାକୁ ଆଧାର କରି ପ୍ରିୟଦର୍ଶୀଙ୍କୁ ବିଜେଡି ଦେଇଥିଲା ଟିକେଟ। ଏଥର କିନ୍ତୁ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପ୍ରିୟଦର୍ଶୀଙ୍କ ବିରୋଧରେ ଜନଅସନ୍ତୋଷ ଅପେକ୍ଷା ଦଳୀୟ ଅସନ୍ତୋଷ ରହିଛି। ତେଣୁ ଆଉ କେତେଜଣ ବିଜେଡିରୁ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, ସୁବାସ ପାତ୍ର ଓ ଅବସରପ୍ରାପ୍ତ ସରକାରୀ ଅଧିକାରୀ ମନୋରଞ୍ଜନ ନାୟକ। ଏମାନଙ୍କୁ ବାଦ୍ ଦେଇ ଦଳୀୟ ନେତୃତ୍ୱ ଅନ୍ୟ କାହାକୁ ବି ପ୍ରାର୍ଥୀ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ଅଚ୍ୟୁତ ସାମନ୍ତ ଏବଂ ଭୁବନେଶ୍ୱରର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ଏଠାକାର ରାଜନୀତି ବହୁଳ ଭାବରେ ପ୍ରଭାବିତ ହେଉଥିବା ଜଣାପଡିଛି।

ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି ଯେ, 'ରାଜନୀତିରେ ଅସନ୍ତୋଷ ରହିବ। ସାଧାରଣ ଲୋକଙ୍କ କଥା ସବୁ ଫୋରମ୍‌ରେ ଉଠାଏ। ବିଧାନସଭାରେ ମିଳିଥିବା ସୁଯୋଗର ସଦ୍‌ବିନିଯୋଗ କରିଛି। କେହି କ'ଣ ବ୍ୟକ୍ତିଗତ ଉଦ୍ଦେଶ୍ୟ କରି ବିରୋଧ କଲେ ମୁଁ କ'ଣ ବା କରିପାରିବି। ସରକାରୀ ଯୋଜନାର ସଫଳ ରୂପାୟନ କରିବା ଦିଗରେ ଧ୍ୟାନ ଦେଇଛି। ଲୋକଙ୍କ ସହ ସବୁବେଳେ ଥିବାରୁ ସବୁକିଛି ଠିକ୍ ହେବ ବୋଲି ଭାବୁଛି। ନିର୍ବାଚନକୁ କମ୍ ସମୟ ଥିବାରୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେଉଛି। ମୋ ସମ୍ପର୍କରେ ଦଳ ଉଚିତ ନିଷ୍ପତ୍ତି ନେବ ବୋଲି ଦୃଢବିଶ୍ୱାସ ରହିଛି।'

ଚିନ୍ମୟ ସାହୁ କହିଛନ୍ତି ଯେ, 'ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଯୁବବର୍ଗ ଏବଂ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ମିଳିଛି। ବିଜେଡିରେ ଯୋଗଦାନ ପରେ ମିଳିଥିବା ସମସ୍ତ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛି। ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀଙ୍କ ସହ ଭାବଗତ ଭାବେ ଯୋଡ଼ି ହୋଇଛି । ଏଥିସହ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛି। ତେଣୁ ଦଳ ନିଶ୍ଚୟ ଉଚିତ ବିଚାର କରିବ।'

ବିଜେଡିର ଖୋର୍ଦ୍ଧା ଜିଲା ଉପସଭାପତି ସୁବାସ ପାତ୍ର କହିଛନ୍ତି ଯେ, 'ମୁଁ ଉତ୍ତର ନିର୍ବାଚନମଣ୍ଡଳୀ ମାଟିର ପୁଅ। ବାହାର ପ୍ରାର୍ଥୀ ଏଠାକାର ସମସ୍ୟା ବୁଝିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ଯୋଜନା ସ୍ଥାନୀୟ ନେତାଙ୍କ ଯୋଗୁ ଜନଗଣଙ୍କ ପାଖରେ ପହଞ୍ଚିନାହିଁ। ତେଣୁ ଆଗାମୀ ନିର୍ବାଚନରେ ଦଳ ମୋ କଥା ନିଶ୍ଚୟ ବିଚାର କରିବ। ମୋ ବ୍ୟତୀତ ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ୍ ମିଳିଲେ ସହଯୋଗ କରିବି। ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଗଲେ କର୍ମୀଙ୍କ ମତାମତ ଲୋଡ଼ିବି।'

ଗତ ଜାନୁୟାରୀ ୩୧ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ମନୋରଞ୍ଜନ ନାୟକଙ୍କ ନାଁକୁ ନେଇ ମଧ ଚର୍ଚ୍ଚା ହେଉଛି। ପଟିଆ ଅଞ୍ଚଳର କେତେଜଣ ଲୋକ ତାଙ୍କ ନାମକୁ ବିଜେଡି ନେତୃତ୍ୱଙ୍କୁ ସୁପାରିସ କରିଥିବା ଜଣାପଡିଛି। ଏ ସମ୍ପର୍କରେ ମନୋରଞ୍ଜନ କହିଛନ୍ତି ଯେ, ମୁଁ ପ୍ରାର୍ଥୀ ହୁଏ ବୋଲି ସ୍ଥାନୀୟ ଜନସାଧାରଣ ସୁପାରିସ କରିଛନ୍ତି। ଯଦି ମୋ ନାମ ବିଚାର କରାଯାଏ, ତେବେ ମୁଁ ନିଶ୍ଚୟ ଲଢ଼ିବି।

ବିଜେଡି ପରେ ଭାଜପାର ସ୍ଥିତି ନିର୍ବାଚନମଣ୍ଡଳୀରେ ରହିଛି। ତା' ପରେ ରହିଛି କଂଗ୍ରେସ। ମାତ୍ର ଦୁଇ ଜାତୀୟ ଦଳ ପୂର୍ବ ୨ଟି ନିର୍ବାଚନରେ ଶାସକ ଦଳ ପାଇଥିବା ଭୋଟର ଅଧା ପାଇପାରି ନ ଥିଲେ। ପଞ୍ଚାୟତ ନିର୍ବାଚନ ପରେ ଭାଜପା ନିଜ ସଙ୍ଗଠନକୁ ଅଧିକ ଗୁରୁତ୍ୱ ଦେଉଛି। ୨୦୧୪ରେ ଲଢି ପରାଜିତ ହୋଇଥିବା ଭାଜପା ପ୍ରାର୍ଥୀ ଦିଲୀପ ମହାନ୍ତି ନିଜ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛନ୍ତି। ଗତ ବର୍ଷକ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକାଧିକ କାର୍ଯ୍ୟକ୍ରମ ଏହି ନିର୍ବାଚନମଣ୍ଡଳୀରେ ଆୟୋଜନ କରି ଦଳକୁ ଚର୍ଚ୍ଚାରେ ରଖିବା ପାଇଁ ଚେଷ୍ଟା କରିଛନ୍ତି। ସେହିପରି ଦଳୀୟ ରାଜନୀତିରେ ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀଙ୍କ ଆବିର୍ଭାବ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛି। ଭାଜପାରୁ ଦିଲୀପ ମହାନ୍ତି ଓ ଯୁଗାଂଶୁ ପଣ୍ଡା ବର୍ତ୍ତମାନ ଟିକେଟ ଦୌଡରେ ସର୍ବାଗ୍ରେ ଅଛନ୍ତି। ହେଲେ ରାଜଧାନୀ ଉପକଣ୍ଠସ୍ଥ ଆସନ ହୋଇଥିବାରୁ ଭାଜପା ଶେଷ ମୁହୂର୍ତ୍ତରେ ହାଇପ୍ରୋଫାଇଲ ପ୍ରାର୍ଥୀଙ୍କୁ ଠିଆ କରିପାରେ ବୋଲି ରାଜନେତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଭାଜପା ନେତା ଦିଲୀପ ମହାନ୍ତି କହିଛନ୍ତି ଯେ,'ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ କହିଲେ ଶୈଳଶ୍ରୀ ବିହାର, ନୀଳାଦ୍ରି ବିହାର କିମ୍ବା କିଟ୍ ଛକକୁ ବୁଝାଇ ନଥାଏ। ଏହି ନିର୍ବାଚନମଣ୍ଡଳୀରେ ଗ୍ରାମୀଣ, ବସ୍ତି ଏବଂ ସହରୀ ସଭ୍ୟତା ରହିଛି। ଏସବୁ ସମନ୍ୱୟ ରକ୍ଷାକରି ଯେପରି ଭାବେ ବିକାଶ ହେବା କଥା, ତାହା ହୋଇନାହିଁ। ନିର୍ବାଚନମଣ୍ଡଳୀରେ ଟ୍ରାଫିକ ସମସ୍ୟା, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ବିଜେଡିକୁ ଆଗାମୀ ନିର୍ବାଚନରେ ଭୋଟର ପ୍ରତ୍ୟାଖ୍ୟାନ କରିବେ। ମୋତେ ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ମୁଁ ପାଳନ କରିବି। ଦଳ ଯଦି ମୋତେ ପ୍ରାର୍ଥୀ ନ କରେ, ମୁଁ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି। ମୋ ପାଇଁ ପଦପଦବୀ ନୁହେଁ, ଦଳ ବଡ଼।' ଭାଜପା ନେତା ଯୁଗାଂଶୁ ପଣ୍ଡା କହିଛନ୍ତି ଯେ, ପୂର୍ବାପେକ୍ଷା ଭାଜପାର ସ୍ଥିତି ଦୃଢ଼ ହୋଇଛି। ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଦଳ ନିଶ୍ଚୟ ମୋତେ ପ୍ରାର୍ଥୀ କରିବ ବୋଲି ଆଶା। ବିଜେଡିର ୫ କର୍ପୋରେଟର ଏବଂ ପଦାଧିକାରୀ ମୋ ସହ ଯୋଗାଯୋଗରେ ଅଛନ୍ତି। ମୋତେ ପ୍ରାର୍ଥୀ କରାଗଲେ ବିଜେଡି ପ୍ରାର୍ଥୀଙ୍କୁ ନିଶ୍ଚୟ ହରାଇବି।

ଅନ୍ୟପକ୍ଷରେ କଂଗ୍ରେସରୁ ପ୍ରାର୍ଥୀ ହେବା ନେଇ ମନୋରଞ୍ଜନ ଦାଶ, କିଶୋର ଜେନା ଏବଂ ଆଶିଷ କୁମାର ମଲିକଙ୍କ ନାଁ ଚର୍ଚ୍ଚାରେ ରହିଛି। ମନୋରଞ୍ଜନ କହିଛନ୍ତି ଯେ, 'ଦଳ ଯାହା ଦାୟିତ୍ୱ ଦେବ ତାହାକୁ ତୁଲାଇବି। ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ। ଲଗାତର ଜିତୁଥିବା ଶାସକ ଦଳ ଲୋକଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେଇପାରିନାହିଁ। ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକ ପରିଷ୍କାର ପାଣିରେ ଗାଧୋଇବାକୁ ପାଉନାହାନ୍ତି। କଂଗ୍ରେସ ପୂର୍ବାପେକ୍ଷା ନିଶ୍ଚିତ ଭଲ ପ୍ରଦର୍ଶନ କରିବ। କଷ୍ଟକର ହେଲେ ବି ଦଳର ହୃତଗୌରବ ଫେରାଇବା ଅସମ୍ଭବ ନୁହେଁ। କଂଗ୍ରେସ ନେତା ଆଶିଷ କୁମାର ମଲିକ କହିଛନ୍ତି ଯେ, ଦଳ ମୋତେ ପ୍ରାର୍ଥୀ କଲେ ବିଜେଡି-ଭାଜପାକୁ ସଫଳ ମୁକାବିଲା କରିବି। ଯଦି ଦଳ ମୋତେ ପ୍ରାର୍ଥୀ ନ କରେ, ତେବେ ମୁଁ ଶୃଙ୍ଖଳିତ ଦଳୀୟ କର୍ମୀ ଭାବେ କାର୍ଯ୍ୟ କରିବି। କଂଗ୍ରେସ ନେତା କିଶୋର ଜେନା ମଧ୍ୟ ଦଳୀୟ ନିଷ୍ପତ୍ତିକୁ ମାନିନେବେ ବୋଲି କହିଛନ୍ତି।

ଭୋଟର ଗୁରୁଚରଣ ବେହେରାଙ୍କ କହିବାନୁଯାୟୀ, ନିର୍ବାଚନମଣ୍ଡଳୀରେ ଡ୍ରେନେଜ, ରାସ୍ତା, ପାର୍କିଂ ସମସ୍ୟା ରହିଛି। ଦଳ ଅପେକ୍ଷା ବ୍ୟକ୍ତିକୁ ଦେଖି ଭୋଟ ଦେବୁ। ନିର୍ବାଚନ ସମୟରେ ହିଁ କାହାକୁ ଭୋଟ ଦେବୁ ତାହା ସ୍ଥିର କରିବି। ରାଜ୍ୟରେ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ପ୍ରତି ସମର୍ଥନ ରହିବ।




**୨୦୧୪ ନିର୍ବାଚନ ଫଳାଫଳ**

ପ୍ରିୟଦର୍ଶୀ ମିଶ୍ର–ବିଜେଡି–୭୩,୭୨୮
ଦିଲୀପ ମହାନ୍ତି–ଭାଜପା–୨୪,୯୭୧
ମନୋରଞ୍ଜନ ଦାଶ–କଂଗ୍ରେସ–୮,୨୨୩
ସ୍ୱର୍ଣ୍ଣଲତା ପଟ୍ଟନାୟକ–ଏଏପି–୧୫୧୩
ନୋଟା– ୧୧୫୧

# ବିଜୟ ଆଶାରେ ସବୁ ଦଳ




ଶଶାଙ୍କ ଶେଖର ଝାଙ୍କର

ଦେବଗଡ଼, ୧।୩ (ସ୍ୱ.ପ୍ର.)

୭୦ ପଞ୍ଚାୟତ, ୩ ବ୍ଲକ ଓ ଗୋଟିଏ ପୌର ସଂସ୍ଥାକୁ ନେଇ ଦେବଗଡ଼ ନିର୍ବାଚନ ମଣ୍ଡଳୀ ଗଠିତ। ଭୋଟର ସଂଖ୍ୟା ପ୍ରାୟ ୨ଲକ୍ଷ ୩୩ ହଜାର। ଦେବଗଡ଼ ଜିଲାର ଏକମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀ । ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହି ଆସନରୁ ନିର୍ବାଚିତ ହୋଇଛନ୍ତି । ମୁଖ୍ୟତଃ ବିରୋଧୀ ଦଳର କବ୍‌ଜାରେ ଏହି ନିର୍ବାଚନମଣ୍ଡଳୀ ରହିଆସିଛି। ବୋଧହୁଏ ଏଥିପାଇଁ ଦେବଗଡ଼ ନିର୍ବାଚନ ମଣ୍ଡଳୀର ସେଭଳି ବିକାଶ ହୋଇପାରିନାହିଁ ବୋଲି ଭୋଟରମାନେ ଅଭିଯୋଗ କରିଛନ୍ତି ।

୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କୁ ପରାଜିତ କରି ପ୍ରଥମେ ଏହି ନିର୍ବାଚନ ମଣ୍ଡଳୀକୁ ନିଜ ଅକ୍ତିଆରକୁ ନେଇଥିଲେ। ୨୦୧୪ରେ ଭାଜପା ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟ କାଟି କଂଗ୍ରେସରୁ ଆସି ଦଳରେ ସାମିଲ ହୋଇଥିବା ନିତେଶ ଗଙ୍ଗଦେବଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡିର ତତ୍କାଳୀନ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କୁ ଦଳ ଟିକେଟ ଦେଇ ନ ଥିଲା। ତାଙ୍କ ବିରୋଧରେ ରେଙ୍ଗାଳି ବୁଡ଼ି ଅଞ୍ଚଳ ଲୋକଙ୍କ କ୍ଷତିପୂରଣ ଟଙ୍କା ଆତ୍ମସାତ ଅଭିଯୋଗ ଆସିବା ପରେ ଦଳ ଏପରି ପଦକ୍ଷେପ ଗ୍ରହଣ କରିଥିଲା। ଶେଷରେ ସଞ୍ଜୀବ ପ୍ରଧାନଙ୍କ ସ୍ତ୍ରୀ ଅନୀତା ପାତ୍ରଙ୍କୁ ଦଳ ଟିକେଟ ଦେଇଥିଲା। ଫଳରେ ବିଜେଡି କର୍ମୀ ଓ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହି ଅସନ୍ତୋଷରୁ ଭାଜପା ଟିକେଟ୍‌ରେ ନିତେଶ ଗଙ୍ଗଦେବ ବିଜୟୀ ହୋଇଥିଲେ ।

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ବେଶ୍‌ଉଷ୍ମ ହେବାରେ ଲାଗିଛି । ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଏଥିପାଇଁ ପୂର୍ବପ୍ରସ୍ତୁତି ଜାରି ରଖିଛନ୍ତି । ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ମଧ ବର୍ତ୍ତମାନ ତାଙ୍କ ବିରୋଧରେ କିଛି ଜନ ଅସନ୍ତୋଷ ରହିଛି । ସେଥିପାଇଁ ଏଥର ତାଙ୍କୁ ଟିକେଟ ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପରି କି ଚର୍ଚ୍ଚା ହେଉଛି ଦଳ ତାଙ୍କୁ ବିଧାନସଭା ଟିକଟ ନ ଦେଇ ଲୋକ ସଭା ପ୍ରାର୍ଥୀ କରିପାରେ । ଗତଥର ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟକୁ ଦଳ କାଟିଥିଲା । ଏଥର ସେ ଟିକେଟ ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଅରୁଣ ସାହୁ ମଧ ଟିକେଟ ଦୌଡ଼ରେ ଅଛନ୍ତି। ନିତେଶ ଗଙ୍ଗଦେବ ଯଦି ଟିକେଟ ନ ପାଆନ୍ତି ତାଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ବିଜେଡି ଟିକେଟରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି । ଏ ନେଇ ନିତେଶ ଗଙ୍ଗଦେବ କୁହନ୍ତି, ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାମ କରିଛି। ଲୋକଙ୍କ ସାଥିରେ ଅଛି । ଜିଲାବାସୀ ଯେ କୌଣସି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମୁଁ ସେମାନଙ୍କୁ ସମର୍ଥନ କରିଛି। ଏଥର ସୁଯୋଗ ମିଳିଲେ ସର୍ବପ୍ରଥମେ ବିସ୍ଥାପିତ ରେଙ୍ଗାଳି ପରିବାରକୁ କ୍ଷତି ପୂରଣ ପ୍ରଦାନ ଉପରେ ଗୁରୁତ୍ୱ ଦେବି। ତାଳଚେର-ବିମଳାଗଡ଼ ରେଳଲାଇନ ପାଇଁ ରାଜ୍ୟ ସରକାର କିଛି କରି ନାହାନ୍ତି। ମୁଁ ସେଥିପାଇଁ ଲଢେଇ କରିବି।

ସୁବାସ ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଦଳ ଏଥର ମୋତେ ସୁଯୋଗ ମିଳିଲେ ତାଳଚେର-ବିମଳାଗଡ଼ ରେଳ ଲାଇନ,ଶୀତଳ ଭଣ୍ଡାର,ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, କୃଷି, ବ୍ରାହ୍ମଣୀ ନଦୀରୁ ସହରରକୁ ଜଳଯୋଗାଣ, ଜିଲାର ପର୍ଯ୍ୟଟନ ସ୍ଥଳୀ ଉନ୍ନତି ସହିତ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ଉପରେ ଗୁରୁତ୍ୱ ଦେବି ।

ଅନ୍ୟପକ୍ଷେ ଗଡ଼ ଦଖଲ ଆଶାରେ ବିଜେଡି ରହିଛି । ସେଥିପାଇଁ ଦଳରେ ଆଶାୟୀଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି । ଏହି ଦୌଡ଼ରେ ବିଜେଡି ସଭାପତି ସୁଧୀର କୁମାର କପରଦାର, ବିଜେଡି ଉପସଭାପତି ତଥା ବାରକୋଟ ବ୍ଲକ୍‌ର ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ଓ ବିଜେଡି ଜିଲା କୃଷକ ସେଲ ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚକ ରଞ୍ଜନ ବିଶ୍ୱାଳ ,ଦେବଗଡ଼ ପୌରପରିଷଦର ପୂର୍ବତନ ଚେୟାରମ୍ୟାନ୍ ପ୍ରଣବ କୁମାର ପ୍ରଧାନ ଅଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିବାରୁ ଏଥର ନିର୍ବାଚନରେ ତା'ର ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଏଥିପାଇଁ ପୂର୍ବତନ ସମାଜ ମଙ୍ଗଳ ବୋର୍ଡ଼ ଅଧ୍ୟକ୍ଷା ନିବେଦିତା ନାୟକ, ଦେବଗଡ଼ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ଅନୀତା ପାତ୍ର ଏବଂ ଗତଥର ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନଙ୍କ ସହଧର୍ମିଣୀ ଅନୀତା ପ୍ରଧାନ ମଧ ଆଶାୟୀ ତାଲିକାରେ ଅଛନ୍ତି ।

ସୁଧୀର କୁମାର କପରଦାର କୁହନ୍ତି, ମୁଁ ପ୍ରଥମରୁ ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱ ବହନ କରି ଆସିଛି। ଦେବଗଡ଼ ଏକ ଶିଳ୍ପବିହୀନ ଜିଲା । ଏହାର ଉନ୍ନତି ପାଇଁ କୃଷି ଓ କୃଷକକୁ ଗୁରୁତ୍ୱ ଦିଆଯିବ । ଦୁର୍ନୀତି, ଭ୍ରଷ୍ଟାଚାର ଯୋଗୁ ଜିଲାର ଉନ୍ନତି ହୋଇପାରୁ ନାହିଁ । ସେ ଦିଗ ପ୍ରତି ଧ୍ୟାନ ଦିଆଯିବ । ତାଳଚେର-ବିମଳାଗଡ଼ ରେଳପଥ କାମ ଶୀଘ୍ର ଶେଷ କରିବା ସହିତ ଶିକ୍ଷା,ସ୍ୱାସ୍ଥ୍ୟ ସମେତ ଜିଲାର ଉନ୍ନତି ଉପରେ ଗୁରୁତ୍ୱାରୋପ କରିବି । ନିବେଦିତା ନାୟକ କୁହନ୍ତି, ଦଳ ପକ୍ଷରୁ ବିଭିନ୍ନ ଜିଲା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଇଛି । ଯଦି ମୋତେ ସୁଯୋଗ ମିଳେ ଦେବଗଡ଼କୁ ମଡେଲ ଜିଲାରେ ପରିଣତ କରିବାକୁ କାମ କରିବି ।


ନୀତେଶ ଗଙ୍ଗଦେବ

ଅତୀତରେ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀକୁ ୩ ଥର ଦଖଲ କରିଥିଲା । ଏବେ ସେହି ସ୍ଥିତିକୁ ଫେରାଇ ଆଣିବାକୁ କଂଗ୍ରେସ ନେତାମାନେ ଅଣ୍ଟା ଭିଡିଛନ୍ତି । ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନଙ୍କ ପାଖରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିଲେ । ୨୦୧୪ରେ ନିତେଶ ଗଙ୍ଗଦେବ କଂଗ୍ରେସରୁ ଭାଜପାକୁ ଯିବା ପରେ କଂଗ୍ରେସ ପ୍ରାର୍ଥୀ ସେମ୍ ହେମ୍‌ରାମ ମାତ୍ର ୧୪,୮୦୯ ଖଣ୍ଡ ଭୋଟ ପାଇ ନିଜ ଅମାନତ ହରାଇଥିଲେ । ଏଥର ଅବଶ୍ୟ ପୂର୍ବତନ ଯୁବ କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କୁ କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ଦେଇଛି । ପୂର୍ବ ଅପେକ୍ଷା ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସରେ ବି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲା ସଭାପତି ସାହୁ ବି ଏଥର ନିର୍ବାଚନ ଲଢ଼ିବା ପାଇଁ ଆଶା ବାନ୍ଧିଥିବା ବେଳେ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ତଥା ଗତଥରର ପରାଜିତ ପ୍ରାର୍ଥୀ, ଆଦିବାସୀ ନେତା ସେମ୍ ହେମ୍‌ରାମ ମଧ ପୁଣି ଥରେ ଆଶାୟୀ ତାଲିକାରେ ଅଛନ୍ତି। ଏ ନେଇ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ କୁହନ୍ତି, ଛାତ୍ର ଜୀବନରୁ ମୁଁ ଲୋକଙ୍କ ସହିତ ଅଛି। ଜନସାଧାରଣଙ୍କ ସମସ୍ୟା ନେଇ ମୁଁ ଆନ୍ଦୋଳନ କରିଛି। ଆଗାମୀ ଦିନରେ ସୁଯୋଗ ମିଳିଲେ ଜିଲାର ବେକାରି ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ପାଇଁ କାମ କରିବି । ସେମ୍ ହେମ୍‌ରାମ କୁହନ୍ତି, ଯଦି ସୁଯୋଗ ମିଳେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବି ।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ନୀତେଶ ଗଙ୍ଗଦେବ | ୮୯୬୩୬ |
| ବିଜେଡି | ଅନୀତା ପ୍ରଧାନ | ୫୦୮୯୭ |
| କଂଗ୍ରେସ | ସେମ୍ ହେମ୍‌ରାମ | ୧୪୮୦୯ |

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧,୧୮,୫୩୦ | ୧.୧୪,୪୬୧ | ୧୧ | ୨,୩୩,୦୦୨ |

# ବିଜେଡି: ଏଥର ବି କନ୍ଦଳ


ସୁରେନ୍ଦ୍ର ସେଠୀ


ବିଶ୍ୱଭୂଷଣ ଦାସ


ତୁଷାରକାନ୍ତି ବେହେରା

ହେମନ୍ତ ନାୟକ

ପୁରୀ ଅଫିସ, ୧।୩

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଆସନ ଅଧୀନରେ ରହିଛି। ୨୦୦୯ରେ ଏହି ବିଧାନସଭା ଆସନକୁ ସଂରକ୍ଷିତ କରାଯାଇଥିଲା। ଏହାଦ୍ୱାରା ୨୦୦୦ ଏବଂ ୨୦୦୪ରେ ଲଗାତର ବିଜେଡିରୁ ଜିତିଥିବା ସୁରେନ୍ଦ୍ର ନାଥ ନାୟକଙ୍କ ଲମ୍ବା ରାଜନୈତିକ କ୍ୟାରିୟର ଉପରେ ଏକପ୍ରକାର ଛକି ଟାଣି ହୋଇଗଲା। ୨୦୦୯ ଏବଂ ୨୦୧୪ରେ ବିଜେଡି ପ୍ରାର୍ଥୀ ହିଁ ଏଠାରୁ ବିଜୟୀ ହୋଇଆସୁଛନ୍ତି। କହିବାକୁ ଗଲେ ବିଜେଡି ଗଠନ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖିଆସିଛି। ହେଲେ ଏଥର ଫଳାଫଳକୁ ନେଇ ଉଙ୍କିମାରିଲାଣି ଅନେକ ପ୍ରଶ୍ନ? ଗୋଷ୍ଠୀ କନ୍ଦଳରୁ ମୁକୁଳି ବିଜେଡି ଲଗାତର ପଞ୍ଚମ ଥର ପାଇଁ ବାଜି ମାରିନେବ ନା ପରିବର୍ତ୍ତନ ହାୱାରେ ଏଠାରେ ଗେରୁଆ ପତାକା ଉଡ଼ିବ କିମ୍ବା ୧୯୯୫ ପରଠାରୁ କ୍ଷମତାକୁ ଫେରି ନ ଥିବା କଂଗ୍ରେସ କିଛି ଚମତ୍କାରିତା ଦେଖାଇବ ଏସବୁକୁ ନେଇ ଆଶା ଅଶଙ୍କା ରହିଛି।

୨୦୦୯ରେ ରବି ମଲ୍ଲିକ ବିଜେଡି ପ୍ରାର୍ଥୀ ହୋଇ ଜିତିଥିଲେ। ଏହା ପରେ ସୁରେନ୍ଦ୍ରଙ୍କ ସହ ରବିଙ୍କର ବିବାଦ ଆରମ୍ଭ ହୋଇଥିଲା। ୨୦୧୪ରେ ଦଳ ରବିଙ୍କୁ ଆଉ ଟିକେଟ ଦେଇ ନ ଥିଲା। ବରଂ ନୂଆମୁହଁ ଭାବେ ସୁରେନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା। ଏବେ ପୁଣି ଗୋଷ୍ଠୀ କନ୍ଦଳ। ଦୁଇ ସୁର(ସୁରେନ୍ଦ୍ର ନାଥ ନାୟକ ଓ ସୁରେନ୍ଦ୍ର ସେଠୀ)ଙ୍କ ମଧ୍ୟରେ ବିବାଦ ଦାଣ୍ଡରେ ପଡି ହାଟରେ ଗଡିଲାଣି। ଏହି ଦୁଇଜଣଙ୍କ ମଧ୍ୟରେ ଉପୁଜିଥିବା ବିବାଦର ପ୍ରଭାବ ନିର୍ବାଚନମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ବରିଷ୍ଠ ବିଜେଡି ନେତା ସୁର ନାୟକ ଦ୍ୱିତୀୟଥର ଲାଗି ସୁରେନ୍ଦ୍ର ସେଠୀ ପ୍ରାର୍ଥୀ ହୁଅନ୍ତୁ ଚାହୁଁ ନ ଥିବା ଶୁଣିବାକୁ ମିଳୁଛି। ଏମିତି କି କାକଟପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଦେଶୀ ସୁର ସେଠୀ ହଟାଅ, କାକଟପୁର ନିର୍ବାଚନମଣ୍ଡଳୀ ବଞ୍ଚାଅ, ଆଉ ଟିକେଟ ନାହିଁ ଲେଖାଥିବା ପୋଷ୍ଟର ଲଗାଯାଇଛି। ବିଜେଡିର ଏହି ଗୋଷ୍ଠୀ କନ୍ଦଳକୁ ନେଇ କର୍ମୀଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।

ଅନ୍ୟପକ୍ଷରେ ୨୦ବର୍ଷ ହେବ ବିଜେଡି ଏଠାରେ କ୍ଷମତା ହାତଉଥିଲେ ମଧ ଆଖିଦୃଶିଆ କାମ ହୋଇପାରି ନାହିଁ ବୋଲି ବିରୋଧୀ କହୁଛନ୍ତି। ନିର୍ବାଚନମଣ୍ଡଳୀର ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ଏଥର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ଟିକେଟ ଦେବ କି ନାହିଁ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପୁଣି ବିଜେଡି ଟିକେଟ ପାଇବେ ବୋଲି ବିଧାୟକ ସୁରେନ୍ଦ୍ର ସେଠୀ ଦୃଢ଼ନିଶ୍ଚିତ ଥିବାବେଳେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଅଭୟ ସେଠୀ, ପ୍ରସନ୍ନ ବେହେରା, ଚୈତନ୍ୟ ସେଠୀ ଓ ସୂର୍ଯ୍ୟକାନ୍ତ ଦାସ ମଧ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ବିଧାୟକ ସେଠୀ କହିଛନ୍ତି, ଟିକେଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ ମାନିନେବି। କାକଟପୁର ବିଜେଡିରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। କାହାର ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ଯଦି କିଛି ଆଞ୍ଚ ଆସିଥିବ ସେମାନେ କିଛି ଏମିତି କହୁଥିବେ। ବିଭିନ୍ନ ସ୍ଥାନରେ ଯେଉଁ ପୋଷ୍ଟର ଲଗାଯାଇଛି ତାହା ସମ୍ପୂର୍ଣ୍ଣ ପ୍ରାୟୋଜିତ। କାକଟପୁର ନିର୍ବାଚନ ମଣ୍ଡଳୀର ୭୦ ଭାଗ ଭୋଟ ବିଜେଡିର ରହିଛି ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ରବି ମଲ୍ଲିକ କହିଛନ୍ତି, ଟିକେଟ ପାଇବି ବୋଲି ଆଶା ତ ରଖିଛି। ମୋ ସମୟରେ ଅସ୍ତରଙ୍ଗ ଉପକୂଳରେ ସୁନାମି ପ୍ରତିରୋଧ ବନ୍ଧ ସାଙ୍ଗକୁ ବିଭିନ୍ନ ଉନ୍ନୟନମୂଳକ କାମ ହୋଇଛି। ଗତ ନିର୍ବାଚନରେ ମୋ ସହିତ ଅନ୍ୟାୟ କରାଯାଇଛି। ଏଥର ଏପରି କିଛି ହେବନି ବୋଲି ମୋର ଆଶା। ପ୍ରସନ୍ନ ବେହେରା କହିଛନ୍ତି, ଛାତ୍ର ଜୀବନରୁ ରାଜନୀତିରେ ରହିଛି। ବିଜୁବାବୁଙ୍କ ସହିତ ଥିଲି ଏବେ ନବୀନ ବାବୁଙ୍କ ସହ ଅଛି। ବର୍ତ୍ତମାନ ଓଡ଼ିଶା ମତ୍ସ୍ୟଜୀବୀ ସଂଘ ସଭାପତି ରହିଛି। ନିଶ୍ଚିତ ମୁଖ୍ୟମନ୍ତ୍ରୀ ମୋ କଥା ବିଚାର କରି ଟିକେଟ ଦେବେ ବୋଲି ଆଶା ରଖିଛି। ସେହିଭଳି ସମାନ ଢଙ୍ଗରେ କହିଛନ୍ତି ଅଭୟ ସେଠୀ। ସେ କହିଛନ୍ତି, କଲେଜ କ୍ୟାରିୟରରୁ ରାଜନୀତି ସହ ସମ୍ପୃକ୍ତ ରହିଛି। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦୀର୍ଘବର୍ଷ ହେଲା କାମ କରିଆସୁଛି। ବିଗତ ଦିନରେ ସୁରେନ୍ଦ୍ର ନାଥ ନାୟକଙ୍କ ସହିତ ସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳ ପାଇଁ କାମ କରିଛି। ତେଣୁ ଶତପ୍ରତିଶତ ଟିକେଟ ପାଇବି ବୋଲି ମୋର ବିଶ୍ୱାସ। ସୂର୍ଯ୍ୟକାନ୍ତ ଦାସ କହିଛନ୍ତି, ଦୀର୍ଘବର୍ଷ ହେଲା ଲୋକମାନଙ୍କ ସହ ରହିଆସିଛି। ବିଶେଷକରି କାକଟପୁର ନିର୍ବାଚନମଣ୍ଡଳୀବାସୀଙ୍କ ମୁଖ୍ୟ ଆୟ ହେଉଛି ପାନ, ମୀନ ଓ ଧାନ। ଏସବୁର ଅଧିକ ଅମଳ ଏବଂ ସହଜରେ କିପରି ବିକ୍ରି ସୁବିଧା ପାଇବେ ତାହା ଉପରେ ଗୁରୁତ୍ୱ ଦେଇଆସୁଛି। ଦଳର ଜଣେ ସକ୍ରିୟ କର୍ମୀ ଏବଂ କାକଟପୁର ମାଟିର ପୁଅ ଭାବେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ମୋ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେବେ ବୋଲି ଆଶା ରଖିଛି। ଏମାନଙ୍କ ଛଡା ଚୈତନ୍ୟ ସେଠୀଙ୍କ ନାଁ ବି ଚର୍ଚ୍ଚା ହେଉଛି। ସେ ମଧ ଟିକେଟ ପାଇବାକୁ ଆଶାବାଦୀ ଅଛନ୍ତି।

ସେହିପରି ଭାଜପାରୁ ତୁଷାରକାନ୍ତି ବେହେରା, ସର୍ବେଶ୍ୱର ମଲ୍ଲିକ ଏବଂ ଅଶୋକ ସେଠୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ତୁଷାରକାନ୍ତି କହିଛନ୍ତି, ଟିକେଟ ସମ୍ପର୍କରେ କେନ୍ଦ୍ରୀୟ କମିଟି ହିଁ ଯାହା ନିଷ୍ପତ୍ତି ନେବ। ପଞ୍ଚାୟତ ନିର୍ବାଚନରେ ମୋ ନେତୃତ୍ୱରେ ଦଳ କାକଟପୁରରେ ଭଲ ଫଳାଫଳ କରିଥିବାରୁ ଟିକେଟ ପାଇବି ବୋଲି ଆଶା ଅଛି। ସର୍ବେଶ୍ୱର ମଲ୍ଲିକ କହିଛନ୍ତି, ଲୋକଙ୍କ ସାଙ୍ଗରେ ରହିଛି। ମୁଁ ଦଳ ପାଇଁ କାମ କରିଛି, ଦଳ ମୋ ପ୍ରତି ଯାହା ବିଚାର କରିବ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ଥିବା ଅଶୋକ ସେଠୀ କହିଛନ୍ତି, ୨୦୧୪ରେ ଆଶାୟୀ ଥିଲି। ଏଥର ଦଳ ମୋ ଗୁରୁତ୍ୱକୁ ଉପଲବ୍ଧି କରି ଯାଜପୁର ଜିଲା ଭାଜପା ପ୍ରଭାରୀ ଦାୟିତ୍ୱ ଦେଇଛି। ତେଣୁ ଏଥର ପ୍ରାର୍ଥୀ ହେବା ପାଇଁ ଆଶାୟୀ ରହିଛି। କଂଗ୍ରେସରୁ ରବୀନ୍ଦ୍ର ସେଠୀ ଏବଂ ବିଶ୍ୱଭୂଷଣ ଦାସଙ୍କ ନାଁ ଆଲୋଚନା ହେଉଛି। ରବୀନ୍ଦ୍ର କହିଛନ୍ତି, ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ। ପୂର୍ବରୁ ମନ୍ତ୍ରୀ ଥିବା ସମୟରେ ଏହି ଅଞ୍ଚଳରେ ବହୁ ଉନ୍ନୟନମୂଳକ କାମ କରିଛି। ୨୦୧୪ରେ ମଧ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲି। ଏଣୁ ଚଳିତବର୍ଷ ପ୍ରାର୍ଥୀ ହେବି ବୋଲି ଆଶା ରଖିଛି। ବିଶ୍ୱଭୂଷଣ ମଧ ସମାନ ଢଙ୍ଗରେ ମତ ରଖିଛନ୍ତି। ସେ କହିଛନ୍ତି, ୨୦୦୯ରେ ଲଢି ପରାଜିତ ହୋଇଥିଲି। ୨୦୧୪ରେ ମୋତେ ଟିକେଟ ମିଳି ନ ଥିଲା। ହେଲେ ଏଥର ପିସିସି ସଭାପତି ଚାହୁଁଛନ୍ତି ଯେଉଁମାନେ ଲୋକଙ୍କ ସହିତ ଅଛନ୍ତି ଏବଂ ଦଳର ଗାଇଡ୍ ଲାଇନ ମାନୁଛନ୍ତି ସେମାନଙ୍କୁ ଟିକେଟ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ତେଣୁ ଟିକେଟ ପାଇଁ ଆଶାବାଦୀ ରହିଛି ବୋଲି ବିଶ୍ୱଭୂଷଣ କହିଛନ୍ତି।

**ନିର୍ବାଚନମଣ୍ଡଳୀ ରୂପରେଖ**

କାକଟପୁର ବ୍ଲକର ୧୬ ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକର ୧୫, ଗୋପ ବ୍ଲକର ୧୪ ପଞ୍ଚାୟତ ଏବଂ କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନମଣ୍ଡଳୀର ଜନସଂଖ୍ୟା ୩,୧୦,୨୫୬। ୨୦୧୯ ଭୋଟର ତାଲିକା ଅନୁଯାୟୀ ମୋଟ ମତଦାତାଙ୍କ ସଂଖ୍ୟା ୨,୩୬,୬୫୫।




**୨୦୧୪ ନିର୍ବାଚନ ଫଳାଫଳ**

| ପ୍ରାର୍ଥୀ | ଦଳ | ଭୋଟ |
|---|---|---|
| ସୁରେନ୍ଦ୍ର ସେଠୀ | ବିଜେଡି | ୮୯,୯୬୩ |
| ରବୀନ୍ଦ୍ର ସେଠୀ | କଂଗ୍ରେସ | ୪୮,୯୩୩ |
| ତୁଷାରକାନ୍ତି ବେହେରା | ଭାଜପା | ୧୨,୦୯୩ |
| କମଳ ବେହେରା | ସିପିଆଇ | ୩,୬୦୯ |



ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ବ୍ରାହ୍ମଣବିଲ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀ ଆଖପାଖ ଅଞ୍ଚଳରେ ଥିବା କଦଳୀ ଗଛ ଓ ପନିପରିବା ଆଦି ଖାଇ ନଷ୍ଟ କରିଛି। ଚାଙ୍ଗୁଡିଆ, ବଡବେରେଣା, କଙ୍କୁରପାଳ, ଡାହିବର, ବାହାଳସାହି, କମ୍ପସଲା, ଛେଣ୍ଡିପଦା ଜଙ୍ଗଲ, କରଡାବାହାଳ, କୋଶଳା ଆଦି ଅଞ୍ଚଳରେ ହାତୀ ଉପଦ୍ରବ କରୁଥିବା ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

# ୭ ଶିଳ୍ପାନୁଷ୍ଠାନକୁ ଜମି ଯୋଗାଇବେ ସରକାର

**ଭୁବନେଶ୍ୱର, ୧।୩ (ବ୍ୟୁରୋ)**

ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର ୭ଟି ନୂତନ ଅଣଖଣିଜ ସେକ୍ଟରର ଶିଳ୍ପାନୁଷ୍ଠାନ ପାଇଁ ଜମି ମଞ୍ଜୁର କରିଛନ୍ତି। ଏହି କମ୍ପାନୀଗୁଡିକରେ ପ୍ରାୟ ୩୨୦୦ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରେ ଏନେଇ ମଞ୍ଜୁରୀ ମିଳିଛି। ସରକାରୀ ସୂଚନା ମୁତାବକ, ଏବେ ସୁଦ୍ଧା ଡେରାସ୍‌ରେ ୧୫ଟି ଏବଂ ଇନ୍‌ଫୋଭାଲିରେ ୧୩ଟି ଏହିପରି ସମୁଦାୟ ୨୮ ଶିଳ୍ପାନୁଷ୍ଠାନ ପାଇଁ ସରକାରଙ୍କ ପକ୍ଷରୁ ଜମି ଆବଣ୍ଟନ କରାଯାଇସାରିଛି। ଏହିସବୁ ଶିଳ୍ପ ମାଧ୍ୟମରେ ୧୬,୩୧୫ରୁ ଅଧିକ ଯୁବତୀ,ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି।

ଶୁକ୍ରବାର ବସିଥିବା ବୈଠକରେ ଇଡ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ କମ୍ପାନୀଗୁଡିକଠାରୁ ମିଳିଥିବା ପୁଞ୍ଜିନିବେଶ ପ୍ରସ୍ତାବ ଏବଂ ଆବଶ୍ୟକ ଜମି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଶିଳ୍ପାନୁଷ୍ଠାନଗୁଡିକ ପାଇଁ ବାସ୍ତବରେ କେତେ ଜମି ଆବଶ୍ୟକତା ରହିଛି ଏହାର ଠିକ୍ ଆକଳନ ପାଇଁ ମୁଖ୍ୟ ଶାସନ ସଚିବ ଇପିକଲ୍, ଓକାକ୍ ଏବଂ ସଞ୍ଜୋଗକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଶିଳ୍ପଗୁଡିକ ପାଇଁ ଜମି ଆବଶ୍ୟକତାର ଠିକ୍ ଆକଳନ ଯାଞ୍ଚ ଲାଗି ଏକ ବୈଷୟିକ ମାନଦଣ୍ଡ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଓକାକ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ ପ୍ରସ୍ତାବ ଦେଇଛନ୍ତି ଯେ, ଡେରାସ୍ଥିତ ସାମୁଦ୍ରିକ ଖାଦ୍ୟ ପାର୍କ ଏବଂ ଖୋର୍ଦ୍ଧାଠାରେ ଇନ୍‌ଫୋଭାଲି ଶିଳ୍ପାଞ୍ଚଳରେ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ସୁଯୋଗର ଦ୍ରୁତ ବିକାଶ ଯୋଗୁ ଅଧିକରୁ ଅଧିକ ପୁଞ୍ଜି ନିବେଶକାରୀ ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସରକାରୀ ସୂଚନା ମୁତାବକ, ଆଇ.ଟି.ସି. କମ୍ପାନୀକୁ ବିସ୍କୁଟ ଓ ସ୍ନାକ୍ସ ଉତ୍ପାଦନ ପାଇଁ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ୫.୨୦ଏକର, ଷ୍ଟାର୍. ଜି.ଏସ୍.ଏମ. କମ୍ପାନୀକୁ ବୈଦ୍ୟୁତିକ ସରଞ୍ଜାମ ପ୍ରସ୍ତୁତି ପାଇଁ ଇନ୍‌ଫୋଭାଲିରେ ୫.୦୩ଏକର, ସି.ଟି.ଇ.ଏଲ୍ ଇନ୍‌ଫୋସିଷ୍ଟମ କମ୍ପାନୀକୁ ସଫ୍ଟୱେର ପ୍ରସ୍ତୁତି ପାଇଁ ଇନ୍‌ଫୋଭାଲିରେ ୪.୧୦ଏକର, ସାବରୀ ଫୁଡ୍ କମ୍ପାନୀକୁ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଲାଗି ଡେରାସ୍ ଫୁଡ୍ ପାର୍କରେ ୩ ଏକର, ରାସାୟନିକ ଟେକ୍ନୋଲୋଜି ପ୍ରତିଷ୍ଠାନ ପାଇଁ ଭୁବନେଶ୍ୱରରେ ୨୦ଏକର ଏବଂ ଓଡିଶା କୌଶଳ ବିକାଶ କର୍ତ୍ତୃପକ୍ଷଙ୍କୁ ବିଶ୍ୱ କୌଶଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ମଞ୍ଚେଶ୍ୱରଠାରେ ୪ଏକର ଜମି ପାଇଁ ମଞ୍ଜୁରୀ ଦେଇଛନ୍ତି। ଏହାଛଡା ଇନ୍‌ଫୋଭ୍ୟାଲିଠାରେ ବ୍ୟାଟେରି, ଇନଭରଟର ଓ ସୌର ପ୍ୟାନେଲ୍ ପ୍ରସ୍ତୁତି ଲାଗି ଆସିଥିବ ଅନ୍ୟ ଏକ ପ୍ରସ୍ତାବ ଉପରେ ଠିକ୍ ଆବଶ୍ୟକତାର ଆକଳନ ପାଇଁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ୫ଟି ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୩୦୫କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି କୁହାଯାଇଛି।

**୩୨୦୦ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

## ସଂକ୍ଷେପରେ

### ଆଜି ଭାଜପାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ୍ ରାଲି

**ଭୁବନେଶ୍ୱର, ୧।୩ (ବ୍ୟୁରୋ):** ଭାଜପା ଶନିବାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ ରାଲି ପାଳନ କରିବ। ଦେଶରେ ସୁଶାସନ ଓ ଭ୍ରଷ୍ଟାଚାର ମୁକ୍ତ କରିବାରେ ମୋଦି ସରକାର ବେଶ୍ ସଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ଲାଗୁ କରିବା ସହ ଆୟୁଷ୍ମାନ ଭାରତ ଏବଂ ଉଜ୍ଜ୍ୱଳା ଭଳି ଅନେକ ଯୁଗାନ୍ତକାରୀ ଯୋଜନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରରେ 'ପୁଣିଥରେ ମୋଦି ସରକାର' ଏବଂ ରାଜ୍ୟରେ 'ଏଥର ସରକାର ବଦଳିବା ଦରକାର' ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଶନିବାର ଦେଶବ୍ୟାପୀ ବିଜୟ୍ ସଂକଳ୍ପ ବାଇକ ରାଲି ସମାବେଶ ସମସ୍ତ ବିଧାନସଭାରେ ଆୟୋଜିତ ହେବ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ବିଜେଡିରେ ମିଶିଲେ ମୁକୁନ୍ଦ ସୋଡ଼ି

**ଭୁବନେଶ୍ୱର,୧।୩ (ବ୍ୟୁରୋ):** ମାଲକାନଗିରି ପୂର୍ବତନ ବିଧାୟକ ତଥା ଭାଜପା ନେତା ମୁକୁନ୍ଦ ସୋଡ଼ି ଏବଂ ତାଙ୍କ ସମର୍ଥକମାନେ ଶୁକ୍ରବାର ବିଜେଡିରେ ମିଶିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିରେ ସାମିଲ ହୋଇଥିବା ଅନ୍ୟ ବରିଷ୍ଠ ତୃଣମୂଳସ୍ତରୀୟ ନେତାମାନେ ହେଉଛନ୍ତି ଭେଙ୍କଟକଲାମ ସରପଞ୍ଚ ଦେବ ମାଡ଼କାମି, ଭେଜଗନବାଡ଼ା ସମିତି ସଭ୍ୟ ହରିବନ୍ଧୁ ହନ୍ତାଳ, ପଦ୍ମଗିରି ପୂର୍ବତନ ସରପଞ୍ଚ ଅର୍ଜୁନ ମାଡ଼କାମି, ଭାଜପା ନେତା ଶମ୍ଭୁ ବାଦୋଇ, ଠାକୁର ସରକାର, ମୁଡ଼ା ମାଡ଼କାମି, ସମରେଶ ମଣ୍ଡଳ, ଶ୍ରୀନିବାସ ସରକାର, ସୁବାସ ମଣ୍ଡଳ, କିରଣ୍ମୟୀ ସରକାରଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ସୋଡ଼ିଙ୍କ ଯୋଗଦାନ ମାଲକାନଗିରି ଜିଲା ସହ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ତୁରେଇକେଲା, ମୁରିବାହାଲ ବ୍ଲକ କଂଗ୍ରେସ ଓ ଭାଜପାର ସମିତି ସଭ୍ୟ, ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ସହ ୧୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଧାୟକ ଏମ୍‌ଡି. ଆୟୁବ ଖାଁଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ଜିଲା ସଭାପତି ମାନସ ମାଡ଼କାମି, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂ, ଜିଲା ସଂଯୋଜକ ପ୍ରକାଶ ମହାନ୍ତି ଓ କୃଷକ ସେଲ୍ ଜିଲା ସଭାପତି ସୁବାସ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ

**ବଲାଙ୍ଗୀର ଅଫିସ, ୧।୩**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର ପରେ ଅଶ୍ଳୀଳ ଫଟୋକୁ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ପୀଡିତା ଛାତ୍ରୀ ଜଣକ ଜଣେ ସ୍କୁଲ ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ମୁରିବାହାଲ ଥାନା ପୋଲିସ ଏକ ମାମଲା(ନଂ.୨୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାଟି ଫେବୃୟାରୀ ୬ ତାରିଖରେ ଘଟିଥିବା ବେଳେ ୨୭ତାରିଖ ଥାନାରେ ଅଭିଯୋଗ ପରେ ଲୋକଲୋଚନକୁ ଆସିଛି। ଶୁକ୍ରବାର ଛାତ୍ରୀଙ୍କ ମୁରିବାହାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ଶିକ୍ଷକ ଫେରାର ଥିବା ପୋଲିସ କହିଛି। ମୁରିବାହାଲ ଥାନାରେ ପୀଡିତା କରିଥିବା ଅଭିଯୋଗ ଅନୁସାରେ ଗତ ଫେବୃୟାରୀ ୬ତାରିଖ ଦିନ ସେ ନିଜ ଗାଁରୁ ନିକଟସ୍ଥ ଏକ କଲେଜକୁ ପଢ଼ିବା ପାଇଁ ବାହାରିଥିଲେ। ଗାଁରେଇ ଛକ ନିକଟରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଶିକ୍ଷକ ଗଣେଶ ସେଲମା(୩୦) ସେହି ସ୍ଥାନକୁ ଆସିଥିଲେ। ତାଙ୍କ ବାଇକରେ ନେଇ କଲେଜରେ ଛାଡି ଦେବାକୁ କହିଥିଲେ। ହେଲେ କଲେଜକୁ ନେବା ପରିବର୍ତ୍ତେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇଯାଇ ସେଠାରେ ବଳାତ୍କାର କରିଥିଲେ। ପରେ ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି।

ଦଖଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ପ୍ରସଙ୍ଗ

# ରାୟ ପରେ ରାଜ୍ୟଗୁଡ଼ିକ ସହ ବୈଠକ ଡାକିଲା କେନ୍ଦ୍ର

**ନୂଆଦିଲ୍ଲୀ,୧।୩:** ଜଙ୍ଗଲରେ ଆଦିବାସୀଙ୍କ ବସବାସକୁ ନେଇ ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏକ ବୈଠକ ଆହ୍ୱାନ କରିଛନ୍ତି। ଆସନ୍ତା ୬ରେ ହେବାକୁ ଥିବା ବୈଠକରେ ୨୧ ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗ ଦେବେ। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ କାର୍ଯ୍ୟକାରୀ କରିବା ନେଇ ଏହି ବୈଠକରେ ଆଲୋଚନା କରାଯିବ ବୋଲି ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ପୂର୍ବରୁ ସୁପ୍ରିମକୋର୍ଟ ୧୩ ତାରିଖରେ ଏ ସମ୍ପର୍କରେ ଦେଇଥିବା ନିଜ ଆଦେଶ ଉପରେ ଶୁକ୍ରବାର ରହିତାଦେଶ ଜାରି କରିଛନ୍ତି। ଏଥିସହ ସର୍ବୋଚ୍ଚ ଅଦାଲତ ଅଫିସ ରିଭ୍ୟୁ କମିଟି ଗଠନ,ଜଙ୍ଗଲ ଅଧିକାର ଆଇନ ଅଧୀନରେ ଦାବି ଆବେଦନର ପଦ୍ଧତି ଆଦି ସମ୍ପର୍କରେ ଜଣାଇ ଜୁଲାଇ ୧୦ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟଓ୍ୱାରୀ ଆବେଦନ ପ୍ରତ୍ୟାଖାନ ସମ୍ପର୍କରେ ଜଣାଇବାକୁ କୁହାଯାଇଛି।

### ଆର୍‌ଏସ୍‌ପିକୁ ପ୍ରଶଂସାପତ୍ର

**ନୂଆଦିଲ୍ଲୀ,୧।୩:** ଜାତୀୟ ସମ୍ପତ୍ତିର ପର୍ଯ୍ୟାପ୍ତ ବ୍ୟବହାର ଲାଗି ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)କୁ ୨୦୧୬-୧୭ ବର୍ଷ ନିମନ୍ତେ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ଶୁକ୍ରବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏଥିସହିତ ୨୦୩୦-୩୧ ସୁଦ୍ଧା କାରଖାନାର ଅଶୋଧିତ ଇସ୍ପାତ ସାମର୍ଥ୍ୟ ୩୦୦ ନିୟୁତ ଟନ୍ ହାସଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି।

# ଆଜି ବିଜେଡିର ପ୍ରତୀକାତ୍ମକ ବିକ୍ଷୋଭ

**ପୁରୀ ଅଫିସ, ୧।୩:** କେନ୍ଦ୍ର ସରକାର ପୂର୍ବତଟ ରେଳପଥକୁ ବିଭାଜନ କରିବା ଲାଗି ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ଶନିବାର ବିଜେଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟ ଦପ୍ତର ସମ୍ମୁଖରେ ପ୍ରତୀକାତ୍ମକ ବିକ୍ଷୋଭ ସମାବେଶ କରାଯିବ। ଶୁକ୍ରବାର ପୁରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏହା କହିଛନ୍ତି। କେନ୍ଦ୍ର ଆଗାମୀ ନିର୍ବାନକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥକୁ ବିଭାଜନ କରିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପାଇଁ ଏହାକୁ ଦୁଇଭାଗ କରିଦିଆଯାଇଛି। କୌଣସି ଯଥାର୍ଥ କାରଣ ନ ଥାଇ ପୂର୍ବତଟ ରେଳପଥକୁ ଭାଗ ଭାଗ କରିଦିଆଯିବା ଏକ ଅଦୂରଦର୍ଶୀ, ନିନ୍ଦନୀୟ ପଦେକ୍ଷପ ବୋଲି ଦାସବର୍ମା କହିଛନ୍ତି। ଏପରି ହେଲେ ପୂର୍ବତଟ ରେଳପଥର ପରିସୀମା ସଙ୍କୁଚିତ ହେବ। ଏଥିସହ ଆନୁଷଙ୍ଗିକ କ୍ଷେତ୍ରରୁ ଯାହା ଅର୍ଥ ମିଳୁଥିଲା ତାହା ମଧ୍ୟ କମିଯିବ। ପୂର୍ବତଟ ରେଳପଥ ରେଲ୍‌ୱେକୁ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଦେଉଛି। ହେଲେ ବାରମ୍ବାର ରେଲୱେ ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଦୀର୍ଘଦିନର ଲଢେଇ ଓ ସଂଗ୍ରାମ ପରେ ପୂର୍ବତଟ ରେଳପଥ ପ୍ରତିଷ୍ଠା ହୋଇପାରିଥିଲା। ହେଲେ ଏବେ ଏହା ପ୍ରତି ଷଡ଼ଯନ୍ତ୍ର କରାଯାଇଛି। ପୂର୍ବତଟ ରେଳପଥ ବିଭାଜନ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜାଣି ୨୦୧୮ ଫେବୃୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ ଯେ, ପୂର୍ବତଟ ରେଳପଥର ଯଦି ସାମାନ୍ୟତମ ଅଂଶ ଆନ୍ଧ୍ରପ୍ରଦେଶକୁ ଠେଲିଦିଆଯାଏ ତେବେ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ। କେନ୍ଦ୍ରମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ଦୁଇ ଓଡ଼ିଆମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ୍ ଏ ପ୍ରସଙ୍ଗରେ ନୀରବ ରହିବା ନିଶ୍ଚିତ ଦୁର୍ଭାଗ୍ୟର କଥା। ଏହାକୁ ବିରୋଧ କରି ଶନିବାର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟଦପ୍ତର ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ କରାଯିବ। ଏହା ପ୍ରତୀକାତ୍ମକ ଭାବେ ହେବ। କେନ୍ଦ୍ର ସରକାର ଯଦି ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ ନ କରନ୍ତି ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ।

**ପୂର୍ବତଟ ରେଳପଥ ବିଭାଜନକୁ ବିରୋଧ**

# 'ନ୍ୟାୟିକ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି'

**ଭୁବନେଶ୍ୱର, ୧।୩ (ବ୍ୟୁରୋ):** ପୁରୀ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ପ୍ରସ୍ତୁତ ହୋଇଥିବା ସଂଶୋଧିତ ଏକକ ପଲିସିକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଜମି ବିକ୍ରି କରିବା ପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଆଡଭୋକେଟ ମହାପାତ୍ର ନିଜ ପିଟିଶନରେ ଦର୍ଶାଇଛନ୍ତି ଯେ, ୨୦୦୩ ମସିହାରେ ଜଗନ୍ନାଥଙ୍କ ଜମି ବିକ୍ରି କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ୟୁନିଫର୍ମ ପଲିସି ପ୍ରସ୍ତୁତ ହୋଇଥିଲା। ଏବେ ଏହି ପଲିସିରେ କେତେକ ସଂଶୋଧନ ଅଣାଯାଇଛି। ଏପରି କି ସଂଶୋଧିତ ପଲିସିକୁ ସରକାର ଅନୁମୋଦନ କରିଛନ୍ତି। ଆଡଭୋକେଟ ମହାପାତ୍ର ପିଟିଶନରେ ଦର୍ଶାଇଥିବା ତଥ୍ୟ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଜମି କିଣିବା ଲାଗି ଏବେ ୧୦ହଜାର ଆବେଦନ ପଡ଼ିରହିଛି। ରାଜ୍ୟର ବିଭିନ୍ନ ଜିଲାରେ ମହାପ୍ରଭୁ ଜଗନ୍ନାଥଙ୍କ ୬୦ହଜାର ୪୧୮ ଏକର ଭୂସମ୍ପତ୍ତି ରହିଛି। ସେଥିରୁ ୩୫ ହଜାର ଏକର ଜମିର ମାଲିକାନା ସ୍ୱତ୍ୱ ଶ୍ରୀଜଗନ୍ନାଥ ପରିଚାଳନା କମିଟି ନାମରେ ରହିଛି। ଓଡ଼ିଶାକୁ ବାଦ୍ ଦେଲେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ମଧ ମହାପ୍ରଭୁଙ୍କର ବହୁ ପରିମାଣର ଭୂସମ୍ପତ୍ତି ରହିଛି। ଏପରିକି ଏହି ଜମିଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ରହିଛି। ଏବେ ସରକାର ଏହି ବହୁମୂଲ୍ୟ ଜମିକୁ ଶାଗମାଛ ଦରରେ ବିକ୍ରି କରିବାକୁ ମସୁଧା ଚଳାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରଦ୍ଦ କରିବାକୁ ପିଟିଶନରେ ନିବେଦନ କରିଛନ୍ତି।

# ହାଇଦରଙ୍କ ଜାମିନ ଆବେଦନ ଉପରେ ରାଜ୍ୟକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୧।୩**

ଗ୍ୟାଙ୍ଗଷ୍ଟର ହାଇଦରଙ୍କ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଓଡିଶା ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏକ ହତ୍ୟା ମାମଲାରେ ହାଇଦର ଜେଲ୍‌ରେ ରହିଛନ୍ତି। ଜଷ୍ଟିସ ଏଲ. ନାଗେଶ୍ୱର ରାଓ ଏବଂ ଜଷ୍ଟିସ ଏମ.ଆର. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି। ୨୦୦୫ରେ ହାଇଦରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ସେ ଭୁବନେଶ୍ୱରର ଝାରପଡା ଜେଲ୍‌ରେ ରହିଛନ୍ତି। ଗତ ୧୯ ତାରିଖରେ ସେ ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ। ଏହା ପୂର୍ବରୁ ୨୦୧୧ରେ ଓଡିଶା ହାଇକୋର୍ଟରେ ଜାମିନ ପାଇଁ ଆବେଦନ ହୋଇଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ପଡିରହିଥିବା ହାଇଦରଙ୍କ ଓକିଲ ସାର୍ଥକ ନାୟକ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଆକୁ ମୋଡ଼ିବ କୁଆଁ ବେଳେ,**
**ବୋହୂକୁ ମୋଡ଼ିବ ନୂଆ ବେଳେ।**

ବାଳୁତ ପିଲାକୁ ନିଜ ଆକଟରେ ରଖିବା ଉଚିତ। କଅଁଳ ଅବସ୍ଥାରୁ ତା'ପ୍ରତି ସତର୍କ ଦୃଷ୍ଟି ନ ରଖିଲେ ସେ ଅବାଟରେ ଚାଲିଯିବାର ସମ୍ଭାବନା ରହିଥାଏ। ଫଳରେ ତା'ର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ସେହିପରି ଘରକୁ ନୂଆହୋଇ ଆସିଥିବା ବୋହୂକୁ ଆରମ୍ଭରୁ ତାଗିଦ୍ ଭିତରେ ରଖିଲେ ସେ ନିଃସନ୍ଦେହ ସୁଗୃହିଣୀ ହୋଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛି ଲୋ ଛତୁ,**
**ମେଘ ବରଷିଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷା ଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ଅନ୍ୟଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ନେଇ ଗଲେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



GOVERNMENT OF ODISHA
OFFICE OF THE SUPERINTENDING ENGINEER-CUM-ELECTRICAL INSPECTOR, BHADRAK
AT/PO- CHARAMPA, BHADRAK-756101, Email ID: eibhadrak-od@gov.in

TENDER CALL NOTICE NO: 01 OF 2018-19

No.19-AA:- Sealed tenders in duplicate superscribing "SUPPLY OF HIRED VEHICLE" are invited from interested reputed Travel Agencies/Tour Operators or private individuals for supplying 1 No. diesel driven vehicle of following type which shall not be more than three years old so as reach the undersigned on or before 1 PM of dt. 15.03.2019 and the same shall be opened at 03.00 PM of dt. 15.03.2019 in presence of the tenderer/authorized representative of the tendered. The tender shall be accompanied with security deposit of Rs. 5000.00 (Rupees Five Thousand) in shape of bank draft/banker's cheque. The vehicle shall be hired on monthly rent basis as per the terms and conditions given in tender documents. The tender documents will be available in the office of the undersigned during office hours from dt. 06.03.2019 upto 12.00 hrs of dt. 15.03.2019 on payment of Rs. 100.00 (Rupees One Hundred) only in shape of e-challan deposited under head of account "0043-00800-0097-01026-000" in favour of SE-Cum-EI, Bhadrak. The authority reserves the right to accept/reject any or all tenders without assiging any reason thereof.

| Sl. No. | Type of Vehicle | Minimum average milease | Maximum hire Charges per month | Remarks |
|---|---|---|---|---|
| 01 | Bolero/ Tata Sumo/Marshal | 10 Kmpl | Rs. 20000.00 | Service Tax shall be reimbursed separately over & above the hire charges. |

04032/11/0003/1819 SE-Cum-EI, Bhadrak



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA
(E-mail Id: cceabp-eicwr.od@nic.in/ loabp-eicwr.od@nic.in)
No.1365-A:- 'e' Procurement Notice No.- CCEABP-22 of 2018-19

| E-Procurement Officer | Name of Work | Bid Id No. | Tender Cost in Lakhs (Appx.) | Bid Security in Lakhs | Cost of Bid Docu-ment | Class of Contrac-tor | Period of Comple-tion | Availability of Tender On-line for bidding: From | Availability of Tender On-line for bidding: To | Date of opening of Technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A. B. Projects, Salapada | Providing Cement Concrete Lining to Salandi Left Main canal (SLMC) from RD 16080M to 18017M of Integrated Anandapur Barage Project Under AIBP. | ABP-BCD-05/1 of 2018-19 | 768.02 | 7,70,000/- | 10,000/- | Spl & Super | 6 (Six) Calendar months | 06.03.19 11.30 hrs | 26.03.19 17.00 hrs | 27.03.19 11.30 hrs |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.
32068/11/0034/1819 Sd./- Chief Construction Engineer, Anandapur Barrage Project, Salapada



CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ୱା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF
MORE SPACE • SAME PRICE
*GST 5% Extra



| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

MAKE IN INDIA

In service of the nation
INDIAN RAILWAYS
www.indianrailways.gov.in
Follow us on /Railminindia

EK BHARAT SHRESHTHA BHARAT





# ଯାତ୍ରୀ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା

ଭାରତୀୟ ରେଳପଥର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁରକ୍ଷାର ଉଚ୍ଚ ସ୍ତରକୁ ହାସଲ କରିବା। ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ସୁନିଶ୍ଚିତ କରିବା ପାଇଁ ନୂଆ ଜ୍ଞାନକୌଶଳ, ଧନ ଏବଂ ସମ୍ବନ୍ଧୀୟ ସମ୍ବଳର ଉତ୍ତମ ଉପଯୋଗ କରାଯାଉଛି।

**ଏବେ ସୁଦ୍ଧା ସର୍ବୋତ୍ତମ ସୁରକ୍ଷା ରେକର୍ଡ: ବିଗତ ବର୍ଷଗୁଡ଼ିକ ତୁଳନାରେ ବର୍ଷ 201୪-1୨ରେ ଦୁର୍ଘଟଣାଗୁଡ଼ିକର ସଂଖ୍ୟା 65ରୁ ହ୍ରାସ ପାଇ 47ରେ ପହଞ୍ଚିଛି।**

**ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପ୍ରୟାସ:**

- ଏପ୍ରିଲ 201୪ରୁ ବର୍ଷ 201୨ର ଜାନୁୟାରୀ ମାସ ପର୍ଯ୍ୟନ୍ତ ବ୍ରଡ୍ ଗେଜ ଲାଇନ୍‌ଗୁଡ଼ିକ ଉପରେ ସ୍ଥିତ ସମସ୍ତ ୪,୨4୪ ମାନବରହିତ ଲେଭଲ କ୍ରସିଂ (UMLCs)କୁ ଅପସାରଣ କରାଯାଇଛି। ଯାହା କାରଣରୁ UMLCs କାରଣରୁ ଘଟୁଥିବା ଦୁର୍ଘଟଣାଗୁଡ଼ିକର ସଂଖ୍ୟା 201୪-1୨ରେ ମାତ୍ର 3 ରହିଥିଲା
- ବର୍ଷ 2004-14 ତୁଳନାରେ ରୋଡ୍ ଓଭରବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍/ସବ୍‌ୱେ ନିର୍ମାଣର ଗଣନା 415ରୁ ବୃଦ୍ଧି ପାଇ ବର୍ଷ 2014-1୪ରେ 1220 ଅର୍ଥାତ୍ ପ୍ରତିବର୍ଷ 3 ଗୁଣ ବୃଦ୍ଧି ପାଇଛି
- ପୁରୁଣା କୋଚ୍‌ଗୁଡ଼ିକ ବଦଳରେ ନୂଆ ସୁରକ୍ଷିତ ଏଲଏଚ୍‌ବି କୋଚ୍‌ଗୁଡ଼ିକୁ ଉତ୍ପାଦନ ଏବଂ ପ୍ରୟୋଗରେ ଅଣାଯାଉଛି । ବିଗତ 2 ବର୍ଷରେ ସର୍ବାଧିକ କୋଚ୍‌ର ଉତ୍ପାଦନ
- ସୁରକ୍ଷା ଦୃଷ୍ଟିକୋଣରୁ 3,753 ଗୋଟି ସେତୁର ପୁନର୍ବିକାଶ କରାଯାଉଛି
- ସଡ଼କ ଉପରେ ନିର୍ମିତ ରୋଡ୍ ଓଭରବ୍ରିଜ୍, ଫୁଟ୍ ଓଭରବ୍ରିଜ୍, ରେଳ ଫ୍ଲାଏଓଭର୍ ଏବଂ ପୁରୁଣା ଓ ମହତ୍ତ୍ୱପୂର୍ଣ୍ଣ ସେତୁଗୁଡ଼ିକର ବାହ୍ୟ ଏଜେନ୍ସି ଦ୍ୱାରା ଅଡିଟ୍ କରାଯାଇଛି
- ମାର୍ଚ୍ଚ 201୨ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଥିବା ନିର୍ମାଣାଧୀନ 71ଟି ମେଗା ସେତୁର ତତ୍ତ୍ୱାବଧାନ ପାଇଁ ଡ୍ରୋନ୍ ସର୍ବେକ୍ଷଣ ବ୍ୟବହାର କରାଯାଉଛି
- 2017-1୪ରେ ହୋଇଥିବା 4,405 କି.ମି.ର ସବୁଠାରୁ ବଡ଼ ରେଳପଥ ନବୀକରଣ । ବର୍ଷ 201୪-1୨ ପାଇଁ 5,000 କି.ମି.ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି
- 1.5 ଲକ୍ଷରୁ ଅଧିକ ସୁରକ୍ଷା ସମ୍ବନ୍ଧୀୟ ପଦବୀଗୁଡ଼ିକରେ ନିଯୁକ୍ତି କରାଯାଉଛି। ଆସନ୍ତା ଦୁଇ ବର୍ଷରେ 2.3 ଲକ୍ଷ ଅତିରିକ୍ତ ପଦବୀରେ ନିଯୁକ୍ତି ପ୍ରଦାନ କରାଯିବ
- ଜ୍ଞାନକୌଶଳ ମାଧ୍ୟମରେ ସେତୁଗୁଡ଼ିକର ନିରୀକ୍ଷଣ
  - ବନ୍ୟାର ଆଗୁଆ ସତର୍କତା ପାଇଁ 114ଟି ପ୍ରମୁଖ ସେତୁ ଉପରେ ଜଳ ସ୍ତର ତତ୍ତ୍ୱାବଧାନ ଲାଗି ନୂଆ ପ୍ରଣାଳୀ ଆରମ୍ଭ
  - ରିମୋଟ୍ ସଞ୍ଚାଳିତ ବାହାନ (ଆର୍‌ଓଭି) ଦ୍ୱାରା ଜଳର ନିରୀକ୍ଷଣ
  - ସେତୁର ସ୍ତର ପରିମାର୍ଜନର ତତ୍ତ୍ୱାବଧାନ
  - ନଦୀଶଯ୍ୟାର **3D** ସ୍କାନିଂ










**ଏବେ ଅସମ୍ଭବ ହୋଇଛି ସମ୍ଭବ**



ମୋ ଦେଶକୁ ଫେରିଆସିଥିବାରୁ ଗର୍ବିତ।
–ଅଭିନନ୍ଦନ ବର୍ଥମାନ,
ୱିଙ୍ଗ୍ କମାଣ୍ଡର, ଭାରତୀୟ ବାୟୁସେନା





ବାୟୁସେନା ପାଇଲଟ ଅଭିନନ୍ଦନଙ୍କ ମୁକ୍ତି ନେଇ ନୂଆଦିଲ୍ଲୀରେ ଉତ୍ସବ ମନାଉଛନ୍ତି ଲୋକେ।



ଜମ୍ମୁ-କଶ୍ମୀରର ବଡ଼ଗାମ୍‌ରେ ଦୁର୍ଘଟଣାଗ୍ରସ୍ତ ବାୟୁସେନା ହେଲିକପ୍ଟରର ପାଇଲଟ ଦୀପକ ପାଣ୍ଡେଙ୍କ ପାର୍ଥିବ ଶରୀର ଉତ୍ତରପ୍ରଦେଶର କାନପୁରକୁ ନିଆଯାଉଥିବାବେଳେ ଜନସମୁଦ୍ର।



ପାଇଲଟ ଅଭିନନ୍ଦନ ବର୍ଥମାନ ଅଟ୍ଟାରି-ୱାଘା ସୀମାରେ ପହଞ୍ଚିବା ପରେ ନିକଟସ୍ଥ ଏକ ସେନା ଘାଟିରେ ସଜାଗ ସୁରକ୍ଷା ବଳ।

# ସ୍ୱାଗତଂ ଅଭିନନ୍ଦନ

**ଭାରତ-ପାକିସ୍ତାନ ସୀମା। ଶୁକ୍ରବାର ରାତି ୯ଟା ୨୧ ମିନିଟ। ଭାବଗମ୍ଭୀର ଚେହେରା, ହେଲେ ମୁହଁରେ ନ ଥିଲା ବିଷାଦ। ଏକ କଳା ଜ୍ୟାକେଟ ଓ ଖାକି ଟ୍ରାଉଜର ପିନ୍ଧିଥିଲେ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ। ଅଟ୍ଟାରି-ୱାଘା ବର୍ଡରସ୍ଥିତ ଜିରୋ ଲାଇନ୍‌ରୁ ବୀରଦର୍ପରେ ମା’ ମାଟି ଆଡ଼କୁ ଅଗ୍ରସର ହେଉଥିଲେ ଯୋଦ୍ଧା ଅଭିନନ୍ଦନ। ୬୦ ଘଣ୍ଟା ପରେ ପାକିସ୍ତାନ ପଞ୍ଝାରୁ ମୁକୁଳି ହସ ହସ ମୁହଁରେ କହିଥିଲେ, ମୋ ଦେଶକୁ ଫେରିଆସିଥିବାରୁ ଗର୍ବିତ।**




## ଯୁଦ୍ଧବନ୍ଦୀ ଘୋଷଣା କଲା ପାକ୍

ଇସ୍‌ଲାମାବାଦ୍,୧।୩(ପି.ଟି.)

ପାକିସ୍ତାନ ବୈଦେଶିକ ଦପ୍ତର ଶୁକ୍ରବାର ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱଦେଶ ଫେରାଇ ଦେଇଥିଲେ ହେଁ ତାଙ୍କୁ ‘ଯୁଦ୍ଧ ବନ୍ଦୀ’ ଘୋଷଣା କରିଛି। ପାଇଲଟ୍‌ଙ୍କୁ ୱାଘା ସୀମାନ୍ତରେ ଭାରତକୁ ହସ୍ତାନ୍ତର କରିବାର କିଛି ସମୟ ପରେ ପାକିସ୍ତାନ ବୈଦେଶିକ ଦପ୍ତର ପକ୍ଷରୁ କୁହାଯାଇଛି, ଅଭିନନ୍ଦନଙ୍କୁ ଧରାଯିବା ପରେ ଭିଏନା ଚୁକ୍ତି ଅନୁଯାୟୀ ତାଙ୍କ ପ୍ରତି ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରାଯାଇଥିଲା। ପାକିସ୍ତାନରେ ଧରାପଡିଥିବା ଅଭିନନ୍ଦନଙ୍କୁ ଶୁକ୍ରବାର ରାତିରେ ଭାରତ ହସ୍ତରେ ଅର୍ପଣ କରାଯାଇଛି। ଫେବୃୟାରୀ ୨୭ରେ ପାକିସ୍ତାନୀ ବାୟୁସେନାର ରକେଟ ମାଡରେ ଜେଟ୍ ବିମାନ ମିଗ୍-୨୧କୁ ଖସାଇ ଦିଆଯିବା ପରେ ସେ ଆକାଶ ଛତା ଯୋଗେ ନିରାପଦ ଅବତରଣ କରିଥିଲେ। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତୀୟ ପାଇଲଟ୍‌ଙ୍କୁ ଶୁକ୍ରବାର ସ୍ୱଦେଶ ହସ୍ତାନ୍ତର କରିବେ ବୋଲି ଘୋଷଣା କରିଥିଲେ।

## ‘ମୃତ’ ଆତଙ୍କବାଦୀଙ୍କ ଗୁଳିମାଡ଼
## ୫ ଯବାନ ଶହୀଦ

ଶ୍ରୀନଗର,୧।୩(ପି.ଟି.)

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ଶୁକ୍ରବାର ସୁରକ୍ଷା ବଳ ପକ୍ଷରୁ ଏନ୍‌କାଉଣ୍ଟର କରାଯାଇଛି। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୫ ଯବାନ ଶହୀଦ ହୋଇଛନ୍ତି।

କୁପୱାଡ଼ାସ୍ଥିତ ବଡ଼ଗାମ୍ ଅଞ୍ଚଳର କ୍ରାଲଗୁଣ୍ଡ ଆତଙ୍କବାଦୀମାନେ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରେ ଗୁଳିବର୍ଷା କରିଥିଲେ। ଦିନ ସାରା ଅନେକ ଥର ଗୁଳି ବିନିମୟ ହୋଇଥିଲା। ଆତଙ୍କବାଦୀମାନେ ଏକ ଘରେ ଲୁଚିରହିଥିବା ଜାଣିବା ପରେ ଯବାନମାନେ ସେପଟକୁ ଅଗ୍ରସର ହୋଇଥିଲେ। ସେମାନେ ସେଠାରେ ପଡ଼ିଥିବା ଜଣେ ଆତଙ୍କବାଦୀଙ୍କୁ ମୃତ ବୋଲି ଧରିନେଇଥିଲେ। ହେଲେ ସେ ଜୀବିତ ଥିଲେ। ତାଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ ଇନ୍ସପେକ୍ଟର, ୨ ଯବାନ ଓ ୨ ପୋଲିସ ଶହୀଦ ହୋଇଛନ୍ତି। ଯବାନଙ୍କ ଜବାବରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଏହାକୁ ବିରୋଧ କରି ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳକୁ ଟେକାମାଡ଼ କରିଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଯବାନ ନେଇଥିବା କାର୍ଯ୍ୟାନୁଷ୍ଠାନରେ ୪ ସ୍ଥାନୀୟ ଲୋକ ଆହତ ହୋଇଛନ୍ତି।

## ସୀମାପାର ଗୁଳିରେ ୪ ନିହତ

ଜମ୍ମୁ,୧।୩(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରି ଓ ପୁଞ୍ଛ୍ ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ କ୍ରମାଗତ ୮ ଦିନ ଧରି ଅସ୍ତ୍ରବିରତି ଉଲ୍ଲଂଘନ କରିଛି ପାକିସ୍ତାନ। ପ୍ରତିପକ୍ଷ ସେନାର ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ପୁଞ୍ଛ୍‌ର ନସିମା ଅଖତର ନାମ୍ନୀ ଜଣେ ମହିଳାଙ୍କ ସମେତ ୪ ନିହତ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଭାରତୀୟ ସେନା ଏହାର କଡ଼ା ଜବାବ ଦେଉଥିବା ଜଣେ ଅଧିକାରୀ କହିଛନ୍ତି।

## ସର୍ଜିକାଲ ଷ୍ଟ୍ରାଇକ୍‌ର ଫଟୋ ମାଗିଲା ସଂସଦୀୟ କମିଟି

**ନୂଆଦିଲ୍ଲୀ,୧।୩:** ପାକିସ୍ତାନ ସହ ଉତ୍ତେଜନା ଲାଗି ରହିଥିବାବେଳେ ସରକାର ଏବଂ ସେନାବାହିନୀର ଉଦ୍ୟମକୁ ବହିର୍ବ୍ୟାପାର ସମ୍ପର୍କିତ ସଂସଦୀୟ କମିଟି ଶୁକ୍ରବାର ଉଚ୍ଚ ପ୍ରଶଂସା କରିଛି। ବାୟୁସେନା ବାଲାକୋଟରେ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍‌ର ଫଟୋ କମିଟିର କେତେକ ସଦସ୍ୟ ଚାହିଁଛନ୍ତି। ଭାରତୀୟ ଜେଟ୍‌ଗୁଡିକ ମଙ୍ଗଳବାର ବାଲାକୋଟରେ ପଶି ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଥିଲେ। ସରକାର ତାହାର ଫଟୋ କିମ୍ବା ଅନ୍ୟ ପ୍ରମାଣ କାହିଁକି ଦେଉନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଜୈଶ୍-ଇ-ମହମ୍ମଦର ଆତଙ୍କବାଦ ଶିବିର ଧ୍ୱଂସ କରିବାକୁ ଭାରତ ନିଷ୍ପତ୍ତି ନେବା ପଛର କାରଣ ନୂଆଦିଲ୍ଲୀ ଅନ୍ତର୍ଜାତୀୟ ସମୁଦାୟକୁ ବୁଝାଇବା ଆବଶ୍ୟକ ବୋଲି କମିଟି ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେଙ୍କୁ ପରାମର୍ଶ ଦେଇଛି।

‘ଭାରତୀୟ ପାଇଲଟ୍ ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନ ମୁକ୍ତ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେବ।



**- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ**

## ପ୍ରତ୍ୟେକ ଭାରତୀୟ ଗର୍ବିତ



**କନ୍ୟାକୁମାରୀ,୧।୩(ପି.ଟି.):** ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ନେଇ ସାରା ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାମିଲନାଡୁର କନ୍ୟାକୁମାରୀରେ ମୋଦି କହିଛନ୍ତି, ସଶସ୍ତ୍ର ବଳକୁ ସନ୍ଦେହ କରୁଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ପାକିସ୍ତାନକୁ ସାହାଯ୍ୟ କରୁଛନ୍ତି। ତାମିଲନାଡୁର ନିର୍ମଳା ସୀଥାରାମନ୍ ଦେଶର ପ୍ରଥମ ମହିଳା ପ୍ରତିରକ୍ଷାମନ୍ତ୍ରୀ ହୋଇଥିବାରୁ ମୁଁ ଖୁସି। ଏହି ରାଜ୍ୟର ବାୟୁସେନା ପାଇଲଟ ଅଭିନନ୍ଦନଙ୍କ ପରାକ୍ରମକୁ ନେଇ ପ୍ରତ୍ୟେକ ଭାରତୀୟ ଗର୍ବିତ।

## ‘ଖୁସି, କିନ୍ତୁ ଅଧିକ ଲୋଡ଼ା’

**ଗାଜିଆବାଦ,୧।୩(ପି.ଟି.):** ଅଭିନନ୍ଦନଙ୍କୁ ପାକିସ୍ତାନ ମୁକ୍ତ କରିଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସେନାଧକ୍ଷ ଭି.କେ. ସିଂ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଦୁଇଦେଶ ମଧ୍ୟରେ ଶାନ୍ତି ଫେରାଇଆଣିବା ଲାଗି ପାକିସ୍ତାନ ଅନେକ କିଛି କରିବା ଆବଶ୍ୟକ ବୋଲି ସେ କହିଛନ୍ତି।



## ଚାଇନାର ସ୍ୱାଗତ

**ବେଜିଂ,୧।୩(ପି.ଟି.):** ଭାରତୀୟ ବାୟୁସେନା ପାଇଲଟଙ୍କୁ ମୁକ୍ତ କରିଦେବା ଲାଗି ପାକିସ୍ତାନର ନିଷ୍ପତ୍ତିକୁ ଚାଇନା ସ୍ୱାଗତ କରିଛି। ତେବେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାଇଁ ଇସ୍‌ଲାମାବାଦ ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ସହଯୋଗ କରିବା ସହ ଦୁଇ ଦେଶ ଆଲୋଚନାରେ ସାମିଲ ହେବା ଆବଶ୍ୟକ ବୋଲି ବେଜିଂ କହିଛି। ସଂଯମ ରକ୍ଷା କରିବା ସହ ଉତ୍ତେଜନା ହ୍ରାସ ଲାଗି ଆରମ୍ଭରୁ ଚାଇନା ଦୁଇ ଦେଶଙ୍କୁ କହିଆସୁଥିଲା ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି।

# ସୀମାରେ ଜନସମୁଦ୍ର

ଚଣ୍ଡିଗଡ଼/ଅଟ୍ଟାରି(ଅମୃତସର),୧।୩



ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଗତ କରିବା ପାଇଁ ଅଟ୍ଟାରି ଅଞ୍ଚଳରେ ଜଣେ ଯୁବକ ଏକ ବଡ଼ ଫୁଲମାଳ ଧରି ଅପେକ୍ଷା କରିଥିବା ବେଳେ ଆଉ ଜଣେ ବୟସ୍କ ବ୍ୟକ୍ତି ଢୋଲ ବାଡେଇବାର ଦେଖାଯାଇଥିଲା। ଶୁକ୍ରବାର ଏହା ଥିଲା ଅଟ୍ଟାରି ସୀମାନ୍ତର ଚିତ୍ର। ସେଠାରେ ଶହ ଶହ ଲୋକ ଅଭିନନ୍ଦନଙ୍କୁ ସ୍ୱାଗତ କରିବା ପାଇଁ ସମବେତ ହୋଇଥିଲେ। ସୀମାନ୍ତ ବାସିନ୍ଦାଙ୍କ ହୃଦୟ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇପଡ଼ିଥିଲା। ସେମାନେ ଗୀତ ଗାଇ ଓ ବାଦ୍ୟ ବଜାଇ ତ୍ରିରଙ୍ଗା ହାତରେ ଧରି ନୃତ୍ୟ କରିଥିଲେ। ଭାରତ-ପାକ୍ ସୀମାନ୍ତଠାରୁ ପାଖାପାଖି ୧ କିଲୋମିଟର ଦୂରରେ ଲୋକମାନେ ଦେଶପ୍ରେମର ସଂଗୀତ ଗାଇ ‘ଭାରତ ମାତା କୀ ଜୟ’ ସ୍ଲୋଗାନ ଦେଇଥିଲେ।

# ବୟାନ ରେକର୍ଡରୁ ମୁକ୍ତି ବିଳମ୍ବ

ଲାହୋର,୧।୩(ପି.ଟି.)

ପାଇଲଟ୍ ଅଭିନନ୍ଦନଙ୍କୁ ଭାରତ ହସ୍ତାନ୍ତର କରିବାରେ ଯଥେଷ୍ଟ ବିଳମ୍ବ ହେବାର କାରଣ ହେଉଛି ପାକିସ୍ତାନୀ କର୍ତ୍ତୃପକ୍ଷ କ୍ୟାମେରା ସମ୍ମୁଖରେ ତାଙ୍କର ବୟାନ ରେକର୍ଡ କରିଥିଲେ। ତେବେ ତାଙ୍କଠାରୁ ବଳପୂର୍ବକ କଥା ଆଦାୟ କରାଯାଇଥିଲା କି ନା ତାହା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ସମୟ ରାତି ୮ଟା ୩୦ରେ ପାକିସ୍ତାନ ସରକାର ପାଇଲଟ୍‌ଙ୍କ ଭିଡିଓ ମେସେଜ୍ ସ୍ଥାନୀୟ ଗଣମାଧ୍ୟମକୁ ଜାରି କରିଥିଲେ। ସେ କିପରି ଧରାହେଲେ ତାହା ସେଥିରେ ବର୍ଣ୍ଣନା କରାଯାଇଛି। ଭିଡିଓ ମେସେଜ୍‌ରେ ବର୍ଥମାନ କହିଛନ୍ତି, ଆକ୍ରମଣ ପାଇଁ ଲକ୍ଷ୍ୟସ୍ଥଳ ଅନୁସନ୍ଧାନରେ ସେ ପାକିସ୍ତାନ ଆକାଶ ସୀମାକୁ ପ୍ରବେଶ କରିଥିଲେ। କିନ୍ତୁ ତାଙ୍କର ବିମାନକୁ ଗୁଳି କରି ଖସାଇ ଦିଆଗଲା। ପାକିସ୍ତାନୀ ଯବାନ ତାଙ୍କୁ ଉତ୍ତ୍ୟକ୍ତ ଜନତାଙ୍କ ଠାରୁ ଉଦ୍ଧାର କରିଥିଲେ। ତେବେ ପାକିସ୍ତାନୀ ସେନା ଭାରି ପେସାଦାର। ସେମାନଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିବା ପ୍ରକାଶ କରିଛନ୍ତି।

## ଧ୍ୱଜାବତରଣ ଉତ୍ସବ ବନ୍ଦ

**ନୂଆଦିଲ୍ଲୀ,୧।୩(ପି.ଟି.):** ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦୃଷ୍ଟିରେ ରଖି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ ଅଟ୍ଟାରି-ୱାଘା ବର୍ଡରରେ ଶୁକ୍ରବାର ଧ୍ୱଜାବତରଣ ଉତ୍ସବକୁ ବାତିଲ କରି ଦିଆଯାଇଛି। ଅଭିନନ୍ଦନଙ୍କୁ ସ୍ୱାଗତ କରିବା ପାଇଁ ସୀମାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଭାରତୀୟ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ଧ୍ୱଜାବତରଣ ଉତ୍ସବ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ତାକୁ ରକ୍ଷା କରି ଭାରତ-ପାକିସ୍ତାନ ସୀମାରେ ଏହାକୁ ଦିନକ ପାଇଁ ବନ୍ଦ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ପାକିସ୍ତାନ ସବୁଦିନ ଭଳି ରିଟ୍ରିଟ୍ ସେରିମନି କରିଥିଲା। ପ୍ରକାଶ ଯେ, ୧୯୫୯ରୁ ଅଟ୍ଟାରି-ୱାଘା ସୀମାରେ ବିଏସ୍‌ଏଫ୍ ଏବଂ ଏହାର ପ୍ରତିପକ୍ଷ ପାକିସ୍ତାନୀ ରେଞ୍ଜର୍ସ ନିଜ ନିଜ ପଟେ ମିଳିତ ଭାବେ ଧ୍ୱଜାବତରଣ କରିଆସୁଛନ୍ତି।



## ବିମାନରେ ଆଣିବାକୁ ଅନୁରୋଧ କରିଥିଲା ଭାରତ

**ନୂଆଦିଲ୍ଲୀ,୧।୩(ପି.ଟି.):** ଅଟ୍ଟାରି-ୱାଘା ସୀମା ଦେଇ ରାସ୍ତାରେ ନୁହେଁ, ବରଂ ବିମାନ ଯୋଗେ ପାଇଲଟ ଅଭିନନ୍ଦନଙ୍କୁ ଫେରାଇ ଆଣିବା ପାଇଁ ଭାରତ ପକ୍ଷରୁ ଅନୁରୋଧ କରାଯାଇଥିଲା। କିନ୍ତୁ ପାକିସ୍ତାନ ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ପାଇଲଟଙ୍କୁ ସ୍ୱଦେଶକୁ ଆଣିବା ପାଇଁ ସ୍ୱତନ୍ତ୍ର ବିମାନ ପଠାଯିବା ପାଇଁ ମଧ୍ୟ ଭାରତ ପ୍ରସ୍ତୁତ ଥିଲା। ହେଲେ ତାଙ୍କୁ ଇସ୍‌ଲାମାବାଦରୁ ଲାହୋର ଦେଇ ରାସ୍ତାରେ ନିଆଯିବ ବୋଲି ପାକିସ୍ତାନ ନୂଆଦିଲ୍ଲୀକୁ ଗୁରୁବାର ରାତିରେ ଜଣାଇଥିଲା।

## ମୁକ୍ତି ଅଟକାଇବା ଲାଗି ଦାଏର ପିଟିଶନ ଖାରଜ

**ଇସ୍‌ଲାମାବାଦ,୧।୩(ଆଇଏଏନ୍‌ଏସ୍):** ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ନ ମୁକୁଳାଇବା ପାଇଁ ଇସ୍‌ଲାମାବାଦ ହାଇକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା, ଯାହା ଶୁକ୍ରବାର ଖାରଜ ହୋଇଯାଇଛି। ମୁଖ୍ୟ ବିଚାରପତି ଅତହର ମିନାଲ୍ଲା ଶୁଣାଣି କରି କହିଥିଲେ, ପାର୍ଲାମେଣ୍ଟର ନିଷ୍ପତ୍ତିକୁ ଆମେ ସମ୍ମାନ ଦେବା ଉଚିତ।

# ୧୫ ବର୍ଷ ପୂର୍ବେ ‘ର’ ଠାବ କରିଥିଲା ବାଲାକୋଟ ଶିବିର

ନୂଆଦିଲ୍ଲୀ,୧।୩(ପି.ଟି.)

ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ଶିବିର ୧୫ ବର୍ଷ ତଳୁ ଭାରତର ବହିର୍ଦେଶୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ନଜରରେ ରହିଥିଲା। ତେବେ ଭାରତ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହିଁ ନ ଥିଲା। ବାଲାକୋଟ ଆକ୍ରମଣ ଅର୍ଥ ପାକିସ୍ତାନର ବହୁ ଭିତରକୁ ପ୍ରବେଶ କରି ଟାର୍ଗେଟକୁ ମାଡ଼ କରିବାକୁ ହେବ। ଏଥିପାଇଁ ସରକାରଙ୍କଠାରୁ ସବୁଜ ସଙ୍କେତ ମିଳି ନ ଥିଲା ବୋଲି ପୂର୍ବତନ ‘ର’ ଅଧିକାରୀ ଅମର ଭୂଷଣ ଗଣମାଧ୍ୟମକୁ କହିଛନ୍ତି।

ବାଲାକୋଟ ହେଉଛି ଜେଇଏମ୍‌ର ସର୍ବବୃହତ ଏବଂ ସବୁଠୁ ବିପଜ୍ଜନକ ଆତଙ୍କବାଦୀ ପ୍ରସ୍ତୁତି କାରଖାନା




ଯାହାକୁ ବହୁ ଆଗରୁ ଆକ୍ରମଣ କରିବାର ଥିଲା ବୋଲି ଭୂଷଣ କହିଛନ୍ତି। ଏପରିକି ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ପୂର୍ବରୁ ବାଲାକୋଟ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇପାରନ୍ତି ବୋଲି ଆଶା କରାଯାଉଥିଲେ ହେଁ ତାହା ହୋଇ ନ ଥିଲା। ଗତ ୨୬ ତାରିଖରେ ବାଲାକୋଟ ସର୍ଜିକାଲ ଷ୍ଟ୍ରାଇକରେ କେତେଜଣ ଆତଙ୍କବାଦୀ ନିହତ ହେଲେ ତାହା ବଡ଼ କଥା ନୁହେଁ, ଜେଇଏମ୍‌ର ଏକ ନିୟମିତ ପ୍ରଶିକ୍ଷଣ ଶିବିର ଧ୍ୱଂସ ହେବା ମୁଖ୍ୟ ପ୍ରସଙ୍ଗ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଭାରତ ଏକ ବଳିଷ୍ଠ ବାର୍ତ୍ତା ଦେଇପାରିଥିବା ଭୂଷଣ କହିଛନ୍ତି। ଏୟାର ଷ୍ଟ୍ରାଇକ୍‌ର ଅନ୍ୟ ଏକ ବାର୍ତ୍ତା ହେଲା ସେମାନେ କେଉଁଠି ରହୁଛନ୍ତି ଏବଂ କି ପ୍ରକାର ସହାୟତା ପାଉଛନ୍ତି ତାହା ଆମେ ଜାଣିଛୁ। ତେବେ ସର୍ଜିକାଲ ଷ୍ଟ୍ରାଇକରେ ମୃତ୍ୟୁସଂଖ୍ୟା ନିଶ୍ଚୟ ଅଧିକ ବୋଲି ପୂର୍ବତନ ‘ର’ ଅଧିକାରୀ ଦୃଢ଼ତାର ସହ କହିଛନ୍ତି। ଏବେ ଜେଇଏମ୍ ଆତଙ୍କବାଦୀଙ୍କ ନାଁ ପ୍ରକାଶ କରୁନାହିଁ। ମୃତ ଆତଙ୍କବାଦୀଙ୍କ ସଂଖ୍ୟା ଓ ନାମ ଖୁବ୍‌ଶୀଘ୍ର ଆସିଯିବ ବୋଲି ଭୂଷଣ କହିଛନ୍ତି।

## ସଂକ୍ଷେପରେ

### ବାୟୁସେନା, ନୌସେନା ମୁଖ୍ୟଙ୍କୁ ଜେଡ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ,୧।୩:** ସର୍ଜିକାଲ ଷ୍ଟ୍ରାଇକ୍ ପରେ ଭାରତ ଓ ପାକିସ୍ତାନ ମଧରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ବି.ଏସ. ଧନୋଆ ଏବଂ ନୌସେନା ମୁଖ୍ୟ ଆଡମିରାଲ ସୁନିଲ ଲାନ୍‌ବାଙ୍କୁ ଜେଡ-ପ୍ଲସ୍ ସୁରକ୍ଷା ପ୍ରଦାନ କରାଯାଇଛି। ସ୍ଥଳସେନା ମୁଖ୍ୟଙ୍କୁ ପୂର୍ବରୁ ଏହି ସୁରକ୍ଷା ମିଳିଥିଲା। ଏଣିକି ସେମାନଙ୍କୁ ନିଜ ବାହିନୀର କମାଣ୍ଡୋମାନେ ସୁରକ୍ଷା ଯୋଗାଇଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି।

### ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ନାହିଁ: ଗଡକରୀ



**ନୂଆଦିଲ୍ଲୀ,୧।୩(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ପଦ ଲାଗି ଦୌଡ଼ରେ ନ ଥିବା କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ତେବେ ଜଣେ ସଚ୍ଚା ଆରଏସଏସ ସଦସ୍ୟ ଭାବେ ଦେଶ ତାଙ୍କ ପାଇଁ ପ୍ରଥମ ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଓ ନିର୍ବାଚନ ପରେ ସେ ହିଁ ପ୍ରଧାନମନ୍ତ୍ରୀ ରହିବେ ବୋଲି ଇଣ୍ଡିଆ ଟୁଡେ କନ୍‌କ୍ଲେଭରେ ଉଦ୍‌ବୋଧନ ଦେଇ ଗଡକରୀ କହିଛନ୍ତି। ମୋଦିଜୀଙ୍କ ନେତୃତ୍ୱରେ ଦେଶର ବିକାଶ ହେଉଛି। ତେଣୁ ଆମେ ସମସ୍ତେ ତାଙ୍କ ପଛରେ ରହିଛୁ। ମୋଦିଙ୍କ ସ୍ୱପ୍ନକୁ ସାକାର କରିବାରେ ସେ ଜଣେ କର୍ମୀ ମାତ୍ର ବୋଲି ଗଡକରୀ କହିଛନ୍ତି।

### [ଇତିହାସର ଆଇନାରେ]
### ମାର୍ଚ୍ଚ ୨ର ପ୍ରମୁଖ ଘଟଣା

୧୯୯୦ମାର୍ଚ୍ଚ ୨ରେ ନେଲସନ୍ ମଣ୍ଡେଲାଙ୍କୁ ଆଫ୍ରିକୀୟ ଜାତୀୟ କଂଗ୍ରେସର ଉପସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ହେଉଛି ଦକ୍ଷିଣ ଆଫ୍ରିକା ସାଧାରଣତନ୍ତ୍ରର ଗଭର୍ନିଂ ପଲିଟିକାଲ୍ ପାର୍ଟି। ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷ ନୀତିର ଅବସାନ ପରେ ଏହା ଜାତୀୟ ସ୍ତରରେ ଏକ ରାଜନୈତିକ ଦଳ ହୋଇଥିଲା।

୨୦୦୪ ମାର୍ଚ୍ଚ ୨ରେ ଇରାକ୍‌ର ଆଶୌରାଠାରେ ଅଲ-କାଏଦାର ଆକ୍ରମଣ ଫଳରେ ୧୭୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦୦ ଲୋକ ଆହତ ହୋଇଥିଲେ। ବିଶେଷକରି ଇରାକ୍‌ର ଶିଆ ମୁସଲମାନ୍ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା।



ବାଂଲାଦେଶ ରାଜଧାନୀ ଢାକାରେ ଅଗ୍ନିକାଣ୍ଡ ଘଟି ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୧୫୦ କୁଡ଼ିଆ ଘର ଭସ୍ମୀଭୂତ ହୋଇଯାଇଛି।



ସ୍କଟଲାଣ୍ଡର କୋମ୍‌ରେଇସ୍ଥିତ ଅଚିଙ୍ଗାରିଚ୍ ୱାଇଲ୍ଡ ଲାଇଫ୍ ସେଣ୍ଟରରେ ୫ ଦିନ ତଳେ ଜନ୍ମ ଦେଇଛନ୍ତି ୫ ମେଣ୍ଢା ଶାବକ। ଫିନ୍, ଫ୍ରେଡି, ଫ୍ଲୋରା, ଫ୍ଲେଉର୍ ଓ ଫ୍ରେୟାଙ୍କୁ ଉଷ୍ମ ରଖିବା ପାଇଁ ଉଲ୍ ପୋଷାକ ପିନ୍ଧାଯାଇଛି।

# ଆତଙ୍କବାଦରୁ ଅସ୍ଥିରତା
## ସହାୟତା ଦେଉଥିବା ରାଷ୍ଟ୍ର ନିବୃତ୍ତ ରହନ୍ତୁ

**ଆବୁଧାବୀ,୧।୩(ପି.ଟି.)**



ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି) ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦ ବହୁ ଜୀବନ ନଷ୍ଟ କରୁଛି। ଏହା ଆଞ୍ଚଳିକ ଅସ୍ଥିରତାର କାରଣ ହୋଇଛି। ଏହା ସାରା ବିଶ୍ୱ ପାଇଁ ବିପଦ ହୋଇ ଛିଡାହୋଇଛି । ତେଣୁ ଯେଉଁ ରାଷ୍ଟ୍ର ଆତଙ୍କବାଦୀ ସଂଗଠନଗୁଡିକୁ ସହାୟତା ଓ ସମର୍ଥନ ଯୋଗାଇ ଦେଉଛନ୍ତି ସେମାନେ ସେଥିରୁ ନିବୃତ୍ତ ରହିବାକୁ ବହିର୍ବ୍ୟାପାର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପାକିସ୍ତାନର ନାଁ ନେଇ ନ ଥିଲେ ମଧ ଆତଙ୍କବାଦ ପାଇଁ ସୁଷମା ପରୋକ୍ଷରେ ପଡୋଶୀ ଦେଶକୁ ଦୋଷାରୋପ କରିଛନ୍ତି।

ଆତଙ୍କବାଦ ବିରୋଧରେ ଲଢ଼େଇ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବିରୋଧରେ ନୁହେଁ କି ହୋଇପାରିବ ନାହିଁ। ପବିତ୍ର କୋରାନ, ଗୁରୁ ଗ୍ରନ୍ଥସାହିବ ଏବଂ ଋଗ୍‌ବେଦରୁ ପଙ୍‌କ୍ତି ଉଦ୍ଧାର କରି ସୁଷମା କହିଥିଲେ, ଇସ୍‌ଲାମର ଅର୍ଥ ଶାନ୍ତି, ଆଲ୍ଲାଙ୍କର ୯୯ ନାଁ ମଧ୍ୟରୁ କୌଣସିଟିର ଅର୍ଥ ହିଂସା ନୁହେଁ। ବିଶ୍ୱର ସବୁ ଧର୍ମ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃଭାବ ଉପରେ ପର୍ଯ୍ୟବସିତ । ଆତଙ୍କବାଦ ଏବଂ ଉଗ୍ରବାଦ ମଧରେ କିଛି ପାର୍ଥକ୍ୟ ନାହିଁ। କେବଳ ନାମରେ ପରିବର୍ତ୍ତନ ହୋଇଛି। ଏମାନେ ଧର୍ମର ଉଦ୍ଦେଶ୍ୟକୁ ବିକୃତ କରି ଲୋକଙ୍କ ଧର୍ମୀୟ ଭାବନାକୁ ବିପଥଗାମୀ କରୁଛନ୍ତି। ମାନବ ସମାଜର ସୁରକ୍ଷା ଚାହୁଁଥିଲେ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିବା ଲାଗି ଏଭଳି ରାଷ୍ଟ୍ରଗୁଡିକୁ ଓଆଇସି ପରାମର୍ଶ ଦେବାକୁ ସୁଷମା କହିଛନ୍ତି।

ପାକିସ୍ତାନର ତୀବ୍ର ବିରୋଧ ସତ୍ତ୍ୱେ ଭାରତ ଓଆଇସି ବୈଠକରେ ଭାଗ ନେଇଛି। ସୁଷମାଙ୍କୁ ଦିଆଯାଇଥିବା ଆମନ୍ତ୍ରଣ ପ୍ରତ୍ୟାହାର କରାଯିବାକୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଚାପ ପକାଇ ବିଫଳ ହେବା ପରେ ନିଜେ ଉକ୍ତ ବୈଠକକୁ ବର୍ଜନ କରିଛନ୍ତି। ୫୭ ଇସ୍‌ଲାମୀୟ ରାଷ୍ଟ୍ରଙ୍କ ଏହି ସମ୍ମିଳନୀରେ ପ୍ରଥମ ଥର ଲାଗି ଜଣେ ଭାରତୀୟ ମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେଇଛନ୍ତି। ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଉଛି। ୧୯୬୯ରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ବରିଷ୍ଠ ମନ୍ତ୍ରୀ ଥିବା ଏବଂ ପରେ ରାଷ୍ଟ୍ରପତି ହୋଇଥିବା ଫକ୍‌ରୁଦ୍ଦିନ ଅଲି ଅହମଦଙ୍କୁ ଓଆଇସିର ରାବାତରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଥିଲେ ହେଁ ପାକିସ୍ତାନର ଚାପ ଫଳରେ ଏହାକୁ ବାତିଲ କରାଯାଇଥିଲା।

- ଓଆଇସିରେ ଭାରତର ପ୍ରଥମ ଉଦ୍‌ବୋଧନ
- ପାକ୍‌ର ବିରୋଧ ସତ୍ତ୍ୱେ ସୁଷମା ସ୍ୱରାଜ ସମ୍ମାନିତ ଅତିଥି

### ବୈଠକକୁ ବର୍ଜନ କଲା ପାକିସ୍ତାନ

**ଇସ୍‌ଲାମାବାଦ,୧।୩(ପି.ଟି.):** ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି)ର ପ୍ରତିଷ୍ଠାତା ସଦସ୍ୟ ହୋଇ ମଧ ପାକିସ୍ତାନ ଏହାର ବୈଠକକୁ ବର୍ଜନ କରିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସମ୍ମାନିତ ଅତିଥି ଭାବେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଥିବାରୁ ପାକିସ୍ତାନ ଏହାର ବିରୋଧ କରିଥିଲା। ଉକ୍ତ ଆମନ୍ତ୍ରଣକୁ ପ୍ରତ୍ୟାହାର କରିନେବା ଲାଗି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଅନୁରୋଧ କରିଥିଲେ।

ତେବେ ତାଙ୍କର ଅନୁରୋଧକୁ ଆୟୋଜକ ରାଷ୍ଟ୍ର ପ୍ରତ୍ୟାଖ୍ୟାନ କରିଦେବାରୁ ସେ ଉକ୍ତ ସମ୍ମିଳନୀରେ ଯୋଗଦେବେ ନାହିଁ ବୋଲି ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅସୁବିଧାବେଳେ ୟୁଏଇ ସବୁବେଳେ ପାକିସ୍ତାନକୁ ସହାୟତା କରି ଆସିଛି। ତେବେ ଇସ୍‌ଲାମାବାଦର ପ୍ରତିବାଦ ସତ୍ତ୍ୱେ ସୁଷମାଙ୍କୁ ଦିଆଯାଇଥିବା ଆମନ୍ତ୍ରଣ ପ୍ରତ୍ୟାହାର କରା ନ ଯିବାରୁ ସେ ବୈଠକ ବର୍ଜନ କରୁଥିବା କହିଛନ୍ତି।



### ସୋମାଲିଆରେ ବିସ୍ଫୋରଣ: ୩୯ ନିହତ

**ମୋଗାଡିଶୁ,**

ସୋମାଲିଆର ରାଜଧାନୀ ମୋଗାଡିଶୁରେ ଅଲ-ଶା-ବାବ୍ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ଅନ୍ୟୂନ ୩୯ଜଣ ମୃତ୍ୟୁବରଣ କରିଥିବା ଜଣାପଡିଛି। ନିରାପତ୍ତା ବାହିନୀ ଅକ୍ଳାନ୍ତ ଉଦ୍ୟମ କରି ଦୀର୍ଘ ୨୦ଘଣ୍ଟା ଧରି କବ୍‌ଜାରେ ରହିଥିବା ଏକ ଅଞ୍ଚଳକୁ ନିଜ ଆୟତ୍ତକୁ ନେଇଛି। ଆତଙ୍କବାଦୀମାନେ ଏକ ଅଟ୍ଟାଳିକାରେ ବିସ୍ଫୋରଣ ଘଟାଇଥିବା ବେଳେ ମୃତଦେହଗୁଡିକୁ ଧ୍ୱଂସସ୍ତୁପ ତଳୁ ଉଦ୍ଧାର କରାଯାଇଥିବା ଆମିନ ଆମ୍ବୁଲାନ୍ସ ନିର୍ଦ୍ଦେଶକ ଅବ୍‌ଦିକାଦିର ଅବ୍‌ଦିରହମନ୍ ପ୍ରକାଶ କରିଛନ୍ତି।

### ପ୍ଲାଷ୍ଟିକ ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ

**ନୂଆଦିଲ୍ଲୀ, ୧।୩ :** ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଲୋକଙ୍କୁ ନିବେଦନ କରିଛନ୍ତି। ଗୁରୁବାର 'ବେହତର ଇଣ୍ଡିଆ କ୍ୟାମ୍ପେନ୍'ର ଚୂଡ଼ାନ୍ତ ସଂସ୍କରଣରେ ପ୍ଲାଷ୍ଟିକ୍‌ର ଗୁରୁତର ପ୍ରଭାବ ବିଷୟରେ ସେ ମନ୍ତବ୍ୟ ଦେଇଥିଲେ। ପରିଣୀତି ଏହି କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ତାଙ୍କ କହିବାନୁଯାୟୀ, ସେ ହେଉଛନ୍ତି ସାଗରପ୍ରେମୀ ଏବଂ ସ୍କୁବା ଡାଇଭର। ତେଣୁ ପ୍ଲାଷ୍ଟିକ ଦ୍ୱାରା ସମୁଦ୍ରରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହା ସେ ଦେଖୁଥିବା ପ୍ରକାଶ କରିଥିଲେ। ଆମେ ଏକ ପ୍ଲାଷ୍ଟିକ୍ ବଟଲକୁ ବ୍ୟବହାର କରିସାରିବା ପରେ ଫିଙ୍ଗିଦେଉ। କିନ୍ତୁ ଏହା ଅଳିଆ ରୂପରେ ପରିବେଶର କି ପ୍ରକାର କ୍ଷତି ଘଟାଏ ତାହା ଚିନ୍ତା କରୁନା। ଶୋଚନାର ବିଷୟ ହେଉଛି ସମୁଦ୍ରରେ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ହେଉଛି। ପ୍ଲାଷ୍ଟିକ୍ ଦ୍ରବ୍ୟ ଅବରୋଧ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ପ୍ରତିବର୍ଷ ବନ୍ୟା ଆସୁଛି। ସହଜରେ ନଷ୍ଟ ହୋଇପାରୁଥିବା ପ୍ଲାଷ୍ଟିକ୍‌ର ଏକ ବିକଳ୍ପ ବାହାର କରିବାକୁ 'ନମସ୍ତେ ଇଂଲଣ୍ଡ'ର ଅଭିନେତ୍ରୀ ପରିଣୀତି ପ୍ରସ୍ତାବ ଦେଇଥିଲେ। ପୃଥିବୀକୁ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କିଛି ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ପରିବେଶ ପାଇଁ କ୍ଷତିକାରକ ହେଉଥିବା କୌଣସି ସାମଗ୍ରୀକୁ ପରିଣୀତି ବ୍ୟବହାର କରନ୍ତି ନାହିଁ। କୌଣସି ବ୍ୟକ୍ତି ସାଧାରଣସ୍ଥଳରେ ଅଳିଆ ଆବର୍ଜନା ପକାଇଲେ ସେ ଗାଳି ଦେଇଥାଆନ୍ତି। ଉନ୍ନତ ମାନର ପରିବେଶ ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ବେହତର ଇଣ୍ଡିଆନ୍ କ୍ୟାମ୍ପେନ୍‌ର ଉଦ୍ୟମ ବଳିଷ୍ଠ ବୋଲି ସେ ପ୍ରକାଶ କରିଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୮ | ୧୬.୨ |
| ଚାନ୍ଦବାଲି | ୨୬.୯ | ୧୯.୦ |
| କଟକ | ୨୯.୬ | ୧୮.୨ |
| ପାରାଦ୍ୱୀପ | ୨୭.୦ | ୨୨.୦ |
| ଭୁବନେଶ୍ୱର | ୨୯.୭ | ୧୯.୯ |
| ଗୋପାଳପୁର | ୨୮.୧ | ୨୧.୦ |
| ପୁରୀ | ୨୮.୬ | ୨୧.୦ |
| ଅନୁଗୋଳ | ୩୦.୭ | ୧୬.୦ |
| ବାରିପଦା | ୨୬.୬ | ୧୬.୦ |
| ଝାରସୁଗୁଡ଼ା | ୩୦.୨ | ୧୫.୫ |
| କେନ୍ଦୁଝର | ୨୫.୮ | ୧୪.୪ |
| ସମ୍ବଲପୁର | ୩୦.୮ | ୧୬.୬ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୩୦.୧ | ୧୭.୬ |
| ତାଳଚେର | ୩୦.୫ | ୧୮.୩ |
| ଭବାନୀପାଟଣା | ୩୧.୦ | ୧୬.୫ |
| ବଲାଙ୍ଗୀର | ୩୨.୦ | ୧୬.୮ |
| କୋରାପୁଟ | ୩୧.୬ | ୧୫.୬ |
| ଫୁଲବାଣୀ | ୨୮.୨ | ୧୫.୫ |
| ଟିଟିଲାଗଡ଼ | ୩୧.୫ | ୧୫.୫ |
| ମାଲକାନଗିରି | ୩୫.୫ | ୧୬.୫ |
| ସୋନପୁର | ୩୨.୦ | ୧୬.୫ |
| ଦାରିଙ୍ଗିବାଡ଼ି | ୨୭.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍


DSPL-439

## ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା

ଏହାର ସୁବିଧା :
- ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
- ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
- ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
- ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ

ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା
- ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
- ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
- ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।





ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)
- ଡାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
- ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର ୧୦୨କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।

10003/13/0108/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha http://www.health.odisha.gov.in/ @HFWOdisha



ତୁମେ ଯଦି ଭଗବାନଙ୍କ ଆଡ଼କୁ ମାତ୍ର ଗୋଟିଏ ପାଦ ଆଗେଇ ଯିବ,
ସେ ସହସ୍ର ପାଦ ଆଗେଇ ଆସି ତୁମକୁ ଆଶୀର୍ବାଦ ଦେବେ।
- ତୁକାରାମ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଟିଭିର ବାର୍ଷିକ ସମ୍ମିଳନୀରେ ଫରସାଇଟ୍ କାର୍ଯ୍ୟକ୍ରମ, ମେ ଫେୟାର କନଭେନଶନ, ପୂର୍ବାହ୍ନ ୯ଟା ୪୫।
- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୨୯ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଉତ୍ତରଙ୍ଗ ପକ୍ଷରୁ ଲିରିକ୍ କବିତା କାର୍ଯ୍ୟକ୍ରମ, ସୂଚନା ଭବନ, ୬ଟା ୩୦।

**କଟକ**

- ମାର୍କେଟନଗର ସିନିୟର ସିଟିଜେନ୍ସ ୱେଲଫେୟାର ଆସୋସିଏଶନର ଦ୍ୱିତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବ, ରାଇସିନା ପାଲେସ୍, ସେକ୍ଟର-୯, ସିଡିଏ, ପୂର୍ବାହ୍ନ ୧୦ଟା।
- ଭାଜପା ବାରବାଟୀ-କଟକ ପକ୍ଷରୁ ଏକ ବିଶାଳ ବିଜୟ ସଂକଳ୍ପ ମୋଟରସାଇକେଲ ଶୋଭାଯାତ୍ରା, ଦୋଳମୁଣ୍ଡାଇ ଛକ, ପୂର୍ବାହ୍ନ ୧୦ଟା।
- ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, କଲେଜ ପରିସର, ଦେଉଳସାହି, ତୁଳସୀପୁର, ପୂର୍ବାହ୍ନ ୧୧ଟା।
- ସମ୍ବିଧାନ ବଞ୍ଚାଓ ସଂଘର୍ଷ ସମିତିର କର୍ମୀ ସମାବେଶ, ଗାନ୍ଧୀଭବନ, ବାଖରାବାଦ, ଅପରାହ୍ନ ୫ଟା।

**ବାଲିଅନ୍ତା**

- ମଣ୍ଡଳାଦି ପୂଜା ଓ ସପ୍ତସତୀ ଚଣ୍ଡି ଆହୁତି, ଶ୍ରୀ ଆଖଣ୍ଡଳେଶ୍ୱର ମନ୍ଦିର, ପ୍ରତାପରୁଦ୍ରପୁର, ସକାଳ ୯ଟା।

## ଜାଲିଆତି କରି ବ୍ୟାଙ୍କ ଋଣ
## ଜମି ମାଲିକ ଇଓଡବ୍ଲ୍ୟୁର ଦ୍ୱାରସ୍ଥ

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ଜମି ପଟ୍ଟା ସଂଶୋଧନ କରିବା ଆଳରେ ବ୍ୟାଙ୍କରେ ଉକ୍ତ ଜମି ପଟ୍ଟାକୁ ବନ୍ଧକ ପକାଇ ଋଣ କରିବା ଘଟଣାରେ ଜମି ମାଲିକ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଦ୍ୱାରସ୍ଥ ହୋଇଛନ୍ତି। ଏହି ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଥିବା ଇଓଡବ୍ଲ୍ୟୁର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ ଲିଙ୍ଗରାଜ ଥାନା ଅଧୀନରେ ଗିରିଧାରୀ ସାହୁଙ୍କର ପ୍ଲଟ ନଂ-୫୩୭ରେ ୪୭ ଡେସିମିଲ ଜମି ରହିଛି। ଉକ୍ତ ଜମିର କବଲାକୁ ନେଇ ସେ ପଟ୍ଟା ପାଇଁ ଆବେଦନ କରିଥିଲେ। ପଟ୍ଟାରେ ତାଙ୍କର ୪୦ ଡେସିମିଲ୍ ଜମି ଥିବା ଜଣାପଡ଼ିଥିଲା। ଏହାପରେ ସଂଶୋଧନ ଲାଗି ବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିବା ପାଇଁ ସେ ୨୦୦୩ରେ ଜଣେ ଆଇନଜୀବୀଙ୍କୁ ମୂଳ କବଲା ଓ ପଟ୍ଟା ଦେଇଥିଲେ। ୨୦୦୮ରେ ତାଙ୍କ ଜମିକୁ ବନ୍ଧକ ରଖାଯାଇ ଶୈଳଶ୍ରୀବିହାର ଷ୍ଟେଟ ବ୍ୟାଙ୍କ ଶାଖାରୁ ୮ଲକ୍ଷ ଟଙ୍କା ଋଣ ଉଠାଯାଇଥିଲା। ଋଣ ପରିଶୋଧ ନ ହେବାରୁ ଏହା ବୃଦ୍ଧି ପାଇ ୯.୬୬ଲକ୍ଷରେ ପହଞ୍ଚିଥିଲା। ଏନେଇ ଗିରିଧାରୀଙ୍କ ନିକଟକୁ ନୋଟିସ ଆସିଥିଲା। ଗିରିଧାରୀ ବ୍ୟାଙ୍କରେ ଖୋଳତାଡ଼ କରିବା ବେଳେ ଘଟଣା ଜଣାପଡ଼ିଥିଲା।

## ଅଭିନନ୍ଦନଙ୍କୁ ସ୍ୱାଗତ କଲେ ଛାତ୍ରୀଛାତ୍ର

**ପୁରୁଣା ଭୁବନେଶ୍ୱର, ୧।୩(ଡି.ଏନ୍.ଏ.):** ଭାତରୀୟ ବାୟୁସେନା ଉଇଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନ ଗରିଫ କରିବା ପରେ ଶୁକ୍ରବାର ରାତିରେ ସସମ୍ମାନରେ ଭାରତକୁ ଫେରାଇ ଦେଇଛି। ତେବେ ଏହି ପ୍ରକୃତ ହିରୋ ଅଭିନନ୍ଦନଙ୍କୁ ଦେଶରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବା ବେଳେ ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ର ଭିନ୍ନ ଢଙ୍ଗରେ ଅଭିନନ୍ଦନ କରିଛନ୍ତି। ଏଥିସହ ସ୍କୁଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରୀଛତ୍ରମାନେ ଯୋଗ ଦେଇଥିଲେ। ସ୍କୁଲ ନିର୍ଦ୍ଦେଶକ ଅଜିତ କୁମାର ଦାସ, ପ୍ରିନ୍ସିପାଲ ଏ.ଆର. ଆରଲାଣ୍ଡଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୟୁନିଫର୍ମ ପଲିସିକୁ ରାଜ୍ୟ ସରକାରଙ୍କ ମୋହର

**ପୁରୀ ଅଫିସ, ୧।୩**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମି ବିକ୍ରି ପାଇଁ ବାଟ ଫିଟିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧିତ ସମାନ ନୀତି (ୟୁନିଫର୍ମ ପଲିସି–୨୦୦୩)କୁ ଗୁରୁବାର ରାଜ୍ୟ ସରକାର ମୋହର ମାରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବିକ୍ରି କରି ଶ୍ରୀମନ୍ଦିରର ପାଣ୍ଠି ବୃଦ୍ଧି କରିବା ନିମନ୍ତେ ମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି। ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ରହିଛି ସମାନ ନୀତି ବା ୟୁନିଫର୍ମ ପଲିସି–୨୦୦୩। ୨୦୧୫ ନଭେମ୍ବର ୧୩ ତାରିଖ ପରିଚାଳନା କମିଟି ନିଷ୍ପତ୍ତି କ୍ରମେ ୟୁନିଫର୍ମ ପଲିସିରେ ଆବଶ୍ୟକ ସଂଶୋଧନ ଅଣାଯାଇ ୨୦୧୬ ଜୁନ୍ ୩୦ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଅନୁମୋଦନ ନିମନ୍ତେ ପଠା ଯାଇଥିଲା। ଦୀର୍ଘ ୨ ବର୍ଷ ଧରି ଏହି ପ୍ରସ୍ତାବ ଆଇନ ବିଭାଗ ନିକଟରେ ପଡି ରହିଥିଲା। ୨୦୧୮ ସେପ୍ଟମ୍ବର ୧୭ରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧିତ ୟୁନିଫର୍ମ ପଲିସି ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧନକୁ ତର୍ଜମା କରି ପୁଣି ରାଜ୍ୟ ସରକାର ପରିଚାଳନା କମିଟିର ଅନୁମୋଦନ ଲାଗି ପଠାଇଥିଲେ। ଗତବର୍ଷ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ପରିଚାଳନା କମିଟିରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେଥିରେ କେତେକ ସଂଶୋଧନ କରାଯିବା ସହ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା।

୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏବେ ଏକର ପିଛା ୬ ଲକ୍ଷ ଟଙ୍କା ଦେବାକୁ ପଡିବ। ୨୦ ବର୍ଷରୁ ଊର୍ଦ୍ଧ୍ୱ ଓ ୩୦ବର୍ଷରୁ କମ୍ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ସାଢ଼େ ୪ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏବେ ଏକର ପିଛା ୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ସେହିପରି ୧୨ ବର୍ଷରୁ ଊର୍ଦ୍ଧ୍ୱ ଓ ୨୦ ବର୍ଷରୁ କମ୍ ଦଖଲଦାରଙ୍କୁ ପୂର୍ବରୁ ଏକର ପିଛା ସାଢ଼େ ୭ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏବେ୧୫ ଲକ୍ଷ ଟଙ୍କା ଦେବାକୁ ପଡିବ। ୟୁନିଫର୍ମ ପଲିସିରେ ଏହିଭଳି କେତେକ ସଂଶୋଧନ କରାଯାଇଥିଲା। ପରିଚାଳନା କମିଟି ଏହାକୁ ଅନୁମୋଦନ କରି ଗତବର୍ଷ ନଭେମ୍ବର ୧୧ ତାରିଖରେ ପତ୍ର ସଂଖ୍ୟା ୧୨୦୪୬ରେ ରାଜ୍ୟ ସରକାରଙ୍କ ବିଧି ବିଭାଗକୁ ପଠାଇଥିଲା। ରାଜ୍ୟ ସରକାର ଏହି ସଂଶୋଧିତ ୟୁନିଫର୍ମ ପଲିସିକୁ ଗୁରୁବାର ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ଦର ବର୍ତ୍ତମାନ ବିଚାରାଧିନ ଦରଖାସ୍ତ ଗୁଡ଼ିକ କ୍ଷେତ୍ରରେ ଲାଗୁ କରାଯିବ ନାହିଁ। ବର୍ଦ୍ଧିତ ଦର ସରକାରୀ ଅନୁମୋଦନ ଲାଭ ପରଠାରୁ ଯେଉଁମାନେ ଜମି କ୍ରୟ ପାଇଁ ଅବେଦନ କରିବେ ସେମାନଙ୍କ ପ୍ରତି ଏହା ଲାଗୁ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ୬୦ ହଜାର ଏକର ଜମି ରହିଛି। ସେଥିମଧ୍ୟରୁ ଗତ ୧୯ବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩୦୮ ଏକର ୨୭୧ ଡେସିମିଲ ଜମି ବିକ୍ରି କରାଯାଇଛି। ଜମି ବିକ୍ରି ଲବ୍ଧ ଅର୍ଥ କର୍ପସ ଫଣ୍ଡରେ ଜମା ରଖାଯାଇଛି। ଅନ୍ୟପକ୍ଷରେ ଗତ କିଛିବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି କଣିବା ଲାଗି ୬,୫୪୮ଟି ଆବେଦନ ଆସିଛି। ସେଥିମଧ୍ୟରୁ ୫,୦୪୦ଟି ଆବେଦନ କେବେଳ ପୁରୀ ସହରର ରହିଛି। ୟୁନିଫର୍ମ ପଲିସିକୁ ଅନୁମୋଦନ ମିଳିପାରି ନ ଥିବାରୁ ଜମି ବିକ୍ରି ବନ୍ଦ ରହିଥିଲା। ଏବେ ରାଜ୍ୟ ସରକାର ଏହାକୁ ଅନୁମୋଦନ ଦେଇଥିବାରୁ ଜମି ବିକ୍ରି ପୁଣି ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି।

## ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରିକୁ ବିରୋଧ

**କଟକ ଅଫିସ, ୧।୩**

ପୁରୀ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ପ୍ରସ୍ତୁତ ହୋଇଥିବା ସଂଶୋଧିତ ଏକକ ପଲିସିକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଜମି ବିକ୍ରି କରିବା ପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଆଡଭୋକେଟ ମହାପାତ୍ର ନିଜ ପିଟିଶନରେ ଦର୍ଶାଇଛନ୍ତି ଯେ, ୨୦୦୩ ମସିହାରେ ଜଗନ୍ନାଥଙ୍କ

**ହାଇକୋର୍ଟରେ ମାମଲା**

ଜମି ବିକ୍ରି କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ୟୁନିଫର୍ମ ପଲିସି ପ୍ରସ୍ତୁତ ହୋଇଥିଲା। ଏବେ ଏହି ପଲିସିରେ କେତେକ ସଂଶୋଧନ ଅଣାଯାଇଛି। ଏପରି କି ସଂଶୋଧିତ ପଲିସିକୁ ସରକାର ଅନୁମୋଦନ କରିଛନ୍ତି। ଆଡଭୋକେଟ ମହାପାତ୍ର ପିଟିଶନରେ ଦର୍ଶାଇଥିବା ତଥ୍ୟ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଜମି କିଣିବା ଲାଗି ଏବେ ୧୦ହଜାର ଆବେଦନ ପଡ଼ିରହିଛି। ରାଜ୍ୟର ବିଭିନ୍ନ ଜିଲାରେ ମହାପ୍ରଭୁ ଜଗନ୍ନାଥଙ୍କ ୬୦ହଜାର ୪୧୮ ଏକର ଭୂସମ୍ପତ୍ତି ରହିଛି। ସେଥିରୁ ୩୫ ହଜାର ଏକର ଜମିର ମାଲିକାନା ସ୍ୱତ୍ୱ ଶ୍ରୀଜଗନ୍ନାଥ ପରିଚାଳନା କମିଟି ନାମରେ ରହିଛି। ଓଡ଼ିଶାକୁ ବାଦ୍ ଦେଲେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ମଧ ମହାପ୍ରଭୁଙ୍କର ବହୁ ପରିମାଣର ଭୂସମ୍ପତ୍ତି ରହିଛି। ଏପରିକି ଏହି ଜମିଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ରହିଛି। ଏବେ ସରକାର ଏହି ବହୁମୂଲ୍ୟ ଜମିକୁ ଶାଗମାଛ ଦରରେ ବିକ୍ରି କରିବାକୁ ମସୁଧା ଚଳାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରଦ୍ଦ କରିବାକୁ ପିଟିଶନରେ ନିବେଦନ କରିଛନ୍ତି।

- ତ୍ୱରାନ୍ୱିତ ହେବ ମହାପ୍ରଭୁଙ୍କ ଜମି ବିକ୍ରି
- ବର୍ଦ୍ଧିତ ଦର ବିଚାରାଧୀନ ଦରଖାସ୍ତଗୁଡ଼ିକ କ୍ଷେତ୍ରରେ ଲାଗୁ ହେବନି



## ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ, ୧।୩**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ତିନିଠାକୁରଙ୍କ ରଥ ନିର୍ମାଣ ଲାଗି ତୃତୀୟ ପର୍ଯ୍ୟାୟ ରଥକାଠ ଶୁକ୍ରବାର ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ଗୋଟିଏ ଟ୍ରକ୍ ଯୋଗେ ୨୪ ଖଣ୍ଡ ଧଉରା କାଠ ଆସିଛି। ଏଥିରେ ୧୨ ଫୁଟିଆ ଧଉରା ୧୪ ଖଣ୍ଡ, ଏବଂ ୨୦ ଫୁଟିଆ ଧଉରା ୧୦ ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି।

## ଅଶୋକନଗର ୟୁକୋ ବ୍ୟାଙ୍କରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୧।୩ (ବ୍ୟୁରୋ)**

କ୍ୟାପିଟାଲ ଥାନା ଅଧୀନ ଅଶୋକନଗର ୟୁକୋ ବ୍ୟାଙ୍କ୍‌ରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ବ୍ୟାଙ୍କ୍‌ର ପଞ୍ଚମ ମହଲାର ବାଥରୁମ୍‌ରେ ନିଆଁ ଲାଗିଥିଲା। ନିଆଁ ଚାରିଆଡେ ବ୍ୟାପିବା ପୂର୍ବରୁ ବ୍ୟାଙ୍କର କର୍ମଚାରୀମାନେ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ନିଆଁ ସମ୍ପୂର୍ଣ୍ଣ ଲିଭିଯାଇଥିଲା।

ସୂଚନା ଅନୁଯାୟୀ, ବାଥ୍‌ରୁମ୍‌ରେ ନିଆଁ ଲାଗିଥିବା ଜାଣି ବ୍ୟାଙ୍କର କର୍ମଚାରୀମାନେ ଭୟଭୀତ ହୋଇ ବାହାରକୁ ପଳାଇ ଆସିଥିଲେ।

**ଅସାବଧାନତାରୁ ଲାଗିଲା ନିଆଁ**

କେତେଜଣ କର୍ମଚାରୀ ସାହସ ଜୁଟାଇ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିଆଁ ଲାଗିଥିବା ସ୍ଥାନରେ ଏକ ଜେନେରେଟର ରହିଛି। ସେଥିରେ ନିଆଁ ଲାଗିଥିଲେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥାନ୍ତ ବୋଲି କୁହାଯାଉଛି। କେହି ଜଣେ ବାଥରୁମ୍‌ରେ ସିଗାରେଟ୍ ଟାଣି ପକାଇବାରୁ ଝରକା ସ୍କ୍ରିନରେ ଲାଗି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ରବିଶଙ୍କର ପଟ୍ଟନାୟକ ପାଇଲେ 'ଜୟଦେବ ପୁରସ୍କାର'

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୭ ମସିହା ପାଇଁ ୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର 'ଜୟଦେବ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି। ଚଳଚ୍ଚିତ୍ର ସମ୍ପାଦନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହାସହ ମୋଟ ୨୫ଟି ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

ଶୁକ୍ରବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଧାୟକ ବିଜୟ ମହାନ୍ତି, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ରାମକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ୨୦୧୭ ମସିହା ପାଇଁ 'ହାଲୋ ଆର୍ସି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଚଳଚ୍ଚିତ୍ର ପ୍ରଯୋଜକ ଅଜୟ ରାଉତରାୟ ୫୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପଢ଼ୌକନ ଗ୍ରହଣ କରିଛନ୍ତି। ସେହିଭଳି ଜୟଦେବ ପୁରସ୍କାର ବାବଦରେ ରବିଶଙ୍କର ପଟ୍ଟନାୟକଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯାଇଛି।

ଚଳଚ୍ଚିତ୍ର 'ହାଲୋ ଆର୍ସି' ପାଇଁ ଏଥର ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ସ୍ୱର୍ଗତ ସମ୍ବିତ୍ ମହାନ୍ତି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ତାଙ୍କ ପତ୍ନୀ ରିତୁ ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଶ୍ରେଷ୍ଠ ଅଭିନେତା ଭାବେ 'ହାଲୋ ଆର୍ସି'ର ପାର୍ଥସାରଥି ରାୟ ଏବଂ 'ଲୈଲା ଓ ଲୈଲା' ଫିଲ୍ମ ପାଇଁ ସନ୍‌ମିରା ନାଗେଶ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଛନ୍ତି। ଚଳଚ୍ଚିତ୍ର 'ଲୈଲା ଓ ଲୈଲା' ପାଇଁ ବୈଦ୍ୟନାଥ ଦାଶଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, 'ଦୃଷ୍ଟାନ୍ତ'ର ଜିତେନ୍ଦ୍ରନାଥ ମହାପାତ୍ରଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', 'ସପନର ପଥେ ପଥେ' ଚଳଚ୍ଚିତ୍ରର 'ବିତିଯାଇଛି କେତେଦିନ...' ଗୀତ ପାଇଁ ସତ୍ୟଜିତ୍ ପ୍ରଧାନଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ' ଓ 'ମୁଁ ଖାଣ୍ଟି ଓଡ଼ିଆ ଝିଅ...' ପାଇଁ ଅସୀମା ପଣ୍ଡାଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା' ପୁରସ୍କାର ମିଳିଛି। ସେହିପରି 'ଶିବା ନଟ୍ ଆଉଟ୍' ଚଳଚ୍ଚିତ୍ରର ଧ୍ରୁବାନନ୍ଦ ପଣ୍ଡାଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', ପ୍ରାମାଣିକ ଚଳଚ୍ଚିତ୍ର 'କ୍ଷଣିକା' ପାଇଁ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ 'ଶ୍ରେଷ୍ଠ ସମ୍ପାଦନା', 'ତୁ ମୋ ଲଭ୍ ଷ୍ଟୋରୀ'ର 'ଟିକେ ଟିକେ ଅଚିହ୍ନା ତୁ' ଗୀତ ପାଇଁ ଅରୁଣ ମନ୍ତ୍ରୀଙ୍କୁ 'ଶ୍ରେଷ୍ଠ ଗୀତିକାର' ଓ ସେହି ଫିଲ୍ମର ଦେବୀଦତ୍ତ ମହାନ୍ତିଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯାଇଛି। 'ଖାଣ୍ଟି ଓଡ଼ିଆ ଝିଅ' ଚଳଚ୍ଚିତ୍ରର ମନୋଜ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', ମାମୁନି ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ', 'ହିରୋ ନଂ. ୱାନ'ର ତ୍ରିଭୁବନ ପଣ୍ଡାଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', 'ସପନଟିଏ' ଚଳଚ୍ଚିତ୍ରର ମାଗୁଣି ପାତ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର' ପୁରସ୍କାର ମିଳିଥିବା ବେଳେ 'ତୁ ମୋ ଲଭ୍ ଷ୍ଟୋରି'ର ସୁବାସ ବେହେରାଙ୍କୁ 'ଶ୍ରେଷ୍ଠ କଳା ନିର୍ଦ୍ଦେଶକ', 'ହାଲୋ ଆର୍ସି'ର ସୁବାସ ସାହୁଙ୍କୁ 'ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ', 'ଦୃଷ୍ଟାନ୍ତ'କୁ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର', 'ଜଷ୍ଟ ମୋହବତ୍'ର ଅରୁଣ ପାଟରାଙ୍କୁ 'ଶ୍ରେଷ୍ଠ ବେଶପୋଷାକ ସଜ୍ଜାକାରୀ', ଏସ୍.କେ. ମୁରଲୀଧରନ୍‌ଙ୍କୁ ଶ୍ରେଷ୍ଠ ନୃତ୍ୟ ସଂଯୋଜକ, 'ଜଗନ୍ନାଥ ଧାମ ପୁରୀ'ର ମାନସ ବେହେରାଙ୍କୁ 'ଶ୍ରେଷ୍ଠ ରୂପ ସଜ୍ଜାକାରୀ' ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଜୁରି ବିଭାଗରେ 'ଶିବା ନଟ୍ ଆଉଟ୍'ର ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବ ଅବସରରେ ପୁରସ୍କାର ଜୁରି କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉତ୍ସବରେ ବରିଷ୍ଠ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକଙ୍କୁ ଅତିଥିମାନେ 'ଜୟଦେବ ପୁରସ୍କାର'ରେ ସମ୍ମାନିତ କରୁଛନ୍ତି।



ଶ୍ରେଷ୍ଠ ଅଭିନେତ୍ରୀ ସନ୍‌ମିରା ନାଗେଶ।



ଶ୍ରେଷ୍ଠ ଅଭିନେତା ପାର୍ଥସାରଥି ରାୟ।



ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସ୍ୱର୍ଗତ ସମ୍ବିତ ମହାନ୍ତିଙ୍କ ପାଇଁ ତାଙ୍କ ସ୍ତ୍ରୀ ରିତୁ ମହାନ୍ତି ପୁରସ୍କାର ଗ୍ରହଣ କରୁଛନ୍ତି।

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**

- ୨୫ ବିଭାଗରେ ଦିଆଗଲା ଚଳଚ୍ଚିତ୍ର ପୁରସ୍କାର
- 'ହାଲୋ ଆର୍ସି' ଶ୍ରେଷ୍ଠ ଚଳଚ୍ଚିତ୍ର

## ଜାତୀୟ ଶକ୍ତି ସଂରକ୍ଷଣ ଅଭିଯାନରେ ସଫଳତା
## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରଶଂସା କଲା କେନ୍ଦ୍ର

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ସାରା ଦେଶରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ ହୋଇଥିବା ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା–୨୦୧୮ ପାଇଁ ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଶଂସିତ ହୋଇଛି। ସର୍ବାଧିକ ଅଂଶଗ୍ରହଣକାରୀ ଓ ସଫଳ କାର୍ଯ୍ୟ ସମ୍ପାଦନ ରେକର୍ଡ ପାଇଁ ଓଡ଼ିଶାକୁ ଏହି ପ୍ରଶଂସାପତ୍ର ମିଳିଥିବା କୁହାଯାଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ଡାଇରେକ୍ଟର ଜେନେରାଲ ଅଭୟ ବାର୍କେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଓ ସମଗ୍ର ଶିକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦର ସିଂ ପୁନିଆଙ୍କୁ ପ୍ରଶଂସା ସୂଚକ ସ୍ୱୀକୃତି ପ୍ରମାଣପତ୍ର ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଶିକ୍ଷା ବିଭାଗ ବର୍ଗରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିବାରେ ସଫଳ ହୋଇଥିବା ସେଥିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ୩୦ଟି ଜିଲାରେ ଆୟୋଜିତ ଏହି ଚିତ୍ରକଳା ପ୍ରତିଯୋଗିତାର ଜୁନିୟର ଓ ସିନିୟର ବିଭାଗରେ ୨୫,୨୦୦ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୬ଲକ୍ଷ ୨୦ହଜାର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମନୋନୀତ କୃତୀ ପ୍ରତିଯୋଗୀ ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ତନ୍ମଧ୍ୟରୁ ଜଣେ ୫ମ ଶ୍ରେଣୀର ଛାତ୍ରୀ ଜାତୀୟସ୍ତର କନିଷ୍ଠ ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୫୦ହଜାର ଟଙ୍କା ସହ ପ୍ରମାଣପତ୍ର ପାଇଥିଲେ।

## ଫଟୋରେ ଖବର



ଭାରତୀୟ ବାୟୁସେନା(ଆଇଏଏଫ୍) ୱିଙ୍ଗ୍ କମାଣ୍ଡର କ୍ୟାପ୍ଟେନ ଅଭିନନ୍ଦନ ବର୍ଥମାନ ପାକିସ୍ତାନ କବ୍‌ଜାରୁ ମୁକ୍ତ ହେବା ଖୁସିରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ବାଣ ଫୁଟାଉଛନ୍ତି।





ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏବିଭିପି ପକ୍ଷରୁ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ପାଇଁ ଛାତ୍ରୀଛାତ୍ର ଖୁସିରେ ସ୍ଲୋଗାନ ଦେଉଛନ୍ତି।





କଳିଙ୍ଗ ସେନା ପକ୍ଷରୁ ଲୋୟର୍ ପିଏମ୍‌ଜିଠାରେ ଉତ୍ସବ ମନାଯାଉଛି।

## ସଂକ୍ଷେପରେ

### ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ



**ବାଲିଅନ୍ତା,୧।୩(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ଜିଟିକାର ସୁଆଁଲୋ ଗ୍ରାମ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋବିନ୍ଦପୁର ଥାନା ଅଧୀନ ତଣ୍ଡିକଣା ଅଞ୍ଚଳର ବାବୁଲା ନାୟକ (୪୫)। ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ବେଳେ ଏକ କାଠ ବୋଝେଇ ଟ୍ରାକ୍ଟର (ନଂ ଓଡି ୦୫ୟୁ ୦୦୨୬) ଭିଙ୍ଗାରପୁରରୁ ପ୍ରତାପରୁଦ୍ରପୁର ଅଭିମୁଖେ ଯାଉଥିବାବେଳେ ଅପରପକ୍ଷେ ପଥର ବୋଝେଇ ଟ୍ରକ( ଓଆର୍ ଏକ୍ସ ୬୬୦୧)ଟି ଓଭରଟେକ କରିବାକୁ ଯାଇ ଧକ୍କା ହୋଇଯାଇଥିଲା। ଫଳରେ ଗାଡ଼ି ୨ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଟ୍ରାକ୍ଟର ଉପରେ ବସିଥିବା ଶ୍ରମିକ ବାବୁଲାଙ୍କ ମୃତ୍ୟୁ ହୋଇଥିଲା। ସେଠାରେ ସ୍ଥାନୀୟ ଲୋକେ ଆସି ଟ୍ରକ ଡ୍ରାଇଭରକୁ ଧରି ପୋଲିସ ଜିମା ଦେଇଥିବାବେଳେ ଶ୍ରମିକ ବାବୁଲାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ କ୍ୟାପିଟାଲ ହସ୍ପିଟାଲ ପଠାଇଛି।

### ପାର୍କ, ଖେଳପଡ଼ିଆ ଲୋକାର୍ପିତ

**ପୁରୁଣା ଭୁବନେଶ୍ୱର,୧।୩(ଡି.ଏନ.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଥିବା ୪ଟି ପାର୍କ ଏବଂ ଏକ ଖେଳ ପଡ଼ିଆ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ପାର୍କଗୁଡ଼ିକ ହେଲା ଭୀମଟାଙ୍ଗୀ ଫେଜ୍-୧, ସାମନ୍ତରାପୁରଠାରେ ମା' ଭୁଆସୁଣୀ ପାର୍କ, କଳ୍ପନା ପ୍ଲଟ ଏରିଆ ପାର୍କ ଏବଂ ଟାଉନ କ୍ଲବ ଖେଳପଡ଼ିଆ ପରିସରରେ ଅନ୍ୟ ଏକ ପାର୍କ ପ୍ରାୟ ୯୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଟାଉନ କ୍ଲବ ଖେଳପଡ଼ିଆ ଆଧୁନିକୀରଣ ପାଇଁ ୨୫ ଲକ୍ଷ ବ୍ୟୟ କରାଯାଇଛି। ଅମୃତ ଯୋଜନାରେ ପାର୍କଗୁଡ଼ିକ ଉନ୍ନତୀକରଣ କରାଯାଇଥିବାବେଳେ ଖେଳପଡ଼ିଆ ପାଇଁ କ୍ରୀଡ଼ା ଓ ଯୁବ ବିକାଶ ପକ୍ଷରୁ ଏହି ଅନୁଦାନ ଦିଆଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୃଥକ୍ ପୃଥକ୍ ଭାବେ ପାର୍କ ଓ ଖେଳ ପଡିଆକୁ ଲୋକାର୍ପିତ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ କର୍ପୋରେଟର ପୁଷ୍ପ ଦାସ, ଅମରେଶ ଜେନା, ହୃଦୟବଲ୍ଲଭ ସାମନ୍ତରାୟ, ସୁଜିତ୍ ସ୍ୱାଇଁ, ସାମାଜିକ କର୍ମୀ ପ୍ରଭାସ ସୁନ୍ଦରାୟ, ଶିବ ପ୍ରସାଦ ରାୟ, ବିଏମ୍‌ସିର ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ ମିଶ୍ର, ସହକାରୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଲିଙ୍ଗିପୁର ପଞ୍ଚାୟତ ସମସ୍ୟା ନେଇ ସରପଞ୍ଚଙ୍କୁ ଅଭିଯୋଗ

**ପୁରୁଣା ଭୁବନେଶ୍ୱର,୧।୩(ଡି.ଏନ.ଏ.):** ଭୁବନେଶ୍ୱର ବ୍ଲକ ଅଧୀନ ଲିଙ୍ଗିପୁର ପଞ୍ଚାୟତ ନୂତନ ଭାବେ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କ ଅନେକ ଯୋଜନାରେ ଅଧିବାସୀମାନେ ଉପକୃତ ହେଉଥିବାବେଳେ ଏଠାରେ ବ୍ୟତିକ୍ରମ ହେବା ନେଇ ଶ୍ରୀ ରାଧାକୃଷ୍ଣ ଉନ୍ନୟନ ସମିତି ପକ୍ଷରୁ ଏହି ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରୁ ବଞ୍ଚିତ ଥିବା ପାଞ୍ଚ ନଂ. ୱାର୍ଡର ବିଜୟବିହାର ବାସିନ୍ଦା ଅଭିଯୋଗ କରିଛନ୍ତି ବିଜୟବିହାର କଲୋନୀରେ ମଶା ନରୋଧକ ଧୂଆଁ ବା ପ୍ରତିଶୋଧନ ନ ପହଞ୍ଚିବା, ମଧୁର ଜଳ ପାଇପ ନ ଥିବା, ବିଭିନ୍ନ ଗଳିରେ ଏଲଇଡ଼ି ଲାଇଟ୍ ନ ଥିବା ସମସ୍ୟା ନେଇ ଅଧିବାସୀମାନେ ଦସ୍ତଖତ ସମ୍ବଳିତ ନକଲ ଖୋର୍ଦ୍ଧା ଜିଲାପାଳ, ସ୍ଥାନୀୟ ବିଧାୟକ ଭୁବନେଶ୍ୱର ବିଡିଓ ଏବଂ ଭୁବନେଶ୍ୱର ବ୍ଲକ ଅଧକ୍ଷଙ୍କ ନିକଟକୁ ପଠାଇଛନ୍ତି।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର,୧।୩:** ମହର୍ଷି କଲେଜ ଅଫ୍ ନାଚୁରାଲ ଲ'ର ୩ଜଣ ବରିଷ୍ଠ ଅଧାପିକା ଓ ଅଧାପକ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ସେମାନେ ହେଲେ ଅନସୂୟା ମହାନ୍ତି, ବିଦ୍ୟୁତ୍ ପ୍ରଭା ଚୌଧୁରୀ ଓ ଡ. ତ୍ରୈଲୋକ୍ୟ ନାଥ ସାମଲ। ଏହି ଅବସରରେ କଲେଜରେ ଏକ ସମ୍ବର୍ଦ୍ଧନା ସଭା ଅଧକ୍ଷା ପୁଷ୍ପଲତା ପରିଜାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ଅବସର ଗ୍ରହଣ କରିଥିବା ଅଧାପିକା ଓ ଅଧାପକଙ୍କ କର୍ମମୟ ଜୀବନ ବିଷୟରେ ଆଲୋକପାତ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ତ୍ରୈଲୋକ୍ୟ ସାମଲଙ୍କ କାର୍ଯ୍ୟଦକ୍ଷତା ଉପରେ କହିଥିଲେ। ପ୍ରାଧାପିକା ଉର୍ମି ଦେବୀ ମାନପତ୍ର ପାଠ କରିଥିଲେ। ଡ. ଲକ୍ଷ୍ୟହୀରା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଏମ୍‌ସିରେ ବିଗୁଡୁଛି ପରିମଳ ବ୍ୟବସ୍ଥା

**ଭୁବନେଶ୍ୱର,୧।୩(ବ୍ୟୁରୋ)**

## ରାମ୍‌କୀକୁ କାରଣ ଦର୍ଶାଅ ନୋଟିସ

ରାଜ୍ୟ ସରକାରଙ୍କ ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟ ଖାରଜ ହେବା ପରେ ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ନିର୍ବାଚନ କେବେ ହେବ ସେ ନେଇ ସରକାରଙ୍କ ପାଖରେ ଉତ୍ତର ନାହିଁ। ନୂତନ କାଉନସିଲ କିମ୍ବା କର୍ପୋରେଶନ ଗଠନ ନ ହେବା ଯାଏ ମହାନଗର ନିଗମ, ପୌର ସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳଗୁଡିକୁ ପ୍ରଶାସକମାନେ ଚଳାଇବେ। ବିଭିନ୍ନ ୱାର୍ଡର ସମସ୍ୟା ଓ ଏହାର ସମାଧାନ ପ୍ରଶାସକମାନଙ୍କ ଦ୍ୱାରା ହେବ। ପ୍ରଶାସକମାନେ ପୌର ସଂସ୍ଥାର ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇଥିଲେ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଉଚିତ ଢଙ୍ଗରେ ତୁଲାଉ ନାହାନ୍ତି। ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି ହେଉ ନ ଥିବାରୁ ସହରାଞ୍ଚଳରେ ପରିସ୍ଥିତି ବିଗିଡିବାରେ ଲାଗିଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବା ପରେ ବିଏମ୍‌ସି ପାଇଁ ପ୍ରଶାସକ ନିଯୁକ୍ତି ହୋଇଥିଲେ ମଧ୍ୟ ଦିନକ ପାଇଁ ସେ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ଗତ ଦୁଇ ମାସରେ ୨ ଜଣ କମିଶନର ଅଦଳବଦଳ ହୋଇ ସାରିଲେଣି। ନୂତନ କମିଶନର କାର୍ଯ୍ୟରେ ଯୋଗ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଏମ୍‌ସିରେ ପ୍ରଶାସନିକ ଅଚଳାବସ୍ଥା ଦୂର ହୋଇନାହିଁ। ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଯାଉ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ପ୍ରଶାସନିକ ଅଚଳାବସ୍ଥା ଯୋଗୁ ପରିମଳ ବ୍ୟବସ୍ଥା ମଧ୍ୟ ବିଗିଡିବାରେ ଲାଗିଛି। ଗତ କିଛି ଦିନ ପୂର୍ବେ ୱାର୍ଡ ନଂ ୧,୨,୩, ୬, ୭, ୮ ଓ ୧୪ରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବା ଯୋଗୁ ବର୍ଜ୍ୟବସ୍ତୁ ଉଠା ନ ଯାଇ ଦୀର୍ଘଦିନ ପଡି ରହିଥିଲା। ଏଥିଯୋଗୁ ସମ୍ପୃକ୍ତ ୱାର୍ଡରେ ପରିବେଶ ବିଗିଡିଯାଇଥିଲା। ଯଦିଓ କର୍ମଚାରୀମାନଙ୍କୁ ବୁଝାଶୁଝା କରି ସଫେଇ କାର୍ଯ୍ୟ କରାଯାଉଛି ତଥାପି ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସୁ ନାହିଁ। ଅଳିଆ ଅବର୍ଜନା ରାସ୍ତାକଡରେ ଦୀର୍ଘଦିନ ଧରି ପଡି ରହୁଛି। ଏହି ୱାର୍ଡ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ରାମ୍‌କୀକୁ ବିଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହା ସତ୍ତ୍ୱେ ଉକ୍ତ ସଂସ୍ଥା ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରୁ ନାହିଁ। ଅଧିକାଂଶ ଅଞ୍ଚଳରେ କୁଢ କୁଢ ଅଳିଆ ଆବର୍ଜନା ଦୀର୍ଘ ଦିନ ଧରି ପଡି ରହୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବିଏମ୍‌ସି ସିଟି ହେଲ୍‌ଥ ଅଫିସର ରାମ କୃଷ୍ଣ ରାଉତ କହିଛନ୍ତି ଯେ, ଚୁକ୍ତି ସର୍ତ୍ତ ଅନୁଯାୟୀ ରାମ୍‌କୀ କାର୍ଯ୍ୟ କରୁ ନାହିଁ। ବାରମ୍ବାର ତାଗିଦ ସତ୍ତ୍ୱେ ମଧ୍ୟ ସେହି ସଂସ୍ଥା ସଫେଇ କାର୍ଯ୍ୟରେ କୌଣସି ଉନ୍ନତି ଆଣୁ ନାହିଁ। ଉକ୍ତ ସଂସ୍ଥାକୁ ନୋଟିସ କରାଗଲେ ମଧ୍ୟ ବିଏମ୍‌ସିରେ ହାଜର ହେଉ ନାହିଁ। ଏ ନେଇ ସେହି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଏହାର ଜବାବ ନ ମିଳିଲେ ସଫେଇ କାର୍ଯ୍ୟରୁ ଅନ୍ତର କରିବାକୁ କମିଶନରଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ବିଏମ୍‌ସିରେ ପ୍ରଶାସନିକ ସମସ୍ୟା ଯୋଗୁ ସହର ସଫେଇ ଦାୟିତ୍ୱରେ ଥିବା ୩ଟି ସଂସ୍ଥା ଗତ ୫ ମାସ ହେବ ଟଙ୍କାଟିଏ ଦେୟ ପାଇ ନାହାନ୍ତି। ଫଳରେ ସଫେଇ କର୍ମଚାରୀମାନଙ୍କୁ ପାରିଶ୍ରମିକ ଦେବା ସେମାନଙ୍କ ପାଇଁ କାଠିକର ପାଠ ହେଲାଣି। ତୁରନ୍ତ ବକେୟା ଅର୍ଥ ଯୋଗାଇ ଦେବାକୁ ଦାବି କରାଯାଇଛି। ନଚେତ ସଫେଇ ବ୍ୟବସ୍ଥା ଭୁଶୁଡି ପଡିବ ବୋଲି ସେମାନେ ଚେତାଇ ଦେଇଛନ୍ତି।



ଭୁବନେଶ୍ୱର ସାଲିଆସାହିରେ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ଆୟୋଜିତ 'ମୁଁ ହିରୋ ମୋ ଓଡ଼ିଶା' କାର୍ଯ୍ୟକ୍ରମରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅନ୍ୟମାନେ।

# ଡିପିଏସ୍ କଳିଙ୍ଗରେ ପ୍ରେପ୍ ଗ୍ରାଜୁଏଶନ ଡେ



**ଭୁବନେଶ୍ୱର,୧।୩**

ଡିପିଏସ୍ କଳିଙ୍ଗ ପକ୍ଷରୁ ପ୍ରେପ୍ ଗ୍ରାଜୁଏଶନ ଡେ ପାଳିତ ହୋଇ ଯାଇଛି। ଏହା ଦ୍ୱାରା ୨୦୧୮-୧୯ ଲାଗି ପ୍ରସ୍ତୁତିମୂଳକ ଏକାଡେମିକ ସେସନର ସମାପ୍ତି ଘଟିଛି। ଏହି ଅବସରରେ ପୁଲଓ୍ୱାମା ଶହୀଦଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା। ଦୀପଶୀଖା ଡ୍ୟାନ୍ସ ଦ୍ୱାରା ସେନାକୁ ସଲାମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତ୍ରଷ୍ଟି ମାଳା ମିଶ୍ର ବିଶ୍ୱାସ, ଆଶା, ଶିକ୍ଷା ପ୍ରତି ଭଲ ପାଇବା ଏବଂ ଗୁଣବତ୍ତା ଶିକ୍ଷା ପ୍ରଦାନ ଦିଗରେ ଡିପିଏସ୍ କଳିଙ୍ଗର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଖବରକାଗଜ ବିତରକଙ୍କ କିଡ୍‌ନୀ ନଷ୍ଟ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

## ସହାୟତା ପାଇଁ ଆକୁଳ ନିବେଦନ



ମାତ୍ର ୮ ବର୍ଷ ବୟସରେ ବାପା ଚାଲିଗଲେ। ମା' ତାଙ୍କୁ ସାଙ୍ଗରେ ଧରି ମାମୁଘରକୁ ଚାଲିଆସିଲେ। ମାମୁଘରେ ଥିଲେ କେବଳ ଆଈ। ମା' ପର ଘରେ ବାସନ ମାଜି ତାଙ୍କୁ ଅଳ୍ପ ପାଠ ପଢାଇଥିଲେ। ରୋଜଗାର ପାଇଁ ଗତ ୨ବର୍ଷ ହେଲା ସେ ଖବରକାଗଜ ବିକ୍ରି କରୁଥିଲେ। ୬ ମାସ ହେଲା ହଠାତ୍ ତାଙ୍କ ଦେହ ଖରାପ ହେଲା। ମେଡିକାଲରେ ପରୀକ୍ଷା କରିବାରୁ ବର୍ତ୍ତମାନ ତାଙ୍କର ଦୁଇଟି ଯାକ କିଡ୍‌ନୀ ଖରାପ ହୋଇ ଯାଇଥିବା ଜଣାପଡିଛି। ଖବରକାଗଜ ବିତରକ ଜଣକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣା ଗ୍ରାମରେ ରହୁଥିବା ନିରଞ୍ଜନ ବାରିକ (୨୨)।

ଡାଏଲିସିସ ନ ହେଲେ ବଞ୍ଚିବା ଆଶା କ୍ଷୀଣ ବୋଲି ଡାକ୍ତର ଜଣାଇବାରୁ ସେହିଦିନ ଠାରୁ ନିରଞ୍ଜନ ଡାଏଲିସିସ କରୁଛନ୍ତି। ବର୍ତ୍ତମାନ ତାଙ୍କର ଦୁଇ ଦିନରେ ଥରେ ଡାଏଲିସିସ ହେଉଛି। ଫଳରେ ତାଙ୍କର ସଞ୍ଚିତ ଅର୍ଥ ସରିଗଲାଣି। ଦେହ ଖରାପ ହେବାରୁ ସେ ବର୍ତ୍ତମାନ ଖବରକାଗଜ ବିତରଣ ମଧ୍ୟ କରିପାରୁ ନାହାନ୍ତି। ମା' ତିଳୋତ୍ତମା ପୁଅକୁ କିଡ୍‌ନୀ ଦେଇପାରିବେ ବୋଲି ଡାକ୍ତର କହୁଥିଲେ ମଧ୍ୟ ଅପରେଶନ ପାଇଁ ତାଙ୍କ ନିକଟରେ ଟଙ୍କାଟିଏ ନାହିଁ। ଆଈ ଓ ମା' ମଧ୍ୟ ତାଙ୍କ ଉପରେ ନିର୍ଭରଶୀଳ। ଏପରିସ୍ଥଳେ ପୁଅର ଜୀବନ ବଞ୍ଚାଇବା ପାଇଁ ତିଳୋତ୍ତମା ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ: ଯୁବକ ଗିରଫ

**ପୁରୁଣା ଭୁବନେଶ୍ୱର,୧।୩ (ଡି.ଏନ.ଏ)**

ଜନୈକା ବିଧବା ମହିଳାଙ୍କୁ ପ୍ରଲୋଭନ ଦେଖାଇ ପ୍ରଥମରେ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ବିଭିନ୍ନ ନିର୍ଯାତନା ଦିଆଯାଉଥିଲା। ଏ ନେଇ ସେ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ଏହି ଥାନା ଅଧୀନ ଇଟିପୁର ଗ୍ରାମର ପ୍ରତାପ ସ୍ୱାଇଁ (୪୫)। ପୋଲିସ ସୂଚନା ମୁତାବକ, ବାଲିପାଟଣା ଥାନା ଅଞ୍ଚଳର ମହିଳା ଜଣଙ୍କର ଘର ନିଜର ସ୍ୱାମୀଙ୍କ ଦେହାନ୍ତ ପରେ ଏଠାରେ ପଳାଶପୁର ଶାସନ ନିଜ ବାପଘରେ ରହୁଥିଲେ ପ୍ରତାପ ଏହାର ସୁଯୋଗ ନେଇ ମାମିନାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜେ ଧଉଳି ପାହାଡରେ ଦୋକାନରେ ରଖିଥିଲେ। ମହିଳାଙ୍କ ସମ୍ମତି କ୍ରମେ ତାଙ୍କ ସହିତ ପ୍ରତାପ ଶରିରୀକ ସମ୍ପର୍କ ମଧ୍ୟ ରଖିଥିଲେ ମାତ୍ର ପ୍ରତାପ ବିଭିନ୍ନ ଆଳ ଦେଖାଇ ମାମିନାଙ୍କୁ ଶାରିରୀକ ନିର୍ଯ୍ୟାତନା ଦେଉଥିବା ବୁଧବାର ଥାନାରେ ଅଭିଯୋଗ କରିଥିଲେ ପୋଲିସ ଏନେଇ ଥାନାରେ ନଂ. ୨୮/୧୯ରେ ଏକ ମାମଲା ରୁଜୁ କରିଥିଲା। ଉପରୋକ୍ତ ଅଭିଯୋଗରେ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯଇଥିବା ଥାନା ଅଧିକାରୀ ବିଶ୍ୱଜୀତ ଜୟଦୀପ କହିଛନ୍ତି।

## ଓସାଫିର ଆର୍ଥିକ ଅନ୍ତର୍ଭୁକ୍ତି କନକ୍ଲେଭ

# 'ଲୋକଙ୍କୁ ମିଳୁ ସୁଲଭ ଆର୍ଥିକ ସେବା'

**ଭୁବନେଶ୍ୱର,୧।୩**

ସମାଜର ଅବହେଳିତ ତଥା ସାଧାରଣ ଲୋକଙ୍କ ନିକଟରେ ସୁଲଭ ଆର୍ଥିକ ସେବା ପହଞ୍ଚିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ଏହାକୁ ଉପଲବ୍ଧି କରିବା ଉଚିତ। ସମସ୍ତ ଅଂଶୀଦାର ଏକଜୁଟ ହୋଇ କାର୍ଯ୍ୟ କରିବା ଉପରେ ଯୋର ଦେବାକୁ ହେବ। ଲୋକଙ୍କ ନିକଟରେ ସୁଲଭ ଆର୍ଥିକ ସେବାକୁ ଉପଲବ୍ଧ କରାଇବାକୁ ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଶୁକ୍ରବାର କହିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଓସାଫିର ଆର୍ଥିକ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ସାମଲ କହିଛନ୍ତି, ଗ୍ରାମାଞ୍ଚଳରେ ମହିଳାଙ୍କ ବିକାଶ ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥି ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଦୁର୍ଗମ ଅଞ୍ଚଳରେ ଲୋକଙ୍କ ନିକଟରେ ଆର୍ଥିକ ସେବା ଉପଲବ୍ଧ କରାଉଥିବା ଅଂଶୀଦାରଙ୍କୁ ଏହି ଅବସରରେ ସାମଲ ପ୍ରଶଂସା କରିଛନ୍ତି। ମହିଳା ଶସକ୍ତିକରଣ ଉପରେ ସିଡ୍‌ବୀ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟକ୍ରମରେ ଏହାର ଜିଏମ୍ ରଷି ଦ୍ୱିବେଦୀ ଗୁରୁତ୍ୱାରୋପ କରିଥିଲେ। ସହଜ ରଣ ସାମାଜିକ ପରିବର୍ତ୍ତନରେ ଯୋଗଦାନ ରଖୁଥିବା ଓସାଫିର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନାବାର୍ଡ ସିଜିଏମ୍ ମହେନ୍ଦ୍ର ସୋରେନ୍, ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍ସର ନିର୍ଦ୍ଦେଶକ ପି.କେ ବିଶ୍ୱାଳ, ସାଧନର ଇଡି ପି.ସତୀଶ, ଏସ୍‌ବିଆଇ ଜିଏମ୍ ଗୌତମ ଭଟ୍ଟାଚାର୍ଯ୍ୟ, ଡିଜିଏମ୍ ଏସ୍‌ବିଆଇ ଏସ୍.କେ. ଅଗ୍ରୱାଲ, ଓଏଲ୍‌ଏମ୍ ପକ୍ଷରୁ ବି.କେ.ଦାସ, ଓସାଫି ସଚିବ ଏ.ଅମିନ ଏବଂ ସିଇଓ ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜର୍ନି ଇନ୍‌ଟୁ ଦ ଅନ୍‌ନୋନ୍ ଉନ୍ମୋଚିତ




ଅତିଥିମାନେ 'ଜର୍ନି ଇନ୍‌ଟୁ ଦ ଅନ୍‌ନୋନ୍' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ ଓଡ଼ିଶାଠାରେ ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ବିଶ୍ୱକେଶ ତ୍ରିପାଠୀଙ୍କ ପୁସ୍ତକ 'ଜର୍ନି ଇନ୍‌ଟୁ ଦ ଅନ୍‌ନୋନ୍' ଉନ୍ମୋଚିତ ହୋଇଯାଇଛି। ୧୮୦୦ ଶତାବ୍ଦୀର ଆରମ୍ଭରେ ଘଟିଥିବା ଐତିହାସିକ କଥାବସ୍ତୁ ଉପରେ ଆଧାରିତ ଏହି ପୁସ୍ତକକୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପଦ୍ମଜା ମିଶ୍ର ଉନ୍ମୋଚନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ନିବେଦିତା ମହାନ୍ତି, ପ୍ରଫେସର ଯତୀନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ଶୁଭୁନି ଜାନୁ ଘଣ୍ଟି

**ଗୋପ, ୧।୩(ଡି.ଏନ୍.ଏ.)**

ଦିନ ଥିଲା ଜାନୁ ଘଣ୍ଟି ଶବ୍ଦରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। ଆଜିର ସମୟରେ ଏହି ଶବ୍ଦ ଦିନକୁ ଦିନ ବିଲୁପ୍ତ ହେଉଥିବାବେଳେ ପରମ୍ପରା ହଜିଯାଉଛି ବୋଲି ନୟାଗଡ଼ ଜିଲା କଳାପଥର ଗ୍ରାମର ଭିକ୍ଷାବୃତ୍ତି କରୁଥିବା ମାଧବ ଦାସ କହିଛନ୍ତି। ତାଙ୍କ କହିବା ଅନୁସାରେ ଆମ ବୈଷ୍ଣବ ଧର୍ମରେ ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସୁଥିବାବେଳେ ପୂର୍ବ ପୁରୁଷଙ୍କ ନୀତି ଆଦର୍ଶରେ ଏହି ପରମ୍ପରାକୁ ଆଦରି ନେଇ ପରିବାର ପ୍ରତିପୋଷଣ କରୁଥିଲୁ। କିନ୍ତୁ ଏବେ ପରିବାରର କୌଣସି ପୁଅ ପୁତୁରା ଏହାକୁ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ମୋର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିବି ବୋଲି ପର୍ଶୁରାମ କୁହନ୍ତି। ପର୍ଶୁରାମଙ୍କ ନାମ ଉଚ୍ଚାରଣ କରି ଡାହାଣ ଗୋଡ଼ର ଜାନୁରେ ପାଞ୍ଚ କିଲୋ ଓଜନର ଘଣ୍ଟି, କାନ୍ଧରେ ବଡ଼ ଫାର୍ସା ଓ ବେକରେ କିଛି ତୁଳସୀ ମାଳ ସହିତ ଜାନୁ ଘଣ୍ଟି ପର୍ଶୁରାମଙ୍କ ବେଶରେ ଭିକ୍ଷା ବୃତ୍ତି କରୁଥିଲେ। ମାତ୍ର ଆଧୁନିକ ଯୁଗର ଲୋକମାନେ ଭିକ୍ଷାଦେବା ପାଇଁ କୁଣ୍ଠାବୋଧ କରୁଥିବା କ୍ଷୋଭର ସହ ମାଧବ କହିଛନ୍ତି। ମୋ ପରିବାରରେ ମୋର ଏକମାତ୍ର କନ୍ୟା ଥିବାରୁ ଆଉ କେହି ଏହି ଭିକ୍ଷାବୃତ୍ତିକୁ ଆଦରିବେନି ବୋଲି କହିଥିଲେ। ଆଉ କିଛିଦିନ ପରେ ଜାନୁ ଘଣ୍ଟି ପର୍ଶୁରାମଙ୍କ ନାମ ସହ ଘଣ୍ଟି ଶବ୍ଦ ଗାଁ ଦାଣ୍ଡରେ ଶୁଭିବ ନାହିଁ ବୋଲି ସେ କହିଥିବାବେଳେ ବୈଷ୍ଣବ ଜାତିର ଯୁବକମାନେ ଏଭଳି ଏକ ପରମ୍ପରାକୁ ନ ହଜାଇବା ଲାଗି ମଧ୍ୟ କହିଥିଲେ।

# ଗୋଷ୍ଠୀ ବିବାଦ, ୪ ଗିରଫ

**ପୁରୀ ଅଫିସ,୧।୩:** ଏକ ହୋଟେଲରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ବାଲିଘାଟର ରଞ୍ଜନ କୁମାର ମହାରଣା (୩୮), ରାକେଶ ମହାରଣା (୩୫), ଗୌଡବାଡ ସାହିର କୃଷ୍ଣଚନ୍ଦ୍ର ପଣ୍ଡା (୩୭) ଓ ବାସେଳି ସାହିର ପ୍ରଫୁଲ୍ଲ କୁମାର ସାହୁ (୩୩)। ଗୁରୁବାର ରାତିରେ ସଦର ଥାନା ଛକରେ ଥିବା ଏକ ହୋଟେଲ ପରିସରରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

# ହତ୍ୟା ଘଟଣା: ଫେରାର ଅଭିଯୁକ୍ତ ଗିରଫ

**ପୁରୀ ଅଫିସ,୧।୩:** ଏକ ହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୁରୀ ସଦର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ରାହାଙ୍ଗିରିର ରବି ପାତ୍ର। ୨୦୧୮ ସେପ୍ଟେମ୍ବର ୧୫ରେ ସେହି ଗ୍ରାମର ବିମ୍ବାଧର ପଲେଇଙ୍କୁ ଭରତ ପାତ୍ରଙ୍କ ପୁଅ ରବି ସମେତ ଅନ୍ୟମାନେ ଆକ୍ରମଣ କରିଥିଲେ। ଏ ନେଇ ମୃତ ବିମ୍ବାଧରଙ୍କ ସ୍ତ୍ରୀ ଉର୍ମିଳା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବିମ୍ବାଧରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉର୍ମିଳାଙ୍କ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିଲା।

# ପରିବାର କଲ୍ୟାଣ ଅସ୍ତ୍ରୋପଚାରରେ ତ୍ରୁଟି

**ମାହାଙ୍ଗା,୧।୩(ସ୍ୱ.ପ୍ର.)**

## ଥାନାରେ ଅଭିଯୋଗ କଲେ ପରିବାର

କଟକ ଜିଲା ମାହାଙ୍ଗା ଥାନା ଅଧୀନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ହୋଇଥିବା ଜଣାପଡ଼ିଛି। ଏ ନେଇ ମହିଳାଙ୍କ ପରିବାରଲେକଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବଗତ ହେବାପରେ ଘଟଣାର ତଦନ୍ତ କରିଛନ୍ତି।

ସୂଚନା ଅନୁସାରେ, ଗତ ମଙ୍ଗଳବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଥାନା ଅଧୀନ ମଣିଯୋରୀ ଗ୍ରାମର ଗୀତାଞ୍ଜଳି ଦାସ ଅସ୍ତ୍ରୋପଚାର କରାଇଥିଲେ। ଡାକ୍ତର ସୂର୍ଯ୍ୟପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ବାହାରୁ ଆସିଥିବା ଡାକ୍ତରୀ ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୮ରୁ ଉର୍ଦ୍ଧ୍ୱ ମହିଳାଙ୍କ ଅସ୍ତ୍ରୋପଚାର କରାଇଥିଲେ। ପରେ ସମସ୍ତ ମହିଳାଙ୍କୁ ସେମାନଙ୍କ ଘରେ ଛାଡି ଦିଆଯାଇଥିଲା। କିନ୍ତୁ ଗୀତାଞ୍ଜଳିଙ୍କୁ ଛଡ଼ା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ ପଚାରିବାରୁ ତାଙ୍କ ମୂତ୍ର ନଳୀରେ ସମସ୍ୟା ରହିଥିବା କହିଥିଲେ। ପରେ ପରିବାର ଲୋକେ ମୂତ୍ରନଳୀ କଟାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୂତିଭୂଷଣ ନାୟକ ଏ ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତ ମହିଳାଙ୍କଠାରୁ ସମସ୍ତ ଘଟଣା ପଚାରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗୁରୁତର ଥିବାରୁ ମହିଳାଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନାୟକ କୁହନ୍ତି, ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ଅସ୍ତ୍ରୋପଚାର ସମୟରେ ତାଙ୍କ ବ୍ଲାଡରରେ ଛୋଟ କ୍ଷତ ଦେଖା ଦେଇଥିଲା। ଏହା ଜଣାପଡ଼ିବା ପରେ ସଙ୍ଗେସଙ୍ଗେ ଚିକିତ୍ସା କରାଯାଇଥିଲା।

# ନିର୍ଯାତନାରୁ ରେଲୱେ କର୍ମଚାରୀଙ୍କ ମୃତ୍ୟୁ ଅଭିଯୋଗ

**ଜଟଣୀ,୧।୩(ଡି.ଏନ.ଏ.)**

## ହସ୍ପିଟାଲରେ ଉତ୍ତେଜନା, ପୋଲିସର ହସ୍ତକ୍ଷେପ ପରେ ଅବସ୍ଥା ଶାନ୍ତ



କର୍ମଚାରୀଙ୍କ ମୃତ୍ୟୁ ନେଇ ରେଲୱେ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଛି।

ରେଲୱେ ଅଧିକାରୀଙ୍କ ବାରମ୍ବାର ମାନସିକ ନିର୍ଯାତନା ଯୋଗୁ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ଅଲେଖ ଚରଣ ନାୟକଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏ ନେଇ ଜଟଣୀସ୍ଥିତ ରେଲୱେ ମେଡିକାଲରେ ସନ୍ଧ୍ୟାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଜଟଣୀ ପୋଲିସ, ଜିଆର୍‌ପି, ଆର୍‌ପିଏଫ୍‌କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା।

ଅଲେଖଙ୍କ ଭାଇ ମନୋଜଙ୍କ ଅଭିଯୋଗ ଅନୁଯାୟୀ, ଭାଇ ହୃଦରୋଗୀ ଥିଲେ। ଏଣୁ ଖୋର୍ଦ୍ଧାରୋଡ ପରିବର୍ତ୍ତେ ଘର ପାଖ ଭୁବନେଶ୍ୱରକୁ ପୋଷ୍ଟିଂ ହେବାକୁ ଚାହୁଁଥିଲେ। ଏଣୁ ଡିଭିଜନର ଡିସିଏମ୍ (ସଂଯୋଜକ) ସୌରଭ ନାୟକଙ୍କୁ ତାଙ୍କ ରୋଗ ବିଷୟରେ ଜଣାଇ ଓ ମେଡିକାଲ ରିପୋର୍ଟ ଦେଖାଇ ବହୁବାର ଅନୁରୋଧ କରିଛନ୍ତି। ହେଲେ ଅଧିକାରୀ ଜଣକ ତାଙ୍କୁ କଟୁକଥା କହୁଥିଲେ ବୋଲି ଭାଇ ସବୁବେଳେ କହୁଥିଲେ। ସେ ଜଣେ ହୃଦରୋଗୀ ଜାଣି ମଧ୍ୟ ତାଙ୍କୁ ରାତି ଡ୍ୟୁଟି ଦିଆଯାଉଥିଲା। ଶୁକ୍ରବାର ପୁଣି ଅନୁରୋଧ କରିବାକୁ ଅଧିକାରୀଙ୍କ ନିକଟକୁ ଅଲେଖ ଆସିଥିଲେ। ଏଣୁ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ଡିସିଏମ୍ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଡିସିଏମ୍ ସୌରଭ ନାୟକଙ୍କୁ ପଚାରିବାରେ ଅଲେଖ ପ୍ରଥମେ ଅପରେଟିଂ ବିଭାଗରେ ଷ୍ଟେଶନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ହୃଦ୍‌ରୋଗ ଯୋଗୁ ସେ କମର୍ସିଆଲ ଡିପାର୍ଟମେଣ୍ଟକୁ ବଦଳି ହୋଇ ଭୁବନେଶ୍ୱରରେ ବୁକିଂ କ୍ଲର୍କ ଭାବେ କାର୍ଯ୍ୟ କରୁଥିଲେ। ତେବେ ଆର୍ଥିକ କାରବାରକୁ ନେଇ ଭିଜିଲାନ୍ସ ଦେଇଥିବା ରିପୋର୍ଟ ଉପରେ ଖୋର୍ଦ୍ଧାରୋଡ ରେଳ ଦପ୍ତରକୁ ଅଲେଖଙ୍କୁ ବଦଳି କରାଯାଇଥିଲା। ଏଠାରେ ତାଙ୍କୁ କେବଳ ଟ୍ରେନ୍‌ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ ତାଙ୍କୁ କୌଣସି ଅର୍ଥ କାରବାର ଦାୟିତ୍ୱ ଦିଆଯାଇ ନ ଥିଲା। ଏଣୁ ଅଲେଖଙ୍କ ଭୁବନେଶ୍ୱର ବଦଳି ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ଶୁକ୍ରବାର ବଦଳି କଥା ନେଇ ଅଲେଖ ଆସିଥିଲେ। ଭିଜିଲାନ୍ସ ରିପୋର୍ଟ କଥା କହିବା ସହ ତଥାପି ବିଚାର କରିବେ ବୋଲି ସୌରଭ କହିଥିଲେ। ଏହି ସମୟରେ ଅଲେଖ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଅଫିସ ଗାଡ଼ିରେ ରେଲୱେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଅଲେଖଙ୍କ ଭାଣିଜୀ ପ୍ରିତିପ୍ରଜ୍ଞା ଉକ୍ତ ଅଧିକାରୀଙ୍କ ମତାମତକୁ ମିଥ୍ୟା ବୋଲି କହିବା ସହ ଥାନାରେ ତାଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି କହିଥିଲେ। ଖବରପାଇ ଅଲେଖଙ୍କ ପରିବାର ଲୋକ ରେଲୱେ ମେଡିକାଲରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଡିସିଏମ୍ ସୌରଭଙ୍କୁ ଘେରି ଯାଇ ପାଟିତୁଣ୍ଡ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାବୁଝି କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ସଂସାରରେ କେହି କାହାର ଶତ୍ରୁ ନୁହଁନ୍ତି କି କେହି କାହାର ମିତ୍ର ନୁହଁନ୍ତି। କିନ୍ତୁ କାର୍ଯ୍ୟକଳାପ ଓ ବ୍ୟବହାର ଦ୍ୱାରା ମଣିଷ ଶତ୍ରୁ ଏବଂ ମିତ୍ର ସୃଷ୍ଟି କରିଥାଏ।

- ଚାଣକ୍ୟ



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ଭଜନ ମଣ୍ଡପରେ ଅହୋରାତ୍ର ଭଜନ

**ଅନୁପ ଜଲୋଟା, ଅନୁରାଧା ପଡୱାଲ ଗାଇବେ ଭଜନ**

**ପୁରୁଣା ଭୁବନେଶ୍ୱର, ୧।୩(ଡି.ଏନ.ଏ.):** ସୋମବାର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ ଏବଂ ଆଧାତ୍ମିକ କାର୍ଯ୍ୟକ୍ରମ ସ୍ଥାନୀୟ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଭଜନ ସମାରୋହରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ସୌରଭ ନାୟକ, କୁମାର ବାପି, ଶାନ୍ତିଲତା ଛୋଟରାୟ, ଅର୍ପିତା ଚୌଧୁରୀ, ପ୍ରଦୀପ ପଲାଇଙ୍କ ଭଳି ରାଜ୍ୟର ବହୁ ଖ୍ୟାତନାମା କଳାକାରମାନେ କଣ୍ଠଦାନ କରିବେ। ସେହିଭଳି ମୁମ୍ବାଇର ଅନୁପ ଜଲୋଟା, ଅନୁରାଧା ପଡୱାଲ, ଲଲାଜି ଶର୍ମା, ନେହା କୌର ମଧ ଭଜନ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଅପରାହ୍ନରେ ପ୍ରକାଶନୀ ଲାଇବ୍ରେରୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ସେହିଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ର ନାମ, ଭାଗବତ ଗୀତା ପାଠ, ଶିବ ଚେତନା, ହରିହର ଭଜନ, ଶ୍ରୀରାମ ଚରିତ ମାନସ ପାରାୟଣ ପ୍ରବଚନ ପରି ଆଧାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ମେଘେଶ୍ୱର ମନ୍ଦିରରେ ଜାଗର ପ୍ରସ୍ତୁତି ବୈଠକ

**କଟକ ରୋଡ,୧।୩(ଡି.ଏନ୍.ଏ.):** ଭୁବନେଶ୍ୱର ଟଙ୍କପାଣି ରୋଡସ୍ଥିତ ମେଘେଶ୍ୱର ମନ୍ଦିରରେ ହେବାକୁ ଥିବା ଜାଗର ଉତ୍ସବ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୪ ତାରିଖ ଭୋର ସାଢେ ୫ଟାରେ ମଙ୍ଗଳ ଆଳତି ଓ ପ୍ରଥମ ପ୍ରହର ପୂଜା ପରେ ମେଘେଶ୍ୱର ମହାଦେବଙ୍କ ଅନ୍ୟ ପୂଜା କାର୍ଯ୍ୟକ୍ରମ ରାତି ସାଢେ ୮ଟା ପର୍ଯ୍ୟନ୍ତ ଜାରି ରହିବ। ରାତି ୧୦ଟା ୧୦ରେ ମହାଦୀପ ଉଠାଣ ପାଇଁ ନିଷ୍ପତ୍ତି ହୋଇଥିବା ମନ୍ଦିର ପରିଚାଳନା କମିଟି ସଭାପତି ଅଶୋକ ସିଂ କହିଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ଭଜନ ସମାରେହ ସହ ଶିଶୁ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କରାଯିବ। ଏହି ବୈଠକରେ ପରିଚାଳନା କମିଟି ସମ୍ପାଦକ ବାସୁଦେବ ଦାସଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜାଗରରେ ଲିଙ୍ଗରାଜ ମନ୍ଦିରକୁ ପଲିଥିନ ନିଷିଦ୍ଧ ହେଉ

**ପୁରୁଣା ଭୁବନେଶ୍ୱର,୧।୩ (ଡି.ଏନ୍.ଏ):** ଆଉ ଦିନକ ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା। ପ୍ରତିବର୍ଷ ଯାତ୍ରା ଶେଷ ଓ ପରଦିନ ମନ୍ଦିର ପରିସରରୁ ଟ୍ରକ ଟ୍ରକ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଦ୍ୱାରା ପରିଷ୍କାର କରାଯାଇଥାଏ। ଯାହାକି ଭକ୍ତମାନେ ଦୀପ ଜାଳି ସାରିବା ପରେ ଘରୁ ନେଇ ଆସିଥିବା ପଲିଥିନ, ପ୍ଲାଷ୍ଟିକ ଓ ଅନ୍ୟ ଦ୍ରବ୍ୟକୁ ଏଣେତେଣେ ପକାଇ ଚାଲି ଯାଇଥାନ୍ତି। ଏଣୁ ମନ୍ଦିର ଭିତରକୁ ପଲିଥିନ ଓ ପ୍ଲାଷ୍ଟିକ ଦ୍ରବ୍ୟର ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ମନ୍ଦିର ପ୍ରଶାସନ ଏବେଠୁ କଟକଣା ଜାରି କରିବା ଦରକାର। ଏ ନେଇ ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପତ୍ର ଲେଖି ଜଣାଇଛନ୍ତି।

# ଫିଲ୍ମ ପଲିସିର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

**ଚଳଚ୍ଚିତ୍ର ଶିଳ୍ପ ମହାସମାବେଶ**

- ଆଜି ପର୍ଯ୍ୟନ୍ତ ହୋଇପାରିଲାନି ମିନି ସିନେମା ହଲ୍
- ଚଳଚ୍ଚିତ୍ର ଶିକ୍ଷା ପାଇଁ ନାହିଁ ଫିଲ୍ମ ଏକାଡେମୀ
- ଆର୍କାଇଭ୍ ନ ଥିବାରୁ ଖତଖାଉଛି ପୁରୁଣା ସାମଗ୍ରୀ
- ଓଡ଼ିଆ ସିନେମାରୁ ଜିଏସ୍‌ଟି ଛାଡ଼ କରିବାକୁ ଦାବି




ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ପ୍ରତୀକ୍ଷିତ ସିନେମା ପଲିସି ବା ଚଳଚ୍ଚିତ୍ର ନୀତି ଅଣାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ୮୨ବର୍ଷର ଇତିହାସ ମଧ୍ୟରେ ପ୍ରଥମଥର ପାଇଁ ଏହି ନୀତି ଅଣାଯାଇଛି। ହେଲେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ। ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ମହାସମାବେଶରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର କେତେକ ପ୍ରମୁଖ ସମସ୍ୟାକୁ ନେଇ ମୁହଁ ଖୋଲିଛନ୍ତି ପ୍ରଯୋଜକ, ନିର୍ଦ୍ଦେଶକ ଓ କଳାକାର।

ଏକ ଇଣ୍ଡଷ୍ଟ୍ରିର ବିକାଶରେ ଦକ୍ଷ ମାନବସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଉତ୍କୃଷ୍ଟ ଫିଲ୍ମ ଏକାଡେମୀ ନାହିଁ। କଟକରେ ଥିବା ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରେ କେବଳ ସିନେମାଟୋଗ୍ରାଫି, ଏଡିଟିଂ ଭଳି ବୈଷୟିକ ଶିକ୍ଷା ପ୍ରଦାନ କରାଯାଉଛି। ଅଭିନୟ, ନିର୍ଦ୍ଦେଶନା, କାହାଣୀ ରଚନା, ପ୍ରଡକ୍ସନ ଡିଜାଇନ, କଳା ନିର୍ଦ୍ଦେଶନା କିମ୍ବା କଷ୍ଟ୍ୟୁମ୍, ମେକ୍‌ଅପ୍ ଆଦିରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ଓଡ଼ିଶାରେ ଶିକ୍ଷାନୁଷ୍ଠାନ ନାହିଁ। ତେଣୁ ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଦକ୍ଷ ମାନବସମ୍ବଳ ସୃଷ୍ଟି କରିବାରେ ରାଜ୍ୟ ବିଫଳ ହେଉଛି। ଏହାବ୍ୟତୀତ ସିନେମା ହଲ୍ ଅଭାବ ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ଆବଶ୍ୟକ ସଂଖ୍ୟାରେ ହଲ୍ ନ ଥିବାରୁ ପ୍ରଯୋଜକଙ୍କୁ ଫିଲ୍ମ ରିଲିଜ ପାଇଁ ହଲ୍ ମିଳୁନି। ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରାଜ୍ୟ ସିନେମା ନୀତି ୨୦୧୯କୁ ଅନୁମୋଦନ କରିଥିବା ବେଳେ ଏଥିରେ ସିମ୍ପ୍ଲେକ୍ସ ଓ ମଲ୍‌ଟିପ୍ଲେକ୍ସ ନିର୍ମାଣ ପାଇଁ ବିଭିନ୍ନ ଇନ୍‌ସେନ୍‌ଟିଭର ବ୍ୟବସ୍ଥା ରହିଛି। ହେଲେ ଏହାର କାର୍ଯ୍ୟକାରିତାକୁ ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି। କାରଣ ସୂର୍ଯ୍ୟନାରାୟଣ ପାତ୍ର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଥିବାବେଳେ ୩୧୪ ବ୍ଲକରେ ମିନି ସିନେମା ହଲ୍ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ହେଲେ ଇତିମଧ୍ୟରେ ମନ୍ତ୍ରୀଙ୍କ ଘୋଷଣାକୁ ୧୨ବର୍ଷ ବିତିଯାଇଥିଲେ ବି ମିନି ସିନେମା ହଲ୍ ତିଆରି ହୋଇପାରିଲା ନାହିଁ। ସେହିଭଳି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ଇନ୍‌ଫୋ ଥିଏଟର ନିର୍ମାଣ ହେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତାହା ମଧ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏଭଳିସ୍ଥଳେ ଆବଶ୍ୟକ ସିନେମା ହଲ୍ ନ ଥିବାରୁ ପ୍ରଯୋଜକମାନେ ଭଲ କିମ୍ବା ଅଧିକ ବଜେଟର ଫିଲ୍ମ ତିଆରି କରିବାକୁ ପଛାଉଥିବା ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସର ଏମ୍‌ଡି ବଟକୃଷ୍ଣ ତ୍ରିପାଠୀ କହିଛନ୍ତି। ଏହାବ୍ୟତୀତ ଗ୍ରାମୀଣ ଓ ଛୋଟ ସହରଗୁଡ଼ିକରେ ସିନେମା ହଲ୍ ତିଆରି ପାଇଁ ଆଗ୍ରହୀ ଲୋକଙ୍କୁ ଯଥାସମ୍ଭବ ଋଣ ତଥା ଆର୍ଥିକ ସହାୟତା ଯୋଗାଇଦେବାକୁ ସେ କହିଛନ୍ତି।

୨୦୦୬ରୁ ଓଡ଼ିଆ ସିନେମା ଟିକସମୁକ୍ତ ହୋଇଥିବା ବେଳେ ଏବେ ଜିଏସ୍‌ଟି ଲାଗୁ ହେବା ପରେ ଏହା ପ୍ରଯୋଜକ ଓ ବିତରକଙ୍କ ମୁଣ୍ଡବିନ୍ଧା ବଢ଼ାଇଦେଇଛି। ଆସାମ, ହିମାଚଳ ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, କର୍ନାଟକ, ତାମିଲନାଡୁ, ମହାରାଷ୍ଟ୍ର ଭଳି ଓଡ଼ିଶା ସରକାର ଆଞ୍ଚଳିକ ସିନେମା ଉପରୁ ଜିଏସ୍‌ଟି ଉଠାଇବା ଉଚିତ ବୋଲି କେଶରୀ ଟକିଜ୍ ମାଲିକ ଭରତ ଚରଣ ସିଂଦେଓ କହିଛନ୍ତି। ସେହିଭଳି ଏକ ଚଳଚ୍ଚିତ୍ର ଓ ମନୋରଞ୍ଜନ ଶିଳ୍ପର ଇତିହାସକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାକୁ ଏକ ଫିଲ୍ମ ଆର୍କାଇଭ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଏହା ନିର୍ମାଣ ହୋଇନାହିଁ। ଫଳରେ ପୁରୁଣା ଓଡ଼ିଆ ସିନେମା ରିଲ୍, ଫିଲ୍ମ ଶୁଟିଂ ପାଇଁ ପୂର୍ବରୁ ବ୍ୟବହୃତ ହେଉଥିବା ବକ୍ସ କ୍ୟାମେରା, ପୁରୁଣା ଫିଲ୍ମ ପୋଷ୍ଟର ଆଦିର ସଂରକ୍ଷଣ ହୋଇ ନ ପାରିବାରୁ ତାହା ଆଜି ଖତଖାଉଛି। ସବୁଠାରୁ ବଡ଼କଥା ହେଲା, ପ୍ରତି ରାଜ୍ୟର ସରକାରଙ୍କ ଦ୍ୱାରା ଏକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଆୟୋଜନ ହେଉଥିବା ବେଳେ ଓଡ଼ିଶାରେ ତାହା ନାହିଁ। ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରୀୟ ଫିଲ୍ମ ଫେଷ୍ଟିଭାଲ କରିବା ଦ୍ୱାରା ଏହା କେବଳ ଆଞ୍ଚଳିକ ଚଳଚ୍ଚିତ୍ର ବିକାଶରେ ସହାୟକ ହେବନି, ବରଂ ବାହାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଆ ଶିଳ୍ପର ହଜିଯାଇଥିବା ଗରିମାକୁ ଫେରାଇ ଆଣିବା ପାଇଁ ଏବଂ ଓଡ଼ିଆ ସିନେମାକୁ ଏକ ଉତ୍କୃଷ୍ଟ ଆଞ୍ଚଳିକ ସିନେମା ଭାବେ ପ୍ରତିଷ୍ଠା କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ବରିଷ୍ଠ ଅଭିନେତା ବିଜୟ ମହାନ୍ତି କହିଛନ୍ତି।




ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜାତୀୟ ହସ୍ତତନ୍ତ ମେଳାକୁ ଦର୍ଶକ ବୁଲି ଦେଖୁଛନ୍ତି।

# 'ଜାତୀୟ ହସ୍ତତନ୍ତ ମେଳା' ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଷୋଡ଼ଷ ଜାତୀୟ ହସ୍ତତନ୍ତ ମେଳା ଶୁକ୍ରବାର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ, ଜମ୍ମୁ ଓ କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପୁଡୁଚେରୀ, ତାମିଲନାଡୁ, କର୍ନାଟକ, ଉତ୍ତରାଖଣ୍ଡ, ହରିୟାଣା ଏବଂ ଓଡ଼ିଶାର ପ୍ରାୟ ୧୦୦ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି। ପ୍ରଦର୍ଶନୀରେ ଭାରତର ବିଭିନ୍ନ କୋଣ ଅନୁକୋଣରେ ପ୍ରସ୍ତୁତ ବିଭିନ୍ନ ଡିଜାଇନ୍‌ର ଶାଢ଼ି, ଡ୍ରେସ୍, ଡ୍ରେସ୍ ମ୍ୟାଟେରିଆଲ୍, ପରଦା, କପଡ଼ା, ଲୁଙ୍ଗି, ଧୋତି, ଟାୱେଲ୍, ଫର୍ନିସିଙ୍ଗ କପଡ଼ା ଇତ୍ୟାଦି ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଏହି ମେଳା ପ୍ରତ୍ୟହ ଦିନ ୨ଟାରୁ ରାତି ୯ଟା ୩୦ମିନିଟ୍ ପର୍ଯ୍ୟନ୍ତ ଚାଲିବ। ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲ୍‌ରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଦର୍ଶନୀରେ ମୋଟ ୧୦୦ଟି ଷ୍ଟଲ୍‌ର ଆୟୋଜନ ହୋଇଛି। ସେଥିମଧ୍ୟରୁ ୩୦ଟି ଷ୍ଟଲ୍ ଓଡ଼ିଶାର ବିଭିନ୍ନ ପ୍ରମୁଖ ସଂସ୍ଥା ଯଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଓ ସେରିଫେଡ୍ ତଥା ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିମାନଙ୍କ ପାଇଁ ସଂରକ୍ଷିତ ରହିଛି। ମେଳାକୁ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ତଥା ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବୟନିକାର ସଭାପତି ଶେଷ କୁମାର ମେହେର ଏହି ମେଳାକୁ ଉଦ୍‌ଘାଟନ କରିଥିବାବେଳେ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଯୁଗ୍ମ ଶାସନ ସଚିବ ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବନ ଉନ୍ନୟନ ନିଗମ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ଆସନ୍ତା ୧୪ ତାରିଖରୁ ଆନ୍ଦୋଳନ ପାଇଁ ସରକାରଙ୍କୁ ଚେତାବନୀ ଦେଇଛି ଓଡ଼ିଶା ବନ ଉନ୍ନୟନ ନିଗମ ଶ୍ରମିକ ସଂଘ। ସପ୍ତମ ବେତନ ଲାଗୁ କରିବା, ନିଗମରେ ମାନବ ସମ୍ବଳର ପୁନଃ ନିର୍ଦ୍ଧାରଣ, ଚାକିରିରେ ଥାଇ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରରୁ ଜଣେ ନ୍ୟାୟିକ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା ତିନୋଟି ପ୍ରମୁଖ ଦାବି ତୁରନ୍ତ ପୂରଣ କରିବା ପାଇଁ ଅଲ୍ ଓଡ଼ିଶା ଫରେଷ୍ଟ କର୍ପୋରେଶନ କର୍ମଚାରୀ ସଂଘ ସରକାରଙ୍କୁ ଅନୁରୋଧ କରିଛି। ଦାବି ପୂରଣ ନ ହେଲେ କର୍ମଚାରୀ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବେ। ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ ସହ ମଧ୍ୟାହ୍ନ ବିରତିରେ ବିକ୍ଷୋଭ ସଭା କରାଯିବ। ୧୪ରୁ ମୁଖ୍ୟ ଦପ୍ତରଠାରେ ଗଣଧାରଣା ଓ ବିକ୍ଷୋଭ ସଭା କରାଯିବ ବୋଲି ସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଦାସ, ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର, ନିଗମ ମହାସଂଘ ସଭାପତି ନଟବର ଆଚାର୍ଯ୍ୟ, କର୍ମଚାରୀ ନେତା ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଥିଲେ।

# ପୁରୀକୁ ବଢ଼ୁଛି ପର୍ଯ୍ୟଟକଙ୍କ ସଂଖ୍ୟା

**ପୁରୀ ଅଫିସ, ୧।୩**

ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ଦୃଶ୍ୟରାଜିର ବିଭବ ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଭରି ରହିଛି। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ, ଜଙ୍ଗଲ, ଗ୍ରାମୀଣ ଜୀବନ ଏବଂ ଐତିହ୍ୟରେ ଭରପୂର ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ସ୍ଥାନ ରହିଛି। ଏଥିପାଇଁ ବର୍ଷତମାମ୍ ରାଜ୍ୟକୁ ଦେଶ, ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ବିଶେଷକରି ଶୀତ ଋତୁରେ ଓଡ଼ିଶା ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥାଏ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଶ୍ରୀମନ୍ଦିର, କୋଣାର୍କ, ଚିଲିକା ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ସାଙ୍ଗକୁ ବୌଦ୍ଧ କୀର୍ତ୍ତିରାଜି, ପୁରାତନ ମନ୍ଦିର ରହିଛି। ୨୦୧୪ରୁ ୨୦୧୭ ଏହି ୪ ବର୍ଷର ତଥ୍ୟ ଦେଖିଲେ ଉଭୟ ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ପୁରୀକୁ ବୃଦ୍ଧି ପାଇଛି। ୨୦୧୫ରେ କେବଳ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ସାମାନ୍ୟ କମିଥିବା ବେଳେ ଆଉ ସବୁବର୍ଷ ବୃଦ୍ଧି ପାଇଛି। ୨୦୧୭ରେ ପୁରୀକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୩୮ ହଜାର ଟପିଛି, ଯାହା ପୁରୀ ପର୍ଯ୍ୟଟନ ପାଇଁ ଏକ ଭଲ ସୂଚନା। ସୂଚନା ଅନୁଯାୟୀ, ୨୦୧୪ରେ ଓଡ଼ିଶାକୁ ମୋଟ ୧,୦୮,୬୨,୦୪୮ ପର୍ଯ୍ୟଟକ ଆସିଛନ୍ତି। ଏଥିମଧ୍ୟରୁ କେବଳ ପୁରୀକୁ ୩୭ ଲକ୍ଷ ୩୨ ହଜାର ୪୯୧ ପର୍ଯ୍ୟଟକ ଆସିଛନ୍ତି। ପୁରୀକୁ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଘରୋଇ ପର୍ଯ୍ୟଟକ ୩୭ ଲକ୍ଷ ୫ ହଜାର ୧୮୯ ରହିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୨୭ ହଜାର ୩୦୨। ସେହିପରି ୨୦୧୫ରେ ରାଜ୍ୟକୁ ୧,୧୮,୫୩,୦୮୮ ପର୍ଯ୍ୟଟକ ଆସିଥିବା ବେଳେ ପୁରୀକୁ ୪୧,୪୩,୩୯୪,

**୨୦୧୭ରେ ଆସିଛନ୍ତି ୩୮ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ**



୨୦୧୬ରେ ରାଜ୍ୟକୁ ୧,୨୯,୧୯,୨୬୦ ଏବଂ ପୁରୀକୁ ୪୩,୦୮୮୪୨ ପର୍ଯ୍ୟଟକ ଆସିଥିଲେ। ତେବେ ୨୦୧୭ରେ ୧,୪୧,୧୧,୨୪୩ ପର୍ଯ୍ୟଟକ ଆସିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୧,୦୦,୦୧୪। ସେହିପରି ପୁରୀକୁ ୨୦୧୭ରେ ମୋଟ ୪୭ଲକ୍ଷ ୨୨ ହଜାର ୧୫୯ ଜଣ ପର୍ଯ୍ୟଟକ ଆସିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ରହିଥିଲା ୩୮,୦୦୯। ୨୦୧୪ରୁ ୨୦୧୭ ମଧ୍ୟରେ ପୁରୀକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଦେଖିଲେ କେବଳ ୨୦୧୫ରେ ୨୦୧୪ ଅପେକ୍ଷା କମିଥିଲେ। ୨୦୧୪ରେ ୨୭ ହଜାର ୩୦୨ ଜଣ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସିଥିବା ବେଳେ ୨୦୧୫ରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୫ ହଜାର ୭୩୫ ରହିଥିଲା। କିନ୍ତୁ ଏହା ପରଠାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବିଶେଷକରି ପର୍ଯ୍ୟଟନ ଶିଳ୍ପକୁ ଆଗକୁ ବଢାଇବା ଲାଗି ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ବିଦେଶରେ ରୋଡ୍ ଶୋ, ବିଦେଶକୁ ବିମାନ ଚଳାଚଳ ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହିସବୁ କାରଣ ପାଇଁ ୨୦୧୬ରେ ପୁରୀକୁ ୨୯ ହଜାର ୨୦୯ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୭ରେ ୩୮ ହଜାର ୯ ଜଣ ବିଦେଶୀ ପୁରୀ ଆସିଛନ୍ତି। ଏ ସମ୍ପର୍କରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପୁରୀକୁ ମୋଟାମୋଟି ମନ୍ଦିର, ବେଳାଭୂମି ଏବଂ କଳା, ସଂସ୍କୃତି ପାଇଁ ପର୍ଯ୍ୟଟକମାନେ ଆସିଥାନ୍ତି। ବିଶେଷକରି ବିଦେଶୀ ପର୍ଯ୍ୟଟକ ବେଳାଭୂମି ବୁଲିବା ସହ ପୁରୀ ଆଖାପାଖ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଇଥାନ୍ତି। ଗତ କିଛିବର୍ଷ ହେଲା ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢୁଛି। ଏହା ନିଶ୍ଚିତ ପୁରୀ ତଥା ଓଡ଼ିଶା ପାଇଁ ଭଲ ଖବର। ଆଗାମୀ ଦିନରେ ଆହୁରି ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକ କିପରି ପୁରୀକୁ ଆସିବେ ସେଥିପାଇଁ ପର୍ଯ୍ୟଟନ ବିଭାଗ ଧ୍ୟାନ ଦେବ ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ପ୍ରଦୀପ



ପାର୍ଥ



ଅଭୟ



ମହେଶ



ସତ୍ୟଜିତ୍



ଅଭିଜିତ୍



କପିଳ



ଦେବେନ୍ଦ୍ର

# ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ





କୃଷି କ୍ଷେତ୍ର ସମ୍ବନ୍ଧିତ ଯଥା ମାଟି, ସାର ଓ ରସାୟନ, ମଞ୍ଜି, ବାୟୋଲୋଜିକାଲ ସିଷ୍ଟମରେ ପ୍ରଯୁକ୍ତିର ପ୍ରୟୋଗ କରିବା ଆଦି ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ପରିସରଭୁକ୍ତ। ଏହି କ୍ଷେତ୍ରରେ ପେସାଦାର ବ୍ୟକ୍ତି ନିଜର ଜ୍ଞାନ ଓ ଦକ୍ଷତା ବଳରେ କୃଷି ସମ୍ପର୍କିତ ସମସ୍ୟାଗୁଡ଼ିକୁ ସମାଧାନ କରିଥାନ୍ତି। କୃଷି କ୍ଷେତ୍ରରେ ସରକାରଙ୍କ ବ୍ୟୟ ପରିମାଣ କ୍ରମାଗତ ବଢ଼ି ଚାଲିଛି। ଚାଷରେ ନୂଆ ଟେକ୍ନୋଲୋଜିର ପ୍ରୟୋଗ ଉପରେ ସରକାର ଏବେ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ଫସଲ ଉତ୍ପାଦନ ବୃଦ୍ଧି ପାଇବା ସହିତ ନୂଆ ନିଯୁକ୍ତି ସୃଷ୍ଟିହେଉଛି।

## କାର୍ଯ୍ୟକଳାପ

ପ୍ରଯୁକ୍ତି କୌଶଳ ମାଧ୍ୟମରେ କୃଷି ସମ୍ବନ୍ଧିତ ସମସ୍ୟା ଦୂର କରିବା ଏଗ୍ରିକଲ୍‌ଚର ଇଞ୍ଜିନିୟରଙ୍କ କାମ। ଜଳ ଯୋଗାଣ, ଜଳସେଚନ କ୍ଷେତ୍ରରେ ହାଇଡ୍ରୋଲୋଜିକାଲ ସମସ୍ୟା, ଜଳଭଣ୍ଡାର ଡିଜାଇନ, କେନାଲ ନିର୍ମାଣ, ପାଇପଲାଇନ ପ୍ରତିଷ୍ଠା, ପମ୍ପ ସିଷ୍ଟମ, ମାଇକ୍ରୋ-ଇରିଗେଶନ ସିଷ୍ଟମ ଓ ଡ୍ରେନେଜ ସିଷ୍ଟମ ଆଦି ବ୍ୟବସ୍ଥା କରିବା ଏହି କ୍ଷେତ୍ରର ମୁଖ୍ୟ କାର୍ଯ୍ୟ। ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ମାଧ୍ୟମରେ ପରମ୍ପରାଗତ କୃଷି ପଦ୍ଧତି ସ୍ଥାନରେ ମେଶିନର ପ୍ରୟୋଗ କରି ଅଧିକ ଲାଭ କିପରି ପାଇ ହେବ ସେଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ। ଚାଷ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ସୂକ୍ଷ୍ମରୁ ବୃହତ ସ୍ତର ପର୍ଯ୍ୟନ୍ତ ଉପକରଣର ବିକାଶ ଏବଂ ନିର୍ମାଣ ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ କାମ ପରିସରଭୁକ୍ତ ହୋଇଥାଏ। ଏଥିସହିତ ମଞ୍ଜି ଏବଂ ଖତ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ମଧ୍ୟ ଏହି କ୍ଷେତ୍ର ଅନ୍ତର୍ଭୁକ୍ତ।

## ଏଗ୍ରିକଲ୍‌ଚର ଇଞ୍ଜିନିୟରିଂର ଭୂମିକା

ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ଏଭଳି ଏକ କ୍ଷେତ୍ର, ଯେଉଁଠାରେ ସର୍ବାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଫସଲର ଉତ୍ପାଦକତା ବୃଦ୍ଧି ଲାଗି ମାଟି, ସାର ଓ ମଞ୍ଜି ଉପରେ ବିଭିନ୍ନ ପ୍ରକାର ଗବେଷଣା କରାଯାଇଥାଏ। ଏହାବ୍ୟତୀତ ଏହି କ୍ଷେତ୍ରରେ ଯାନ୍ତ୍ରିକକରଣ ଅନ୍ତର୍ଗତରେ ଭୂମି ଓ ଜଳ ସଂରକ୍ଷଣ, ଜଳସେଚନ ବ୍ୟବସ୍ଥା ତଥା ବାୟୋଲୋଜିକାଲ ସିଷ୍ଟମରେ ଟେକ୍ନୋଲୋଜିର ପ୍ରୟୋଗ ହୋଇପାଏ। ଏହି କ୍ଷେତ୍ରର ଜଣେ ପେସାଦାର ନିଜର ଜ୍ଞାନ ତଥା ଦକ୍ଷତା ଦ୍ୱାରା କୃଷି କ୍ଷେତ୍ରରେ କ୍ରାନ୍ତି ଆଣିପାରିବେ।

## କେଉଁ କୋର୍ସ କରି ହେବ

ଏଗ୍ରିକଲ୍‌ଚର ଇଞ୍ଜିନିୟରିଂରେ ବସ୍ତୁତଃ ଗ୍ରାଜୁଏଶନ ଏବଂ ପୋଷ୍ଟ ଗ୍ରାଜୁଏଶନ ଉଭୟ ପ୍ରକାର କୋର୍ସ ଉପଲବ୍ଧ ରହିଛି।

### (କ) ଗ୍ରାଜୁଏଶନ କୋର୍ସ

**ବିଇ/ବିଟେକ୍, ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ**

ବିଇ/ବିଟେକ୍ କୋର୍ସରେ ଭର୍ତ୍ତି ହେବା ଲାଗି ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୨ରେ ବିଜ୍ଞାନ ବିଷୟ(ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥମେଟିକ୍ସ ଓ ବାୟୋଲୋଜି)ରେ କୋର୍ସ ସାରିବାକୁ ହେବ। ପ୍ରତିବର୍ଷ ଆଇଆଇଟି, ରାଜ୍ୟ ସରକାର, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏଣ୍ଟ୍ରାନ୍ସ ଟେଷ୍ଟ ଆୟୋଜନ କରନ୍ତି। ଗ୍ରୁପ୍ ଡିସକଶନ ପରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଭର୍ତ୍ତି କରାଯାଏ। ଏହାବ୍ୟତୀତ ଇଣ୍ଡିଆନ କାଉନସିଲ ଅଫ୍ ଏଗ୍ରିକଲ୍‌ଚର ରିସର୍ଚ୍ଚ ମଧ୍ୟ ଏକ ଅଲ୍ ଇଣ୍ଡିଆ ପ୍ରବେଶ ପରୀକ୍ଷା ମାଧ୍ୟମରେ ସେଣ୍ଟ୍ରାଲ ଏବଂ ଷ୍ଟେଟ୍ ଏଗ୍ରିକଲ୍‌ଚର ବିଶ୍ୱବିଦ୍ୟାଳୟର ୧୫% ସିଟ୍‌ରେ ଆଡମିଶନ ଦେଇଥାଏ। ଏହି ପରୀକ୍ଷା ଏପ୍ରିଲରୁ ଜୁନ୍ ଭିତରେ ଆୟୋଜନ କରାଯାଇଥାଏ। ଏହା ୪ ବର୍ଷର କୋର୍ସ ହୋଇଥାଏ। ଏଗ୍ରିକଲ୍‌ଚର ଇଞ୍ଜିନିୟରିଂରେ ଡିପ୍ଲୋମା କୋର୍ସ ମଧ୍ୟ କରାଯାଇପାରେ। ୨ରୁ ୩ ବର୍ଷ ମଧ୍ୟରେ ଏହି କୋର୍ସ ସାରିବାକୁ ପଡେ।

### (ଖ) ପୋଷ୍ଟ ଗ୍ରାଜୁଏଶନ

**ଏମ୍‌ଟେକ୍/ଏମ୍‌ଏସ୍‌ସି**

ପୋଷ୍ଟ ଗ୍ରାଜୁଏଟ କୋର୍ସରେ ପ୍ରବେଶ ପାଇବାକୁ ହେଲେ ବିଟେକ୍‌ରେ ଉତ୍ତୀର୍ଣ୍ଣ ହେବା ଜରୁରୀ। ଏହାବ୍ୟତୀତ ଗେଟ୍ ଏଣ୍ଟ୍ରାନ୍ସ ଟେଷ୍ଟ ଜରିଆରେ ଫିଜିକ୍ସ, ମାଥମେଟିକ୍ସ ଆଦି କ୍ଷେତ୍ରରେ ପୋଷ୍ଟ ଗ୍ରାଜୁଏଟ ମଧ୍ୟ ଏମ୍‌ଟେକ୍ (ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ)ରେ ଭର୍ତ୍ତି ହୋଇପାରିବେ। ବିଟେକ୍ (ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ) ପାଠ ପଢ଼ିଥିବା ଛାତ୍ରୀଛାତ୍ରଙ୍କୁ ଏଣ୍ଟ୍ରାନ୍ସ ଟେଷ୍ଟ ଓ ମେରିଟ, ଉଭୟ ପ୍ରକାର ଯାଞ୍ଚ ପରେ ଏମ୍‌ଟେକ୍‌ରେ ଭର୍ତ୍ତି କରାଯାଏ।

ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ ରହିବା କାରଣରୁ ଏହି କ୍ଷେତ୍ର ନିଯୁକ୍ତି ସୃଷ୍ଟି କରିବା ମାମଲାରେ ଆଗରେ ରହିଛି। ଦେଶର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଏବେ ଖାଦ୍ୟଶସ୍ୟର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। କମ୍ ବ୍ୟୟରେ ଅଧିକରୁ ଅଧିକ ଫସଲ ଉତ୍ପାଦନ କରିବା ଲାଗି ସରକାର ଚେଷ୍ଟିତ। ସେଥିପାଇଁ ଏଗ୍ରିକଲ୍‌ଚର ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ସେମାନେ ନିଜ ଦକ୍ଷତା ବଳରେ କୃଷି ଯନ୍ତ୍ରପାତି ନିର୍ମାଣ ମାଧ୍ୟମରେ ସମସ୍ୟାର ସମାଧାନ କରିବା ଲାଗି ଉଦ୍ୟମ କରିଥାନ୍ତି। ଦେଶରେ ବିଶାଳ କୃଷି କ୍ଷେତ୍ର ରହିଥିବା ଯୋଗୁ ଏଗ୍ରିକଲ୍‌ଚର ଇଞ୍ଜିନିୟରିଂରେ ନିଯୁକ୍ତିର ଅପାର ସମ୍ଭାବନା ରହିଛି। ଯୁବପିଢ଼ିଙ୍କ ପାଇଁ ପାରମ୍ପରିକ ନିଯୁକ୍ତି କ୍ଷେତ୍ରରେ ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ଏକ ଶ୍ରେଷ୍ଠ ବିକଳ୍ପ ହୋଇପାରେ।

## କ୍ୟାରିୟର ବିକଳ୍ପ

ଏବେ ଦେଶରେ ଚାରା ବିକାଶ, ମାଟିର ଉର୍ବରତା ଯାଞ୍ଚ ଏବଂ ଜୈବିକ ଚାଷ କ୍ଷେତ୍ରରେ ନିବେଶ କରାଯାଉଛି। ଏହାବ୍ୟତୀତ ରାସାୟନିକ ଭାବେ ଉର୍ବରତା ବୃଦ୍ଧି, ମାଟିର ଗୁଣବତ୍ତା ବଢ଼ାଇବା, ଶୁଷ୍କ ଅଞ୍ଚଳରେ ପୋଷକତତ୍ତ୍ୱଯୁକ୍ତ ଫସଲ ଉତ୍ପାଦନ କରିବା ବିଷୟକୁ ଏବେ ପ୍ରୋତ୍ସାହିତ କରାଯାଉଛି। ଏଭଳି ସ୍ଥିତିରେ ଏଗ୍ରିକଲ୍‌ଚର ଇଞ୍ଜିନିୟରଙ୍କ ଗୁରୁତ୍ୱ ବଢ଼ୁଛି। ଆଗାମୀ ଦିନରେ ଏହି କ୍ଷେତ୍ରରେ ଅନେକ ରୋଜଗାର ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। କୃଷି କ୍ଷେତ୍ରରେ ସରକାରୀ ଅପେକ୍ଷା ଘରୋଇ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। କୃଷି ଯନ୍ତ୍ରପାତି, ଜଳସେଚନ ଉପକରଣ ନିର୍ମାଣ, ମଞ୍ଜି ବୁଣିବା, ସାର ତିଆରି କରିବା ଭଳି କମ୍ପାନୀରେ ସେଲ୍ସ, ମ୍ୟାନେଜମେଣ୍ଟ, ମାର୍କେଟିଂ ତଥା ରିସର୍ଚ୍ଚ ଆଦି କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ରହିଛି। ଏହାବ୍ୟତୀତ ଅନେକ କମ୍ପାନୀ ପ୍ଲେସମେଣ୍ଟ ଜରିଆରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତ କରିଥାନ୍ତି। ପ୍ଲେସମେଣ୍ଟ ଜରିଆରେ ନିଯୁକ୍ତ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବେତନ ମିଳିଥାଏ।

## ପ୍ରମୁଖ ଶିକ୍ଷାକେନ୍ଦ୍ର

ଇଣ୍ଡିଆନ ଏଗ୍ରିକଲ୍‌ଚର ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ନୂଆଦିଲ୍ଲୀ, ହିସାର ଏଗ୍ରିକଲ୍‌ଚର ୟୁନିଭର୍ସିଟି, ହିସାର(ହରିୟାଣା), ଜେ.ବି. ପନ୍ତ ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି, ପନ୍ତନଗର, ପଞ୍ଜାବ ଏଗ୍ରିକଲ୍‌ଚର ୟୁନିଭର୍ସିଟି, ଲୁଧିୟାନା, ପଞ୍ଜାବ, ଆନନ୍ଦ ଏଗ୍ରିକଲ୍‌ଚର ୟୁନିଭର୍ସିଟି, ଆନନ୍ଦ, ଗୁଜରାଟ ଓ ଆଲ୍ଲାହାବାଦ ଏଗ୍ରିକଲ୍‌ଚର ଇନଷ୍ଟିଚ୍ୟୁଟ, ଆଲ୍ଲାହାବାଦ, ଉତ୍ତର ପ୍ରଦେଶ।

# ରିଜ୍ୟୁମ୍‌ରୁ ହଟାନ୍ତୁ ଅଦରକାରୀ ତଥ୍ୟ

**ଚାକିରି ଲାଗି ରିଜ୍ୟୁମ ଲେଖିଲା ବେଳେ ପ୍ରାର୍ଥୀମାନେ ଅନେକ ସମୟରେ ଅଦରକାରୀ ତଥ୍ୟ ଦିଅନ୍ତି। ଏପରି ଦେବା ପଛରେ ସେମାନଙ୍କର ଗୋଟିଏ ମାତ୍ର ଯୁକ୍ତି ଥାଏ ଯେ, ସେମାନେ ସବୁଠାରୁ ଉପଯୁକ୍ତ ପ୍ରାର୍ଥୀ। ମାତ୍ର ଏହା ନିଯୁକ୍ତିକର୍ତ୍ତାଙ୍କ ମୁଡ୍ ଖରାପ କରିଥାଏ। ଏହା ଠିକ୍ ପଦ୍ଧତି ନୁହେଁ। ଏହା ଭଲ ସ୍ଥାନରେ ବିପରୀତ ଫଳ ପ୍ରଦାନ କରିଥାଏ। ରିଜ୍ୟୁମରେ କ'ଣ ରହିବା ଅନୁଚିତ ତାହା ନିମ୍ନରେ ପ୍ରଦାନ କରାଯାଉଛି।**

### ରିଜ୍ୟୁମ୍‌ର ଟପ୍‌ରେ ସିଭି ଲେଖିବେ ନାହିଁ

ଚାକିରି ପ୍ରାର୍ଥୀ ନିଶ୍ଚିତ ଭାବେ ନିଜର ରିଜ୍ୟୁମ୍ ଦେବେ ଏହା ନିଯୁକ୍ତିକର୍ତ୍ତା ଜାଣନ୍ତି। ଏଣୁ ରିଜ୍ୟୁମ୍‌ର ଉପରେ ରିଜ୍ୟୁମ, କରିକୁଲମ ଭିଟା ବା ସିଭି ଆଦି ଲେଖିବା ଉଚିତ ନୁହେଁ।

### ଉଦ୍ଦେଶ୍ୟ

ଚାକିରି ଲାଗି ପ୍ରାର୍ଥୀ ଆବେଦନ କରିବେ ଏହା ନିଯୁକ୍ତିକର୍ତ୍ତା ଜାଣିଥିବାରୁ ସିଭି ଦେଖିବା ତାଙ୍କ ପାଇଁ ବୋରିଂ ହୋଇଥାଏ। ଏଣୁ ସାଧାରଣ ଅଥବା ଅବ୍‌ଜେକ୍ଟିଭ ଲେଖିବାରୁ ଦୂରେଇ ରହିବା ଭଲ।

### ହବି

ପଦବୀ ବା କାମ ସହ ସମ୍ପର୍କ ଥିଲେ ରିଜ୍ୟୁମରେ ନିଜର ହବି ସମ୍ପର୍କରେ ଉଲ୍ଲେଖ କରାଯାଇପାରେ। ଏଣୁ ରିଜ୍ୟୁମରେ ଅଯଥାରେ ହବି ସମ୍ପର୍କରେ ଲେଖିବାରୁ ଦୂରେଇ ରହିବା ଉଚିତ। ଏହାସ୍ଥାନରେ ନିଜର ଅନ୍ୟ କୌଣସି ଜ୍ଞାନ ସମ୍ପର୍କରେ ସୂଚନା ଦିଆଯାଇପାରେ।

### ୱାର୍କ ଗ୍ୟାପ୍

ପୁରୁଣା ଚାକିରି ଛାଡ଼ିବା ଓ ନୂଆ କ୍ଷେତ୍ରରେ ଯୋଗ ଦେବାରେ ୧ କିମ୍ବା ୨ ମାସର ଗ୍ୟାପ୍ ଧର୍ତ୍ତବ୍ୟ ନୁହେଁ। କିନ୍ତୁ ୬ ମାସ ଅଥବା ଏକ ବର୍ଷର ଅନ୍ତର ରହିଥିଲେ ତାହା ନିଯୁକ୍ତିକର୍ତ୍ତାଙ୍କ ମନରେ ନକାରାତ୍ମକ ମନୋଭାବ ସୃଷ୍ଟି କରିଥାଏ। ଏଣୁ ରିଜ୍ୟୁମ୍‌ରେ ଏ ସମ୍ପର୍କରେ ଧ୍ୟାନ ଦେବା ଆବଶ୍ୟକ। ଲମ୍ବା ଗ୍ୟାପ୍ ସମ୍ପର୍କରେ ଉଲ୍ଲେଖ କରିବା ଠିକ୍ ନୁହେଁ।

# ଅଭ୍ୟାସ ବଦଳାନ୍ତୁ




## ସଫଳତାର ମନ୍ତ୍ର

ସଫଳତା ପାଇବାକୁ ହେଲେ ଆମକୁ କିଛି ଖରାପ ଅଭ୍ୟାସ ତ୍ୟାଗ କରିବା ସହ ଭଲ ଅଭ୍ୟାସ ଆପଣାଇବାକୁ ହେବ। ତେବେ ଖରାପ ଅଭ୍ୟାସ ତ୍ୟାଗ କରିବା ଏତେଟା ସହଜ ନୁହେଁ। କିନ୍ତୁ ମାନସିକ ସ୍ତରରେ ଶକ୍ତିଶାଳୀ ହୋଇଥିଲେ ଏହି ଅସମ୍ଭବକୁ ସମ୍ଭବ କରିହେବ।

### ସକାଳୁ ଶୀଘ୍ର ଉଠିବା

ସକାଳୁ ଶୀଘ୍ର ଉଠିବା ସଫଳତାର ପ୍ରଥମ ପାହାଚ କୁହାଯାଏ। ଏହାକୁ ଅଭ୍ୟାସରେ ପରିଣତ କଲେ ତ ଜୀବନରେ ପରିବର୍ତ୍ତନ ଆସିବା ନିଶ୍ଚିତ। ଏହାର ସକାରାତ୍ମକ ପରିଣାମ ମାତ୍ର ଗୋଟିଏ ମାସ ମଧ୍ୟରେ ଦେଖିହେବ।

### ଧ୍ୟାନ, ଯୋଗ-ବ୍ୟାୟାମ

ଧ୍ୟାନ ସମ୍ପର୍କରେ ଯେତେ କହିଲେ ହେଁ ସରିବ ନାହିଁ। ଏହା ଏକ ମାଧ୍ୟମ ଯାହା ବ୍ୟକ୍ତିର ଜୀବନରେ ସୁଖ, ଶାନ୍ତି ଓ ସଫଳତା ଆଣି ଦେଇଥାଏ। ଯୋଗ-ବ୍ୟାୟାମ ଦ୍ୱାରା ଜଣେ ସର୍ବଦା ଯୁବକ ଓ ଶକ୍ତିଶାଳୀ ହୋଇଥାଏ।

### ବହି ପଢ଼ିବା

ଦୈନିକ ମାତ୍ର ଅଧ ଘଣ୍ଟା ମନକୁ ଶାନ୍ତି ଦେଲା ଭଳି ବହି ପଢ଼ିବା ଉଚିତ୍। ସକାରାତ୍ମକ ପୁସ୍ତକ ପଢ଼ିବା ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ। ନିଜର ଦୃଷ୍ଟିକୋଣ ଓ ବ୍ୟକ୍ତିତ୍ୱ ବଦଳିଯାଇଥାଏ।

### ବଦଭ୍ୟାସ ଛାଡ଼ିବା ଉଚିତ

ପାନ, ବିଡ଼ି, ସିଗାରେଟ, ତମାଖୁ, ଜଙ୍କ୍ ଫୁଡ୍ ଆଦି ସେବନ କରିବାର ବଦଭ୍ୟାସ ଯେତେ ଶୀଘ୍ର ସମ୍ଭବ ଛାଡ଼ିବା ଉଚିତ। ଏହାଛଡ଼ା ଟିକେ ଟିକେ କଥାରେ ରାଗିଯିବା, ଅନ୍ୟ କୌଣସି ବ୍ୟକ୍ତିକୁ ନିନ୍ଦା କରିବା, ଈର୍ଷା କରିବା ଆଦି ଖରାପ ଅଭ୍ୟାସ ଭିତରେ ଗଣାଯାଏ। ଏହାକୁ ତୁରନ୍ତ ଦୂରେଇ ଦେବା ଭଲ। ଏହାଦ୍ୱାରା ସଫଳତା ଶୀଘ୍ର ଆସେ।

### ସମୟ ବରବାଦ କରନ୍ତୁନାହିଁ

ଫାଙ୍କା ସମୟରେ ହ୍ୱାଟ୍ସଆପ୍, ଫେସବୁକ ଓ ଇଣ୍ଟରନେଟ ବ୍ୟବହାର କରିବାଠାରୁ ଦୂରେଇ ରହିବା ଭଲ। ସେହିପରି ଅଧିକ ସମୟ ଟିଭି ଦେଖିବା ମଧ୍ୟ ଶରୀର ଓ ଆଖି ପ୍ରତି ବିପଜ୍ଜନକ। ଏହାବାଦ୍ ଅଯଥା ଆଲୋଚନାରୁ ଦୂରେଇ ରହିବା ଭଲ। ଏହାସ୍ଥାନରେ ନିଜର ଲକ୍ଷ୍ୟ ପ୍ରତି ଯତ୍ନଶୀଳ ହୋଇ ଏଥିପାଇଁ ସମୟ ଅତିବାହିତ କରିବା ଆବଶ୍ୟକ।

### ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ

ଗୋଟିଏ ବର୍ଷ ପରେ ନିଜକୁ କେଉଁ ସ୍ଥାନରେ ପହଞ୍ଚାଇବାକୁ ଚାହୁଁଛ, ତାହା ଏବେଠାରୁ ନିର୍ଦ୍ଧାରଣ କରିବାକୁ ହେବ। ନିଜର ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ ଏହାକୁ ନିଜର ପ୍ରେରଣା ଭାବେ ଧରି ଆଗେଇ ଚାଲନ୍ତୁ।

### ପରିବାରକୁ ସମୟ ଦିଅନ୍ତୁ

ଦୈନିକ ସକାଳେ ଓ ସନ୍ଧ୍ୟାରେ ପରିବାର ସହ ବସି ଆଲୋଚନା କରିବା ଆବଶ୍ୟକ। ଏହାଦ୍ୱାରା ପାରିବାରିକ ଜୀବନ ସୁଖମୟ ହୁଏ ଏବଂ ସଫଳ ହେବା ପାଇଁ ବାଟ ଓ ଉତ୍ସାହ ମିଳେ। ଭବିଷ୍ୟତରେ ଜଣେ ଭଲ ମାତା, ପିତା, ସ୍ତ୍ରୀ, ସ୍ୱାମୀ, ଭଉଣୀ ଓ ଭାଇ ହେବାରେ ଏହା ସାହାଯ୍ୟ କରିବ।

### ଅତୀତକୁ ଭୁଲିଯାଆନ୍ତୁ

ଅତୀତରେ କୌଣସି ନକାରାତ୍ମକ ଘଟଣା ମନକୁ ଆନ୍ଦୋଳିତ କରିପାରେ। ଏଥିଯୋଗୁ ସମ୍ପର୍କ ବିଗିଡ଼ି ଯାଇଥିଲେ, ଭଲ ହେବ ସବୁ କିଛି ଭୁଲି ଯିବା। ଏହାଦ୍ୱାରା ଆଗକୁ ବଢ଼ିବାର ରାସ୍ତା ପ୍ରଶସ୍ତ ହୁଏ।

### କାହା ମୁହଁରେ ହସ ଫୁଟାନ୍ତୁ

ସର୍ବଦା ଚେଷ୍ଟା କରିବା ଉଚିତ ଯେ, କୌଣସି ବ୍ୟକ୍ତି ଅସନ୍ତୁଷ୍ଟ ନ ହୁଅନ୍ତି। ଆଖପାଖରେ ରହୁଥିବା ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବାକୁ ଉଦ୍ୟମ କରିବା ଆବଶ୍ୟକ। ଏହା ସଫଳତା ଆଣିବାରେ ସହାୟକ ହେବା ସହ ଆତ୍ମସନ୍ତୋଷ ଆଣିଦେଇଥାଏ।

### ସକାରାତ୍ମକ ଦୃଷ୍ଟିକୋଣ ଆପଣାନ୍ତୁ

ସର୍ବଦା ସକାରାତ୍ମକ ଦୃଷ୍ଟିକୋଣ ଆପଣାଇବାକୁ ଚେଷ୍ଟା କରିବା ଉଚିତ୍। ଯାହା କିଛି ହେଉଛି, ଭଲ ହେଉଛି ଏହା ମାନି ସବୁ ପ୍ରକାର ଅସୁବିଧାକୁ ସାମ୍ନା କରିବାକୁ ହେବ। ଅସଫଳ ହେବା କ୍ଷେତ୍ରରେ କାରଣ ଖୋଜିବା ଆବଶ୍ୟକ ଏବଂ ତଦନୁଯାୟୀ ଆଗକୁ ବଢ଼ିବା ଉଚିତ।

**URGENT REQUIRED**
BBSR ବରମୁଣ୍ଡା location Boutique ରେ କାମ କରିବା ପାଇଁ Cutting + Stitching ପାଇଁ କାରିଗର ଦରକାର, ମହିଳା/ପୁରୁଷ।
M: 9124078523/ 9658741756

**WANTED**
Supervisor & Office Staff for Re-Rolling Mill at Jagatpur.
Contact:-
9937399588, 9438099688

**WANTED**
For Hotel at Puri
- Front Office Staff
- F & B Service Staff
Contact: 9776331667
- CAR Driver for Cuttack
Contact: 7381075901

**WANTED**
ଧରିତ୍ରୀ DHARITRI Oriya daily
is looking for
Visual Editors (WEB CHANNEL)
- Candidate should be able to edit videos, create attrative news packages.
- Candidate should have working knowledge of uploading videos & creating Live Stream feeds.
- Experience in online video editing work will be given preference.
Apply immediately to :
recruitment@dharitri.com
Attractive salary commensurate with experience

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**ଆବଶ୍ୟକ**
1. COMPUTER OPERATOR
2. ଭୁବନେଶ୍ୱରରେ ଘରୋଇ ଗାଡି ଚଲାଇବା ପାଇଁ ଡ୍ରାଇଭର ଆବଶ୍ୟକ।
(ରହିବା ଖାଇବା ସୁବିଧା ଅଛି)
PRINTONIX
Room No 02/58, 1st floor, PD Market, CRP square, Bhubaneswar
M : 9338222065

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

**URGENTLY REQUIRED**
JS ENTERPRISES
An ISO 9001: 2015 (QMS)
Our Organisation is urgently requiring BTM, ATM, Accountant-cum-Clerk & Computer Operator in 10 ATMA Districts for our Client **IMAGE, Govt. of Odisha** on outsourcing basis. Interested candidates may send their testimonials with Bio-data and experiences by Speed Post/ Courier/By hand within 07 days from the date of publication. Shortlisted candidates shall be called for Practical and Interview. For detail Eligibility Criteria, Experience, Remuneration, Number of Posts, place of posting, please visit our Website: www.jseodisha.com, Regd Address: **BD-35 Mahavinayakpuram, Patia Station Road, Patia, Bhubaneswar-751024, Dist: Khurda(Odisha), Ph. No.: 0674-2726337.**

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

**LOOKING FOR**
Smart Counter **Sales Person** 4 Nos., **Supervisor** 2 Nos.
For Jaydev Vihar and Nayapalli Counter.
Send your CV to
naturekoolbbsr@gmail.com
or whatsapp to
8114863550

**LALCHAND JEWELLERS**
REQUIRED
1. **SALES CONSULTANT**: 11 Nos.
2. **SALES SUPERVISOR**: 3 Nos.
For the Bhubaneswar Store.
Minimum Qualification +3 & 2 yrs. Retail/ Jewellery Experience, Send Resume at
indramani_r@yahoo.com
or Call: 0674-2534625, 2536666

**AASTHA PUBLIC SCHOOL, BELPADA**
(An English Medium School Registered with Dept. of School & Mass Education vide Regn. No.BLGR-COR-13)
AT/PO-BELPADA-767026, DIST: BALANGIR (ODISHA)
SITUATED ON THE STATE HIGHWAY TOWARDS PATNAGARH
**WANTED**
Applications are invited for the post of Principal and PGT & TGT (English, Math, Physics, Chemistry, Biology, Physical Education & I.T.) with B.ED.
Apply within 15 days of advertisement. Salary is not a constraint for the deserving candidates.
Accommodation and mess facilities are available.
For details Contact: 9853412713,8249851131,9583588333
Email : principalsdmtpps@gmail.com. shankarblp@gmail.com
With regards.
Sd./-Chairman, Aastha Public School, Belpara

**WALK-IN-INTERVIEW**
ACCOUNTANT required for a reputed Real Estate & Builder Company (Gajanan Property Dealer & Constructios Pvt. Ltd.)
**Qualification & Experience:** C.A/CMA (at least one group complete), M.Com, B.Com, Tally latest version and could able to finalization of company accounts & preparation of final Balance Sheets & expert in excel.
**Salary:** Negotiable. **Interview Date & Time:** 05.03.2019 (Tuesday) at 11 AM to 4 PM.
**Venue:** Plot No: 360/2, Near Damana Hata, Chandrasekharpur, BBSR-16.
M: 9937013384, 9668816286

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

See Career Appointment on every Wednesday & Saturday

**ODISHA HYDRO POWER CORPORATION LTD.**
OHPC ISO 9001, 14001 & OHSAS 18001 Certified Company
ODISHA NEW OPPORTUNITIES
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22 . Ph. : (0674) 2542983, 2542802, 2545526, 2542826
Fax: (0674) 2542102. Website: www.ohpcltd.com
CIN: U40101OR1995SGC003963

ADVERTISEMENT NO.OHPC: HQ: HRD: RECTT: 01/2019 Dated: 02/03/2019

**CAREER OPPORTUNITIES FOR QUALIFIED CANDIDATES AS TRAINEES (NON-TECHNICAL)**

**The Corporation intends to recruit qualified candidates as Jr. Clerk Trainee / L D Asst. Trainee & Steno-cum Computer Assistant Trainees.**

Odisha Hydro Power Corporation Limited (OHPC), an ISO 9001:2008 certified Gold rated state PSU (with installed capacity of 2063.5 MW) is a professionally managed leading profit-making State Power Utility having 6 (six) projects within the state and one inter-State Project. The Corporation offers challenging work environment & invites applications from young and qualified candidates for the following posts in Units and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainee / LD Assistant Trainee | 12 (W:4) | 05 (W:2) | 03 (W:1) | 25 (W:8) | 45 (W:15) { PWD:2, Ex SM:1} |
| Steno-cum-CA Trainee | 01 | 01 | 01 | 04 (W: 1) | 07 (W:1) |

* W- Women, PWD- Person With Disability, Ex SM- Ex Serviceman

**Important Dates :-**
The Commencement of Online registration & payment of application fee - **11.03.2019**
Last date for payment of application fee (Online/ Offline Challan) - **10.04.2019**
The last date for submission of Online application in complete shape - **16.04.2019**
The detailed advertisement including eligibility conditions, online submission of application and other conditions are available in the company's website **www.ohpcltd.com** from **03.03.2019.**

Director (HRD)

MARUTI SUZUKI
**MARUTI SUZUKI is hiring For its Dealer Partners in Odisha**
GET READY TO WORK WITH LARGEST AUTOMOTIVE BRAND IN INDIA
**SERVICE ADVISOR (10 nos.)**
(Salary Band-10K to 15K) + Incentive.
Candidates with minimum experience of 2 years in Automobiles Service with minimum qualification Diploma in Automobiles or Mechanical. Bright candidate from two-wheeler industry with similar experience is also welcome. **Eligible women candidates are also encouraged to appear the interview.**
**WALK IN INTERVIEW**
6th Mar.,19 (Wednesday), Time - 10am to 3pm
Interested candidates may walk in for interview with their updated CV in the below mentioned address.
**MARUTI SUZUKI INDIA LTD.**
6th Floor, Utkal Signature, Near Pahal, Bhubaneswar Cuttack Road-752101, **Ph. 0674-2973229**
You can send your CV to servicecare.bhubaneshwar@maruti.co.in
brandvision MAHESHWARI

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

$ Dollar 70.92 (20)

| Sensex | Nifty | Gold | Silver |
|---|---|---|---|
| 196.37 36,063.81 | 71 10,863.50 | `120 34,080.00 | `370 40,680.00 |

ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ପ୍ରସଙ୍ଗକୁ ବିଚାର କରିବାକୁ ହେବା
–କେ.ଭି. ସୁବ୍ରମଣ୍ୟନ, ସିଇଏ



ବିମାନ କମ୍ପାନୀର ଉନ୍ନତି ଲାଗି ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି।
–ନରେଶ ଗୋୟଲ, ଜେଟ୍ ଏୟାରୱେଜ ଅଧ୍ୟକ୍ଷ



## ସଂକ୍ଷେପରେ

### ଅର୍ଥ ଆୟୋଗ ସଦସ୍ୟ ହେଲେ ଏ.ଏନ୍.ଝା



ନୂଆଦିଲ୍ଲୀ,୧-୩
ପୂର୍ବତନ ଅର୍ଥ ସଚିବ ଅଜୟ ନାରାୟଣ ଝା ଶୁକ୍ରବାର ପଞ୍ଚଦଶ ଅର୍ଥ ଆୟୋଗର ସଦସ୍ୟ ଭାବେ ଯୋଗଦେଇଛନ୍ତି। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ଯୋଗ ଦେବା ପରେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ଏହା ପରେ ଏହି ସ୍ଥାନଟି ଖାଲି ରହିଥିଲା। ଝା ଏବେ ଉକ୍ତ ପଦବୀରେ ଯୋଗଦେଇଛନ୍ତି। ସେ ୧୯୮୨ ମସିହା ବ୍ୟାଚ୍ ମଣିପୁର କ୍ୟାଡରର ଭାରତୀୟ ପ୍ରଶାସନିକ ଅଧିକାରୀ। ପୂର୍ବତନ ଆର୍‌ବିଆଇ ଗଭର୍ନର ୱାଇ.ଭି.ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗଠିତ ଚତୁର୍ଦ୍ଦଶ ଅର୍ଥ ଆୟୋଗରେ ସେ ପୂର୍ବରୁ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ୨୦୧୭ ନଭେମ୍ବରରେ ସ୍ଥାପନା ହୋଇଥିବା ବେଳେ ଯୋଜନା କମିଶନର ପୂର୍ବତନ ସଦସ୍ୟ ଏନ୍.କେ.ସିଂ ଏହାର ମୁଖ୍ୟ ଭାବେ ଏବେ କାର୍ଯ୍ୟ କରୁଛନ୍ତି।

### ଫେବୃୟାରୀରେ ମାନୁଫାକ୍ଚରିଂ କ୍ଷେତ୍ରରେ ଉନ୍ନତି

ନୂଆଦିଲ୍ଲୀ,୧-୩
ଦେଶର ମାନୁଫାକଚରିଂ ଶିଳ୍ପର ପରଫରମାନ୍ସ ଫେବୃୟାରୀ ମାସରେ ଉନ୍ନତ ରହିଛି। ଏହା ୧୪ ମାସର ସର୍ବୋଚ୍ଚ ସ୍ତରରେ ରହିଥିବା ଜଣାପଡ଼ିଛି। ବିକ୍ରି, ଉତ୍ପାଦନ ଏବଂ ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଆସିଥିବା ଶୁକ୍ରବାର ପ୍ରକାଶିତ ସରକାରୀ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବାଣିଜ୍ୟ ସ୍ଥିତିରେ ଉନ୍ନତି ଯୋଗୁ ନିକେଇ ଇଣ୍ଡିଆ ମାନୁଫାକ୍ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ୫୪.୩% ବୃଦ୍ଧି ଘଟିଛି। ଏହା ଜାନୁୟାରୀରେ ୫୩.୯% ରହିଥିଲା। ଗତ ୧୯ ମାସଧରି ମାନୁଫାକ୍ଚରିଂ ପିଏମ୍ଆଇ ୫୦%ରୁ ସର୍ବୋଚ୍ଚ ସ୍ତରରେ ରହିଛି।

### ବିମାନ ଇନ୍ଧନ ମୂଲ୍ୟ ୮.୧% ବୃଦ୍ଧି



ନୂଆଦିଲ୍ଲୀ,୧-୩
ଇଟିଏଫ୍ (ବିମାନ ଇନ୍ଧନ) ମୂଲ୍ୟରେ ଶୁକ୍ରବାର ୮.୧% ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସତ୍ତ୍ୱେ ବିମାନ ଇନ୍ଧନ ଦର ପେଟ୍ରୋଲ ଡିଜେଲଠାରୁ ଶସ୍ତା ରହିଛି। ଏଥିରେ ୪,୭୩୪.୧୫ ଟଙ୍କା ବୃଦ୍ଧି ଘଟି କିଲୋ ଲିଟର ପିଛା ଦର ୬୨,୭୯୫.୧୨ ଟଙ୍କା ରହିଛି। ଗତ ୪ ମାସରେ ପ୍ରଥମଥର ଲାଗି ଏଥିରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରକୁ ନଜରରେ ରଖି ପ୍ରତିମାସ ପହିଲାରେ ଦର ହ୍ରାସ ବୃଦ୍ଧି ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ଫେବୃୟାରୀ ପହିଲାରେ ଏହା ଅପରିବର୍ତ୍ତିତ ରହିଥିଲା। ଏହା ପୂର୍ବରୁ ଜାନୁୟାରୀରେ ମୂଲ୍ୟ ୧୪.୭% ଏବଂ ଡିସେମ୍ବର ପହିଲାରେ ୧୦.୯% ହ୍ରାସ ଘଟିଥିଲା।

### ଅଭିବୃଦ୍ଧି ୭.୩% ଛୁଇଁବ:ମୁଡିଜ୍

ନୂଆଦିଲ୍ଲୀ,୧-୩
ଦେଶର ଅର୍ଥନୈତିକ ଅଭିବୃଦ୍ଧି ଆଗାମୀ ବର୍ଷଗୁଡ଼ିକରେ ଭଲ ରହିବ। ୨୦୧୯ ଏବଂ ୨୦୨୦ରେ ଦେଶର ଅଭିବୃଦ୍ଧି ୭.୩% ଛୁଇଁବ ବୋଲି କ୍ରେଡିଟ ରେଟିଂ ଏଜେନ୍ସି ମୁଡିଜ୍ ଶୁକ୍ରବାର ସୂଚନା ଦେଇଛି। ଏହି ସମୟରେ ଅର୍ଥନୀତିରେ ସ୍ଥିତାବସ୍ଥା ଜାରି ରହିବ ବୋଲି ଏଜେନ୍ସି ପକ୍ଷରୁ ଆକଳନ କରାଯାଇଛି। ମୁଡିଜ୍ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ଗ୍ଲୋବାଲ ମାକ୍ରୋ ଆଉଟଲୁକ ୨୦୧୯-୨୦୨୦ରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସିଆର ଅନ୍ୟାନ୍ୟ ଅର୍ଥନୀତି ତଥା ପ୍ରମୁଖ ଅଭିବୃଦ୍ଧିଶୀଳ ବଜାରଗୁଡ଼ିକର ମାନୁଫାକ୍ଚରିଂ ତଥା ଟ୍ରେଡକୁ ବିଶ୍ୱ ମାନ୍ଦାବସ୍ଥା ପ୍ରଭାବିତ କରିଥିବା ବେଳେ ଏହା ଭାରତ ଉପରେ ସେତେଟା ପ୍ରଭାବ ପକାଇବାକୁ ସକ୍ଷମ ହୋଇ ନାହିଁ ବୋଲି ମୁଡିଜ୍ କହିଛି। ସେହିଭଳି ଆଗକୁ ନିର୍ବାଚନ ଥିବାରୁ ସରକାର ବିଭିନ୍ନ ଯୋଜନା ବାବଦକୁ କରୁଥିବା ଖର୍ଚ୍ଚ ଦେଶର ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହିତ କରୁଥିବା ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

## ଆଇବିସିକୁ ସଫଳତା

# ଫେରିଲା ୨ ଲକ୍ଷ କୋଟି ଏନ୍‌ପିଏ

ହାଇଦ୍ରାବାଦ,୧–୩




- କମିଛି ରିଜଲ୍ୟୁଶନ ସମୟ, ଇନ୍‌ସଲ୍‌ଭେନ୍ସି ଖର୍ଚ୍ଚ
- ଆଇନ ଦୃଢ଼ୀକରଣ ନେଇ ପଦକ୍ଷେପ
- ଏନ୍‌ପିଏ ହ୍ରାସ ଦିଗରେ ସହାୟକ

୨୦୧୬ ପରଠାରୁ କାର୍ଯ୍ୟକାରୀ ହୋଇଥିବା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋର୍ଡ(ଆଇବିସି)କୁ ବଡ ଧରଣର ସଫଳତା ମିଳିଛି। ଏହି ଆଇନ ଆସିବା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଏନ୍‌ପିଏ ମାମଲା ସମାଧାନ କରାଯାଇଛି। ଅପରପକ୍ଷରେ ଦେଶର ବିତ୍ତ ପ୍ରତିଷ୍ଠାନଗୁଡ଼ିକରେ ନୂଆ ଏନ୍‌ପିଏ ମାମଲା ହ୍ରାସ ଘଟିଥିବା କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିଭାସ ଶୁକ୍ରବାର ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ଇକ୍‌ଫାଇ ଲ ସ୍କୁଲଠାରେ ଆଇବିସି ସମ୍ପର୍କିତ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀନିଭାସ କହିଛନ୍ତି, ନିକଟରେ ପ୍ରକାଶ ପାଇଥିବା ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଏନ୍‌ପିଏ ହ୍ରାସ ଘଟିଥିବା ଜଣାପଡିଛି। ପୂର୍ବରୁ କିଛି ବ୍ୟବସାୟୀ ନିହିତ ସ୍ୱାର୍ଥ ରଖି ବାଣିଜ୍ୟରେ ବିଫଳ ହୋଇଥିବା ବେଳେ ଏହା ଉଦ୍ୟୋଗୀଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରଭାବିତ କରୁଥିବା ସେ ମତ ରଖିଛନ୍ତି। ଏପରିସ୍ଥିତିରେ ଆଇବିସି ଉଦ୍ୟୋଗ ବିକାଶ ଏବଂ ପୁଞ୍ଜି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଆଣିବା ଦିଗରେ କାର୍ଯ୍ୟ କରୁଛି। ପୂର୍ବ ତୁଳନାରେ ଆଇବିସିକୁ ଆହୁରି ଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଆଇବିସି ଆସିବା ପୂର୍ବରୁ ଏକ ଦେବାଳିଆ କମ୍ପାନୀର ରିଜଲ୍ୟୁଶନ ଲାଗି ୪ ବର୍ଷ ସମୟ ଲାଗୁ ଥିଲା। କମ୍ପାନୀର ସମ୍ପତ୍ତିକୁ ପରିଚାଳନା ଲାଗି ମୋଟ ଇନ୍‌ସଲଭେନ୍ସି ଖର୍ଚ୍ଚର ୯ରୁ ୧୦% ଖର୍ଚ୍ଚ କରିବାକୁ ପଡୁଥିଲା। ସେହି ସମୟରେ ଅସୁଲ ହାର ୨୫ରୁ ୨୬% ରହିଥିଲା। ଗତ ଦୁଇ ବର୍ଷରେ ଏଥିରେ ପରିବର୍ତ୍ତନ ଆସିଛି। ସମାଧାନ ହୋଇଥିବା ୮୦ ଅତି ସମ୍ବେଦନଶୀଳ ମାମଲାର ଅସୁଲ ହାର ୪୮% ରହିଥିବା ବେଳେ ଇନସଲଭେନ୍ସି ଖର୍ଚ୍ଚ ୧%ରୁ କମ୍ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

## ଏନ୍‌ସିଡି ଜାରି କଲା ଏଲ୍ ଆଣ୍ଡ ଟି ଫାଇନାନ୍ସ




ମୁମ୍ବାଇ,୧–୩
ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ ଏଲ୍ ଆଣ୍ଡ ଟି ଫାଇନାନ୍ସ ପକ୍ଷରୁ ସିକ୍ୟୁର୍ଡ ରିଡେମେବଲ ନନ୍ କନଭର୍ଟିବଲ ଡିବେନଚର(ଏନ୍‌ସିଡ଼ି) ଜାରି ସମ୍ପର୍କରେ ଘୋଷଣା କରିଛି। ଏହି ଇସ୍ୟୁ ମାର୍ଚ୍ଚ ୬ରେ ଆରମ୍ଭ ହେବା ସହ ମାର୍ଚ୍ଚ ୨୦ରେ ବନ୍ଦ ହେବ। କମ୍ପାନୀ ୧୦୦୦ ଟଙ୍କାର ଫେସ୍‌ଭାଲ୍ୟୁରେ ଏହି ଡିବେନଚର ଜାରି କରିଛି। ଚଳିତ ଥର ଜାରି ହୋଇଥିବା ଏହି ଡିବେନଚରର ବେସ୍ ସାଇଜ୍ ୫୦୦ କୋଟି ଟଙ୍କା ରହିଛି। ଓଭର ସବସ୍କ୍ରିପଶନକୁ ୧୦୦୦ କୋଟି ଏବଂ ମୋଟ ସଂଗ୍ରହକୁ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ କରିବାକୁ ବିକଳ୍ପ ରଖାଯାଇଛି। ଇକ୍ରା ପକ୍ଷରୁ ଏହି ଇସ୍ୟୁକୁ ଟ୍ରିପଲ ଏ ରେଟିଂ ପ୍ରଦାନ କରାଯାଇଛି, ଯାହା ସ୍ଥିତାବସ୍ଥାକୁ ଦର୍ଶାଉଛି। ସେହିଭଳି କେୟାର ରେଟିଂ ଏବଂ ଇଣ୍ଡିଆ ରେଟିଂ ମଧ୍ୟ ଏହାକୁ ଟ୍ରିପଲ ଏ ରେଟିଂ ଦେଇଛନ୍ତି। ଏହାକୁ ପୂର୍ବରୁ ବନ୍ଦ ଘୋଷଣା କିମ୍ବା ସମ୍ପ୍ରସାରଣ କରାଯାଇପାରେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ସ୍ୱଦେଶ ଫେରିବା ନେଇ ମାଲ୍ୟାଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

ମୁମ୍ବାଇ,୧–୩



ନିମ୍ନ ଅଦାଲତଙ୍କ ଦ୍ୱାରା ପଳାତକ ଘୋଷଣାକୁ ବିରୋଧ କରି ଆଗତ ମାମଲାରେ ବମ୍ବେ ହାଇକୋର୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସ୍ୱଦେଶ କେବେ ଫେରିବେ ବୋଲି ପ୍ରଶ୍ନ କରିଛନ୍ତି। ସେ ଭାରତକୁ ଫେରି ମାମଲାର ସମୁଖୀନ କେବେ ହେବେ ବୋଲି ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି।

ଶୁକ୍ରବାର ବମ୍ବେ ହାଇକୋର୍ଟରେ ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଏବଂ ସାରଙ୍ଗ କୋଟ୍ୱାଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ହୋଇଥିଲା। ତାଙ୍କୁ ପଳାତକ ଘୋଷଣା କରାଯିବା ଦ୍ୱାରା ତାଙ୍କର ସମ୍ପତ୍ତି ଜବତ ହେଲେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ କ୍ଷତିଗ୍ରସ୍ତ ହେବେ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ସେ ସ୍ୱଦେଶ ଫେରି ଆସିଲେ ଏହି ରାୟ କାର୍ଯ୍ୟକାରୀ ହେବ ନାହିଁ ବୋଲି ଖଣ୍ଡପୀଠ ପ୍ରତ୍ୟୁତ୍ତରରେ କହିଥିଲେ। ସେ କେବେ ଭାରତ ଫେରୁଛନ୍ତି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁବାରୁ ୟୁକେ ଅଦାଲତଙ୍କ ନିର୍ଦ୍ଦେଶ ଯୋଗୁ ଏହା ସମ୍ଭବ ହୋଇପାରୁନାହିଁ ବୋଲି ଓକିଲ ଦର୍ଶାଇଥିଲେ। ବ୍ରିଟେନ କୋର୍ଟରେ ମାଲ୍ୟା ସ୍ୱଦେଶ ଫେରିବାକୁ ଚାହୁଁଥିବା ଏବଂ ଭାରତୀୟ ଅଦାଲତରେ ମାମଲାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା କହିଛନ୍ତି କି ବୋଲି ଖଣ୍ଡପୀଠ ପୁନର୍ବାର ପ୍ରଶ୍ନ କରିବାରୁ ତାଙ୍କ ଓକିଲ ନୀରବ ରହିଥିଲେ। ସୂଚନାଥାଉ କି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଆବେଦନକୁ ଗ୍ରହଣ କରି ସ୍ଥାନୀୟ ଏଫ୍‌ଇଓଏ ଅଦାଲତ ମାଲ୍ୟାଙ୍କୁ ପଳାତକ ଘୋଷଣା କରିଥିଲେ। ଏହି କାରଣରୁ ଏବେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବା ସହଜ ହୋଇଯିବ।

## ଆଧିଆ ବିଓବି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧–୩
କେନ୍ଦ୍ର ସରକାର ଶୁକ୍ରବାର ପୂର୍ବତନ ଅର୍ଥ ସଚିବ ହସମୁଖ ଆଧିଆଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥନୈତିକ ସେବା ସଚିବ ରାଜୀବ କୁମାର ଟୁଇଟ୍ ଜରିଆରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପରେ ବିଓବି ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବାକୁ ଯାଉଛି। ମାର୍ଚ୍ଚ ୧୧ରେ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ଶେୟାରଧାରୀଙ୍କୁ ବିଓବି ଶେୟାର ଜାରି କରାଯିବ। ମିଶ୍ରଣ ଯୋଜନାନୁଯାୟୀ,ପ୍ରତି ୧୦୦୦ ବିଜୟା ବ୍ୟାଙ୍କ ଶେୟାର ପାଇଁ ବିଓବିର ୪୦୨ଟି ଶେୟାର ମିଳିବ।

## ଶକ୍ତି ସଚିବ ହେମନ୍ତ ଶର୍ମା ସମ୍ମାନିତ




ଭୁବନେଶ୍ୱର,୧–୩
ରାଜ୍ୟରେ ସୌଭାଗ୍ୟ ଯୋଜନାର ସଫଳ ରୂପାୟନ ଲାଗି ଶକ୍ତି ସଚିବ ହେମନ୍ତ ଶର୍ମାଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ଶକ୍ତି ସମ୍ମିଳନୀରେ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ଶର୍ମାଙ୍କୁ ସମ୍ମାନିତ କରିଥିଲେ। ଶର୍ମା ରୁର୍କୀ ଇଞ୍ଜିନିୟରିଂ କଲେଜରୁ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ପରେ ୧୯୯୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୨୦୧୩ର ଫାଇଲିନ ସମୟରେ ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିକୁ ସଜାଡିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଦୂରଦର୍ଶୀ ଯୋଜନା ଯୋଗୁ ରାଜ୍ୟ ଶକ୍ତି ଅଭାବୀ ରାଜ୍ୟରୁ ବଳକା ରାଜ୍ୟରେ ରୂପାନ୍ତରିତ ହେବାକୁ ସକ୍ଷମ ହୋଇଛି। ତାଙ୍କ ନେତୃତ୍ୱରେ ଓଡ଼ିଶା ଜନଗଣନା ଅନ୍ତର୍ଭୁକ୍ତ ସମସ୍ତ ୪୭,୬୭୭ ଗ୍ରାମକୁ ବିଦ୍ୟୁତ ସେବା ଉପଲବ୍ଧ କରାଇ ପାରିଛି।

## ଭିଡିଓକନ ଋଣ ମାମଲା

# ଚନ୍ଦା କୋଚର, ଧୂତଙ୍କ ବାସଗୃହ,ଅଫିସ ଉପରେ ଇଡ଼ି ଚଢାଉ

ନୂଆଦିଲ୍ଲୀ/ମୁମ୍ବାଇ,୧–୩
ଭିଡିଓକନ୍ ଗ୍ରୁପକୁ ଋଣ ପ୍ରଦାନ ମାମଲାରେ ଛନ୍ଦି ହୋଇ ପଡିଥିବା ଆଇସିଆଇସିଆଇ ବ୍ୟାଙ୍କ ପୂର୍ବତନ ସିଇଓ ଚନ୍ଦା କୋଚର ଏବଂ ଭିଡିଓକନ୍ ପ୍ରମୋଟର ବେଣୁ ଗୋପାଳ ଧୂତଙ୍କ ଅଫିସ ଓ ବାସଗୃହ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଚଢାଉ କରିଛି। ଅନ୍ତତଃ ପକ୍ଷେ ୫ କାର୍ଯ୍ୟାଳୟ, ମୁମ୍ବାଇସ୍ଥିତ ବାସଗୃହ ଏବଂ ଅନ୍ୟ କିଛି ସ୍ଥାନରେ ଏହି ଯାଞ୍ଚ କରାଯାଇଥିବା ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅନୁସାରେ ଏହି ଚଢାଉ ହୋଇଥିବା ସେ ପ୍ରକାଶ କରିଛନ୍ତି। ଚନ୍ଦା କୋଚରଙ୍କ ମୁମ୍ବାଇସ୍ଥିତ ବାସଗୃହ ଏବଂ ବେଣୁଗୋପାଳଙ୍କ ଔରଙ୍ଗାବାଦସ୍ଥିତ ବାସଗୃହରେ ଇଡି ଛାନଭିନ କରିଥିବା କହିଛି। ଗତ ମାସରେ ଇଡି ପକ୍ଷରୁ ଚନ୍ଦାଙ୍କ ନାମରେ କଳାଟଙ୍କା କାରବାର ମାମଲା ଦାଏର କରାଯାଇଥିଲା। ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ ପ୍ରମୋଟର ଧୂତ ବେଆଇନ ଭାବେ ୧୮୭୫ କୋଟି ଟଙ୍କାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପ୍ରମାଣ ସଂଗ୍ରହ ଲାଗି ଇଡିର ଏକ ଟିମ୍ ଶୁକ୍ରବାର ସକାଳେ ଏହି ଯାଞ୍ଚରେ ସାମିଲ ହୋଇଥିଲେ। ସିବିଆଇ ଅଭିଯୋଗ ଆଧାରରେ ଇଡି ପକ୍ଷରୁ ଚନ୍ଦାଙ୍କ ବିରୋଧରେ ପିଏମ୍ଏଲ୍ଏ ମାମଲା ଦାଏର କରାଯାଇଛି।

## ଫେବୃୟାରୀରେ ଜିଏସ୍‌ଟି ଆଦାୟ କମିଲା

ନୂଆଦିଲ୍ଲୀ,୧–୩




**୯୭,୨୪୭ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ**

ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହରେ ହ୍ରାସ ଘଟିଛି। ଏହି ସମୟରେ ୯୭,୨୪୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଏହା ଜାନୁୟାରୀ ମାସରେ ୧.୦୨ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ରହିଛି। ଏହି ସମୟରେ ସେଲ୍ସ ରିଟର୍ନ ଅନୁପାଳନ କ୍ଷେତ୍ରରେ ଉନ୍ନତି ଘଟିଥିବା ଜଣାପଡ଼ିଛି। ଫେବୃୟାରୀ ମାସରେ ୭୩.୪୮ ଲକ୍ଷ ଜିଏସ୍‌ଟିଆର୍-୩ବି ରିଟର୍ନ ଫାଇଲ ହୋଇଛି। ଏହା ଜାନୁୟାରୀ ମାସରେ ୭୩.୩ ଲକ୍ଷ ରିଟର୍ନ ରହିଥିଲା। ସଂଗ୍ରହ ହୋଇଥିବା ଜିଏସ୍‌ଟି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି)ର ଅଂଶ ୧୭,୬୨୬ କୋଟି ଟଙ୍କା ରହିଛି। ଏହି ସମୟରେ ୨୪,୧୯୨ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି), ୪୬,୯୫୩ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ସେସ୍ ବା ଉପକର ବାବଦକୁ ୮,୪୭୬ କୋଟି ଟଙ୍କା ଆଦାୟ ହୋଇଥିବା ମନ୍ତ୍ରଣାଳୟ ପ୍ରକାଶ କରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ୧୩.୧୨% ଅଧିକ ଜିଏସ୍‌ଟି ସଂଗ୍ରହ ହୋଇଛି। ଗତ ବର୍ଷ ଏହା ୮୫,୯୬୨ କୋଟି ଟଙ୍କା ରହିଥିଲା। ଏହି ସମୟରେ ଆଇଜିଏସ୍‌ଟିରୁ ସରକାର ସିଜିଏସ୍‌ଟି ବାବଦକୁ ୧୯,୪୭୦ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦକୁ ୧୫,୭୪୭ କୋଟି ଟଙ୍କା ସମାଧାନ କରିଛନ୍ତି। ନିୟମିତ ବଣ୍ଟନ ପରେ କେନ୍ଦ୍ର ଏବଂ ରାଜ୍ୟ ଯଥାକ୍ରମେ ସିଜିଏସ୍‌ଟି ବାବଦକୁ ୩୭,୦୯୫ କୋଟି ଓ ଏସ୍‌ଜିଏସ୍‌ଟି ବାବଦକୁ ୩୯,୯୩୯ କୋଟି ରାଜସ୍ୱ ଲାଭ କରିଛନ୍ତି। ଟିଭି, ସିନେମା ଟିକେଟ, ପାୱାର ବ୍ୟାଙ୍କ, ମନିଟର ସ୍କ୍ରିନ ଭଳି ୨୩ ସାମଗ୍ରୀଗୁଡ଼ିକ ଉପରେ ଟିକସ ହ୍ରାସ ଯୋଗୁ ଜିଏସ୍‌ଟି କମିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
୬ଷ୍ଠ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ପ୍ରଦାନ ଉତ୍ସବ
ତା.୦୨।୦୩।୨୦୧୯ରିଖ, ଘ.୬.୩୦ମିନିଟ୍, ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଫୁଲ ସାମଲ, ମାନ୍ୟବର ମନ୍ତ୍ରୀ, ମହିଳା, ଶିଶୁ ବିକାଶ ଓ ମିଶନ୍ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଏମ୍ଏସ୍ଏମ୍ଇ ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି
ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ, ମାନ୍ୟବର ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ), ଓଡ଼ିଶା
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର), ଓଡ଼ିଶା
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଶ୍ରୀମତୀ ବନଜା ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ
ଶ୍ରୀଯୁକ୍ତ ସତ୍ୟବ୍ରତ ତ୍ରିପାଠୀ, ଅଧ୍ୟକ୍ଷ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, କଟକ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ. ରାମକୃଷ୍ଣ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
(ଏହି ଉତ୍ସବରେ କଳାପ୍ରାଣ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ସାଦର ନିମନ୍ତ୍ରଣ।)
ବିଜୟ କୁମାର ନାୟକ
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
RFP No. 32/OMC/PROJ/19 GLOBAL TENDER NOTIFICATION Date : 01.03.2019
REQUEST FOR PROPOSAL FOR SELECTION OF MINE DEVELOPER AND OPERATOR (MDO) FOR KURMITAR IRON ORE MINE IN THE SUNDERGARH DISTRICT OF ODISHA
OMC invites proposals from experienced Mine Developer and Operators for development, operation and maintenance of the Kurmitar Iron Ore Mine, located in the Sundergarh district of Odisha.
The e-NIT is freely available on the portal of MSTC Limited (http://www.mstcecommerce.com/eprochome/omc) and website of The Odisha Mining Corporation Limited (http://www.omcltd.in).
The Bid Documents can be downloaded from the portal of MSTC Limited from 02.03.2019 after registration on the portal of MSTC Limited upon payment of the Bid Document Cost of **INR 5,00,000/- (Rupees Five Lakhs only)** plus applicable GST.
**Bid Due Date : 03.05.2019**
Any further communications, amendments, etc. will be uploaded on the above portal of MSTC Limited and the website of OMC. OMC reserves the right to reject any or all Bids without assigning any reasons whatsoever.
**Nodal officer for this Bidding Process :**
L. K. Prusty, General Manager (Project), OMC
Phone No. 0674-2377484 / 0674-2501104
E-mail : lkp.omc@gmail.com
Sd/-
General Manager (Projects)

## ସଂକ୍ଷେପରେ

### ଧୋନୀ ଆହତ

ହାଇଦ୍ରାବାଦ,୧।୩ (ପିଟି): ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ପରାସ୍ତ ହୋଇଥିବା ଭାରତୀୟ ଦଳକୁ ଦିନିକିଆ ସିରିଜ୍ ପୂର୍ବରୁ ଶକ୍ତ ଧକ୍କା ଲାଗିଛି। ଦଳର ଅଭିଜ୍ଞ ଖେଳାଳି ମହେନ୍ଦ୍ର ସିଂ ଧୋନୀ ଆହତ ହୋଇଛନ୍ତି। ଶୁକ୍ରବାର ନେଟ୍ସ ସେସନରେ ଅଭ୍ୟାସ କରୁଥିବାବେଳେ ପୂର୍ବତନ ଭାରତୀୟ ଅଧିନାୟକଙ୍କ ଡାହାଣ ହାତର ରିଷ୍ଟରେ ବଲ ବାଜିଛି। ହାତରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ଆଉ ବ୍ୟାଟିଂ କରି ନ ଥିଲେ। ଏଥିଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଧୋନୀଙ୍କ ଖେଳିବା ନେଇ ସନ୍ଦେହ ଦେଖାଦେଇଛି। ଏ ସମ୍ପର୍କରେ ଦଳୀୟ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯିବ। ଧୋନୀ ପ୍ରଥମ ମ୍ୟାଚ୍ ଲାଗି ଉପଲବ୍ଧ ନ ହେଲେ ରିଷଭ ପନ୍ତ ଭାରତୀୟ ଦଳ ଉଇକେଟକିପର ଦାୟିତ୍ୱ ସମ୍ଭାଳିବେ।

### ନେଟ୍ସକୁ ଫେରିଲେ ସ୍ମିଥ

ସିଡ୍‌ନୀ,୧।୩ (ଏଏଫ୍‌ପି): ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ ଫିଟ୍ ହୋଇ ନେଟ୍ସକୁ ଫେରିଛନ୍ତି। ନିକଟରେ ତାଙ୍କ କହୁଣିରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ମିଥଙ୍କ ଭଳି ୱାର୍ନର ମଧ କହୁଣି ଜନିତ ସମସ୍ୟା ନେଇ ଅଷ୍ଟ୍ରେଲିଆ ଫେରିଥିଲେ। ଏବେ ଦୁଇ ବ୍ୟାଟ୍ସମ୍ୟାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଗତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଖେଳୁଥିବାବେଳେ ଦୁଇଙ୍କ କହୁଣିରେ ଆଘାତ ଲାଗିଥିଲା। ସ୍ମିଥ ଓ ଡେଭିଡ୍ ୱାର୍ନର ଚଳିତ ମାସ ୨୯ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯୋଗ୍ୟ ହେବେ। ଦକ୍ଷିଣ ଆଫ୍ରିକାରେ ବଲ ଟ୍ୟାମ୍ପରିଂ ଘଟଣା ଯୋଗୁ ଉଭୟଙ୍କୁ ବର୍ଷେ ଲାଗି ବାସନ୍ଦ କରାଯାଇଥିଲା।

### ବିଶ୍ୱକପ୍‌ରେ ଷ୍ଟମ୍ପ ମାଇକ୍ରୋଫୋନ ବ୍ୟବହାର

ନୂଆଦିଲ୍ଲୀ,୧।୩(ପି.ଟି.): ଇଂଲଣ୍ଡରେ ମେ ୩୦ରୁ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ଷ୍ଟମ୍ପ ମାଇକ୍ରୋଫୋନ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି ଟୁର୍ନାମେଣ୍ଟ ଡାଇରେକ୍ଟର ଷ୍ଟିଭ୍ ଏଲ୍‌ୱର୍ଦ୍ଦୀ। ନିକଟରେ ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ ଓ ୱେଷ୍ଟଇଣ୍ଡିଜ୍ ଦ୍ରୁତ ବୋଲର ଶାନନ ଗାବ୍ରିଏଲଙ୍କୁ ନେଇ ହୋଇଥିବା ବର୍ଣ୍ଣ ବୈଷମ୍ୟ ଘଟଣା ବିବାଦକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଏହି ଖେଳାଳିମାନଙ୍କ ବାର୍ତ୍ତାଳାପ ସମ୍ପର୍କରେ ଜଣାପଡିଥିଲା। ଏହାଦ୍ୱାରା ପ୍ରଶଂସକମାନେ ମଧ କ୍ରିକେଟ ନେଇ ବେଶ୍ ଉତ୍ସାହିତ ରହିବା ସଙ୍ଗେ ସଙ୍ଗେ ମନୋରଞ୍ଜନର ଖୋରାକ ପାଇବେ ବୋଲି ସେ କହିଛନ୍ତି। ବିଶ୍ୱକପ୍‌ରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



> ଭାରତ ବିପକ୍ଷ ଟି୨୦ରେ ପ୍ରଭାବୀ ପ୍ରଦର୍ଶନ ଦୃଷ୍ଟିରୁ ଦିନିକିଆ ସିରିଜରେ ଗ୍ଲେନ ମାକ୍ସୱେଲଙ୍କ ବ୍ୟାଟିଂ ଅର୍ଡରରେ ପଦୋନ୍ନତି ହେବ।
> – ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



> ବିଶ୍ୱକପ୍ ପାଇଁ ଟିମ୍ ସିଲେକ୍ସନ ବେଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରଦର୍ଶନର କୌଣସି ପ୍ରଭାବ ରହିବ ନାହିଁ।
> – ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ

# ବିଶ୍ୱକପ୍ ଦଳ ଚୟନ ଲାଗି ଶେଷ ସୁଯୋଗ

ହାଇଦ୍ରାବାଦ,୧।୩(ପି.ଟି.)

ଇଂଲଣ୍ଡରେ ଆସନ୍ତା ମେ'ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ବିଶ୍ୱକପ ପୂର୍ବରୁ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଶନିବାର ଦୁଇ ଦଳ ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବ। ବିଶ୍ୱକପ୍ ପୂର୍ବରୁ ଭାରତ ପାଇଁ ଏହି ଦିନିକିଆ ସିରିଜ ଶେଷ ରିହର୍ସାଲ ସଦୃଶ ହୋଇଛି। ବିଶ୍ୱକପ୍ ପାଇଁ ଦଳ ଚୟନ ସଂକ୍ରାନ୍ତରେ ଭାରତ ତା'ର ପରୀକ୍ଷା ନିରୀକ୍ଷା ଜାରି ରଖିବ। ଫଳରେ ଭାରତ ପାଇଁ ଏହି ସିରିଜ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଶେଷ ସୁଯୋଗ ସୃଷ୍ଟି କରିଛି। ଗତ ଟି୨୦ ସିରିଜରେ ୦-୨ରେ ପରାସ୍ତ ହୋଇଥିଲେ ମଧ ଭାରତ ତା'ର ଯୋଜନାରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି କହିଛନ୍ତି। ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ଦଳ ଚୟନ କରାଯିବ। ତେଣୁ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ପରୀକ୍ଷା ନିରୀକ୍ଷା କରାଗଲେ ମଧ ଆମେ ସବୁ ମ୍ୟାଚ୍ ଜିତିବାକୁ ପ୍ରୟାସ ଜାରି ରଖିବୁ ବୋଲି କୋହଲି କହିଛନ୍ତି। ଏହି ସିରିଜରେ ୪ଜଣ ଖେଳାଳିଙ୍କ ଉପରେ ନଜର ରହିବ। ଭଲ ଖେଳିଲେ ଏମାନେ ବିଶ୍ୱକପ୍‌ରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଏହି ୪ ଖେଳାଳି ହେଲେ ଲୋକେଶ ରାହୁଲ, ରିଷଭ ପନ୍ତ, ବିଜୟ ଶଙ୍କର ଓ ସିଦ୍ଧାର୍ଥ କାଉଲ। ବିଶ୍ୱକପ୍‌ର ୧୫ ଜଣିଆ ଦଳର ଦୁଇଟି ସ୍ଥାନ ପାଇଁ ଏହି ୪ ଖେଳାଳିମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ଏମାନେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବ। ତେବେ ଦୀନେଶ କାର୍ତ୍ତିକଙ୍କ ପାଇଁ ଏବେ ମଧ ସୁଯୋଗ ରହିଛି ବୋଲି କେତକେ ବିଚାର କରୁଛନ୍ତି। ଗତ ଦୁଇଟି ଟି୨୦ ମ୍ୟାଚ୍‌ରେ ଅବଶ୍ୟ ରାହୁଲ ଯଥାକ୍ରମେ ୫୦ ଓ ୪୭ ରନ କରି ଉନ୍ନତ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ ଅସ୍ଥିର ପ୍ରଦର୍ଶନ କରୁଥିବାରୁ ରାହୁଲ ରିଜର୍ଭ ଓପନର ଭାବେ ବିଶ୍ୱକପ୍ ଦଳରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ଗତ କେତୋଟି ମ୍ୟାଚ୍‌ରେ ଅସ୍ଥିର ପ୍ରଦର୍ଶନ କରିଛନ୍ତି। ଅସାଧାରଣ ପ୍ରତିଭା ଯୋଗୁ ସେ ଏକା ମ୍ୟାଚ୍ ଜିତାଇବାକୁ ସକ୍ଷମ ବୋଲି ଚୟନକର୍ତ୍ତା ଭଲଭାବେ ଅବଗତ। ଫଳରେ ତାଙ୍କୁ ଏହି ସିରିଜରେ କେତୋଟି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବୋଲିଂ ସେତେଟା ପ୍ରଭାବୀ ମନେ ହେଉ ନ ଥିଲେ ମଧ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ ସମସ୍ୟା ତାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପାଣ୍ଡ୍ୟା ପ୍ରଥମ ପସନ୍ଦ ହୋଇଥିଲେ ମଧ ଶଙ୍କର ଦ୍ୱିତୀୟ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ କେତୋଟି ସିରିଜରେ ଖଲିଲ ଅହମ୍ମଦ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଫଳରେ କାଉଲଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଦଳରେ ସ୍ଥାନ ପାଇବା ନିଶ୍ଚିତ। ତେବେ କାଉଲ ଏହି ସିରିଜ୍‌ରେ ଅତିକମ୍‌ରେ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ତେବେ ସିରିଜ ଜିତିବା ପାଇଁ କୋର୍ ଟିମ୍ ବା ମୂଳ ଦଳରେ ଶାସ୍ତ୍ରୀ ଓ କୋହଲି ପରିବର୍ତ୍ତନ କରିବେ ନାହିଁ। ଅଭିଜ୍ଞ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ, ଅଲରାଉଣ୍ଡର କେଦାର ଯାଦବ ଓ ସାମି ଦଳକୁ ଫେରିଥିବାରୁ ଆରୋନ୍ ଫିଞ୍ଚଙ୍କ ଅଷ୍ଟ୍ରେଲିଆ ଦଳ ପାଇଁ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହେବ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ମିଡଲ ଓଭରରେ ପୁଣି କମାଲ କରିବା ଆଶା କରାଯାଉଛି। କେଦାରଙ୍କ ସାଇଡ ଆର୍ମ ଲୋ ଅଫ୍- ବ୍ରେକ୍ ବୋଲିଂ ଗ୍ଲେନ ମ୍ୟାକ୍ସୱେଲ, ଡାର୍ସି ଶର୍ଟ, ମାର୍କସ ଷ୍ଟୋଇନିସ୍ ଓ ଶନ୍ ମାର୍ଶଙ୍କୁ ସମସ୍ୟାରେ ପକାଇବ। ସିରିଜରେ ଭାରତର ପରିସ୍ଥିତିକୁ ଦେଖି ୧ ନମ୍ବର ଦ୍ରୁତ ବୋଲର ବୁମ୍‌ରାଙ୍କୁ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ପ୍ରଥମ ଟି୨୦ ସିରିଜ ଜିତି ତା'ର ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିଛି। ଭ୍ରମଣକାରୀ ଦଳ ଏହି ବିଜୟଧାରାକୁ ବଜାୟ ରଖିବାକୁ ପ୍ରୟାସ କରିବ। ଅଭିଜ୍ଞ ନାଥନ ଲିୟନଙ୍କ ଉପସ୍ଥିତି ସ୍ପିନ୍ ବିଭାଗକୁ ଆହୁରି ଦୃଢ କରିବ। ତାଙ୍କୁ ଆଡାମ ଜାମ୍ପା ସହଯୋଗ କରିବେ। ଶେଷ ମୁହୂର୍ତ୍ତରେ ଆହତ ଦ୍ରୁତ ବୋଲର କେନ୍ ରିଚାର୍ଡ୍‌ଶନଙ୍କ ବଦଳରେ ଆଣ୍ଡ୍ରୁ ଟାଏଙ୍କୁ ଦଳରେ ସାମିଲ କରାଯାଇଛି। ସେ ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅଭିଜ୍ଞତାକୁ ଏହି ସିରିଜ୍‌ରେ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି।



ଶୁକ୍ରବାର ନେଟ୍ସ ସେସନ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଫିଲ୍ଡିଂ ଅଭ୍ୟାସ।

### ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ଆଜି

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ବିଜୟ ଶଙ୍କର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା। | ଆରୋନ ଫିଞ୍ଚ୍ (ଅଧିନାୟକ), ଡାର୍ସି ଶର୍ଟ, ଶନ୍ ମାର୍ଶ, ମାର୍କସ ଷ୍ଟୋଇନିସ୍, ଉସ୍‌ମାନ ଖ୍ୱାଜା, ଆଲେକ୍ସ କେରୀ, ପିଟର ହ୍ୟାଣ୍ଡ୍ସକମ୍ବ, ଆଷ୍ଟନ ଟର୍ନର, ଆଡାମ ଜାମ୍ପା, ଜାସନ ବେହରେନଡୋର୍ଫ, ଝେ ରିଚାର୍ଡ୍‌ଶନ, ପ୍ୟାଟ୍ କୁମିନ୍ସ, ଆଣ୍ଡ୍ରୁ ଟାଏ, ନାଥନ କୁଲ୍ଟର ନିଲ ଓ ନାଥନ ଲିୟନ। |

ସମୟ: ଅପରାହ୍ଣ ୧.୩୦, ସ୍ଥାନ: ହାଇଦ୍ରାବାଦ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ସେମିରେ ଫେଡରର

ଦୁବାଇ,୧।୩

କିମ୍ବଦନ୍ତୀ ପୁରୁଷ ଟେନିସ ଖେଳାଳି ରୋଜର ଫେଡରର କ୍ୟାରିୟରର ୧୦୦ତମ ଏଟିପି ଟାଇଟଲ ନିକଟତର ହୋଇଛନ୍ତି। ଏଠାରେ ଚାଲିଥିବା ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟରେ ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଫେଡରର ୭-୬(୮/୬), ୬-୪ ସେଟ୍‌ରେ ମାର୍ଟନ ଫୁକସୋଭିକ୍ସଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟ୍ ୫-୫ ଭଳି ବରାବର ସ୍ଥିତିରେ ଥିବାବେଳେ ବର୍ଷା ବାଧକ ସାଜିଥିଲା। ସମାନ ସମସ୍ୟା ଦ୍ୱିତୀୟ ସେଟ୍‌ରେ ମଧ ଦେଖାଦେଇଥିଲା। ଏହାସତ୍ତ୍ୱେ ସୁଇଜରଲାଣ୍ଡ କିମ୍ବଦନ୍ତୀ ମ୍ୟାଚ୍‌କୁ ଏକ ଘଣ୍ଟା ୫୬ ମିନିଟ୍‌ରେ ଜିତି ନେଇଥିଲେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ବିଜେତା ସେମିଫାଇନାଲରେ ବର୍ନା କୋରିକଙ୍କୁ ଭେଟିବେ। ଚିରପ୍ରତିଦ୍ୱନ୍ଦ୍ୱୀ ଖେଳାଳି ରାଫାଲ ନାଡାଲ ଚଳିତ ଟୁର୍ନାମେଣ୍ଟର ପରାଜୟ ସହ ବିଦାୟ ନେଇଥିବାରୁ ଚଳିତ ଟୁର୍ନାମେଣ୍ଟରେ ଫେଡରରଙ୍କ ଲକ୍ଷ୍ୟ ପୂରଣ ହେବ ବୋଲି ଆଶା କରାଯାଉଛି।

## ଅଭିନନ୍ଦନଙ୍କୁ ବିସିସିଆଇ, କ୍ରୀଡ଼ାବିତ୍‌ଙ୍କ ସ୍ୱାଗତ

ନୂଆଦିଲ୍ଲୀ,୧।୩(ପି.ଟି.)

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ପାକିସ୍ତାନରୁ ସ୍ୱଦେଶ ଫେରିବା ପରେ ସାରା ଦେଶରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଅନ୍ୟ କ୍ରୀଡ଼ାବିତ୍‌ମାନେ ମଧ ଏଥିରୁ ବାଦ୍ ପଡିନାହାନ୍ତି। ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ ବିସିସିଆଇ ଅଭିନବ ଢଙ୍ଗରେ ଏକ ଜର୍ସି ଜାରି କରିଛି। ଏହି ଜର୍ସି ଉପରେ ୧ ନମ୍ବର ଓ ଅଭିନନ୍ଦନ ବର୍ଥମାନ ବୋଲି ଲେଖାଯାଇଛି। 'ଅଭିନନ୍ଦନ ଆପଣଙ୍କୁ ସ୍ୱାଗତ। ଆପଣ ଆକାଶ ଓ କୋଟି କୋଟି ଜନତାଙ୍କ ହୃଦୟରେ ରାଜ କରିଛନ୍ତି। ଆପଣ ଚଳିତ ପିଢି ପାଇଁ ପ୍ରେରଣାର ଉତ୍ସ' ବୋଲି ବିସିସିଆଇ ତା'ର ଟୁଇଟର ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛି। ଏଥି ସହିତ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଅଧିନାୟକ ବିରାଟ କୋହଲି, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ଅଭିନନ୍ଦନଙ୍କ ପ୍ରଶଂସାରେ ଶତମୁଖ ହେବା ସହ ଟୁଇଟ୍ କରି ତାଙ୍କୁ ସମ୍ମାନ ଜଣାଇଛନ୍ତି।

## ସୌରଭ ଶ୍ରେଷ୍ଠ ଶୁଟର

ନୂଆଦିଲ୍ଲୀ,୧।୩ (ପିଟି)

ନିକଟରେ ଶେଷ ହୋଇଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ର ସୌରଭ ଚୌଧାରୀଙ୍କୁ ଶ୍ରେଷ୍ଠ ଶୁଟର ବିବେଚନା କରାଯାଇଛି। ଡ. କାର୍ନି ସିଂ ଶୁଟିଂ ରେଞ୍ଜଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ।



ଆବୁଧାବିରେ ହେବାକୁ ଯାଉଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବା ଓଡ଼ିଶା ପ୍ରତିନିଧି ଦଳ।

■ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଉଦ୍‌ଯାପିତ

## ସିମରିନଙ୍କୁ ଡବଲ ଟାଇଟଲ





କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ (୧୪ ଓ ୧୮ ବର୍ଷରୁ କମ୍ ବାଳିକା ବାଳକ) ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଉଭୟ ୧୪ ଓ ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ପଶ୍ଚିମବଙ୍ଗର ସିମରିନ ଅହମ୍ମଦ ଦ୍ୱିମୁକୁଟ ହାସଲ କରିଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଫାଇନାଲରେ ସିମରିନ ଓଡ଼ିଶାର ସୋହିନି ମହାନ୍ତିଙ୍କୁ ୭-୬(୩), ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଆ ଖେଳାଳି ମୈତ୍ରୀ ଡି.ରାଉତ୍‌ଙ୍କୁ ୬-୪, ୪-୬, ୭-୫ ସେଟ୍‌ରେ ପରାସ୍ତ କରି ଡବଲ ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଫାଇନାଲରେ ଓଡ଼ିଶାର ପ୍ରତ୍ୟୁଷ ମହାନ୍ତି ଉତ୍ତରାଖଣ୍ଡର ଟୋରୁସ ରାୱତଙ୍କୁ ୬-୨, ୭-୫ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି।

ପୂର୍ବରୁ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଓଡ଼ିଶାର ଷ୍ଟିଭେନ ଅଙ୍କିତ୍ ଏକ୍କା, ଡବଲ୍ସରେ ଷ୍ଟିଭେନ ଓ ଦେବବ୍ରତ ପ୍ରଧାନ ଯୋଡ଼ି ଚାମ୍ପିୟନ ହୋଇଥିଲେ। ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ଓଡ଼ିଶାର ରାହୁଲ ବେହେରା-ତେଲେଙ୍ଗାନାର ସିଦ୍ଧାର୍ଥ ରେଡ୍ଡୀ ଭାଦା ଏବଂ ବାଳିକା ଡବଲ୍ସରେ ଓଡ଼ିଶାର ମୈତ୍ରୀ ରାଉତ-ସଞ୍ଜୀୟ ଯାଦବ ଯୋଡ଼ି ଚାମ୍ପିୟନ ହୋଇଥିଲେ।

ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବି.କେ. ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରି ଯତୀନ ବୈଶ୍ୟ ଓ ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି।

## ଓଡ଼ିଶାର ପାର୍ବତୀ, ଅମିୟ, ଚିନ୍ମୟ ଭାଗନେବେ

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

### ଇଣ୍ଡିଆନ ଗ୍ରାଁ ପ୍ରି-୩

ଇଣ୍ଡିଆନ ଗ୍ରାଁ ପ୍ରି-୩ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଶନିବାର ପଞ୍ଜାବର ସଙ୍ଗ୍ରୁରସ୍ଥିତ ୱାର ହିରୋଜ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମହିଳା ଡିସ୍‌କସ୍ ଥ୍ରୋରେ ପାର୍ବତୀ ସେଠୀ ଭାଗ ନେବେ। ପୁରୁଷ ୧୦୦ ମିଟର ରେସ୍‌ରେ ଅମିୟ କୁମାର ମଳିକ ପୁଣି ଭାଗ୍ୟ ପରୀକ୍ଷା କରିବେ। ପଟିଆଲାରେ ଫେବୃୟାରୀ ୨୩ରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଅମିୟ ୧୧.୦୯ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଥିଲେ। ଏଠାରେ ପ୍ରଦର୍ଶନରେ ଉନ୍ନତି ଆଣି ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଅମିୟଙ୍କର ମୁଖ୍ୟ ଲକ୍ଷ୍ୟ ହେବ। କାତାର ଦୋହାଠାରେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ପୁରୁଷ ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ହେଉଛି ୧୦.୨୫ ସେକେଣ୍ଡ। ଏହା ହାସଲ କରିବାକୁ ହେଲ ଅମିୟଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଅମିୟଙ୍କ ଇଭେଣ୍ଟରେ ଏଥର ୧୪ ପ୍ରତିଯୋଗୀ ରେସ୍ କରିବା କାର୍ଯ୍ୟକ୍ରମ ରହିଛି। ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ଓଡ଼ିଶାର ତୃତୀୟ ପ୍ରତିଯୋଗୀଭାବେ ଚିନ୍ମୟ ରଞ୍ଜନ ଜେନା ପୁରୁଷ ଜାଭେଲିନ ଥ୍ରୋରେ ଭାଗ୍ୟ ପରୀକ୍ଷା କରିବେ। ଗ୍ରାଁ ପ୍ରି-୩ରେ ମୋଟ ୨୦ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

## ବାରବାଟୀରେ ଜାତୀୟ ସିନିୟର ତୀରନ୍ଦାଜୀ ୧୦ରୁ

■ ଯୋଗଦେବେ ଅନେକ ଅନ୍ତର୍ଜାତୀୟ ଖେଳାଳି
■ ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ
■ ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧।୩

ମାର୍ଚ୍ଚ ୧୦ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ ଅନୁବନ୍ଧିତ ୟୁନିଟରୁ ପ୍ରାୟ ୧୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏ ନେଇ ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀ ଡକାଯିବା ସହ ପ୍ରତିଯୋଗିତା ଆୟୋଜନ ନେଇ ସୂଚନା ଦିଆଯାଇଛି। ୧୯୯୩ରେ ଓଡ଼ିଶାରେ ଶେଷଥର ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ହୋଇଥିଲା। ୨୦୧୭ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସବଜୁନିୟର ତୀରନ୍ଦାଜୀ ଚାମ୍ପିୟନଶିପ କରାଯାଇଥିଲା। ଆଗାମୀ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି।

ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ। ରିକର୍ଭ ରାଉଣ୍ଡରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀ ୯ ତାରିଖରେ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିବା ପରେ ୧୦ ଓ ୧୧ ତାରିଖରେ ମୁକାବିଲା ହେବ। ସେହିପରି କମ୍ପାଉଣ୍ଡ ରାଉଣ୍ଡ ୧୩ ଓ ୧୪ ତାରିଖରେ, ଇଣ୍ଡିଆନ ରାଉଣ୍ଡ ପ୍ରତିଯୋଗିତା ୧୬ ଓ ୧୭ ତାରିଖରେ କରାଯିବ। ପ୍ରତିଯୋଗିତା ନିମନ୍ତେ ମୋଟ ୩୦ଲକ୍ଷ ୫୬ହଜାର ୫୦୦ଟଙ୍କାର ବଜେଟ ରହିଛି। ପ୍ରତିଯୋଗୀ, ଅଫିସିଆଲମାନଙ୍କ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା କର୍ପୋରେଟ ବକ୍ସ, ସଚିନ ତେନ୍ଦୁଲକର ଇନଡୋର ହଲ, ବାରବାଟୀ କ୍ଲବ ସମେତ ବିଭିନ୍ନ ସ୍ଥାନରେ ରହଣି ବ୍ୟବସ୍ଥା କରାଯିବ। ବିଭିନ୍ନ ରାଜ୍ୟ ଦଳ କଟକ ରେଳ ଷ୍ଟେଶନ କିମ୍ବା ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରେ ସ୍ୱାଗତ ନିମନ୍ତେ ଏକ କାଉଣ୍ଟର ଖୋଲାଯିବ। ସେଠାରୁ ସ୍ୱତନ୍ତ୍ର ବସଯୋଗେ ପ୍ରତିଯୋଗିତା ସ୍ଥଳକୁ ଖେଳାଳିମାନଙ୍କୁ ଅଣାଯିବ। ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଭାରତର ଖ୍ୟାତନାମା ଖେଳାଳି ଦୀପିକା କୁମାରୀ, ପୋମ୍ବଲ୍ୟ ଦେବୀ, ଅମନ ସଇନି, ମୁସ୍କାନ କିରର, ମଧୁମିତା କୁମାରୀ, ଜୟନ୍ତ ତାଲୁକଦାର, ରଜତ ଚୌହ୍ୱାନ, ଅଭିଷେକ ବର୍ମା, ତରୁଣଦୀପ ରାୟ, ରାହୁଲ ବାନାର୍ଜୀ, ଅତନୁ ଦାସ ପ୍ରମୁଖ ଏହି ଟୁର୍ନାମେଣ୍ଟର ଯୋଗ ଦେବା ସହ ପ୍ରମୁଖ ଆକର୍ଷଣ ରହିବେ। ଏହାଛଡ଼ା ୨୦୧୯ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ ପାଇଁ ଜାତୀୟ ଦଳ ଗଠନ ନିମନ୍ତେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ମଧ ରହିଛି। ଅନ୍ୟପକ୍ଷରେ ଏହି ସମ୍ମିଳନୀରେ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳ ଘୋଷଣା କରାଯାଇଥିଲା। ରାଜେଶ ହାଁସଦା, ଅଶୋକ ଘୋଷ ଓ ରୂପେଶ ସିଂ କୋଚ୍ ଭାବେ ରହିଥିବା ବେଳେ ମ୍ୟାନେଜର ଦାୟିତ୍ୱରେ ଅଛନ୍ତି ଗଣେଶ୍ୱର ସେଠୀ। ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଡ. ଅଜିତ କୁମାର ତ୍ରିପାଠୀ, ଉପସଭାପତି ସରୋଜ କୁମାର ସିଂ, ସିଇଓ ଡ. ନିର୍ମଳକାନ୍ତି ସେନ, କୋଷାଧକ୍ଷ ସୁଘୋଷ ଦାସ, ଫାଇନାନ୍ସ କମିଟି ଚେୟାରମ୍ୟାନ ସମୀର କୁମାର ପରିଜା, ଉପସଭାପତି ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ(ପୁରୁଷ)-ରାଜେଶ ଦୁରୁଆ, ସୂର୍ଯ୍ୟକାନ୍ତ କରଜି, ମାଝୀ, ଅଭିରାମ ପଲେୟା। ମହିଳା- ମାଧବୀ ମାଝୀ, ଆଶାଲତା ସୋରେନ, ସକୁନ୍ତଳା ସବର।

ରିକର୍ଭ ରାଉଣ୍ଡ(ପୁରୁଷ)- ସୂର୍ଯ୍ୟମଣି ମାଝୀ, ରଞ୍ଜିତ ନାୟକ, ପ୍ରଭାତ କୁମାର ମିଞ୍ଜ, ସୀମାଞ୍ଚଳ କଦ୍ରକ। ମହିଳା- ଆଶାଲତା ଦାସ, ସୁମୀ ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା, ବାଲି ବନସିଂହ।

କମ୍ପାଉଣ୍ଡ ରାଉଣ୍ଡ(ପୁରୁଷ)- ଇରମା ପଦିଆମି, ବିକ୍ରମ ସିଂ ଠାକୁର, ପୂର୍ଣ୍ଣଚନ୍ଦ୍ର ମାଝୀ।



“ଟେଷ୍ଟ କ୍ରିକେଟ ଚମକ ହରାଇଥିବା ମୋର ବିଶ୍ୱାସ ହେଉନି, କିନ୍ତୁ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ଲାଗି କିଛି କରାଯିବା ଦରକାର।

– ଡେଭ୍ ରିଚାର୍ଡସନ, ଆଇସିସି ସିଇଓ



“ମୋ ମତରେ ଆରୋନ୍ ଫିଞ୍ଚ୍ ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ବ୍ୟାଟ୍ସମ୍ୟାନ, ହେଲେ ତାଙ୍କ ନିକଟରେ ଧୈର୍ଯ୍ୟର ଅଭାବ ରହିଛି।

– ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

## ସଂକ୍ଷେପରେ

### ଆଇ-ଲିଗ୍: ଚର୍ଚ୍ଚିଲ ବ୍ରଦର୍ସ ବିଜୟୀ

ଗୋଆ, ୧।୩ (ପି.ଟି.): ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକ ଆଇ-ଲିଗ୍ ମ୍ୟାଚରେ ୱିଲିସ ପ୍ଲାଜାଙ୍କ ଡବଲ ଗୋଲ୍ ସହାୟତାରେ ଚର୍ଚ୍ଚିଲ ବ୍ରଦର୍ସ ୩-୨ ଗୋଲରେ ଚେନ୍ନାଇ ସିଟିକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ଟାଇଟଲ ଦୌଡ଼ରେ ଆଶାକୁ ଉଜ୍ଜୀବିତ ରଖିଛି। ବର୍ତ୍ତମାନ ଆଇ-ଲିଗ୍ ଟେବୁଲ ଟପ୍ପର ଚେନ୍ନାଇ ସିଟି ତରଫରୁ ସାଣ୍ଡ୍ରୋ ଆର୍ ୨୯ ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଘରୋଇ ଦଳ ପକ୍ଷରୁ ପ୍ଲାଜା ୩୮ତମ ମିନିଟ୍‌ରେ ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ୫୦ତମ ମିନିଟ୍‌ରେ ଖ୍ରୀଷ୍ଟ ରେମିଙ୍କ ଗୋଲ ସହାୟତାରେ ଚର୍ଚ୍ଚିଲ ବ୍ରଦର୍ସ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ବିପକ୍ଷ ଦଳର ପେଡ୍ରୋ ମାଞ୍ଜି (୬୯ତମ ମିନିଟ୍)ଙ୍କ ଏକ ଗୋଲ ଦ୍ୱାରା ମ୍ୟାଚ ପୁଣି ବରାବର ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ହିରୋ ଅଫ୍ ଦି ମ୍ୟାଚ ପ୍ଲାଜା ୭୧ଶ ମିନିଟରେ ଗୋଲ ସ୍କୋର କରି ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ଚର୍ଚ୍ଚିଲ ବ୍ରଦର୍ସ ୩୪ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଚେନ୍ନାଇ ସିଟି ଦ୍ୱିତୀୟ ସ୍ଥାନରେ ଥିବା ଇଷ୍ଟବେଙ୍ଗଲଠାରୁ ୪ ପଏଣ୍ଟ ଆଗରେ ୪୦ ପଏଣ୍ଟ ସହ ଶୀର୍ଷରେ ରହିଛି।

# ତୁର୍କମେନିସ୍ତାନକୁ ୧୦-୦ରେ ହରାଇଲା ଭାରତ

**ତୁର୍କୀଶ କପ୍ ମହିଳା ଫୁଟବଲ**

ନୂଆଦିଲ୍ଲୀ, ୧।୩(ପି.ଟି.)

ସଞ୍ଜୁଙ୍କ ହ୍ୟାଟ୍ରିକ ବଳରେ ଭାରତ ଆଲାନ୍ୟାଠାରେ ଚାଲିଥିବା ତୁର୍କୀଶ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି। ଗତ ବୁଧବାର ଉଜବେକିସ୍ତାନଠାରୁ ୦-୧ ଗୋଲରେ ହାରିଥିବା ଭାରତ ଏହି ବିଜୟ ଫଳରେ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି।

ତୁର୍କମେନିସ୍ତାନ ବିପକ୍ଷ ମ୍ୟାଚର ୧୭, ୩୭ ଓ ୭୧ତମ ମିନିଟରେ ୩ଟି ଗୋଲ ଦେଇ ସଞ୍ଜୁ ଚଳିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇ ଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ତମାଙ୍ଗ ୫୧ ଓ ୮୩ ଏବଂ ରଞ୍ଜନା ୬୦ ଓ ୬୨ ମିନିଟରେ ୨ଟି ଲେଖାଏ ଏବଂ ଡାଙ୍ଗମେଇ ଗ୍ରେସ ୭ମ, ସୁମିତ୍ରା ୭୭ ଓ ଇନ୍ଦୁମତୀ କାଥିରେସାନ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚରେ ଭାରତ ଚମତ୍କାର ଆରମ୍ଭ କରିଥିଲା। ଡାଙ୍ଗମେଇ ୭ମ ମିନିଟରେ ଭାରତକୁ ଅଗ୍ରଣୀ କରାଇଥିବାବେଳେ ଏହାର ୧୦ ମିନିଟପରେ ସଞ୍ଜୁ ବ୍ୟକ୍ତିଗତଭାବେ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୭ତମ ମିନିଟରେ ସେ ଦ୍ୱିତୀୟ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୩-୦ ଗୋଲରେ ଅଗ୍ରଣୀ ହୋଇଥିଲା। ଇନ୍ଦୁମତୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦ୍ୱିତୀୟାର୍ଦ୍ଧରେ ଅଧିକ ଆକ୍ରମଣାତ୍ମକ ଖେଳି ୭ଟି ଗୋଲ ସ୍କୋର କରିଥିଲା। ତୁର୍କମେନିସ୍ତାନର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ଅଞ୍ଜୁ ଓ ରଞ୍ଜନା ୨ଟି ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ଜବାମଣି ଟୁଡୁ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଖେଳି ଭାରତର ବୃହତ୍ ବିଜୟର ଅନ୍ୟତମ ଅଂଶୀଦାର ବନିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ରୋମାନିଆ ବିପକ୍ଷରେ ଖେଳିବ।



ଭାରତୀୟ ମହିଳା ଫୁଟ୍‌ବଲ ଦଳ।

# ୯ଜଣ ଶୂନରେ ଆଉଟ, ସୁପରଲିଗରେ ଓଡ଼ିଶା

କଟକ ଅଫିସ, ୧।୩

ପୁଡୁଚେରୀଠାରେ ଶୁକ୍ରବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଲିଗ୍‌ରେ ଓଡ଼ିଶା ୧୦ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଏଥିରେ ଏକ ବିରଳ ରେକର୍ଡ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରିଥିବା ମିଜୋରାମ ସମସ୍ତ ଉଇକେଟ ହରାଇ ୧୧ରନ କରିଥିବା ବେଳେ ଦଳର ୯ଜଣ ଖେଳାଳି ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ଓପନର ଅପୂର୍ବା ଭରଦ୍ୱାଜ (୮ରନ) ଓ ଅଧିନାୟିକା ସନ୍ଧ୍ୟା କୁମାରୀ(୧ରନ)ଙ୍କୁ ବାଦ ଦେଇ ଅନ୍ୟ କେହି ବ୍ୟାଟ୍ସଓମ୍ୟାନ ରନ ସଂଗ୍ରହ କରି ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୁଜାତା ମଲ୍ଲିକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ଅଧିନାୟିକା ମଧୁସ୍ମିତା ବେହେରା ୨ଟି ଓ ରୋଶନାରା ପରୱିନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଦ୍ୱିତୀୟ ଓଭରରେ ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଓଡ଼ିଶା। ଅଞ୍ଜଳି ସିଂ ୭ ରନ କରିଥିଲେ। ଅନ୍ୟପକ୍ଷରେ ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହି ବିଜୟ ଦ୍ୱାରା ସୁପରଲିଗ୍‌ରେ ପ୍ରବେଶ କରିଛି। ୭ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୨୦ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ୫ ତାରିଖରୁ ବମ୍ବେଠାରେ ସୁପର ଲିଗ୍ ମ୍ୟାଚ୍ ଖେଳାଯିବ। ଓଡ଼ିଶା ୬ ତାରିଖରେ ପ୍ରଥମ ମ୍ୟାଚ୍ କର୍ଣ୍ଣାଟକ ବିପକ୍ଷରେ ଖେଳିବାକୁଥିବା ବେଳେ ୮ରେ ଆସାମ, ୯ରେ ହିମାଚଳପ୍ରଦେଶ, ୧୧ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ ।

# ଘୋଷାଲଙ୍କ ଅଭିଯାନ ଶେଷ

**ବିଶ୍ୱ ସ୍କ୍ୱାଶ ଚାମ୍ପିୟନଶିପ୍**

ଚିକାଗୋ, ୧।୩ (ପି.ଟି.)

ଏଠାରେ ଚାଲିଥିବା ପିଏସଏ ୱାର୍ଲ୍ଡ ସ୍କ୍ୱାଶ ଚାମ୍ପିୟନଶିପ୍‌ରେ ଭାରତର ସୌରଭ ଘୋଷାଲଙ୍କ ଅଭିଯାନ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ତୃତୀୟ ସିଡ୍ ତଥା ଜର୍ମାନୀର ସିମନ ରୋଜନର ତାଙ୍କୁ ୧୧-୮, ୧୧-୬, ୧୧-୭ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୫୦ ମିନିଟ୍ ଧରି ଚାଲିଥିଲା।

# ମୋହାଲି, ଦିଲ୍ଲୀରୁ ମ୍ୟାଚ ସ୍ଥାନାନ୍ତର ହେବ ନାହିଁ: ବିସିସିଆଇ

ହାଇଦ୍ରାବାଦ, ୧।୩ (ପି.ଟି.)

ମୋହାଲି ଓ ଦିଲ୍ଲୀରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଭାରତର ଶେଷ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅନ୍ୟତ୍ର ସ୍ଥାନାନ୍ତର ହେବାର ଯୋଜନା ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଶୁକ୍ରବାର ସୂଚନାଦେଇଛନ୍ତି। ପାକିସ୍ତାନ ଯୁଦ୍ଧ ବିମାନର ଭାରତୀୟ ସୀମା ଉଲ୍ଲଂଘନ କରିବା ନେଇ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନାକୁ ନେଇ ଶେଷ ଦୁଇ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ମାର୍ଚ୍ଚ ୧୦ରେ ମୋହାଲିରେ ଏବଂ ୫ମ ମ୍ୟାଚ ଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ହେଲେ ବର୍ତ୍ତମାନ ଦୁଇ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନେଇ ଗୋଟିଏ ମ୍ୟାଚ ସୌରାଷ୍ଟ୍ରକୁ ସ୍ଥାନାନ୍ତର କରିବା ଲାଗି ବିଚାର ଚାଲିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଖାନ୍ନା କହିଛନ୍ତି ଏହି ଦୁଇଟି ମ୍ୟାଚ ସ୍ଥାନାନ୍ତର ହେବାର କୌଣସି ଯୋଜନା ନାହିଁ। ଏ ସଂକ୍ରାନ୍ତରେ କୌଣସି ଆଲୋଚନା ମଧ୍ୟ ହୋଇ ନାହିଁ। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ମୋହାଲି ଓ ଦିଲ୍ଲୀରେ ଉଭୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ହେବ। କାଳେ ଶେଷ ମୁହୂର୍ତ୍ତରେ କୌଣସି ଭେନ୍ୟୁ ମ୍ୟାଚ୍ ଆୟୋଜନ ନେଇ ଅକ୍ଷମତା ପ୍ରକାଶ କରିବ ସେଥିପାଇଁ ସବୁ ବେଳେ ବିକଳ୍ପ ଭେନ୍ୟୁ ପ୍ରସ୍ତୁତ ରଖାଯାଇଥାଏ ବୋଲି ବିସିସିଆଇ କାର୍ଯ୍ୟକାରୀ ସଭାପତି ପ୍ରକାଶ କରିଛନ୍ତି।

# ଲଥାମ, ରାଭାଲଙ୍କ ଶତକ

ହାମିଲଟନ, ୧।୩ (ଏଏଫ୍‌ପି)

ଟମ୍ ଲଥାମ ଓ ଜିତ୍ ରାଭାଲଙ୍କ ଆକର୍ଷଣୀୟ ଶତକ ଯୋଗୁ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ନିଜ ସ୍ଥିତିକୁ ସୁଦୃଢ଼ କରିନେଇଛି। ପ୍ରଥମ ଉଇକେଟରେ ଦଳର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ପାର୍ଟନରଶିପ୍। ଲଥାମ ୧୬୧ ରନ କରିଥିବା ବେଳେ କ୍ୟାରିୟର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ରାଭାଲ ୧୩୨ ରନ କରିଥିଲେ। ଏକ ଫ୍ଲାଟ୍ ଟ୍ରାକ୍‌ରୁ ଫାଇଦା ଉଠାଇ ଲଥାମ ଓ ରାଭାଲ ପ୍ରଥମ ଉଇକେଟରେ ୨୫୪ ରନ ଯୋଗ କରିଥିଲେ। ଓପନିଂରେ ନ୍ୟୁଜିଲାଣ୍ଡର ଏହା ହେଉଛି ତୃତୀୟ ବୃହତ୍ତମ ପାର୍ଟନରଶିପ୍। ଏହା ପୂର୍ବରୁ ୪୭ବର୍ଷ ପୂର୍ବେ ପ୍ରଥମ ଉଇକେଟରେ ଘରୋଇ ଦଳର ଶ୍ରେଷ୍ଠ ପାର୍ଟନରଶିପ୍ ୱେଷ୍ଟଇଣ୍ଡିଜ ବିପକ୍ଷରେ ହୋଇଥିଲା। ଗ୍ଲେନ ଟର୍ନର ଓ ଟେରୀ ଜାର୍ଭିସ ଭାଗୀଦାରିରେ ୩୮୭ ରନ ଯୋଗ କରିଥିଲେ। ନ୍ୟୁଜିଲାଣ୍ଡର ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ ୯୩ ରନ କରି ଅପରାଜିତ ରହିଛନ୍ତି। ହେନ୍‌ରୀ ନିକୋଲ୍‌ସ (୫୩ରନ)ଙ୍କ ସହିତ ଚତୁର୍ଥ ଉଇକେଟରେ ସେ ଏକ ଶତକୀୟ ଭାଗୀଦାରି କରିଛନ୍ତି। ସ୍ଥାନୀୟ ସେଡନ ପାର୍କଠାରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ଦଳ ୪୫୧ ରନ କରିଛି। ହାତରେ ଆହୁରି ୬ଟି ଉଇକେଟ ରହିଥିବାବେଳେ ୨୧୭ରନ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ:** ୨୩୪ (ତାମିମ୍ ଇକ୍‌ବାଲ-୧୨୬ ; ନିଲ୍ ୱାଗନର-୫/୪୭, ଟିମ୍ ସୌଦି-୩/୭୬)।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୪୫୧/୪ (ଟମ୍ ଲଥାମ-୧୬୧, ଜିତ୍ ରାଭାଲ-୧୩୨, କେନ୍ ୱିଲିୟମସନ-୯୩*, ହେନ୍‌ରୀ ନିକୋଲ୍‌ସ-୫୩ ; ସୌମ୍ୟ ସରକାର-୨/୫୭)।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**
**RECRUITMENT NOTICE BY CONTRACT**

| Advt. No.AD6B19/03/2019 Date:28.02.2019 | |
|---|---|
| 01. | Senior Resident (Contractual) - 01 |
| 02. | Physical Medicine & Rehabilitation (Consultant) - 01 |
| 03. | Junior Resident (Contractual) - 02 |
| 04. | Research Officer (Consultant) - 01 |
| 05. | Nurse (Consultant) - 03 |
| 06. | Prosthetist and Orthotist (Consultant) - 09 |

For all other details, terms and conditions please log on to website **www.svnirtar.nic.in.**

**Sd./- DIRECTOR**



ପତ୍ର ସଂଖ୍ୟା-୬୯୪ **ତହସିଲ କାର୍ଯ୍ୟାଳୟ, ଜୟପୁର** ତା.୨୮।୦୨।୨୦୧୯

**ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉତ୍ସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୩।୨୦୧୯ ସମୟ ଅପରାହ୍ନ ୫.୦୦ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବ୍‌ସାଇଟ୍ **www.koraput.nic.in** ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

**ସ୍ୱା./- ତହସିଲଦାର, ଜୟପୁର**



NATION TAX MARKET GST

Ph: 0674-258 9935, 258 8672.
Fax: 0674-258 9938,
E-mail. ccbbsr@rediffmail.com/ ccu-exbbr@nic.in

मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited for drawal of a panel for engagement of (05 Senior Standing Counsels and 03 Junior Standing Counsels) for handling litigation relating to indirect taxation before the Hon'ble High Court of Odisha and other fora. The details of eligible and other terms and conditions governing the appointment of Standing Counsels are available with the link www.cbec.gov.in / standing counsels-guidelines.pdf.

The eligible counsels enrolled / registered as an advocate with Orissa High Court and having requisite experience in handling preferably GST, Customs, Central Excise & Service Tax matters and emerging areas in Anti-Profiteering, NCLT, NCLAT etc may apply in the prescribed proforma A or A- 1 in a sealed cover addressed to Shri Sourabh Chakravorty, Assistant Commissioner, Office of the chief Commissioner, CGST, Central Excise, Customs & Service Tax, C.R. Building, Rajaswa Vihar, Bhubaneswar, Odisha -751007, so as to reach on or before 11.03.2019. The applicants can collect acknowledgement at the time of submission of the application forms along with the accompanying documents.

Application received after 11.03.2019 shall not be entertained. The short listed candidates / Advocates will be called for an interview, on a specified date / time which will be intimated in due course.

***Sd./- (Sourabh Chakravorty), Assistant Commissioner (CCO), CGST, C.Ex & Customs, Bhubaneswar Zone***



**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ସପ୍ତଶଯ୍ୟା ଫାର୍ମର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.169-L: ଚଳିତ ବର୍ଷ ୨୦୧୮-୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ସପ୍ତଶଯ୍ୟା ଫାର୍ମର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଟ ୫୦/- ଙ୍କା ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୧୨.୦୩.୨୦୧୯ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ, ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା ୧୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ, ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

01067/11/0004/1819 **ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ**



**GOVERNMENT OF ODISHA**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 19/2018-19**
**Email Id-sedklpwd@gmail.com**

No.1352-B

**Letter No / Dt.**

The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | Road work |
| 2. | No. of works | 1 (One) No |
| 3. | Estimated Cost | Rs.2,19,56,303/- |
| 4. | Cost of tender paper | Rs 10,000.00 |
| 5. | Class of contractor | "B, & "A" Class |
| 6. | Period of Completion of work | 5(Five) Calendar months |
| 7. | Date and time of availability of bid Document in the website | From Dt.07.03.2019 to 16.00 hours of Dt.21.03.2019 |
| 8. | Date of opening of bid | Dt.23.03.2019 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle,Dhenkanal**

34132/11/0028/1819



**Advertisement for seeking claim of compensation by the patients implanted with ASR Hip Implant manufactured by M/s. DePuy International Ltd. (Now Johnson and Johnson)**

**No.951-E:-** The Government of India has constituted a Central Expert Committee and State Level Committees to address the claim for compensation who has been implanted with ASR Hip Implants of DePuy International Ltd (Now Johnson and Johnson) before August, 2010.

Therefore, the concerned patients are advised to approach the State Level Committee with detailed application form (check list available on www.cdsco.gov.in) to support their claim.

The contact details of the State Level Committee is as under:

**Address:** Drugs Controller, Odisha,
O/o. Directorate of Drugs Control, Odisha,
New Nandankanan Road,
Po- Mancheswar Rly. Colony, Press Chhak,
Bhubaneswar-751017, Dist. Khurda

**Mail Id:** drugscontrolorissa@gmail.com
**Phone No.:** 0674-2300494
**Mob. No.:** 9437013646

**Issued in Public Interest by State Government of Odisha, Health & Family Welfare Department**

10004/11/0003/1819



**REQUEST FOR PROPOSAL for Selection of 'Project Management Unit (PMU) for Reforming Odisha's Horticulture'**

**RFP No.-1, Dt.28.02.2019**

170-L

Directorate of Horticulture, Govt. of Odisha, invites sealed proposals from eligible bidders to set up "Project Management Unit (PMU) for Reforming Odisha's Horticulture."

The detailed RFP document containing the background information, eligibility criteria and complete procedure for submission of the proposal can be downloaded from the website **https://tendersodisha.gov.in** / **www.odihort.nic.in**. The proposal complete in all respect must reach the undersigned by Speed Post/ Registered Post / Courier only latest by 10.04.2019 up to 5:00 PM. The last Date for Submission of Proposal is 10.04.2019 up to 5.00 P.M. The last date of submission of pre proposal query is 12:00 PM, 19.03.2019 on the email **supportdho.od@nic.in**.

**Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

Sd./- **Director of Horticulture**
**Directorate of Horticulture**
**Krishi Bhawan,**
**Bhubaneswar, Odisha,**
**Pin No: 751015**
**E-mail: Supportdho.od@nic.in**

01038/11/0010/1819



**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା . ୭୬୩୯ ତା.୦୧.୦୩.୨୦୧୯

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ତରଫରୁ ୧ନଂ ହାଟ ମଧ୍ୟରେ ଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଜାଗା ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ନିୟମିତକରଣ କରିବା ନିମନ୍ତେ ଏକ ସର୍ଭେ (**physical verification**) କରାଯାଇଥିଲା । ଉକ୍ତ ସର୍ଭେ ମୁତାବକ ମହାନଗର ନିଗମ ତରଫରୁ ଏକ ତାଲିକା (**list**) ପ୍ରସ୍ତୁତ କରାଯାଇଅଛି, ଯେଉଁଥିରେକି, ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏବଂ ବର୍ତ୍ତମାନ ଉକ୍ତ ଦୋକାନ ଗୃହ ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏଲ୍ଲେଖ କରାଯାଇଅଛି । ଉକ୍ତ ତାଲିକା (**list**)ର ନକଲ ୧ନଂ ହାଟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି । ତତ୍‌ସହିତ ଉକ୍ତ ତାଲିକା (**list**)ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମହାନଗର ନିଗମ **website www.bmc.gov.in** ରେ ଉପଲବ୍ଧ ଅଛି ।

ଉକ୍ତ ତାଲିକାରେ (**list**) ପ୍ରକାଶିତ ହୋଇଥିବା ତଥ୍ୟ ଉପରେ କାହାର କୌଣସି ଆପତ୍ତି/ଅଭିଯୋଗ/ଦାବୀ ରହୁଥାଏ ତେବେ ସେମାନେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ଦାବୀ ଗ୍ରହଣ କରାଯିବ ନାହିଁ ।

ସ୍ୱା/
ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ**
(ଡିମ୍‌ଡ ବିଶ୍ୱବିଦ୍ୟାଳୟ)
(ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ପ୍ରତିଷ୍ଠିତ)
୫୬-୫୭, ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮
ଫୋନ୍ ନଂ. ୦୧୧-୨୮୫୨୪୯୯୩, ୨୮୫୨୪୯୯୫, ୨୮୫୨୦୯୭୯, ୨୮୫୨୦୯୬୬

**ସଂସ୍କୃତ ଶିକ୍ଷାର ବିକାଶ ଯୋଜନା ଅଧୀନରେ ବର୍ଷ ୨୦୧୯-୨୦ ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଅଧିସୂଚନା**

ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ଡିମ୍‌ଡ ବିଶ୍ୱବିଦ୍ୟାଳୟ) ସଂସ୍କୃତ ଶିକ୍ଷା ବିକାଶ ଯୋଜନା - ୨୦୦୭ ଅଧୀନରେ ବର୍ଷ ୨୦୧୯-୨୦ ପାଇଁ ଆର୍ଥିକ ସହାୟତା ଲାଗି ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରୁଛି:-

I. ସଂସ୍କୃତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା:-
 କ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକୁ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
 ଖ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଆଧୁନିକ ବିଷୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
 ଗ) ରାଜ୍ୟ ସରକାରଙ୍କ ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକଙ୍କ ପାଇଁ ଆର୍ଥିକ ସହାୟତା।
II. ଅଭାବଗ୍ରସ୍ତ ପରିସ୍ଥିତିରେ ଥିବା ଉତ୍କୃଷ୍ଟ ସଂସ୍କୃତ ପଣ୍ଡିତମାନଙ୍କୁ ସମ୍ମାନ ରାଶି।
III. ସଂସ୍କୃତ ପ୍ରଚାର ପାଇଁ ଏନ୍‌ଜିଓ/ଡିମ୍‌ଡ ସଂସ୍କୃତ ବିଶ୍ୱବିଦ୍ୟାଳୟ/ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗବେଷଣା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ/ଗତିବିଧି ଲାଗି ଆର୍ଥିକ ସହାୟତା।
IV. ସଂସ୍କୃତ ପୁସ୍ତକ ପ୍ରକାଶନ, ବିରଳ ସଂସ୍କୃତ ପୁସ୍ତକଗୁଡ଼ିକର ପୁନଃ ମୁଦ୍ରଣ ଏବଂ ବହୁ ପରିମାଣରେ କ୍ରୟ ପାଇଁ ଆର୍ଥିକ ସହାୟତା।
V. ଅବସରପ୍ରାପ୍ତ/ଖ୍ୟାତନାମା ସାହିତ୍ୟିକ ସଂସ୍କୃତ ବିଦ୍ୱାନ୍ (ଶାସ୍ତ୍ର ଚୂଡ଼ାମଣି)ଙ୍କ ସେବାର ଉପଯୋଗ ପାଇଁ ଆର୍ଥିକ ସହାୟତା।
VI. ପାରମ୍ପରିକ ସଂସ୍କୃତ ପାଠଶାଳା/ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ଲାଗି "ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ" ସଞ୍ଚାଳନ ନିମନ୍ତେ ପଞ୍ଜୀକୃତ ଶିକ୍ଷା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା।
VII. ସଂସ୍କୃତ ଶିକ୍ଷଣର ମାନ ଉନ୍ନତ କରିବା ପାଇଁ ବିଶ୍ୱବିଦ୍ୟାଳୟ/ଡିମ୍‌ଡ ବିଶ୍ୱବିଦ୍ୟାଳୟ/ସିବିଏସ୍‌ଇ/ଏନ୍‌ସିଇଆରଟି/ଏସ୍‌ସିଇଆରଟି ଇତ୍ୟାଦିକୁ ଆର୍ଥିକ ସହାୟତା।
VIII. "ଅଷ୍ଟାଦଶୀ" ଯୋଜନା ଅଧୀନରେ ଆର୍ଥିକ ସହାୟତା - ସଂସ୍କୃତର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଅଠରଗୋଟି ପ୍ରକଳ୍ପ (ସଂସ୍କୃତର ବିକାଶ ପାଇଁ ଦୃଷ୍ଟି ଏବଂ ପଥ ମାନଚିତ୍ରର ପ୍ରସ୍ତାବ ଲାଗି ଗଠିତ କମିଟି ଦ୍ୱାରା ସୁପାରିସକୃତ - ୧୦ ବର୍ଷୀୟ ସମ୍ଭାବ୍ୟ ଯୋଜନା)।

- *ଉପରୋକ୍ତ ସମସ୍ତ ଯୋଜନା ପାଇଁ ଦରଖାସ୍ତର ଶେଷ ତାରିଖ: ୩୦।୦୬।୨୦୧୯*
- *ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା କିମ୍ବା ପ୍ରତ୍ୟେକ ଯୋଜନା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପୂରଣ କରୁ ନ ଥିବା ଦରଖାସ୍ତ(ଗୁଡ଼ିକୁ) ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ ଏବଂ ଉପରୋକ୍ତ ସମସ୍ତ ଯୋଜନା ସଂକ୍ରାନ୍ତୀୟ ନିୟମ ଓ ସର୍ତ୍ତାବଳୀ ଡାଉନ୍‌ଲୋଡିଂ ପାଇଁ, ସଂସ୍ଥାନର ୱେବ୍‌ସାଇଟ୍ - **www.sanskrit.nic.in** ପରିଦର୍ଶନ କରନ୍ତୁ ।*

davp 21212/11/0014/1819 ରେଜିଷ୍ଟ୍ରାର

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୧୯ Bhubaneswar, Saturday, March 2/ 2019

### ନାବାଳିକାଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ଉଦ୍ୟମ

# ବର ବେଶରେ ଥିବା ଅଭିଯୁକ୍ତ ଗିରଫ

**କାକଟପୁର, ୧।୩(ଡି.ଏନ୍.ଏ.)**

ନାବାଳିକା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ଉଦ୍ୟମ କରିବା ଅଭିଯୋଗରେ ଅସ୍ତରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନାନକରା ଗ୍ରାମର ହାପି କାଣ୍ତି(୨୯)। ପୋଲିସ ଏ ନେଇ ଦଫା ୩୭୬, ୪ ପୋକ୍‌ସୋ ଆଇନ ଅନୁଯାୟୀ କେସ ନଂ ୧୬/୧୯ରେ ଏକ ମାମଲା ରୁଜୁ କରି ହାପିଙ୍କୁ ନିମାପଡ଼ା କୋର୍ଟଚାଲଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିବା ଅସ୍ତରଙ୍ଗ ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।



ଅଭିଯୁକ୍ତ ହାପି କାଣ୍ତିଙ୍କୁ ପୋଲିସ ଗିରଫ କରି ନେଉଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହାପିଙ୍କର ଉକ୍ତ ଥାନା ଅଞ୍ଚଳରେ ଯୁକ୍ତ ୨ରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କ ସହ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ପରେ ଉଭୟେ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ଏହା ପରିବାରଲୋକେ ଜାଣିବା ପରେ ଗ୍ରାମବାସୀ ଉଭୟ ପରିବାରଙ୍କୁ ବସାଇ ସମାଧାନ କରିଥିଲେ। ଏଥିରେ ନାବାଳିକାଙ୍କୁ ୧୮ ବର୍ଷ ହେଲେ ହାପି ବିବାହ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଗୁରୁବାର ରାତିରେ ହାପି କୋଣାର୍କ ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ କରିବାକୁ ଯାଉଥିବା ଖବର ପାଇ ନାବାଳିକାଙ୍କ ବାପା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଆଇଆଇସି ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବର ବେଶରେ ଥିବା ହାପିଙ୍କୁ ଗିରଫ କରିଥିଲେ। ତାଙ୍କ ସହ ବାପା ନବଘନ କାଣ୍ତିଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣା ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଶାଗୁଣା ପ୍ରଜନନ କେନ୍ଦ୍ରର ପ୍ରଥମ ସଫଳତା

**ବାରଙ୍ଗ,୧।୩(ଡି.ଏନ୍.ଏ.)**

ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ପ୍ରଜନନ କେନ୍ଦ୍ର ଏବେ ସଫଳ ହୋଇଛି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଦୀର୍ଘଦିନର ପରିକଳ୍ପନା କରିବା ପରେ ଗୋଟିଏ ଶାଗୁଣା ଦେଇଥିବା ଅଣ୍ଡାରୁ ଶୁକ୍ରବାର ଛୁଆ ବାହାରିଛି। ଏହା ନନ୍ଦନକାନନରେ ପ୍ରଥମ ପ୍ରଜନନର ଶୁଭାରମ୍ଭ ହେଲା ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଶାଗୁଣା ଅଭାବରୁ ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ପ୍ରଜନନ କେନ୍ଦ୍ରଟି ନିର୍ମାଣ ସତ୍ତ୍ୱେ ଅଚଳ ହୋଇ ପଡିଥିଲା। ଗତବର୍ଷ ନଭେମ୍ବର୨୭ରେ ଗ୍ୱାଲିୟରରୁ ୧୨ଟି ଲମ୍ବାଥଣ୍ଟିଆ ଶାଗୁଣା ଉପହାରରେ ନନ୍ଦନକାନନକୁ ଅଣାଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ ନିଜସ୍ୱ ଖର୍ଚ୍ଚରେ ଆଣି ଶାଗୁଣା ପ୍ରଜନନ କେନ୍ଦ୍ରରେ ରଖିଥିଲେ। ଜାନୁୟାରୀ ୨ତାରିଖରେ ଏଥିମଧ୍ୟରୁ ଗୋଟିଏ ଶାଗୁଣା ଅଣ୍ଡା ଦେବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ ସିସିଟିଭି ଦ୍ୱାରା ତଦାରଖ କରିଥିଲେ। କର୍ମଚାରୀଙ୍କ ଅବାଧ ଯାତାୟାତକୁ ବାରଣ କରାଯାଇଥିଲା। ଏହିଅଣ୍ଡାକୁ ୫୮ଦିନ ଉଷୁମାଇବା ପରେ ଶୁକ୍ରବାର ଅଣ୍ଡାଫୁଟି ଛୁଆ ବାହାରିଛି। ଫଳରେ କର୍ତ୍ତୃପକ୍ଷଙ୍କଠାରୁ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ଅଛନ୍ତି ଏବଂ ଏହା ନନ୍ଦନକାନନ ପାଇଁ ଶୁଭଖବର ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

**ଅଣ୍ଡାଫୁଟି ବାହାରିଲା ଛୁଆ**






### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

# ପାରାଦୀପରୁ ଅଭିଯୁକ୍ତ ଗିରଫ

**କଟକ ଅଫିସ,୧।୩**

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ରତ୍ନାକର ସାମଲ(୩୩)। ଏ ନେଇ ପୋଲିସ ଆଇପିସିର ଦଫା ୩୭୬, ପୋକ୍ସୋ ଆକ୍ଟ ୪,୬ରେ ଏକ ମାମଲା(ନଂ. ୫୪/୧୯) ରୁଜୁ କରିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଶୁକ୍ରବାର ଡାକ୍ତରୀମାଇନା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ପୁର ଥାନା ଅଞ୍ଚଳର ନାବାଳିକା ଜଣଙ୍କ ଗତ ଜାନୁୟାରୀ ୨୫ ତାରିଖରେ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏ ନେଇ ସେହିଦିନ ନାବାଳିକାଙ୍କ ପରିବାର ପକ୍ଷରୁ ଜଗତ୍‌ପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପାରାଦୀପ ନେଇଯାଇଥିଲେ। ସେଠାରେ ଏକ ଘର ଭଡା ନେଇ ଉଭୟେ ରହୁଥିଲେ ବୋଲି ପୋଲିସ ସୂଚନା ପାଇଥିଲା। ପରେ ଜଗତ୍‌ପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ପାରାଦୀପସ୍ଥିତ ଉକ୍ତ ଭଡାଘର ଉପରେ ଚଢାଉ କରିଥିଲେ। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ପରେ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ମାନିଥିଲେ। ପରେ ମାମଲାରେ ବଳାତ୍କାର ଦଫା ଲଗା ଯାଇଥିଲା ବୋଲି ଥାନା ଅଧିକାରୀ କହିଛନ୍ତି।

### ରାଜଭବନ ନିକଟରେ ଟ୍ରକ୍ ଲୁଟ ଘଟଣା

# ପିସିଆର ଭ୍ୟାନ୍ କର୍ମଚାରୀଙ୍କୁ ପୁରସ୍କୃତ କଲେ ସିପି



**ଜେଲ ଗଲେ ଦୁଇ ଅଭିଯୁକ୍ତ**



**ଭୁବନେଶ୍ୱର,୧।୩ (ବ୍ୟୁରୋ)**

ରାଜଭବନ ନିକଟ ପେଟ୍ରୋଲ ପମ୍ପ ନିକଟରୁ ବୁଧବାର ରାତିରେ ୪ ଲୁଟେରା ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଟ୍ରକ୍ ଲୁଟି ନେଉଥିଲେ। ପିସିଆର୍ ଭ୍ୟାନ୍ କର୍ମଚାରୀ ୨ ଲୁଟେରାଙ୍କୁ କାବୁ କରିବା ସହ ଟ୍ରକ୍‌କୁ ଧରିଥିଲେ। ଲୁଟେରାଙ୍କ ପିଛା କରି କାବୁ କରିଥିବା କ୍ୟାପିଟାଲ ଥାନାର ପିସିଆର ଭ୍ୟାନ୍-୧ ଓ ୨ର ୮ କର୍ମଚାରୀଙ୍କୁ ପୋଲିସ କମିଶନର (ସିପି) ସତ୍ୟଜିତ୍ ମହାନ୍ତି ଶୁକ୍ରବାର ପୁରସ୍କୃତ କରିଛନ୍ତି। ସେମାନେ ହେଲେ ପିସିଆର-୧ର ହାବିଲଦାର ନିରଞ୍ଜନ ନାୟକ, ଓଏପିଏଫ୍ କେ. ସୁନ୍ଦରରାୟ, ଡ୍ରାଇଭର ଏନ୍. ସାହୁ, ହୋମଗାର୍ଡ ଡି. ଛୋଟରାୟ ଏବଂ ପିସିଆର-୨ର ହାବିଲଦାର ଏସ୍.କେ. ତ୍ରିପାଠୀ, ଓଏପିଏଫ୍ ଏନ୍.କାଡ୍ରାକା, ହୋମଗାର୍ଡ ଏସ୍.କେ ଅଲ୍ଲୀ ଓ ହୋମଗାର୍ଡ ଏସ୍.ପାଲ। ନିଜ ଜୀବନକୁ ବାଜି ଲଗାଇ ପିସିଆର କର୍ମଚାରୀମାନେ ଦୁଇ ଲୁଟେରାଙ୍କୁ ଧରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିବା ପୋଲିସ କମିଶନର କହିଛନ୍ତି। ଏହାଦ୍ୱାରା ସେମାନେ ଉତ୍ସାହିତ ହୋଇ ଆଗକୁ ଆହୁରି ଭଲକାମ କରିବେ ବୋଲି ସିପି କହିଛନ୍ତି। ଅନ୍ୟପଟେ ଧରାପଡିଥିବା ଦୁଇ ଅଭିଯୁକ୍ତ ସରବଜିତ ରାଉତ ଓ ଦୁଃଶାସନ ମହାପାତ୍ରଙ୍କ ବିରୋଧରେ କେସ୍ ନଂ-୭୮/୧୯ ଦଫା ୩୯୪ ଲଗାଯାଇ କୋର୍ଟଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ରାତି ପ୍ରାୟ ୨ଟା ସମୟରେ ମଞ୍ଚେଶ୍ୱରରୁ ଏକ ଟ୍ରକ୍ (ଓଡି୦୫ୱାଇ-୧୬୯୮) ମାଲ ନେଇ ରାୟପୁର ଅଭିମୁଖେ ବାହାରିଥିଲା। ହେଲେ ଭୁଲବଶତଃ ଡ୍ରାଇଭର ଟ୍ରକ୍‌କୁ ରାଜଭବନ ଆଡକୁ ନେଇଯାଇଥିଲେ। ରାଜଭବନ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ହଠାତ୍ ଏକ କାର ଟ୍ରକ୍ ଆଗରେ ଅଟକି ଯାଇଥିଲା। କାରରୁ ୪ଜଣ ଯୁବକ ଓହ୍ଲାଇଥିଲେ। ସମସ୍ତଙ୍କ ହାତରେ ଖଣ୍ଡା ଥିଲା। ସେମାନେ ପ୍ରଥମେ ଡ୍ରାଇଭରଙ୍କ ବେକରେ ଖଣ୍ଡା ଲଗାଇ ତାଙ୍କ ନିକଟରୁ ୧୦ ହଜାର ଟଙ୍କା ଓ ଟ୍ରକ୍‌ର ଚାବି ନେଇଯାଇଥିଲେ। ପରେ ତାଙ୍କୁ ମାଡ଼ମାରି ଟ୍ରକକୁ ଗଙ୍ଗନଗର ଛକ ଅଭିମୁଖେ ନେଇଯାଇଥିଲେ। ମାତ୍ର ଟ୍ରକ୍‌ରେ ହେଲ୍‌ପର ରହିଯାଇଥିଲେ। ବାଟରେ ତାଙ୍କୁ ମାଡ଼ ମାରି ଚଳନ୍ତା ଟ୍ରକ୍‌ରୁ ଠେଲି ଦେଇଥିଲେ। ଟ୍ରକ୍ ଡ୍ରାଇଭର ସ୍ଥାନୀୟ ଲୋକଙ୍କୁ ଡାକି ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ।




AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • ANGUL: NH 42, Karadagadia, Capital Ford, ☎: 9022920332. • BALANGIR: Koshal Chowk, Minerva Ford, ☎: 9619051495.• BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms and conditions apply. Price shown is for 2.2l Diesel Titanium 4x2 MT. Features and specification may vary from model to model. Images and features shown are for 3.2l Titanium+ 4x4 AT. Colours are indicative only and may vary due to printing constraints. Some driver assistance and safety features described above are designed to function using sensors, whose performance may be affected under certain weather or environmental conditions. In Terrain Management System, to activate Rock mode, vehicle must be stationary and in 4X4 low range. The driver is responsible for assessing off-road situations, determining if the terrain is passable and using appropriate off-road driving techniques. Automatic Parking Assistance is the Semi-Auto Parallel Park Assist. Always consult an authorised Ford Dealer for the latest information with respect to features, specifications, prices, optional equipment and availability before deciding to place an order.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।

- ସେନେକା



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ

**ସାଲେପୁର,୧।୩(ଡି.ଏନ.ଏ.):** ସାଲେପୁର ଭାଜପା ପକ୍ଷରୁ ସଉରୀ ପଞ୍ଚାୟତସ୍ଥ ଅଲ୍ଲୀପୁର ଖେଳପଡ଼ିଆଠାରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, କୁଞ୍ଜମୋହନ ସେଠୀ, ସଂଗ୍ରାମ କିଶୋର ସ୍ୱାଇଁ, ଅଶୋକ ଦାସ, ରଶ୍ମିରଞ୍ଜନ ଲେଙ୍କା, ପ୍ରଭାକର ସ୍ୱାଇଁ, ବିକାଶ ସିଂ, ରାମନାରାୟଣ ପଣ୍ଡା, କିଶୋର ବିଶୋଇ ଓ ସାଲେପୁର ମିଡିଆ ସଂଯୋଜକ ତାପସ ଜେନାଙ୍କ ସମେତ ବହୁ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏଥିରେ ବୁଥ କାର୍ଯ୍ୟକର୍ତ୍ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ।

### ତହସିଲ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ

**ନରସିଂହପୁର,୧।୩(ଡି.ଏନ.ଏ./ସ୍ୱ.ପ୍ର.):** ନରସିଂହପୁର ତହସିଲ କାର୍ଯ୍ୟାଳୟରେ ଅମିନ ଓ ଆଇନଜୀବୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାର ଶୁକ୍ରବାର ସମାଧାନ ହୋଇଛି। ଏହାପରେ ତହସିଲ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ୩ ଦିନ ତଳେ ତହସିଲର ଜଣେ ଅମିନ ଓ ଆଇନଜୀବୀଙ୍କ ମଧ୍ୟରେ କେସ ରେକର୍ଡ ସଂଶୋଧନକୁ ନେଇ ମାର୍‌ପିଟ୍ ସହ ଗଣ୍ଡଗୋଳ ହୋଇଥିଲା। ଏହାପରେ ତହସିଲ ସମ୍ମୁଖରେ ସମସ୍ତ କର୍ମଚାରୀ କଲମଛାଡ ଆନ୍ଦୋଳନ କରିବା ସହ ଧାରଣା ଦେଇଥିଲେ। ତହସିଲଦାର ରାଜକିଶୋର ଜେନା, ଓକିଲ ସଂଘ ସଭାପତି ସରୋଜ ସାହୁ, ସମ୍ପାଦକ ନିର୍ମଳେନ୍ଦୁ ମିଶ୍ର, ଆଇନଜୀବୀ ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ଜ୍ଞାନ ରଞ୍ଜନ ନାୟକ, ରବୀନ୍ଦ୍ର ସାହୁ ଓ ତହସିଲ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟ ଲିପିକ ଜନାର୍ଦ୍ଦନ ପ୍ରଧାନ, ସୁପରଭାଇଜର ରବିନାରାୟଣ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଘଟଣାର ସମାଧାନ କରିଥିଲେ। ଆଗାମୀ ଦିନରେ ଉଭୟ କର୍ମଚାରୀ ଓ ଆଇନଜୀବୀଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ମତ ପ୍ରକାଶ ପାଇଥିଲା। ସମାଧାନ ପରେ କର୍ମଚାରୀ ନିଜ କାର୍ଯ୍ୟରେ ଯୋଗଦାନ କରିଥିଲେ।

### ଘରଡିହ ଯୋଗାଇବାକୁ ଦାବିପତ୍ର

**ନରସିଂହପୁର,୧।୩(ଡି.ଏନ.ଏ.):** ନରସିଂହପୁର ତହସିଲ ଅଧୀନ ଅଢେଇଗୁଣ୍ଠି ପଞ୍ଚାୟତ ପିଠାଖାଇ ସାହିର ଅସବର୍ଣ୍ଣ ସମ୍ପ୍ରଦାୟ(ତଅଁଳା)ର ଅଧିବାସୀ ଘରଡିହ ଯୋଗାଇ ଦେବାକୁ ଦାବିକରି ଶୁକ୍ରବାର ତହସିଲଦାର ରାଜକିଶୋର ଜେନାଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ସମ୍ପ୍ରଦାୟ ପୁରୁଷାନୁକ୍ରମେ ସେଠାରେ ବସବାସ କରିଆସୁଥିଲେ ହେଁ ଉକ୍ତ ଜମିଗୁଡିକ ସରକାରୀ ଖାତାରେ ରହିଛି। ଫଳରେ ସେମାନଙ୍କ ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ସରକାରୀ ପ୍ରମାଣପତ୍ର ମିଳିବାରେ ବାଧାସୃଷ୍ଟି ହେଉଛି। ସରକାରଙ୍କ ବିଭିନ୍ନ ଯୋଜନାରୁ ମଧ ସେମାନେ ବଞ୍ଚିତ ହେଉଛନ୍ତି। ପୂର୍ବରୁ ବାରମ୍ବାର ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଫଳରେ ବାଧ ହୋଇ ଗ୍ରାମର ପ୍ରଶାନ୍ତ ବେହେରା, ମଞ୍ଜୁଲତା ବେହେରା ପ୍ରହଲ୍ଲାଦ ବେହେରା ଓ ରୀନା ନାୟକଙ୍କ ସମେତ ପୂର୍ବତନ ସମିତିସଭ୍ୟ ପଦ୍ମକର ଅଧିକାରୀ ଏବଂ ସରପଞ୍ଚ ପ୍ରେମସୁନ୍ଦର ବାରିକ ପ୍ରମୁଖ ଆସି ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ।

# ପରିବାର କଲ୍ୟାଣ ଅସ୍ତ୍ରୋପଚାରରେ ତ୍ରୁଟି

- ଥାନାରେ ଅଭିଯୋଗ କଲେ ପରିବାର
- ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତଦନ୍ତ
- ଅଧିକ ଚିକିତ୍ସା ପାଇଁ କଟକ ପଠାଗଲା

**ମାହାଙ୍ଗା,୧।୩(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ଅଧୀନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ହୋଇଥିବା ଜଣାପଡ଼ିଛି। ଏ ନେଇ ମହିଳାଙ୍କ ପରିବାରଲୋକେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବଗତ ହେବାପରେ ଘଟଣାର ତଦନ୍ତ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ, ଗତ ମଙ୍ଗଳବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଥାନା ଅଧୀନ ମଣିଯୋରୀ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ(୩୦) ଅସ୍ତ୍ରୋପଚାର କରାଇଥିଲେ। ଡାକ୍ତର ସୂର୍ଯ୍ୟପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ବାହାରୁ ଆସିଥିବା ଡାକ୍ତରୀ ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୮ରୁ ଊର୍ଦ୍ଧ୍ୱ ମହିଳାଙ୍କ ଅସ୍ତ୍ରୋପଚାର କରାଇଥିଲେ। ପରେ ସମସ୍ତ ମହିଳାଙ୍କୁ ସେମାନଙ୍କ ଘରେ ଛାଡି ଦିଆଯାଇଥିଲା। କିନ୍ତୁ ଗୀତାଞ୍ଜଳିଙ୍କୁ ଛଡ଼ା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ ପଚାରିବାରୁ ତାଙ୍କ ମୂତ୍ର ନଳୀରେ ସମସ୍ୟା ରହିଥିବା କହିଥିଲେ। ଏହାପରେ ପରିବାର ଲୋକେ ମୂତ୍ରନଳୀ କଟାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ନାୟକ ଏ ସମ୍ପର୍କରେ ଜାଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ମହିଳାଙ୍କୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ପଠାଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ଅସ୍ତ୍ରୋପଚାର ସମୟରେ ତାଙ୍କ ବ୍ଲାଡରରେ ଛୋଟ କ୍ଷତ ଦେଖା ଦେଇଥିଲା। ଏହା ଜଣାପଡ଼ିବା ପରେ ସଙ୍ଗେସଙ୍ଗେ ଚିକିତ୍ସା କରାଯାଇଥିଲା। ତେବେ ଏଠାରେ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ନ ଥିବାରୁ ଆମେ କଟକ ସିଟି ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଇଛୁ ବୋଲି କହିଥିଲେ। ଘଟଣା ସମ୍ପର୍କରେ ଡାକ୍ତର ପଣ୍ଡାଙ୍କୁ ପଚାରିବାରୁ ମୁଁ ଉକ୍ତ ଅସ୍ତ୍ରୋପଚାର ଶିବିରରେ ନ ଥିଲି ବୋଲି କହିଛନ୍ତି।



ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ବିଜ୍ଞାନ ମେଳାରେ ୭୭ ପ୍ରକଳ୍ପ ପ୍ରଦର୍ଶିତ

**ସାଲେପୁର,୧।୩**

ସାଲେପୁର ବ୍ଲକ ଅନ୍ତର୍ଗତ ଭାତପଡା ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ତରଫରୁ ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ଏଥିରେ ୧୨ ବିଦ୍ୟାଳୟର ୮୨ ଛାତ୍ରୀଛାତ୍ର ୭୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହାକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ପିଲାମାନଙ୍କୁ ମନୋଜ ସାହୁ, ଦିନେଶ ଚୌଧୁରୀ, ଦୀପକ ବେହେରା, ସୁବାସ ବିହାରୀ ଓ ରମାକାନ୍ତ ସାହୁ ତାଲିମ ପ୍ରଦାନ କରିଥିଲେ। ନନ୍ଦୋଳ ସରପଞ୍ଚ ମନସ୍ୱିତା ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଭାତପଡା ଗ୍ରାମର ତାପସ ମୁଦୁଲି, ମନୋଜ ଖିଲର, ସୋମ୍ୟଜିତ ଖିଲାର, ଗୋପାଳ ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଶ୍ରୀଜଗନ୍ନାଥ ଭାଗବତ ମହାମଣ୍ଡଳର ବାର୍ଷିକ ଅଧିବେଶନରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

### ଶ୍ରୀଜଗନ୍ନାଥ ଭାଗବତ ମହାମଣ୍ଡଳର ବାର୍ଷିକ ଅଧିବେଶନ

## ପ୍ରାଚୀନ କଳା, ସଂସ୍କୃତିର ପୁନରୁଦ୍ଧାର ପାଇଁ ଆହ୍ୱାନ

**ଆଠଗଡ଼,୧।୩(ସ୍ୱ.ପ୍ର.)**

ଆଠଗଡ଼ ମହୋତ୍ସବ ପଡିଆରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାମଣ୍ଡଳର ବାର୍ଷିକ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥ ଭାଗବତ ମହାମଣ୍ଡଳ ସଭାପତି ପ୍ରଫୁଲ୍ଲ ବ୍ରହ୍ମ ସଭାପତିତ୍ୱ କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗବତ ପ୍ରେମଦ୍ୱାରା ମାନବ ଜାତିର ଉନ୍ନତି ସାଧନ ହୋଇପାରିବ ବୋଲି କହିବା ସହ ପ୍ରାଚୀନ କଳା, ସଂସ୍କୃତିର ପୁନରୁଦ୍ଧାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଚାର ସମିତି ଅଧ୍ୟକ୍ଷ ବାବାଜୀ ସ୍ୱାଇଁ(ଲଙ୍ଗୁଳି ବାବା), ବିଡିଓ ହେମନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଠଗଡ ତିଗିରିଆ ଅଞ୍ଚଳରୁ ୩୪ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଥିବା ସଙ୍କୀର୍ତ୍ତନ ମଣ୍ଡଳୀଗୁଡିକ ଅନେକ ସମସ୍ୟାର ସମ୍ମୁଖିନ ହେଉଥିବା ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ କଳା, ସଂସ୍କୃତି ପୁନରୁଦ୍ଧାର ଯୋଜନାରେ ସଂକୀର୍ତ୍ତନମଣ୍ଡଳୀଗୁଡିକୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ବିଚିତ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସେହି ସ୍ଥାନରେ ବିଧାୟକ ସ୍ୱାଇଁ ୧୪୯ ହିତାଧିକାରୀଙ୍କୁ ମଧୁବାବୁ ପେନସନ ରାଶି ପ୍ରଦାନ ସହ ୨୬୬ ଶ୍ରମିକଙ୍କୁ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ପ୍ରଦାନ ଓ ୧୨୮ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଶ୍ରମିକ ନେତା ଅଶୋକ ରାଉତ, ସୁଧାକର ରାଉତ ଓ ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାଙ୍କୀ କଲେଜରେ ଦୁଃସାହସିକ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

**ବାଙ୍କୀ,୧।୩(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଦୁଃସାହସିକ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଶୁକ୍ରବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ, ରୋଭର ରେଞ୍ଜର, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, କ୍ରୀଡା ବିଭାଗର ଛାତ୍ରୀଛାତ୍ର, ରାଣୀ ଶୁକଦେଇ ମହିଳା ମହାବିଦ୍ୟାଳୟ, ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରତିଦିନ ୧୦୦ଜଣ ଲେଖାଏ ଛାତ୍ରୀଛାତ୍ର ଟ୍ରେକିଂ, ରନ୍, ଫ୍ଲାଇ ସୁଇଙ୍ଗ୍, ପାରା ସେଲିଂ, ୱାଲପୁଲିଙ୍ଗ୍ ପ୍ରଶିକ୍ଷଣ ନେଉଛନ୍ତି। ମହାବିଦ୍ୟାଳୟ ବାଳିକା ସମର ଶିକ୍ଷାର୍ଥୀ ବାହିନୀ ବିଭାଗ ଅଧିକାରୀ ଲେଫ୍ଟନାଣ୍ଟ ସନ୍ଧ୍ୟାରାଣୀ ମହାନ୍ତି ଓ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଶିବିର ପରିଚାଳନା କରୁଛନ୍ତି। ଏହି ଶିବିର ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ସହାୟତା ଏବଂ ନ୍ୟାଶନାଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନ ଓ ଚାପ୍ଟର ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି।

### ■ ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ
## ଅଭିଯୁକ୍ତ ଯୁବକ ଗିରଫ

**ମାହାଙ୍ଗା,୧।୩(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାକୁ ଗୁରୁବାର ବଳାତ୍କାର ଉଦ୍ୟମ ହୋଇଛି। ଏକଥା ଜଣାପଡ଼ିବା ପରେ ଶିଶୁ କନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଜଣେ ବ୍ୟକ୍ତିଙ୍କ ବିବାହ ଭୋଜିକୁ ଆସିଥିବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଖମାର ବେଲରପା ଗ୍ରାମର ଯୁବକ ଜିତେନ୍ଦ୍ର ସାହୁ(୨୮) ଶିଶୁ କନ୍ୟାକୁ ଏକୁଟିଆ ପାଇ ପ୍ରଲୋଭନ ଦେଖାଇ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ପରେ ସେଠାରେ ତାକୁ ବଳାତ୍କାର ଉଦ୍ୟମ କରିଥିଲେ। ଶିଶୁ କନ୍ୟା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ଥାନାକୁ ଖବର ଦେଇଥିଲେ। ମାହାଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ନେବାସହ ଶିଶୁକନ୍ୟାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ପରିବାର ଲୋକେ ସେହି ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୩୧/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ମଧୁସ୍ମିତା ବେହେରା ସୂଚନା ଦେଇଛନ୍ତି।

## ସୂତାକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ବୃଦ୍ଧି ଦାବି

**ତିଗିରିଆ,୧।୩(ଡି.ଏନ.ଏ.)**



ବୈଠକରେ ସୂତାକଳ ଅବସରପ୍ରାପ୍ତ କର୍ମଚାରୀ।

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଶ୍ରୀଜଗନ୍ନାଥ ସମବାୟ ସୂତାକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱିତୀୟ ସାଧାରଣ ସଭା ସ୍ଥାନୀୟ ବାଣେଶ୍ୱର ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ବୃଦ୍ଧି କରିବାକୁ ଦାବି ହୋଇଥିଲା। ସରକାର କର୍ମଚାରୀଙ୍କୁ ପ୍ରଦାନ କରୁଥିବା ପେନସନରେ ଜୀବନ ନିର୍ବାହ କରିବା କଷ୍ଟସାଧ୍ୟ ହୋଇପଡ଼ିଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ପେନସନ ବୃଦ୍ଧି କରିବାକୁ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀମାନେ ମତପ୍ରକାଶ କରିଥିଲେ। ସରକାର ଏହାକୁ କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ପ୍ରହଲ୍ଲାଦ ରାଉତ, ଶ୍ରୀଧର ନାୟକ, କାଶୀନାଥ ନାୟକ, କୈଳାସ ବେହେରା, ମୁରଲୀଧର ସାହୁ, ପ୍ରସନ୍ନ ପ୍ରଧାନ, ଶିବ ପ୍ରସାଦ ଦାସ, ଅମିନ ରଣା, ହୃଷୀକେଶ ବେହେରା, ମାୟାଧର ଖଟୁଆ, ଦିଲୀପ ବେହେରା ଓ ପଦ୍ମଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ୫୦୦ ଲିଟର ମଦ ଜବତ, ୩ ଗିରଫ

**ବାଙ୍କୀ,୧।୩(ସ୍ୱ.ପ୍ର.)**

ବାଙ୍କୀ-କଟକ ରାସ୍ତାର ଜାତମୁଣ୍ଡିଆ ଛକରୁ ବାଙ୍କୀ ଅବକାରୀ ଅଧିକାରୀ ଥାମ୍ବା ମାରାଣ୍ଡି ଶୁକ୍ରବାର ସକାଳେ ୫୦୦ଲିଟର ଦେଶୀମଦ ଜବତ କରିଛନ୍ତି। ମଦ ଗୁଡ଼ିକ ଆଠଗଡ଼ରୁ ଭାୟା ଜାତମୁଣ୍ଡିଆ ଦେଇ ବାଘମାରୀକୁ ଏକ ସ୍କର୍ପିଓ ଯୋଗେ ଚୋରା ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ମାରାଣ୍ଡି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଓ ମଦକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଆଠଗଡ଼ ଅଞ୍ଚଳର ୩ଜଣଙ୍କୁ ଗିରଫ କରିଛନ୍ତି। ସହକାରୀ ଅବକାରୀ ଅଧିକାରୀ ବନମାଳି ଖଟୁଆ ଓ ଅନ୍ୟକର୍ମଚାରୀ ସହଯୋଗ କରିଥିଲେ। କଟକ ଜିଲା ଅବକାରୀ କାର୍ଯ୍ୟାଳୟକୁ ଅଭିଯୁକ୍ତମାନଙ୍କୁ ନିଆଯାଇ କୋର୍ଟ ଚାଲାଣ କରାଯିବ ବୋଲି ମାରାଣ୍ଡି ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ପରିଚୟ ମିଳି ପାରିନାହିଁ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ବାଙ୍କୀ,୧।୩(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅଧୀନ ଓଡ୍ରିଆ ପଞ୍ଚାୟତର ଆନନ୍ଦପୁରଠାରେ ସ୍ଥାନୀୟ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ସଚ୍ଚିଦାନନ୍ଦ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବାଙ୍କୀ ପୂର୍ବତନ ବିଧାୟକ ତଥା ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମୀଙ୍କୁ ଦଳର ସାଂଗଠନିକ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ମଙ୍ଗୁଳି ନାୟକ, ବାବାଜୀ ନାୟକ ଓ ବବି ନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗଦାନ କରି କଂଗ୍ରେସକୁ କ୍ଷମତାସୀନ କରିବା ପାଇଁ ଶପଥ ପାଠ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଡ. ପଟ୍ଟନାୟକଙ୍କ ନେତୃତ୍ୱକୁ ସମର୍ଥନ କରି ବିଜୁ ଜନତା ଦଳର ବରିଷ୍ଠ ନେତା ଅଜୟ କୁମାର ବେଉରା ଓ ତାଙ୍କର ଶତାଧିକ ସମର୍ଥକ କଂଗ୍ରେସରେ ଯୋଗଦାନ କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

## ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସର ବାର୍ଷିକୋତ୍ସବ

**ବାଙ୍କୀ,୧।୩(ସ୍ୱ.ପ୍ର.)**

ବାଙ୍କୀ କଲେଜ ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଛାତ୍ରାବାସ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। କଲେଜର ପୂର୍ବତନ ଛାତ୍ର ତଥା ବାଙ୍କୀ ଅତିରିକ୍ତ ତହସିଲଦାର କିଶୋର ଚନ୍ଦ୍ର ଦାସ୍ ମୁଖ୍ୟଅତିଥି, ପୂର୍ବତନ ଛାତ୍ର ତଥା କଣ୍ଟିଲୋ ନୀଳମାଧବ କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ପବିତ୍ରମୋହନ ସୁବୁଦ୍ଧି ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ଛାତ୍ରମାନେ ଛାତ୍ରାବାସରେ ଶୃଙ୍ଖଳିତ ଜୀବନ ଯାପନ କରି ଶିକ୍ଷା ଗ୍ରହଣ କରିଥାନ୍ତି। ଫଳରେ ଶୃଙ୍ଖଳିତ ଶିକ୍ଷାଦାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଘଟିଥାଏ। ଯଦ୍ଦ୍ୱାରା ସେମାନେ ସମାଜର ମୁଖ୍ୟ ସ୍ରୋତର ନେତୃତ୍ୱ ନେଇ ରାଷ୍ଟ୍ର ଗଠନ ଦିଗରେ ନିଜର ବଳିଷ୍ଠ ଚିନ୍ତାଧାରାକୁ ଉପଯୋଗ କରିଥାନ୍ତି। ସେଥିପାଇଁ ବିଶ୍ୱର ସବୁ ସ୍ଥାନରେ ଭାରତ ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠତା ପ୍ରଦର୍ଶିତ ହୋଇଥାଏ। ଛାତ୍ରାବାସ ତତ୍ତ୍ୱାବଧାରକ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁନୀଲ ମଲ୍ଲିକ ବିବରଣୀ ପାଠକରି ଅଭାବ ଅସୁବିଧା ସମ୍ପର୍କରେ ଅଧ୍ୟକ୍ଷ ଓ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହତତ୍ତ୍ୱାବଧାରକ ରଞ୍ଜିତ ରାଉତ୍ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାପକ ମନୋଜ ମହାପାତ୍ର, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ବିଭାସ ଦାସ, ମୁରଲୀଧର ରଥ, ମନୋଜ ସାହୁ ଓ ପରିଚାଳନା କମିଟି ସଭ୍ୟ ସନ୍ତୋଷ ରଣା ପ୍ରମୁଖ ଉପସ୍ଥିତ ଥିଲେ।





ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

### ■ ବାଇକ୍ ଲୁଟେରାଙ୍କୁ ଛେଚିଲେ ଲୋକେ
# ଉଦ୍ଧାର ବେଳେ ପୋଲିସକୁ ଠେଲାପେଲା

- ଦୁଇ ଲୁଟେରା ବାଇକ ନେଉଥିବାବେଳେ ଜଣେ ଧରା ପଡ଼ିଥିଲେ
- ଗହଳିର ସୁଯୋଗ ଦେଖି ଲୁଟ୍ କରୁଥିଲେ
- ପୋଲିସ ଗାଡ଼ିକୁ ବି ଅଟକାଇଲେ

**ମାହାଙ୍ଗା,୧।୩(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଧୀନ ତ୍ରିବେଣୀଶ୍ୱର ବଜାରରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଲୁଟେରା ଏକ ବାଇକ ଚୋରି କରି ନେଉଥିବାବେଳେ ଜଣେ ଲୋକଙ୍କ ହାତରେ ଧରା ପଡ଼ିବା ସହ ଛେଚାଖାଇ ଲହୁଲୁହାଣ ହୋଇଥିଲେ। ଖବର ପାଇ ପୋଲିସ ସେହି ଲୁଟେରାଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏପରି କି ଏହାକୁ ନେଇ କିଛି ସମୟ ପାଇଁ ପୋଲିସ-ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିବା ଦେଖିବାକୁ ମିଳିଥିଲା।

ପ୍ରକାଶଯୋଗ୍ୟ, ତ୍ରିବେଣୀଶ୍ୱର ବଜାରରେ ଉଜ୍ଜ୍ୱଳ ଆଲୋକୀକରଣ ଓ ନୂତନ ପୋଲର ଉଦ୍‌ଘାଟନ ଉତ୍ସବ ଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଆସି ଉଦ୍‌ଘାଟନ କରି ଚାଲି ଯାଇଥିଲେ। ପରେ ସେଠାରେ ଲୋକଙ୍କ ଗହଳି ଥିଲା। ଏହି ଗହଳିର ସୁଯୋଗ ନେଇ ୨ ଅଚିହ୍ନା ଯୁବକ ସ୍ଥାନୀୟ ବାଲିପଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ ତାଲା ଭାଙ୍ଗି ନେଇ ଯାଉଥିଲେ। କୌଣସି ମତେ ବାଇକ ମାଲିକ ସେମାନଙ୍କୁ ଦେଖି ପାଟି କରିବାରୁ ଜଣେ ଖସି ପଳାଇଥିଲେ। ଅନ୍ୟ ଜଣେ ଲୋକଙ୍କ ହାବୁଡରେ ପଡି ଯାଇଥିଲେ। ଏକଥା ଜଣାପଡିବା ପରେ ବଜାରରେ ଥିବା ଲୋକେ ରୁଣ୍ଡ ହୋଇ ସମ୍ପୃକ୍ତ ଯୁବକଙ୍କୁ ଧୁମ୍ ମାରପିଟ୍ କରିଥିଲେ। ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ନିକଟରେ କେତେଜଣ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଘଟଣାର ଖବର ପାଇ ସେମାନେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ବାଇକ୍ ଲୁଟେରାଙ୍କୁ ଉଦ୍ଧାର କରିବା ପାଇଁ ପହଞ୍ଚିଥିଲେ। ପୋଲିସ ଯୁବକଙ୍କୁ ମାଡ଼ ମାରିବାକୁ ବିରୋଧ କରିବାରୁ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତି ତର୍କ ସହ ଠେଲାପେଲା ହୋଇଥିଲା। ଏହି ବଜାରରୁ ଲଗାତାର ୧୦ରୁ ଊର୍ଦ୍ଧ୍ୱ ବାଇକ ଚୋରି ହେଲାଣି। ହେଲେ ପୋଲିସ ଗୋଟେବି ଚୋରା ଗାଡି ଉଦ୍ଧାର କରିନାହିଁ କିମ୍ବା କୌଣସି ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଥିଲା। ଏହି ଘଟଣା ପରେ ଏଠାରେ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାହାଙ୍ଗା ଥାନାରୁ ଫୋର୍ସ ଆସି ଲୁଟେରାଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ପରେ ସମ୍ପୃକ୍ତ ଲୁଟେରାଙ୍କୁ ପୋଲିସ ଥାନାକୁ ଆଣୁଥିବାବେଳେ ଲୋକମାନେ ପୋଲିସ ଗାଡିକୁ ଅଟକାଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ ଲୁଟେରାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ପଠାଇ ଦିଆଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର,
ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
- ସେନେକା



## ସଂକ୍ଷେପରେ

### ବଲ୍‌ବ ବଣ୍ଟନରେ ରିଟେଲର ପାଇବେ ୨ଟଙ୍କା ୫୦ ପଇସା

**କଟକ ସଦର, ୧।୩ (ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଏଲଇଡି ବଲ୍‌ବ ବଣ୍ଟନ ପାଇଁ ରିଟେଲରମାନେ କାର୍ଡ ପିଛା ୨ ଟଙ୍କା ୫୦ ପଇସା ପାଇବେ। ଏ ସମ୍ପର୍କରେ ରାଜ୍ୟ ଶକ୍ତି ବିଭାଗ ପତ୍ରସଂଖ୍ୟା ୧୬୪୯/୨୧।୨।୧୯ରେ ସମସ୍ତ ଜିଲାପାଳମାନଙ୍କୁ ଜଣାଇଛି। ବଲ୍‌ବ ବଣ୍ଟନବେଳେ ହିତାଧିକାରୀଙ୍କ ବାୟୋମେଟ୍ରିକ ଆଙ୍ଗୁଠି ଛାପ ନିଆଯିବ। ୯ ୱାଟ୍ ବଲ୍‌ବ ବଣ୍ଟନ ନ କରିବା ପାଇଁ କଟକ ଜିଲା ରିଟେଲର ସଂଘ ଜିଲାପାଳଙ୍କୁ ସେମାନଙ୍କ ଅସନ୍ତୋଷ ଜଣାଇଥିଲା। ସରକାର ପିଠା କାର୍ଯ୍ୟକ୍ରମରେ ଅଳ୍ପସଂଖ୍ୟକ ବଲ୍‌ବ ବଣ୍ଟନ କରିବା ପରେ ବାକି ସ୍ଥାନୀୟ ରିଟେଲରମାନଙ୍କ ଦ୍ୱାରା ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବଣ୍ଟନ ପ୍ରକ୍ରିୟା ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ଶେଷ କରିବା ପାଇଁ ଜିଲା ପ୍ରଶାସନକୁ କୁହାଯାଇଛି। ଏହାଛଡା ସେସୁର କର୍ମଚାରୀମାନେ ଠିକ୍ ସମୟରେ ନିକଟତମ ରିଟେଲରମାନଙ୍କୁ ବଲ୍‌ବ ଯୋଗାଇଦେବେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଲେବର କାର୍ଡ ବଣ୍ଟନ

**କଟକ ଅଫିସ, ୧।୩:** ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୦ନଂ. ୱାର୍ଡରେ ବିଜେଡି ପକ୍ଷରୁ ଲେବର କାର୍ଡ ବଣ୍ଟନ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। କଟକ ମହାନଗର ବିଜୁ ଜନତା ଦଳର ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଟକ ଜିଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଜଗନ୍ନାଥ ସ୍ୱାଇଁଙ୍କ ପରିଚାଳନା କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ବିଧାୟକ ଦେବାଶିଷ ସାମନ୍ତରାୟ, ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, କଟକ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂ, କଟକ ନଗର ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଧର୍ମେଶ ନାୟକ, ଅଭିନେତା ଅରିନ୍ଦମ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ସନ୍ତୋଷ ମହାପାତ୍ର, କେଦାର ପୃଷ୍ଟି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରୁ ନିର୍ମିତ ବିଭିନ୍ନ ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟତଃ ଏହି ୱାର୍ଡର ଲଣ୍ଡା ଦେଉଳସାହି ପରିସରରେ ଥିବା ସାହେବଜାଦା ବଜାର କମ୍ୟୁନିଟି ସେଣ୍ଟରକୁ ଏମ୍‌ପି ମହତାବ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାର କଲେଜରେ ଆଲୋଚନାଚକ୍ର

**ଚୌଦ୍ୱାର, ୧।୩ (ଡି.ଏନ୍.ଏ.):** ଚୌଦ୍ୱାର କଲେଜ ସଭାଗୃହରେ ଉଦ୍ଭିଦବିଜ୍ଞାନ ବିଭାଗର ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. କୌଶିକ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ମାନସୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ ଓ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା ଏବଂ ଡ. ସସ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ।

### କାର୍ଯ୍ୟରେ ଯୋଗଦେଲେ ନୂତନ ଅତିରିକ୍ତ ଜିଲାପାଳ

**କଟକ ଅଫିସ, ୧।୩:** ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀକାନ୍ତ ତରାଇ ଜିଲା କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ଜିଲାପାଳ ଭାବେ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ, ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ତରାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ତରାଇ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

### ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଶୋକସଭା

**କଟକ ଅଫିସ, ୧।୩:** ବାର୍ଷୀୟାନ ସାମ୍ବାଦିକ ତଥା ଚଳଚ୍ଚିତ୍ର ସମୀକ୍ଷକ ହରିହର ପ୍ରସାଦ ମହାଲିକଙ୍କ ବିୟୋଗରେ ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଏହାର କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଯୋଗଦେଇ ମହାଲିକଙ୍କର ମୂଲବୋଧ ଭିତିକ ସାମ୍ବାଦିକତା ଓ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ।

# ୫ ବର୍ଷ ହେଲା ଫେରୁନି ସର୍ଭିସ ବୁକ୍, ହେଉନି ପଦୋନ୍ନତି

**କଟକ ଅଫିସ, ୧।୩**

ଆସନ୍ତା ଏପ୍ରିଲ ୨ ତାରିଖରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସଂଘ(ରୁଟା) କାର୍ଯ୍ୟବନ୍ଦ କରିବ। ବିଶ୍ୱବିଦ୍ୟାଳୟର ପରୀକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟ ଏହି ସମୟରେ ରହିଥିବାବେଳେ ଅଧ୍ୟାପକ ଓ ପ୍ରାଧ୍ୟାପକଙ୍କୁ ମିଶାଇ ସଂଘର ୯୦ଜଣ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ୨୦୧୪ ମସିହାରୁ ୨୨ଜଣ ଅଧ୍ୟାପକଙ୍କ ସର୍ଭିସ ବୁକ୍ ବିଶ୍ୱବିଦ୍ୟାଳୟକୁ ଫେରି ନ ଥିବା କାରଣରୁ ଏହି ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସର୍ଭିସ ବୁକ ଫେରାଇ ଆଣିବା ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରୁଟା ଏକମାସର ମହଲତ ପ୍ରଦାନ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ ମସିହାରେ ବିଶ୍ୱବିଦ୍ୟାଳୟର ୭୮ଜଣଙ୍କ ସର୍ଭିସ ବୁକ୍ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ଏହି ୭୮ଜଣଙ୍କ ନିଯୁକ୍ତିକୁ ସମୀକ୍ଷା କରାଯିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ଚିଠି ପଠାଇଥିଲେ। ତଦନୁଯାୟୀ, ଏହି ଚିଠିର ଉତ୍ତରରେ ଉକ୍ତ ସର୍ଭିସ ବୁକ ଦିଆଯାଇଥିଲା। ଏହାର ୨ବର୍ଷ ପରେ ଅର୍ଥାତ୍ ୨୦୧୬ ମସିହାରେ ୫୬ଟି ସର୍ଭିସ ବୁକ ତନଖି ଶେଷ ହୋଇ ଫେରିଥିବା ବେଳେ ୨୨ଟି ଏପର୍ଯ୍ୟନ୍ତ ଫେରିନାହିଁ। ଫଳସ୍ୱରୂପ ରିଡର କିମ୍ବା ସହକାରୀ ପ୍ରଫେସର ପଦବୀକୁ ଏହି ୨୨ଜଣ ଅଧ୍ୟାପକ ପଦୋନ୍ନତି ପାଇପାରୁନାହାନ୍ତି। ଏପରିକି ସେମାନଙ୍କ ବେତନ ରାଶି ମଧ୍ୟ ବୃଦ୍ଧି କରାଯାଉନାହିଁ। ଫଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗତ ୨ବର୍ଷ ହେବ ଏ ନେଇ ରୁଟା ପକ୍ଷରୁ ପ୍ରତିବାଦ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗତବର୍ଷ ମଧ୍ୟ ରୁଟା ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭ ଦିନ ଧରି ଧାରଣା ଦିଆଯାଇଥିଲା। ହେଲେ ଫରକ କିଛି ପଡ଼ି ନଥିଲା। ବର୍ତ୍ତମାନ ପରିସ୍ଥିତିରେ ପ୍ରତିବାଦକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ୨୨ଜଣଙ୍କ ସର୍ଭିସ ବୁକ ଏବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ପଡ଼ିରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହ ଯୋଗାଯୋଗ କରିବାରୁ ସେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଯିବାକୁ କହୁଛନ୍ତି ବୋଲି ସଂଘର ଜଣେ ବରିଷ୍ଠ ସଦସ୍ୟ କହିଥିଲେ। ଗତ ଗୁରୁବାର ଏ ନେଇ କୁଳପତିଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, କୁଳସଚିବ ଅଶୋକ କୁମାର ଦାଶଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ। ଏହି ବୈଠକରେ ସମସ୍ୟାର ସମାଧାନ ପାଇଁ ଏକମାସ ସମୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବାବେଳେ ଶୁକ୍ରବାର ରୁଟାର ସାଧାରଣ ପରିଷଦ ବୈଠକ ଡକାଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଏପ୍ରିଲ ୨ରୁ କରାଯିବାକୁ ଚୂଡାନ୍ତ ହୋଇଛି।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



- ଏପ୍ରିଲ ୨ରୁ କାର୍ଯ୍ୟ ବନ୍ଦ ଚେତାବନୀ
- ସର୍ଭିସ ବୁକ ଫେରାଇ ଆଣିବାକୁ ଏକମାସର ମହଲତ

### ଦୋଷ ଲୁଚାଉଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ

ଏପ୍ରିଲ ୨ ତାରିଖରେ କାର୍ଯ୍ୟବନ୍ଦ ହେଲେ ବିଶ୍ୱବିଦ୍ୟାଳୟ ନିଶ୍ଚିତ ରୂପେ ବଡ଼ଧରଣର ସମସ୍ୟାରେ ପଡ଼ିବ। ଅନେକ ପ୍ରଶାସନିକ କାର୍ଯ୍ୟ ବନ୍ଦ ହୋଇଯିବ। ହେଲେ ଏହି ସମସ୍ୟା ସୃଷ୍ଟି ହେବା ପଛରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହାତ ଥିବା ଜଣାପଡ଼ିଛି। ୨୦୧୬ ମସିହାରେ ୫୬ଟି ସର୍ଭିସ ବୁକ ଫେରିବା ପରେ ବଳକା ସର୍ଭିସ ବୁକ କାହିଁକି ଫେରାଯାଇନାହିଁ ସେ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କେବେ ବି ପ୍ରଶ୍ନ କରିନାହାନ୍ତି। ଏହାଛଡ଼ା ୨୦୧୭ ମସିହାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରୁ ଏ ସଂକ୍ରାନ୍ତୀୟ ଏକ ଚିଠି ମଧ୍ୟ ବିଶ୍ୱବିଦ୍ୟାଳୟକୁ ଆସିଥିଲା। ଯେଉଁଥିରେ ଉକ୍ତ ୨୨ଜଣ ଅଧ୍ୟାପକଙ୍କ ସର୍ଭିସ ବୁକ ସମ୍ପର୍କରେ କିଛି ପଚରା ଯାଇଥିଲା। ସେତେବେଳେ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାଶ କୁହନ୍ତି, ୨୦୧୭ ମସିହା ଚିଠିର ଉତ୍ତର କାହିଁକି ଦିଆଯାଇନାହିଁ ତାହା ଜଣାନାହିଁ। ହେଲେ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଆମେ ଚେଷ୍ଟା କରିବୁ।

# ଦୁର୍ଘଟଣାରେ ବାଇକ ଚାଳକ ମୃତ

**କଟକ ଅଫିସ, ୧।୩**

ମର୍କତନଗର ଥାନା ଅନ୍ତର୍ଗତ ସାଇ ହସ୍ପିଟାଲ ସମ୍ମୁଖ ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର ୬ ଅଞ୍ଚଳର ଦୁର୍ଗାପ୍ରସାଦ ସାହୁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୧ଟାରେ ଦୁର୍ଗା ଏକ ବାଇକ୍‌ରେ ସାଇ ହସ୍ପିଟାଲ ଆଡକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଧକ୍କା ହୋଇଥିଲା। ସେ ତଳେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରୁ ପୋଲିସ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କିଶୋରୀଚରଣ ଥିଲେ ଯୁଗଚେତନାର ଅଧିକାରୀ



ଉତ୍ସବରେ କଥାକାର କ୍ଷେତ୍ରବାସୀ ନାଏକଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯାଉଛି।

**କଟକ ଅଫିସ, ୧।୩**

କିଶୋରୀ ଚରଣ ଥିଲେ ଜୀବନବାଦୀ କଥାକାର। ଜୀବନ ଓ ସମାଜର ସୁନ୍ଦରତମ ଦିଗକୁ ଚିତ୍ରିତ କରିବାରେ ସେ ଥିଲେ ସାର୍ଥକ ଶିଳ୍ପୀ। ସୂକ୍ଷ୍ମ ଘଟଣାକୁ ସ୍ଥୂଳଭାବରେ ଉପସ୍ଥାପିତ କରିବାରେ କିଶୋରୀଚରଣ ସମକାଳୀନ ସାହିତ୍ୟ ଜଗତରେ ଅଗ୍ରଗଣ୍ୟ ଥିଲେ। ଶୁକ୍ରବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ବିଶିଷ୍ଟ କଥାକାର କିଶୋରୀଚରଣ ଦାସଙ୍କ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି। କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଜଷ୍ଟିସ୍ ବିମଳ ପ୍ରସାଦ ଦାସ ଉଦ୍‌ଘାଟନ କରି କହିଥିଲେ, କିଶୋରୀ ଚରଣ ଥିଲେ ସମାଜ ମନସ୍କ ଲେଖକ। ସେଥିପାଇଁ ସେ ଚିରକାଳ ସ୍ମରଣୀୟ। ମୁଖ୍ୟଅତିଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳକାନ୍ତ ମିଶ୍ର କହିଥିଲେ, କିଶୋରୀଚରଣ ଥିଲେ ଯୁଗଚେତନାର ଅଧିକାରୀ। ଏହି ଅବସରରେ ତରୁଣ କଥାକାର କ୍ଷେତ୍ରବାସୀ ନାଏକଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟ୍ରେନ୍‌ରୁ ଖସି ଯୁବକ ମୃତ

**କଟକ ଅଫିସ, ୧।୩**

ଟ୍ରେନ୍‌ରୁ ଖସି ପଡିବାରୁ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଅଞ୍ଚଳର ବବୁଲୁ ସୋରେନ(୨୮)। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ବବୁଲଙ୍କ ମୃତଦେହ ଶିଖରପୁର ଟ୍ରେନ୍ ଲାଇନ କଡରେ ପଡିଥିଲା। ଖବରପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ତେବେ ସେ ଆନ୍ଧ୍ରପ୍ରଦେଶର ଏଲ ଆଣ୍ଡ ଟି କମ୍ପାନୀରେ ଚାକିରି କରୁଥିବା ବେଳେ ସେ ଗୁରୁବାର ହାୱଡାରୁ ବିଜୟୱାଡା ଯାଉଥିଲେ। ସେ ନିଜେ ଅବା ତାଙ୍କୁ କିଏ ପେଲି ଦେବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି। ତେବେ ଏନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା(୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ବୈଠକ



ନିର୍ବାଚନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**କଟକ ଅଫିସ, ୧।୩**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶୁକ୍ରବାର କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ନଗର କଂଗ୍ରେସ କାର୍ଯ୍ୟାଳୟରେ ପ୍ରଚାର କମିଟି ଅଧ୍ୟକ୍ଷ ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ କଟକ ସହରରେ ଦଳ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟ ପାଇଁ କଂଗ୍ରେସ ଦଳ ପକ୍ଷରୁ କଟକ ସହରରୁ ହିଁ ନିର୍ବାଚନ ବିଗୁଲ ବଜାଇବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ତଥା ଏଆଇସିସି ପକ୍ଷରୁ ସ୍ଥିର କରାଯାଇଥିବାରୁ ଆସନ୍ତା ୬ ତାରିଖରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିୟାନ ପଡ଼ିଆଠାରେ ଏକ ମହାସମାବେଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ଛତିଶଗଡ଼ ମନ୍ତ୍ରୀ ତଥା ଓଡ଼ିଶା ଯୁଗ୍ମ ପ୍ରଭାରୀ ଟି.ଏସ୍. ସିଂଦେଓ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ କମିଟିର ମୁଖପାତ୍ର ଅଭିନେତ୍ରୀ ଖୁସବୁଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଯୋଗଦେବେ।

# ବଳାତ୍କାର ଉଦ୍ୟମ, ଯୁବକ ଗିରଫ

**ମାହାଙ୍ଗା, ୧।୩(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାକୁ ଗୁରୁବାର ବଳାତ୍କାର ଉଦ୍ୟମ ହୋଇଛି। ଏକଥା ଜଣାପଡ଼ିବା ପରେ ଶିଶୁ କନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଜଣେ ବ୍ୟକ୍ତିଙ୍କ ବିବାହ ଭୋଜିକୁ ଆସିଥିବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଖମାର ବେଲରପା ଗ୍ରାମର ଯୁବକ ଜିତେନ୍ଦ୍ର ସାହୁ(୨୮) ଶିଶୁ କନ୍ୟାକୁ ଏକୁଟିଆ ପାଇ ପ୍ରଲୋଭନ ଦେଖାଇ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ପରେ ସେଠାରେ ତାକୁ ବଳାତ୍କାର ଉଦ୍ୟମ କରିଥିଲେ। ଶିଶୁ କନ୍ୟା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ଥାନାକୁ ଖବର ଦେଇଥିଲେ। ମାହାଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ନେବାସହ ଶିଶୁକନ୍ୟାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ପରିବାର ଲୋକେ ସେହି ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୩୧/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ମଧୁସ୍ମିତା ବେହେରା ସୂଚନା ଦେଇଛନ୍ତି।

# ବିଜୁ ସେତୁ ପାଇଁ ଶିଳାନ୍ୟାସ

**କଣ୍ଟାପଡା, ୧।୩ (ଡି.ଏନ୍.ଏ.)**

ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଦେବୀନଦୀ ଉପରେ ଗୋବିନ୍ଦପୁର-ଶଙ୍ଖାରୀସାହି ବିଜୁସେତୁ ପାଇଁ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ, କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଗୋବିନ୍ଦପୁର ସମିତିସଭ୍ୟ ଜ୍ଞାନପୂର୍ଣ୍ଣ ବେହେରା, ବିଜେଡି ନେତା ନକୁଳ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ସେତୁ ପାଇଁ ୨୮କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଗୋବିନ୍ଦପୁର ଓ ୨୨ ମୌଜାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବ ବୋଲି ବିଧାୟକ କହିଥିଲେ।

# ପ୍ରଥମ ବୀରେନ୍ ମିତ୍ର ସ୍ମାରକୀ ବକ୍ତୃତାମାଳା




କାର୍ଯ୍ୟକ୍ରମରେ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୧।୩**

ବୀରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଥମ ବିରେନ୍ ମିତ୍ର ସ୍ମାରକୀ ବକ୍ତୃତାମାଳା ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟବକ୍ତା ପ୍ରଫେସର ଡା. ସୂର୍ଯ୍ୟନାରାୟଣ ମିଶ୍ର ମାଲ୍ୟାର୍ପଣ କରିଥିଲେ। ଅଧ୍ୟକ୍ଷ ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରେନ୍ ମିତ୍ରଙ୍କ ପୌତ୍ର ସୌମିତ୍ ମିତ୍ର ଯୋଗଦେଇ ବର୍ଦ୍ଧିତ ଜନସଂଖ୍ୟା ତ୍ୱରିତ ନ୍ୟାୟ ପ୍ରଦାନରେ ବ୍ୟାଘାତ ସୃଷ୍ଟି କରୁଛି ବୋଲି କହିଥିଲେ। ଅଧ୍ୟାପିକା ସଂଘମିତ୍ରା ନାୟକ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଭାଗର ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଖବରକାଗଜ ବିତରକଙ୍କ କିଡ୍‌ନୀ ନଷ୍ଟ




**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ମାତ୍ର ୮ ବର୍ଷ ବୟସରେ ବାପା ଚାଲିଗଲେ। ମା’ ତାଙ୍କୁ ସାଙ୍ଗରେ ଧରି ମାମୁଘରକୁ ଚାଲିଆସିଲେ। ମାମୁଘରେ ଥିଲେ କେବଳ ଆଈ। ମା’ ପର ଘରେ ବାସନ ମାଜି ତାଙ୍କୁ ଅଳ୍ପ ପାଠ ପଢାଇଥିଲେ। ରୋଜଗାର ପାଇଁ ଗତ ୨ବର୍ଷ ହେଲା ସେ ଖବରକାଗଜ ବିକ୍ରି କରୁଥିଲେ। ୬ ମାସ ହେଲା ହଠାତ୍ ତାଙ୍କ ଦେହ ଖରାପ ହେଲା। ମେଡିକାଲରେ ପରୀକ୍ଷା କରିବାରୁ ବର୍ତ୍ତମାନ ତାଙ୍କର ଦୁଇଟି ଯାକ କିଡ୍‌ନୀ ଖରାପ ହୋଇ ଯାଇଥିବା ଜଣାପଡିଛି। ଖବରକାଗଜ ବିତରକ ଜଣକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣା ଗ୍ରାମରେ ରହୁଥିବା ନିରଞ୍ଜନ ବାରିକ (୨୨)। ଡାଏଲିସିସ ନ ହେଲେ ବଞ୍ଚିବା ଆଶା କ୍ଷୀଣ ବୋଲି ଡାକ୍ତର ଜଣାଇବାରୁ ସେହିଦିନ ଠାରୁ ନିରଞ୍ଜନ ଡାଏଲିସିସ କରୁଛନ୍ତି। ବର୍ତ୍ତମାନ ତାଙ୍କର ଦୁଇ ଦିନରେ ଥରେ ଡାଏଲିସିସ ହେଉଛି। ଫଳରେ ତାଙ୍କର ସଞ୍ଚିତ ଅର୍ଥ ସରିଗଲାଣି। ଦେହ ଖରାପ ହେବାରୁ ସେ ବର୍ତ୍ତମାନ ଖବରକାଗଜ ବିତରଣ ମଧ୍ୟ କରିପାରୁ ନାହାନ୍ତି। ମା’ ତିଳୋତ୍ତମା ପୁଅକୁ କିଡ୍‌ନୀ ଦେଇପାରିବେ ବୋଲି ଡାକ୍ତର କହୁଥିଲେ ମଧ୍ୟ ଅପରେଶନ ପାଇଁ ତାଙ୍କ ନିକଟରେ ଟଙ୍କାଟିଏ ନାହିଁ। ଆଈ ଓ ମା’ ମଧ୍ୟ ତାଙ୍କ ଉପରେ ନିର୍ଭରଶୀଳ। ଏପରିସ୍ଥଳେ ପୁଅର ଜୀବନ ବଞ୍ଚାଇବା ପାଇଁ ତିଳୋତ୍ତମା ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ପରିବାର କଲ୍ୟାଣ ଅସ୍ତ୍ରୋପଚାରରେ ତ୍ରୁଟି

**ମାହାଙ୍ଗା, ୧।୩(ସ୍ୱ.ପ୍ର.)**

- ଥାନାରେ ଅଭିଯୋଗ କଲେ ପରିବାର
- ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତଦନ୍ତ
- ଅଧିକ ଚିକିତ୍ସା ପାଇଁ କଟକ ପଠାଗଲା

କଟକ ଜିଲା ମାହାଙ୍ଗା ଥାନା ଅଧୀନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ହୋଇଥିବା ଜଣାପଡ଼ିଛି। ଏ ନେଇ ମହିଳାଙ୍କ ପରିବାରଲୋକେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବଗତ ହେବାପରେ ଘଟଣାର ତଦନ୍ତ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଗତ ମଙ୍ଗଳବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଥାନା ଅଧୀନ ମଣିଯୋରୀ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାସ(୩୦) ଅସ୍ତ୍ରୋପଚାର କରାଇଥିଲେ। ଡାକ୍ତର ସୂର୍ଯ୍ୟପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ବାହାରୁ ଆସିଥିବା ଡାକ୍ତରୀ ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୮ରୁ ଉର୍ଦ୍ଧ୍ୱ ମହିଳାଙ୍କ ଅସ୍ତ୍ରୋପଚାର କରାଇଥିଲେ। ପରେ ସମସ୍ତ ମହିଳାଙ୍କୁ ସେମାନଙ୍କ ଘରେ ଛାଡି ଦିଆଯାଇଥିଲା। କିନ୍ତୁ ଗୀତାଞ୍ଜଳିଙ୍କୁ ଛଡ଼ା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ ପଚାରିବାରୁ ତାଙ୍କ ମୂତ୍ର ନଳୀରେ ସମସ୍ୟା ରହିଥିବା କହିଥିଲେ। ଏହାପରେ ପରିବାର ଲୋକେ ମୂତ୍ରନଳୀ କଟାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ନାୟକ ଏ ସମ୍ପର୍କରେ ଜାଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ମହିଳାଙ୍କୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ପଠାଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ଅସ୍ତ୍ରୋପଚାର ସମୟରେ ତାଙ୍କ ବ୍ଲାଡରରେ ଛୋଟ କ୍ଷତ ଦେଖା ଦେଇଥିଲା। ଏହା ଜଣାପଡ଼ିବା ପରେ ସଙ୍ଗେସଙ୍ଗେ ଚିକିତ୍ସା କରାଯାଇଥିଲା। ତେବେ ଏଠାରେ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ନ ଥିବାରୁ ଆମେ କଟକ ସିଟି ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଇଛୁ ବୋଲି କହିଥିଲେ। ଘଟଣା ସମ୍ପର୍କରେ ଡାକ୍ତର ପଣ୍ଡାଙ୍କୁ ପଚାରିବାରୁ ମୁଁ ଉକ୍ତ ଅସ୍ତ୍ରୋପଚାର ଶିବିରରେ ନ ଥିଲି ବୋଲି କହିଛନ୍ତି।



"ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
- ସେନେକା



## ସଂକ୍ଷେପରେ

### ବାଘମାରୀ ଫାଣ୍ଡି ହେଲା ଥାନା



**ଖୋର୍ଦ୍ଧା ଅଫିସ,୧।୩:** ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନରେ ଥିବା ବାଘମାରୀ ଫାଣ୍ଡି ଶୁକ୍ରବାର ଥାନାକୁ ମାନ୍ୟତା ପାଇଛି। ବାଘମାରୀ ଥାନା ସେଣ୍ଟ୍ରାଲ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ, ଏସ୍‌ପି ଅମୂଲ୍ୟ କୁମାର ଦାସ ଅତିଥି ରୂପେ ଯୋଗ ଦେଇଥିଲେ। ଏଠାର ପ୍ରଥମ ଆଇଆଇସି ଭାବେ ପୁରୀରୁ ବଦଳି ହୋଇ ଆସିଥିବା ପ୍ରଣିତା ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି। ଥାନା ପୂର୍ତ୍ତ ବିଭାଗର ବଙ୍ଗଳାରେ ଉଦ୍‌ଘାଟିତ ହୋଇଛି। ପ୍ରକାଶଥାଉ କି ବାଘମାରୀ ଫାଣ୍ଡି ପୂର୍ବରୁ ଥାନାର ମାନ୍ୟତା ପାଇଥିଲା। ହେଲେ ଥାନା ହୋଇ ପାରି ନ ଥିଲା। ଥାନା ପାଇଁ ଭିତ୍ତିଭୂମିର ଅଭାବ ରହିଥିଲା। ବାଘମାରୀ ବଜାରରେ ଯେଉଁଠି ଫାଣ୍ଡି ଚାଲିଥିଲା ତାହା ଏକ ଦୋକାନ ଘର ଥିଲା। ସରକାରଙ୍କର ଗୃହ ବିଭାଗର ନୋଟିଫିକେସ ନ ନଂ. ୧୩୬୫୯/ଡିଆଣ୍ଡଏ/ ୨୩।୩।୧୮ ଅନୁସାରେ ବାଘମାରୀ ବିଟ୍ ହାଉସ୍ ଅପଗ୍ରେଡେଶନ ହୋଇ ବାଘମାରୀ ଥାନାର ମାନ୍ୟତା ପାଇଥିଲା। କିନ୍ତୁ ଥାନାର ନିଜସ୍ୱ ଗୃହ ନ ଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲା।

### ଆଶା,ଗାଁ କଲ୍ୟାଣ ସମିତି ସମ୍ମିଳନୀ

**କୃଷ୍ଣପ୍ରସାଦ,୧।୩(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଚିଲିକା-ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟ ନିରୀକ୍ଷକ ଝାଡେଶ୍ୱର ମାଝି, ସ୍ୱାସ୍ଥ୍ୟ ପରିଚାଳକ ସୁନୀଲ କୁମାର ସାମନ୍ତସିଂହାର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇ କନ୍ୟାଭ୍ରୁଣ ହତ୍ୟା, ସ୍ୱାସ୍ଥ୍ୟ, ପରିମଳ ଓ ଅପପୁଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ୨୧ ଗାଁ କଲ୍ୟାଣ ସମିତି, ୧୩ଜଣ ଆଶାକର୍ମୀ ଏବଂ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କର୍ମୀମାନଙ୍କୁ ଏଠାରେ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସ୍ୱାସ୍ଥ୍ୟକର୍ମୀ ପବିତ୍ର ମୋହନ ଦାଶ ମଞ୍ଚ ପରିଚାଳନା କରିଥିଲେ।

### ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ନିରାକାରପୁର, ୧।୩ (ଡି.ଏନ.ଏ.):** ନିରାକାରପୁର ବଜାରରେ ଦୀର୍ଘଦିନ ବ୍ୟବସାୟ କରିଆସୁଥିବା ଡିଆ ପଞ୍ଚାୟତସ୍ଥିତ କାଶୀପୁର ଗ୍ରାମର ପଙ୍କଜ ପ୍ରଧାନ (୫୦)ଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। କଟକସ୍ଥିତ ଏକ ଡାକ୍ତରଖାନାରେ ପ୍ରଧାନଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିରାକାରପୁର ବଣିକ ସଂଘ ପକ୍ଷରୁ ବଜାର ବନ୍ଦ ରହିଥିଲା।

## ■ ଜାଗା ମିଶନରେ ଜମି ପଟ୍ଟା ବଣ୍ଟନ

# ବିକ୍ରି ହେଉଛି ସରକାରୀ ଜମି

**ଖୋର୍ଦ୍ଧା ଅଫିସ,୧।୩**

■ ଦଲାଲ ହେଉଛନ୍ତି ଲାଭବାନ

■ ବଢ଼ିବାରେ ଲାଗିଛି ଜବରଦଖଲ

■ ୫୪ ଜବରଦଖଲକାରୀଙ୍କ ନାଁରେ ରୁଜୁ ହେଲା ମାମଲା

ବସ୍ତିବାସିନ୍ଦାଙ୍କୁ ଖୋର୍ଦ୍ଧା ସହରାଞ୍ଚଳରେ ଜାଗା ମିଶନ ଜରିଆରେ ଜମି ପଟ୍ଟା ବଣ୍ଟନ ପରେ ଜିଲା ସଦର ମହକୁମାରେ ଜବରଦଖଲ ବୃଦ୍ଧି ପାଇଛି। ଜବରଦଖଲକାରୀ ଉତ୍ସାହିତ ହୋଇ ଯିଏ ଯେଉଁଠି ପାଇଲା ସରକାରୀ ଜମି ଜବରଦଖଲ କରି ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରି ଦେଉଛନ୍ତି। ଅନ୍ୟପକ୍ଷେ କେତେଜଣ ଦଲାଲ ସରକାରୀ ଜମିକୁ ବିକ୍ରି କରି ଲାଭବାନ ହେଉଛନ୍ତି। ଏଠାରେ ୭୦ ହଜାରରୁ ଆରମ୍ଭ କରି ୨ ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସରକାରୀ ଜମି ବିକ୍ରି ହେଉଛି। ସରକାରୀ ଜମି ଜବରଦଖଲ ପରେ ଆରଆଇଙ୍କ ରିପୋର୍ଟ ପାଇ ତହସିଲଦାର ଓଡ଼ିଶା ସରକାରୀ ଜାଗା ଉଚ୍ଛେଦ ଆଇନ ଅନୁସାରେ ୫୪ଟି ମାମଲା କରିଛନ୍ତି। ତେବେ ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନି।

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟିରେ ବସ୍ତିବାସିନ୍ଦାଙ୍କୁ ଫେବୃଆରୀ ୧୦ରେ ଜାଗା ମିଶନ ଜରିଆରେ ଜମି ପଟ୍ଟା ବଣ୍ଟନ ହୋଇଥିଲା। ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ୨୪ଟି ବସ୍ତି ଚିହ୍ନଟ କରାଯାଇ ୮୦୪ ଜଣଙ୍କୁ ଜମି ପଟ୍ଟା ଦିଆଯାଇଥିଲା। ସେହିପରି ଜଟଣୀ ମ୍ୟୁନିସିପାଲିଟିରେ ୧୩ଟି ବସ୍ତି ଚିହ୍ନଟ କରାଯାଇ ୧୦୮୯ ଜଣଙ୍କୁ ଜମି ପଟ୍ଟା ଅନୁରୂପ ଭାବେ ବଣ୍ଟନ କରାଯାଇଥିଲା। ବାଦ୍ ପଡିଥିବା ବସ୍ତିବାସିନ୍ଦାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ସମ୍ପୃକ୍ତ ସଭାରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କହିଥିଲେ କୌଣସି ଭୂମିହୀନ ଯୋଜନାରୁ ବାଦ୍ ପଡିବେନି। ବାଦ ପଡିଥିବା ବସ୍ତିବାସିନ୍ଦା, ଭୂମିହୀନ ପରବର୍ତ୍ତୀ ପର୍ଯ୍ୟାୟରେ ପଟା ପାଇବେ। ଓଡ଼ିଶା ବସ୍ତିବାସିନ୍ଦାଙ୍କୁ ଭୂଅଧିକାରୀ ଅଧିନିୟମ ୨୦୧୭ ଅନୁସାରେ ୩୨୩ବର୍ଗଫୁଟ ଜମି ମାଗଣାରେ ଯୋଗାଇ ଦିଆଯିବା ପାଇଁ ନିୟମ ରହିଛି। ଅତ୍ୟଧିକ ଜମି ଜବରଦଖଲରେ ଥିଲେ ୪୮୪ ବର୍ଗଫୁଟ ପର୍ଯ୍ୟନ୍ତ ଜମି ବସ୍ତିବାସିନ୍ଦା ନେଇ ପାରିବେ। ତେବେ ୩୨୩ ବର୍ଗଫୁଟ ପରେ ସରକାରୀ ଧାର୍ଯ୍ୟ ଦର ଅନୁସାରେ ଜମି କିଣିବାକୁ ପଡିବ। ଜବରଦଖଲ କରିଥିଲେ ଜବରଦଖଲ ମାମଲା ହୁଏ। କିନ୍ତୁ ସରକାର ମାମଲା ନ କରି ଜମି ପଟ୍ଟା ଦେବା ସମଗ୍ର ବିଶ୍ୱରେ ରେକର୍ଡ କରିଛି। ପଟ୍ଟା ବଣ୍ଟନ ପରେ ଖୋର୍ଦ୍ଧା ଆରଆଇ ଅଫିସର ଖୋର୍ଦ୍ଧା ସହର ଅନ୍ତର୍ଗତ ଖୋର୍ଦ୍ଧା, ଜଖାରସିଂହ, ଜେମାଦେଇ, ଗୁରୁଜଙ୍ଗ, ସାନପଲ୍ଲୀ, ଜଗନ୍ନାଥପୁର, ମୁକୁନ୍ଦପ୍ରସାଦ, ରାଧାମୋହନପୁର ଅଞ୍ଚଳରେ ଜବରଦଖଲ ବଢ଼ିଥିବା ଅଭିଯୋଗ ହୋଇଛି। ଏ ନେଇ ଖୋର୍ଦ୍ଧା ଆରଆଇ କବିରାଜ ସେଠୀ କୁହନ୍ତି, ସାନପଲ୍ଲୀ, ଖୋର୍ଦ୍ଧା ପରି ଅଞ୍ଚଳର ୪୦ ଜଣ ଜବରଦଖଲକାରୀଙ୍କ ନାଁରେ ତହସିଲଦାରଙ୍କୁ ରିପୋର୍ଟ କରାଯାଇଛି। ଅନ୍ୟ ଯେଉଁମାନେ ରହିଲେ ସେମାନଙ୍କ ବିରୋଧରେ ରିପୋର୍ଟ ଦିଆଯିବ। ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ କୁହନ୍ତି, ଓଡ଼ିଶା ସରକାରୀ ଜମି ଉଚ୍ଛେଦ ଆଇନ ଅନୁସାରେ ଗୁରୁଜଙ୍ଗ, ବାଉରୀସାହି ପରି କେତେକ ଅଞ୍ଚଳର ୫୪ ଜଣଙ୍କ ନାଁରେ ମାମଲା ହୋଇଛି। ଅନ୍ୟ ଜବରଦଖଲକାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ମାମଲା କରାଯିବ। ଅନ୍ୟପକ୍ଷେ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ତେବେ ଜାଗା ମିଶନରେ ପଟ୍ଟା ଦିଆଯିବା ପରେ ଜବରଦଖଲକାରୀ ଉତ୍ସାହିତ ହୋଇ ପଡିଥିବା କହିଛନ୍ତି।



ସଂକଳ୍ପ ସମାବେଶରେ ଜିତେନ୍ଦ୍ର ଉଦ୍‌ବୋଧନ ଦେଉଛନ୍ତି।

## ଭାଜପା ସଂକଳ୍ପ ସମାବେଶରେ ଜିତେନ୍ଦ୍ରଙ୍କ ଶକ୍ତି ପ୍ରଦର୍ଶନ

# ଶାସକ, ବିରୋଧୀ ଛାନିଆ

**ଖୋର୍ଦ୍ଧା ଅଫିସ,୧।୩**

ପରିବର୍ତ୍ତନର ଆହ୍ୱାନ ଡାକରା ଦେଇ ଜିଲା ସଦର ମହକୁମାରେ ବିଜେଡିର ପୂର୍ବତନ ନଗର ସଭାପତି ଜିତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଭାଜପାର ସଂକଳ୍ପ ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଧାୟକ ପଦବୀ ପାଇଁ ପ୍ରାର୍ଥୀ ହେବା ଉଦ୍ଦେଶ୍ୟରେ ଜିତେନ୍ଦ୍ର ଏହି ପଦଯାତ୍ରା କରିଥିବା ଘୋଷଣା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ତେବେ ଜିତେନ୍ଦ୍ରଙ୍କ ସଂକଳ୍ପ ସମାବେଶରେ ହଜାର ହଜାର ସଂଖ୍ୟକ ଲୋକ ସାମିଲ ହେବା ଖୋର୍ଦ୍ଧାରେ ଶାସକ ଓ ବିରୋଧୀ ଦଳକୁ ଛାନିଆ କରି ଦେଇଛି। ଜିଲା ସଦର ମହକୁମା ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଅନେକ ପ୍ରସଙ୍ଗ ଥିଲେ ମଧ୍ୟ ଶାସକ ଦଳକୁ ଚେକ୍ ଦେବାକୁ ବିରୋଧୀ ପଛଘୁଞ୍ଚା ଦେଉଛି। ଜିଲା ପରିଷଦ ନିର୍ବାଚନରେ ୩୦ ସଦସ୍ୟ ବିଶିଷ୍ଟ ଜିଲା ପରିଷଦକୁ ଭାଜପାର ୧୦ ସଭ୍ୟ ନିର୍ବାଚିତ ହୋଇ ବିରୋଧୀ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ପ୍ରତିବାଦ୍ ଶୂନ। ଏଭଳିସ୍ଥଳେ ସାଧାରଣ ଲୋକ ବିକଳ୍ପ ଖୋଜୁଥିବାବେଳେ ଜିତେନ୍ଦ୍ରଙ୍କ ଶୋଭାଯାତ୍ରା ଶାସକ ଓ ବିରୋଧୀଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛି।

ଜିତେନ୍ଦ୍ରଙ୍କ ଶୋଭାଯାତ୍ରା ହାବେଳି ପଡିଆରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ସଭା ହୋଇଥିବାବେଳେ ବିଭିନ୍ନ ଛକ ସ୍ଥାନଗୁଡିକରେ ଅନୁରୂପ ସଭା ହୋଇଥିଲା। ଏଥିରେ ଜିତେନ୍ଦ୍ର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କିପରି ଅବହେଳିତ ଓ ଉପେକ୍ଷିତ ହୋଇରହିଛି ସେନେଇ ଟିପ୍ପଣୀ ଦେଇଥିଲେ। ନିଜ ଭାଷଣରେ କହିଥିଲେ, ମୋତେ ଥରେ ସୁଯୋଗ ଦିଆଯାଉ। ମୋ ପ୍ରତିଶ୍ରୁତି ବର୍ଷେ ଭିତରେ ପୂରଣ ନ ହେଲେ ବିଧାୟକ ପଦବୀରୁ ଇସ୍ତଫା ଦେବି ବୋଲି ସଭାରେ ଘୋଷଣା କରିଥିଲେ। ସଭା ପରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକଙ୍କ ପାଇଁ ୪୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ନିଶାମୁକ୍ତ ସମାଜ ଗଠନ, ସିଆଳିଆଠାରେ ଆବର୍ଜନା ଗଦାକୁ ସ୍ଥାନାନ୍ତର, ଖୋର୍ଦ୍ଧା ଓ ଟାଙ୍ଗୀ ଚିକିତ୍ସାଳୟରେ ୧୦୦ ପ୍ରତିଶତ ଡାକ୍ତର ନିଯୁକ୍ତି, ଖୋର୍ଦ୍ଧା ଟ୍ରାଫିକ ସମସ୍ୟା ଓ ଉଠା ଦୋକାନୀଙ୍କୁ ଥଇଥାନ ତୁରନ୍ତ କରିବାକୁ ସ୍ମାରକପତ୍ରରେ ଦର୍ଶାଯାଇଛି।

## ଦାୟିତ୍ୱ ନେଲେ ନୂଆ ଏସଡିପିଓ

**ଖୋର୍ଦ୍ଧା ଅଫିସ,୧।୩**

ଖୋର୍ଦ୍ଧା ଏସ୍‌ଡିପିଓ ଭାବେ ସୁଶିଲ ମିଶ୍ର ଗୁରୁବାର ଦାୟିତ୍ୱ ନେଇଛନ୍ତି। ଏଠାରେ ଥିବା ଏସ୍‌ଡିପିଓ ଯୁଗଳ କିଶୋର ଦାସଙ୍କର ଖୋର୍ଦ୍ଧା ମୁଖ୍ୟ କାର୍ଯ୍ୟାଳୟକୁ ଡିଏସ୍‌ପି ଭାବେ ବଦଳି କରାଯାଇଥିଲା। ସୁଶିଲ ମିଶ୍ର ପୁରୀ ସଦର ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ।

## ■ ଋଣ ଖିଲାପି ତଥ୍ୟ ନ ଦେବା ମହଙ୍ଗା ପଡ଼ିଲା

# ପଦବୀ ହରାଇଲେ ଓରବରସିଂହ ସରପଞ୍ଚ

**ଖୋର୍ଦ୍ଧା ଅଫିସ,୧।୩**

ଖୋର୍ଦ୍ଧା ବ୍ଲକ୍ ଓରବରସିଂହ ପଞ୍ଚାୟତର ସରପଞ୍ଚ ଲୋକନାଥ ପଟ୍ଟନାୟକ ଶୁକ୍ରବାର ପଦବୀ ହରାଇଛନ୍ତି। ଋଣ ଖିଲାପି ସମ୍ପର୍କରେ ତଥ୍ୟ ଦେଇ ନ ଥିବା ପ୍ରମାଣ ମିଳିବା ପରେ ଖୋର୍ଦ୍ଧା କନିଷ୍ଠ ଦେୱାନୀ ଅଦାଲତର ବିଚାରପତି ଶ୍ରଦ୍ଧାଞ୍ଜଳି ରାୟଙ୍କ କୋର୍ଟରେ ସରପଞ୍ଚଙ୍କ ପଦବୀ ଅସିଦ୍ଧ ଘୋଷଣା ହୋଇଛି। ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀ ସଞ୍ଜୟ କୁମାର ରାଟସିଂହଙ୍କୁ କାର୍ଯ୍ୟ ଗ୍ରହଣ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ରହିଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରାର୍ଥୀ ଲୋକନାଥ ପଟ୍ଟନାୟକ ୧୨୩୯ ଭୋଟ୍ ପାଇଥିଲେ। ପରାଜିତ ପ୍ରାର୍ଥୀ ସଞ୍ଜୟ କୁମାର ରାଟସିଂହ ୧୨୨୭ ଭୋଟ୍ ଓ ତୃତୀୟ ପ୍ରାର୍ଥୀ ବିଭୂତି ଭୂଷଣ ବଳିଆର ସିଂ ୬୨ ଖଣ୍ଡ ଭୋଟ ପାଇଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ ବିଜୟୀ ପ୍ରାର୍ଥୀ ଲୋକନାଥ ପଟ୍ଟନାୟକ ୧୯୯୭-୯୮ ମସିହାରେ ଓରମି କୋ ଅପରେଟିଭ ସୋସାଇଟିର ସଭାପତି ଥିବା ବେଳେ ୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଋଣ ପରିଶୋଧ କରୁ ନ ଥିବା ଅଭିଯୋଗ ହୋଇଥିଲା। ପ୍ରତିପକ୍ଷ ପରାଜିତ ପ୍ରାର୍ଥୀ ସଞ୍ଜୟ କୁମାର ରାଟସିଂହ ଏହାକୁ ଚ୍ୟାଲେଞ୍ଜ କରି କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟ ଏହାକୁ ଗ୍ରହଣ କରି (ନଂ. ୫/୧୭)ରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ସରପଞ୍ଚ ଲୋକନାଥ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ସୋସାଇଟ୍‌ରୁ ଦର୍ଶ ଗାଈ ଗାଈ ଋଣ ନେଇଥିଲେ। ଗାଈ ମରି ଯାଇଥିଲା। ତେବେ କ୍ଷତିପୂରଣ ମିଳି ନ ଥିଲା। ଏହାକୁ ନେଇ ସୋସାଇଟ୍ ଓ ମୋ ମଧ୍ୟରେ ବିବାଦ ହୋଇଥିଲା। ଅନ୍ୟପକ୍ଷେ ସୋସାଇଟ୍‌ରେ ଲେଜର ବ୍ୟତୀତ ଋଣ ସମ୍ବନ୍ଧୀୟ କୌଣସି କାଗଜାତ ନାହିଁ। କିନ୍ତୁ ପରେ ଟ୍ୟାମ୍ପରି କରାଯାଇ କାଗଜାତ ସଂଗ୍ରହ କରାଯାଇଥିବା ଅଭିଯୋଗ କରିଛନ୍ତି। ତଳ କୋର୍ଟ ନ୍ୟାୟରେ ମୁଁ ଅସନ୍ତୋଷ ବ୍ୟକ୍ତ କରି ଉପର କୋର୍ଟକୁ ଅପିଲକୁ ଯିବି। ସେହିଭଳି ୩ ଜଣ ପ୍ରାର୍ଥୀ ଥିବାବେଳେ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରି ଅନ୍ୟ ଜଣଙ୍କୁ ବିଜୟୀ ଘୋଷଣା କରିବା ମଧ୍ୟ ଠିକ୍ ନୁହେଁ ବୋଲି ପଟ୍ଟନାୟକ କହିଛନ୍ତି।

# ନିର୍ଯାତନାରୁ ରେଲୱେ କର୍ମଚାରୀଙ୍କ ମୃତ୍ୟୁ ଅଭିଯୋଗ

## ■ ହସ୍ପିଟାଲରେ ଉତ୍ତେଜନା, ପୋଲିସର ହସ୍ତକ୍ଷେପ ପରେ ଅବସ୍ଥା ଶାନ୍ତ

**ଜଟଣୀ,୧।୩(ଡି.ଏନ.ଏ.)**

ରେଲୱେ ଅଧିକାରୀଙ୍କ ବାରମ୍ବାର ମାନସିକ ନିର୍ଯାତନା ଯୋଗୁ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ଅଲେଖ ଚରଣ ନାୟକଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏ ନେଇ ଜଟଣୀସ୍ଥିତ ରେଲୱେ ମେଡିକାଲରେ ସନ୍ଧ୍ୟାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଜଟଣୀ ପୋଲିସ, ଜିଆର୍‌ପି, ଆର୍‌ପିଏଫ୍‌କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା।



କର୍ମଚାରୀଙ୍କ ମୃତ୍ୟୁକୁ ନେଇ ରେଲ୍‌ୱେ ମେଡିକାଲ୍‌ରେ ଉତ୍ତେଜନା ପ୍ରକାଶ ପାଇଛି।

ଅଲେଖଙ୍କ ଭାଇ ମନୋଜଙ୍କ ଅଭିଯୋଗ ଅନୁଯାୟୀ, ଭାଇ ହୃଦରୋଗୀ ଥିଲେ। ଏଣୁ ଖୋର୍ଦ୍ଧାରୋଡ ପରିବର୍ତ୍ତେ ଘର ପାଖ ଭୁବନେଶ୍ୱରକୁ ପୋଷ୍ଟିଂ ହେବାକୁ ଚାହୁଁଥିଲେ। ଏଣୁ ଡିଭିଜନର ଡିସିଏମ୍ (ସଂଯୋଜକ) ସୌରଭ ନାୟକଙ୍କୁ ତାଙ୍କ ରୋଗ ବିଷୟରେ ଜଣାଇ ଓ ମେଡିକାଲ ରିପୋର୍ଟ ଦେଖାଇ ବହୁବାର ଅନୁରୋଧ କରିଛନ୍ତି। ହେଲେ ଅଧିକାରୀ ଜଣକ ତାଙ୍କୁ କଟୁ କଥା କହୁଥିଲେ ବୋଲି ଭାଇ ସବୁବେଳେ କହୁଥିଲେ। ସେ ଜଣେ ହୃଦରୋଗୀ ଜାଣି ମଧ୍ୟ ତାଙ୍କୁ ରାତି ଡ୍ୟୁଟି ଦିଆଯାଉଥିଲା। ଶୁକ୍ରବାର ପୁଣି ଅନୁରୋଧ କରିବାକୁ ଅଧିକାରୀଙ୍କ ନିକଟକୁ ଅଲେଖ ଆସିଥିଲେ। ଏଣୁ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ଡିସିଏମ୍ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଡିସିଏମ୍ ସୌରଭ ନାୟକଙ୍କୁ ପଚାରିବାରେ ଅଲେଖ ପ୍ରଥମେ ଅପରେଟିଂ ବିଭାଗରେ ଷ୍ଟେଶନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ହୃଦ୍‌ରୋଗ ଯୋଗୁ ସେ କମର୍ସିଆଲ ଡିପାର୍ଟମେଣ୍ଟକୁ ବଦଳି ହୋଇ ଭୁବନେଶ୍ୱରରେ ବୁକିଂ କ୍ଲର୍କ ଭାବେ କାର୍ଯ୍ୟ କରୁଥିଲେ। ତେବେ ଆର୍ଥିକ କାରବାରକୁ ନେଇ ଭିଜିଲାନ୍ସ ଦେଇଥିବା ରିପୋର୍ଟ ଉପରେ ଖୋର୍ଦ୍ଧାରୋଡ ରେଳ ଦପ୍ତରକୁ ଅଲେଖଙ୍କୁ ବଦଳି କରାଯାଇଥିଲା। ଏଠାରେ ତାଙ୍କୁ କେବଳ ଟୁଇଟର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ ତାଙ୍କୁ କୌଣସି ଅର୍ଥ କାରବାର ଦାୟିତ୍ୱ ଦିଆଯାଇ ନ ଥିଲା। ଏଣୁ ଅଲେଖଙ୍କ ଭୁବନେଶ୍ୱର ବଦଳି ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ଶୁକ୍ରବାର ବଦଳି କଥା ନେଇ ଅଲେଖ ଆସିଥିଲେ। ଭିଜିଲାନ୍ସ ରିପୋର୍ଟ କଥା କହିବା ସହ ତଥାପି ବିଚାର କରିବେ ବୋଲି ସୌରଭ କହିଥିଲେ। ଏହି ସମୟରେ ଅଲେଖ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଅଫିସ ଗାଡ଼ିରେ ରେଲୱେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଅଲେଖଙ୍କ ଭାଣିଜୀ ପ୍ରୀତିପ୍ରଜ୍ଞା ଉକ୍ତ ଅଧିକାରୀଙ୍କ ମତାମତକୁ ମିଥ୍ୟା ବୋଲି କହିବା ସହ ଥାନାରେ ତାଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି କହିଥିଲେ। ଖବରପାଇ ଅଲେଖଙ୍କ ପରିବାର ଲୋକ ରେଲୱେ ମେଡିକାଲରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଡିସିଏମ୍ ସୌରଭଙ୍କୁ ଘେରି ଯାଇ ପାଟିତୁଣ୍ଡ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ପୋଲିସ ମେଡିକାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

### ମାଟ୍ରିକ ପରୀକ୍ଷା ଦେଉଥିବା ପୁଅ ଦେଲେ ମୁଖାଗ୍ନି

**ବେଗୁନିଆ,୧।୩ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୋଲୁହାପାଟଣା ଗ୍ରାମ ନିକଟସ୍ଥ ରାସ୍ତା କଡରେ ଏକ ପୋଖରୀରୁ ଗୁରୁବାର ବିଳମ୍ବିତ ରାତିରେ ବାଇକ୍ ସହ ଜଣେ ଯୁବକଙ୍କୁ ଉଦ୍ଧାର କରିଥିଲେ ଗ୍ରାମବାସୀ। ଯୁବକଙ୍କୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ କୋଲୁହାପାଟଣା ଗ୍ରାମର ନିରଞ୍ଜନ ବେହେରା(୪୬)। ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମାଟ୍ରିକ ପରୀକ୍ଷା ଦେଉଥିବା ପୁଅ ବାପାଙ୍କ ମୃତ୍ୟୁରେ ମ୍ରିୟମାଣ ହେବା ସହ ମୁଖାଗ୍ନି ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ସୂଚନା ଅନୁସାରେ, ନିରଞ୍ଜନ ବେଗୁନିଆ ବଜାରରୁ ନିଜ କାର୍ଯ୍ୟ ସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୯ଟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଓ ଗାଁର କେତେଜଣ ଯୁବକ ଖୋଜା ଖୋଜି କରିଥିଲେ। ଗ୍ରାମ ନିକଟସ୍ଥ ରାସ୍ତା କଡରେ ଥିବା ପୋଖରୀ ପାଣିରୁ ନିରଞ୍ଜନଙ୍କୁ ଲୋକେ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ସ୍ଥିତିକୁ ଅନୁଧ୍ୟାନ କରିଥିଲେ ମଧ୍ୟ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘେରରେ ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ କହିଛି। ନିରଞ୍ଜନ ଜଣେ ଗରିବ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମୁଖାଗ୍ନି ଦେଇଥିବା ତାଙ୍କ ପୁଅ ଅଭିନବ ଏବେ ଚାଲିଥିବା ମାଟ୍ରିକ ପରୀକ୍ଷା ଦେଉଛନ୍ତି। ବାପାଙ୍କ ଏଭଳି ଦୁଃଖଦ ମୃତ୍ୟୁରେ ସେ ଭାଙ୍ଗି ପଡିଛନ୍ତି।

# ନାଚୁଣୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୧।୩**

ଗତ ୨୭ ତାରିଖରେ ଆରମ୍ଭ ହୋଇଥିବା ନାଚୁଣି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବିଜ୍ଞାନ ବିଭାଗ, ୨ୟ ଦିବସରେ ଓଡ଼ିଆ ସାହିତ୍ୟ ବିଭାଗ ପାଇଁ ଉଦ୍ଦିଷ୍ଟ ଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ମୁଖ୍ୟବକ୍ତା ରୂପେ କବି କୃଷ୍ଣ କେଶବ ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ଯୋଗ ଦେଇଥିଲେ। ଅଧକ୍ଷ ରଞ୍ଜନ ଭଞ୍ଜ ସ୍ୱାଗତ ଭାଷଣ, ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରାଧାପକ ରାଜ କିଶୋର ସାହୁ ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଖୋର୍ଦ୍ଧାରେ ମେଡିକାଲ ପ୍ରତିଷ୍ଠା ଦାବିରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୧।୩**

ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ପଞ୍ଚାୟତକୁ ନ ଦେଇ ସିଧା ଶ୍ରମିକଙ୍କୁ ଦିଆଯିବାକୁ ଦାବି ହେଉଛି। ଆନ୍ଦୋଳନକାରୀମାନେ ଟାଉନ ହଲଠାରୁ ଶୋଭାଯାତ୍ରାରେ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ପରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲାର ମଧ୍ୟସ୍ଥଳ ଖୋର୍ଦ୍ଧା। ଖୋର୍ଦ୍ଧାଠାରୁ କଟକର ଦୂରତା ୬୦ କିମି ଓ ବ୍ରହ୍ମପୁର ୧୬୦ କିମି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଅନ୍ୟ ସୁବିଧା ଉପଲବ୍ଧ ହେଉନାହିଁ। ଏଥିଯୋଗୁ ରୋଗୀମାନେ ହଇରାଣର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକ କଟକ ଓ ବ୍ରହ୍ମପୁର ମେଡିକାଲ ଉପରେ ନିର୍ଭର କରୁଛନ୍ତି। ଏଣୁ ଖୋର୍ଦ୍ଧାରେ ମେଡିକାଲ କଲେଜ ଖୋଲିବାକୁ ପ୍ରକୃଷ୍ଟ ସ୍ଥାନ ବୋଲି ଉଲ୍ଲେଖ ରହିଛି। ଅନ୍ୟପକ୍ଷେ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଚାୟତ ମାଧ୍ୟମରେ ପକ୍କା ଘର ଦିଆଯାଉଛି। ପଞ୍ଚାୟତ ମାଧ୍ୟମରେ ଘର ଦେବାରେ ରାଜନୀତି ହେଉଛି। ପ୍ରକୃତ ହିତାଧିକାରୀ ସୁଫଳ ପାଉନାହାନ୍ତି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ଅଶୋକ ସାହୁଙ୍କ ନେତୃତ୍ୱରେ ଛାତ୍ରନେତା ଜୟନ୍ତ ମହାନ୍ତି, ସଂଘମିତ୍ରା ମହାନ୍ତି, ଅବିନାଶ ପ୍ରଧାନ, ଏମ୍‌ସିଏମ୍ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ବଳବନ୍ତରାୟ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଆନ୍ଦୋଳନରେ ଭାଗ ନେଇ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ।




ଶ୍ରମିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ କରାଯାଉଛି।

# ରେଲୱେ ପକ୍ଷରୁ ପ୍ରବେଶ ପଥ ବନ୍ଦ: ଯାତ୍ରୀ ଅସନ୍ତୁଷ୍ଟ

**ଜଟଣୀ,୧।୩(ଡି.ଏନ.ଏ.)**

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ଉତ୍ତର ଦିଗର ରେଲୱେ ମାର୍କେଟ୍ ଆଡକୁ ଥିବା ପ୍ରବେଶ ପଥକୁ ରେଲୱେ କର୍ତ୍ତୃପକ୍ଷଙ୍କ ବନ୍ଦ କରିବା ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିଭିଜନର ଡିଆର୍‌ଏମ୍‌ଙ୍କୁ ଏ ନେଇ ଶୁକ୍ରବାର ସାକ୍ଷାତ କରିଥିଲେ। ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବନ୍ଦ କରାଯାଇଥିବା ଏହି ପ୍ରବେଶ ପଥ ଖୋଲିବାକୁ ଦାବି କରିଥିଲେ। ଏହି ରେଳ ଷ୍ଟେସନର ମଧ୍ୟବର୍ତ୍ତୀ ସ୍ଥାନରେ ଏହାର ମୁଖ୍ୟ ପ୍ରସ୍ଥାନ ଓ ପ୍ରବେଶ ପଥ ରହିଛି। ଏହାସହ ଉତ୍ତର ଦିଗର ଶେଷରେ ଯାତ୍ରୀଙ୍କ ଯିବା ଆସିବାକୁ ଦୀର୍ଘବର୍ଷ ପୂର୍ବରୁ ଉପରୋକ୍ତ ପଥ ରହିଥିଲା। ଏହି ବାଟ ଦେଇ ଦୈନିକ ଶତାଧିକ ଯାତ୍ରୀ ଯାତାୟାତ କରିଥାନ୍ତି। ତେବେ ଏହାର ନବୀକରଣ କାର୍ଯ୍ୟ ଆରମ୍ଭ ହେବାରୁ ୨ ମାସରୁ ଉର୍ଦ୍ଧ୍ୱ ହେବ ଏହି ପଥକୁ ବନ୍ଦ କରି ଦିଆଯାଇଛି। ମନ୍ଥରଗତିରେ କାର୍ଯ୍ୟ ଚାଲୁଥିବାରୁ ଏହା ବିଳମ୍ବ ହୋଇ ଚାଲିଛି। ନବୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁବିଧା ପାଇଁ ଏହାର ୫୦ ଫୁଟ ଦୂରରେ ରେଲୱେ କର୍ତ୍ତୃପକ୍ଷ ଅନ୍ୟ ଏକ ପ୍ରବେଶପଥର ବ୍ୟବସ୍ଥା କରିଥିଲେ। ଏହିବାଟ ଦେଇ ଜଟଣୀ ଓ ବାହାର ଅଞ୍ଚଳର ଶହ ଶହ ଯାତ୍ରୀ ଷ୍ଟେଶନ ମଧ୍ୟକୁ ଯିବାଆସିବା କରୁଥିଲେ। ହେଲେ ଏହାକୁ ମଧ୍ୟ ୧୫ ଦିନ ହେବ ବନ୍ଦ କରି ଦିଆଯାଇଛି। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ବାଟ ବୁଲି ଷ୍ଟେଶନର ମୁଖ୍ୟ ପ୍ରବେଶ ଦ୍ୱାର ଦେଇ ଯାତାୟାତ କରିବାକୁ ପଡୁଛି। ଏଥିସହ ଅଟୋ ଚାଳକ ଓ ରେଲୱେ ମାର୍କେଟ୍‌ରେ ଥିବା ୩୦୦ରୁ ଅଧିକ ଦୋକାନୀଙ୍କ ବ୍ୟବସାୟ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଉଛି। ସାକ୍ଷାତ୍ ସମୟରେ ଏହି ସମସ୍ୟା ନେଇ ଦୃଷ୍ଟି ଦିଆଯିବ ବୋଲି ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲା ପ୍ରତିଶ୍ରୁତି ଦେଇଥିଲେ। କଂଗ୍ରେସ ନେତା ରାଉତରାୟଙ୍କ ବ୍ୟତୀତ କଳିଙ୍ଗ ସାହୁ, ଅଶୋକ ମଙ୍ଗରାଜ, ଶତ୍ରୁଘ୍ନ ମହାନ୍ତି, ବିଷ୍ଣୁ ସାହୁ, ଅନନ୍ତ ବେହେରା, ନୌସର ଅଲୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ସୁରେଶ ରାଉତରାୟଙ୍କ ନେତୃତ୍ୱରେ ଲୋକେ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।

**ଖୋର୍ଦ୍ଧାରୋଡ ଷ୍ଟେଶନ**



■ ଡିଆରଏମ୍‌ଙ୍କୁ ଦିଆଗଲା ଦାବିପତ୍ର

## ସଂକ୍ଷେପରେ

### ହତ୍ୟା ଘଟଣା: ଫେରାର ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧।୩ :ଏକ ହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୁରୀ ସଦର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ରାହାଙ୍ଗିରିର ରବି ପାତ୍ର। ୨୦୧୮ ସେପ୍ଟେମ୍ବର ୧୫ତାରିଖରେ ସେହି ଗ୍ରାମର ବିମ୍ବାଧର ପଲେଇଙ୍କୁ ଭରତ ପାତ୍ରଙ୍କ ପୁଅ ରବି ସମେତ ଅନ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ମୃତ ବିମ୍ବାଧରଙ୍କ ସ୍ତ୍ରୀ ଉର୍ମିଳା ପ୍ରତିବାଦ କରିବାରୁ ତାଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିଲେ। ବିମ୍ବାଧରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉର୍ମିଳାଙ୍କ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିଲା। ଶୁକ୍ରବାର ଏହି ମାମଲାରେ ରବିଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଏବେ ବି ଫେରାର ରହିଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ମଧ ଗିରଫ କରାଯିବ ବୋଲି ପୋଲିସ କହିଛି।

### ଗୋଷ୍ଠୀ ବିବାଦ, ୪ଗିରଫ

ପୁରୀ ଅଫିସ, ୧।୩: ଏକ ହୋଟେଲରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ବାଲିଘାଟର ରଞ୍ଜନ କୁମାର ମହାରଣା(୩୮), ରାକେଶ ମହାରଣା(୩୫), ଗୌଡବାଡ ସାହିର କୃଷ୍ଣଚନ୍ଦ୍ର ପଣ୍ଡା(୩୭) ଓ ବାସେଳି ସାହିର ପ୍ରଫୁଲ୍ଲ କୁମାର ସାହୁ(୩୩)। ଗୁରୁବାର ରାତିରେ ସଦର ଥାନା ଛକରେ ଥିବା ଏକ ହୋଟେଲ ପରିସରରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

### ୩ ବେଆଇନ ପଥର ବୋଝେଇ ଟ୍ରକ୍ ଜବତ

ପୁରୀ ଅଫିସ, ୧।୩ : ଚନ୍ଦନପୁର ଥାନା ଅଞ୍ଚଳରେ ବଢ଼ିଚାଲିଛି ବେଆଇନ ପଥର ଚାଲାଣ। ଦୈନିକ ଶହ ଶହ ଟ୍ରିପ୍ ପଥର ଓ ବାଲି ଟ୍ରକ୍ ଦ୍ୱାରା ବେଆଇନ ଭାବେ ଏଠାରୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ନୂଆ ଜଗନ୍ନାଥ ସଡକ ଦେଇ ୩ଟି ପଥର ବୋଝେଇ ଟ୍ରକ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଟ୍ରକ୍‌କୁ ଅଟକାଇ କାଗଜପତ୍ର ମାଗିଥିଲେ। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ୩ଟି ଟ୍ରକ୍‌କୁ ଜବତ କରି ଚାଳକଙ୍କୁ ଥାନାରେ ଅଟକ ରଖିଛି। ପୂର୍ବରୁ ଥାନାର ଜଣେ ପୋଲିସ ଅଧିକାରୀ, କନଷ୍ଟେବଲ ଏବଂ ବାଲି ଓ ପଥର ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ ଶହ ଶହ ଟ୍ରକ ଏଠାରୁ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି।

### ନଡ଼ିଆ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ନିମାପଡ଼ା,୧।୩(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅନ୍ତର୍ଗତ ବାହାରେଣା ଗ୍ରାମରେ ଶୁକ୍ରବାର ନଡ଼ିଆ ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଜୟନ୍ତ ମଲ୍ଲ(୩୬)। ସୂଚନା ଅନୁଯାୟୀ, ଜୟନ୍ତ ନିଜ ବାରିରେ ଥିବା ଗଛରୁ ନଡ଼ିଆ ତୋଳିବା ପାଇଁ ଚଢ଼ିଥିଲେ। ନଡିଆ ତୋଳୁଥିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଜୟନ୍ତଙ୍କ ଦାଦା ଛବୀନ୍ଦ୍ର କୁମାର ମଲ୍ଲଙ୍କ ଅଭିଯୋଗକ୍ରମେ ପୋଲିସ ଅପମୃତ୍ୟୁ ମାମଲା(ନଂ.୨/୧୯)ରୁଜୁ କରି ତଦନ୍ତ ଚଳାଇଛି। ଜୟନ୍ତଙ୍କ ଅକାଳ ମୃତ୍ୟୁକୁ ନେଇ ବାହାରେଣା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

■ ପୋଲିଓ ପ୍ରତିଷେଧକ ଟିକାକରଣ

# ପୁରୀ ଜିଲ୍ଲାରେ ୧,୬୪,୫୯୧ ପିଲାଙ୍କୁ ଦିଆଯିବ

ପୁରୀ ଅଫିସ,୧।୩:

■କାର୍ଯ୍ୟ କରିବ ୭୪୬ ପୋଲିଓ ବୁଥ୍

■ବୁଥ୍‌ରୁ ନ ନେଲେ ଘରେ ଘରେ ବୁଲି ଦିଆଯିବ

ଆସନ୍ତା ୧୦ରୁ ୧୨ ତାରିଖ ତିନିଦିନ ଧରି ପଲ୍‌ସ ପୋଲିଓ ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ଚାଲିବ। ଏହାକୁ ପୁରୀ ଜିଲାରେ ସଫଳ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଜିଲାପାଳ ଜ୍ୟୋତିପ୍ରକାଶ ଦାସ। ଏ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପର୍ଶୁରାମ ଚମ୍ପତିରାୟ ଜିଲାରେ ପଲ୍‌ସ ପୋଲିଓ ପ୍ରତିଷେଧକ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପଲ୍‌ସ ପୋଲିଓ ପ୍ରତିଷେଧକ ବୁନ୍ଦା ଦିଆଯିବ। ଜିଲାରେ ୧,୬୪,୫୯୧ ଜଣ ପିଲାଙ୍କୁ ଏହି ବୁନ୍ଦା ଦେବା ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ଜିଲାରେ ୭୪୬ଟି ପୋଲିଓ ବୁଥ୍ କାର୍ଯ୍ୟ କରିବ। ଆସନ୍ତା ୧୦ ତାରିଖରେ ପୋଲିଓ ବୁଥ୍‌ଗୁଡ଼ିକରେ ୫ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏହି ବୁନ୍ଦା ଦିଆଯିବ। ଯେଉଁ ଶିଶୁମାନେ ପୋଲିଓ ବୁଥ୍‌ରେ ନେଇ ପାରି ନ ଥିବେ ସେମାନଙ୍କୁ ମାର୍ଚ୍ଚ ୧୧ ଓ ୧୨ ତାରିଖରେ ଘରକୁ ଘର ବୁଲି ପୋଲିଓ ପ୍ରତିଷେଧକ ଦେବା ପାଇଁ ବ୍ୟବସ୍ଥା କରାଯିବ। ପୁରୀ ଜିଲାରେ ୨୮ଟି ଟ୍ରାନ୍‌ଜିଟ ପଏଣ୍ଟରେ ୪୬ଟି ଦଳ ରହିବେ। ପଲ୍‌ସ ପୋଲିଓ ପ୍ରତିଷେଧକ କାର୍ଯ୍ୟକ୍ରମରେ ୩,୨୬୨ ଜଣ କର୍ମଚାରୀ ନିୟୋଜିତ ହେବେ। ପଲ୍‌ସ ପୋଲିଓ ଟୀକାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ, ମାଇକ୍‌ରେ ପ୍ରଚାର ଏବଂ ବ୍ୟାନର ଆଦି ଲଗାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଏଡିଏମ୍‌ଓ ଡା. ବ୍ରଜବନ୍ଧୁ ଦାଶ, ଡା. ଶିଶିର କୁମାର ରଥ, ଡା. ସୁନୀଲ ଦାସ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟାମଞ୍ଜରୀ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

■ ଏସ୍‌ସିଏସ୍ ମହାବିଦ୍ୟାଳୟ

# ଅଧ୍ୟାପିକାରୁ ଅଧ୍ୟକ୍ଷା ହେଲେ ସୁଜାତା

ପୁରୀ ଅଫିସ,୧।୩ :

ପୁରୀ ସାମନ୍ତ ଚନ୍ଦ୍ରଶେଖର (ସ୍ୱୟଂଶାସିତ) ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ସୁଜତା ମିଶ୍ର ଗୁରୁବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜର ବିଭିନ୍ନ ବିଭାଗର ପ୍ରଫେସର, ଅଧ୍ୟାପକମାନେ ବିଦାୟୀ ଅଧ୍ୟକ୍ଷ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦେବା ସହ ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ସବରେ ଅଧ୍ୟକ୍ଷା ମିଶ୍ର କହିଲେ ଯେ, କଲେଜରେ ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା, ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ, କଲେଜକୁ ଏକ ସବୁଜ ପରିବେଶ, ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ ସେନେଇ ଦୃଷ୍ଟି ଦେବି ବୋଲି ଗଣମାଧ୍ୟମକୁ କହିଛନ୍ତି। ଜିଏମ କଲେଜରୁ ସ୍ନାତକ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମଏରେ ଗୋଲ୍ଡ ମେଡାଲ, ଜେଏନୟୁରୁ ଏମଫିଲ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚଡି ଏବଂ ଡିଲିଟ୍ ଉପାଧି ପାଇଥିଲେ। ୧୯୮୭ ମସିହାରେ ଏହି କଲେଜରୁ ପ୍ରଫେସର ମିଶ୍ର ଅଧ୍ୟାପନା ଆରମ୍ଭ କରିଥିଲେ। ପରେ ବିଭିନ୍ନ କଲେଜରେ ଅଧ୍ୟାପନା କରିବା ପରେ ପୁଣି ଥରେ ୨୦୧୪ ମସିହାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଯୋଗଦାନ କରିଥିଲେ। ୨୦୨୩ରେ ସେ ଅବସର ଗ୍ରହଣ କରିବେ। ୨୦୧୭–୧୮ବର୍ଷର ଛାତ୍ର ସଂସଦ କର୍ମକର୍ତ୍ତା ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କର ଏକ ତୈଳଚିତ୍ର ସୁଜାତାଙ୍କୁ ପ୍ରଦାନ କରିଥିଲେ।

■ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

# ଜମିରେ ରାସାୟନିକ ସାର, କୀଟନାଶକ ବ୍ୟବହାର କମ୍ କର

ବ୍ରହ୍ମଗିରି, ୧।୩(ଡି.ଏନ୍.ଏ.)





କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମଗିରି ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଗୌଡିଆଘାଇଠାରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ବ୍ରହ୍ମଗିରି ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର(ଆତ୍ମା) ଦ୍ୱାରା ଆୟୋଜିତ ଏହି ସଭାରେ ଆତ୍ମାର ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ନଳିନୀ ପ୍ରଭା ବରାଳ, ରାହାଡମଲ୍ଲ ସରପଞ୍ଚ ଅଶୋକ କୁମାର ପ୍ରଧାନ, ଉପକୃଷି ନିର୍ଦ୍ଦେଶକ ଏସ୍.ଚନ୍ଦ୍ରଶେଖର ରାଓ, ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ବେଉରା, ବ୍ରହ୍ମଗିରି ସହକାରୀ କୃଷି ଅଧିକାରୀ ସଚ୍ଚିଦାନନ୍ଦ ଦାଶ, ବ୍ରହ୍ମଗିରି ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ପ୍ରୀତିତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଚାଷୀମାନଙ୍କୁ ଚାଷ ସମ୍ପର୍କର ବିଭିନ୍ନ ସୂଚନା ଦିଆଯିବା ସହ ଜମିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହ ସ୍ୱଳ୍ପ ଖର୍ଚ୍ଚରେ କିପରି ବିହନ ବିଶୋଧନ କରାଯିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପରେ ନିଜ ବାଡିରେ ବଗିଚା ସୃଷ୍ଟି କରିବା ପାଇଁ ମୁଖ୍ୟଅତିଥିଙ୍କ ଦ୍ୱାରା ୨୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କାର ପ୍ରୋତ୍ସାହନା ରାଶି ପ୍ରଦାନ କରାଯାଇଥିଲା। ଏହାସହ ସଫଳ କୃଷକ ଭାବେ ବିନାୟକ ପାତ୍ର, ଜଳନ୍ଧର ପ୍ରଧାନ ପ୍ରମୁଖ ଚାଷୀଙ୍କୁ ମାନପତ୍ର ସହ ଏକ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାକୁ ସୁକାନ୍ତ ନାୟକ ପରିଚାଳନା କରିଥିଲେ।

## ଦୁଇ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ନିମାପଡ଼ା,୧।୩(ଡି.ଏନ୍.ଏ.):

ସାଧାରଣ ନିର୍ବାଚନ ଅବବ୍ୟହିତ ପୂର୍ବରୁ ନିମାପଡ଼ା ଥାନାରେ ନୂତନ ଆଇଆଇସିଭାବେ ଜନାର୍ଦ୍ଦନ ପାଢୀ ଶୁକ୍ରବାର ଯୋଗଦେବା ସହ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିମାପଡ଼ା ଥାନା ଅଞ୍ଚଳରେ ଅପରାଧୀଙ୍କୁ ଦମନ କରାଯିବା, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ରାତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଚୋରା ମାଦକ ଦ୍ରବ୍ୟ କାରବାରକୁ ବନ୍ଦ କରିବା ଓ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଥାନାର ସମସ୍ତ କର୍ମଚାରୀ ନୂତନ ଆଇଆଇସି ପାଢୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ନିମାପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଦାମୋଦର ଖୁଣ୍ଟିଆ ଯୋଗଦେବା ସହ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିମାପଡ଼ା ପଞ୍ଚାୟତ ସମିତି ଅଧୀନସ୍ଥ ୩୨ଟି ପଞ୍ଚାୟତରେ ସରକାରୀ ଯୋଜନାର ସଫଳ ରୂପାୟନ, ବିକାଶମୂଳକ କାର୍ଯ୍ୟର ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ବ୍ଲକର ସମସ୍ତ କର୍ମଚାରୀ ନୂତନ ବିଡିଓ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ଗୋପ କଲେଜ ବାର୍ଷିକ ଉତ୍ସବ



ମୁଖ୍ୟ ଅତିଥି ବିଧାୟକ ସମୀର ରଞ୍ଜନ ଦାଶ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଗୋପ, ୧।୩ (ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନେ ଉତ୍ତମ ଜ୍ଞାନ ଆହରଣ କରି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପାଠପଢ଼ିଲେ ଦିନେ ନା ଦିନେ ସଫଳତା ପାଇବା ସହ ନିଜ ପରିଚୟ ନିଜେ ସୃଷ୍ଟି କରିପାରିବେ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର ଗୋପ କଲେଜର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାଶ କହିଲେ ଯେ, ଶିକ୍ଷାଦାନ ସମ୍ପର୍କରେ ୯୦ପ୍ରତିଶତ ଅଭିଭାବକମାନେ ଗୁରୁତ୍ୱ ଦେଉ ନ ଥିବାରୁ ପିଲାମାନେ ପାଠପଢ଼ାରେ ପଛୁଆ ରହୁଛନ୍ତି। ଅଭିଭାବକମାନେ ନିଜର ପିଲାମାନଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଗୋପ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କ୍ଷୀରୋଦ ରାୟ ମହାପାତ୍ର ଯୋଗଦେଇ ଉତ୍ତମ ଚରିତ୍ର ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ମଙ୍ଗରାଜ ମହାରଣା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ପାଠପଢ଼ି ନିଜ ଶିକ୍ଷାନୁଷ୍ଠାନ ଓ ଅଞ୍ଚଳର ନାଁ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟାପକ ଶୈଳେନ୍ଦ୍ର କୁମାର ରଥ, ଶରତ ସାହୁ, ସୁପ୍ରଭା ପାଇକରାୟ, ପ୍ରଶାନ୍ତ କୁମାର ସେନାପତିଙ୍କ ସମେତ କଲେଜ କର୍ମଚାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାରେ ଚାମ୍ପିୟନ୍ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ଖଟୋଇ ସଂଯୋଜନା କରିଥିବାବେଳେ ଅଭିଷେକ ଜେନା, ଶାଶ୍ୱତ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ସାକ୍ଷୀଗୋପାଳ,୧।୩ (ଡି.ଏନ୍.ଏ./ସ୍ୱ.ପ୍ର.):



ଆଶାକର୍ମୀମାନଙ୍କୁ ପୁରସ୍କୃତ କରାଯାଉଛି।

ଆଶା ଓ ଗାଁ କଲ୍ୟାଣ ସମିତିର ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଅଲଗୁମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସୁରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପର୍ଶୁରାମ ଚମ୍ପତିରାୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଡିଓ ଶିବାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। ଏହି ବୈଠକରେ ୧୦ଟି ଗାଁର କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ଓ ସ୍ୱାସ୍ଥ୍ୟସେବାରେ ଯୋଗ୍ୟ ବିବେଚିତ ପ୍ରଥମ ୧୦ଜଣ ଆଶା କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତିରଞ୍ଜନ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା କାର୍ଯ୍ୟକ୍ରମ ପରିଚାଳକ ଟି. ନାରାୟଣ ରାଓ, ଆଶା ସଂଯୋଜକ ଅଶୋକ କୁମାର ସାହୁ, ଗାଁ କଲ୍ୟାଣ ସମିତି ସଂଯୋଜକ ସୁଧାଂଶୁ ଶେଖର ନାୟକ, ଜନସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରମଣି ସେଠୀ ପ୍ରମୁଖ ଯୋଗଦେଇଥିଲେ। ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବାସନ୍ତୀ ଦେବୀ ଧନ୍ୟବାଦ ଦେଇଥିଲେ।

## ନଳା ସଫା ହେଉ ନ ଥିବା ଅଭିଯୋଗ

ପୁରୀ ଅଫିସ, ୧।୩:

ପୁରୀ ଦୋଳମଣ୍ଡପ ସାହି ସହରର ଏକ ପ୍ରମୁଖ ସାହି। ଶ୍ରୀମନ୍ଦିର ନିକଟସ୍ଥ ଏହି ସାହି ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଯାତାୟାତ କରୁଛନ୍ତି। ହେଲେ ଏହି ସାହିର ନଳା ଠିକ୍ ଭାବେ ସଫା ଉେନାହିଁ। ଏ ନେଇ ଶୁକ୍ରବାର ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ସାହିର ବିଶ୍ୱାବସୁ ବିନାୟକ ଦାସମହାପାତ୍ର ଜିଲାପାଳଙ୍କୁ ଦେଇଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରତିଦିନ ଏହି ସାହିରେ ଗହଳି ହୁଏ। ବାହାରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ମନ୍ଦିରରୁ ଏହି ସାହି ଦେଇ ସମୁଦ୍ରକୂଳକୁ ଯାଇଥାନ୍ତି। ହେଲେ ପରିତାପର ବିଷୟ ଏହି ସାହିର ନଳା ପ୍ରତିଦିନ ଠିକ୍ ସମୟରେ ସଫା ହେଉନାହିଁ। ନଳା ସଫା ହେଉ ନ ଥିବାରୁ ନଳା ପାଣି ଦାଣ୍ଡରେ ଭାସିବା ସହ ବେଳେ ବେଳେ ଲୋକଙ୍କ ଘରେ ପଶୁଛି। ଫଳରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସାହିରେ ମଶାତେଲ ଏବଂ ବ୍ଲିଚିଂ ପଡୁନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଦାସମହାପାତ୍ର ଅନୁରୋଧ କରିଛନ୍ତି।

## ଶ୍ରୀ ଚୈତନ୍ୟ ଦେବ ମଠ ପରିଚାଳନା କମିଟି ଗଠିତ

ସାକ୍ଷୀଗୋପାଳ,୧।୩(ଡି.ଏନ୍.ଏ.):

ସାକ୍ଷୀଗୋପାଳ ବଜାର ଉପକଣ୍ଠ ମଠସାହିରେ ଥିବା ଶ୍ରୀଚୈତନ୍ୟ ଦେବ ମଠ(ବଡମଠ) ପରିଚାଳନା କମିଟି ଗଠନ କରାଯାଇଛି। ରାଜ୍ୟ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୧୧୦/ ଫେବୃୟାରୀ ୧୧ରେ ନୂତନ ପରିଚଳନା କମିଟି ଗଠନ କରାଯାଇଥବା ଜଣାପଡିଛି। ସତ୍ୟବାଦୀ ଅଞ୍ଚଳର ବଳଭଦ୍ର ସାମନ୍ତରାୟ, ବିନାୟକ ପ୍ରସାଦ ମହାନ୍ତି, ବିଜୟ କୁମାର ମହାପାତ୍ର, ସଦାଶିବ ବେହେରା, ଦୁଃଖିଶ୍ୟାମ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପ୍ରମୁଖଙ୍କୁ ଏହି କମିଟିରେ ସାମିଲ କରାଯାଇଛି। ଆଗାମୀ ଏକ ବର୍ଷ ପାଇଁ କମିଟିରେ ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ରାଜ୍ୟ ହିନ୍ଦୁ ଦେବୋତ୍ତର ନିୟମ ଆଧାରରେ ମଠ ପରିଚାଳନା କରିବାକୁ ନିର୍ଦ୍ଦେଶ ରହିଛି।

# ଗାଁ ଦାଣ୍ଡରେ ଶୁଭୁନି ଜାନୁ ଘଣ୍ଟି

ଗୋପ, ୧।୩(ଡି.ଏନ୍.ଏ.)

ଦିନ ଥିଲା ଜାନୁ ଘଣ୍ଟି ଶବ୍ଦରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। କିନ୍ତୁ ଆଜିର ଆଧୁନିକତା ଯୁଗରେ ଏହି ଶବ୍ଦ ଦିନକୁ ଦିନ ବିଲୁପ୍ତ ହେଉଥିବାବେଳେ ପରମ୍ପରା ହଜିଯାଉଛି ବୋଲି ନୟାଗଡ଼ ଜିଲା କଳାପଥର ଗ୍ରାମର ଭିକ୍ଷାବୃତ୍ତି କରୁଥିବା ମାଧବ ଦାସ(୫୭) କ୍ଷୋଭର ସହ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁସାରେ ଆମ ବୈଷ୍ଣବ ଧର୍ମରେ ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସୁଥିବାବେଳେ ପୂର୍ବ ପୁରୁଷଙ୍କ ନୀତି ଆଦର୍ଶରେ ଏହି ପରମ୍ପରାକୁ ଆଦରି ନେଇ ପରିବାର ପ୍ରତିପୋଷଣ କରୁଥିଲୁ। କିନ୍ତୁ ଏବେ ପରିବାରର କୌଣସି ପୁଅ ପୁତୁରା ଏହାକୁ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ତଥାପି ମୋର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିବି ବୋଲି ପର୍ଶୁରାମ କୁହନ୍ତି। ପର୍ଶୁରାମଙ୍କ ନାମ ଉଚ୍ଚାରଣ କରି ଡାହାଣ ଗୋଡ଼ର ଜାନୁରେ ପାଞ୍ଚ କିଲୋ ଓଜନର ଘଣ୍ଟି, କାନ୍ଧରେ ବଡ଼ ଫାର୍ସା ଓ ବେକରେ କିଛି ତୁଳସୀ ମାଳ ସହିତ ଜାନୁ ଘଣ୍ଟି ପର୍ଶୁରାମଙ୍କ ବେଶରେ ଭିକ୍ଷା ବୃତ୍ତି କରୁଥିଲେ। ମାତ୍ର ଆଧୁନିକ ଯୁଗର ଲୋକମାନେ ଭିକ୍ଷାଦେବା ପାଇଁ କୁଣ୍ଠାବୋଧ କରୁଥିବା କ୍ଷୋଭର ସହ ମାଧବ କହିଛନ୍ତି। ମାତ୍ର ବୈଷ୍ଣବ ଜାତିର ଏହି ନୀତି ଆଦର୍ଶକୁ ଆଧାର କରି ଦୈନିକ ଯାହାକିଛି ମିଳିଲା ତାହାକୁ ନେଇ ମୋ ସଂସାର ଚାଲୁଛି ବୋଲି ମାଧବ କହିଥିଲେ। ମୋ ପରିବାରରେ ମୋର ଏକମାତ୍ର କନ୍ୟା ଥିବାରୁ ଆଉ କେହି ଏହି ଭିକ୍ଷାବୃତ୍ତିକୁ ଆଦରିବେନି ବୋଲି କହିଥିବାବେଳେ ଏପରି ଆମ ଜାତିର ପରମ୍ପରା ପ୍ରାୟ ବିଲୁପ୍ତର ଦ୍ୱାର ଦେଶରେ ବୋଲି କହିଥିଲେ। ଆଉ କିଛିଦିନ ପରେ ଜାନୁ ଘଣ୍ଟି ପର୍ଶୁରାମଙ୍କ ନାମ ସହ ଘଣ୍ଟି ଶବ୍ଦ ଗାଁ ଦାଣ୍ଡରେ ଶୁଭିବ ନାହିଁ ବୋଲି ସେ କହିଥିବାବେଳେ ବୈଷ୍ଣବ ଜାତିର ଯୁବକମାନେ ଏଭଳି ଏକ ପରମ୍ପରାକୁ ନ ହଜାଇବା ଲାଗି ମଧ୍ୟ କହିଥିଲେ।

ହଜିଯାଉଛି ପରମ୍ପରା



# ପଟ୍ଟା ପାଇଁ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ

ପୁରୀ ଅଫିସ, ୧।୩:



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ ପ୍ରଦର୍ଶନ।

ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ-୨୦୧୭ ଅନୁଯାୟୀ ସରକାର ସବୁ ବସ୍ତିବାସୀଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ବଳିଆପଣ୍ଡା ବସ୍ତିକୁ ଏହା ମିଳିନାହିଁ। ଏ ନେଇ ବସ୍ତିବାସିନ୍ଦା ଏକାଧିକଥର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ବସ୍ତିର ମହିଳା ପୁରୁଷ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପରେ ଜିଲାପାଳଙ୍କୁ ପୁନଶ୍ଚ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ୨୮ ଏବଂ ଗତ ଜାନୁୟାରୀ ୨୯ରେ ମଧ ଶତାଧିକ ବସ୍ତିବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ସମାନ ଅଭିଯୋଗ କରି ଦାବିପତ୍ର ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗତବର୍ଷ ଏପ୍ରିଲ ୯ ତାରିଖରେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବଳିଆପଣ୍ଡା ବସ୍ତିର ସର୍ଭେ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାରଙ୍କ ନିୟମ ମୁତାବକ ସ୍ଥାୟୀ ପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଯଦି ବସ୍ତିବାସିନ୍ଦାଙ୍କୁ ପଟ୍ଟା ନ ମିଳେ ତେବେ ଆମରଣ ଅନଶନ କରାଯିବ ବୋଲି ମନୋଜ କୁମାର ମଣ୍ଡଳ କହିଛନ୍ତି।